
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ


# PRACHEE



ଡିସେମ୍ବର ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ***
***ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଷ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଙ୍ଗ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 7, DECEMBER 2021, Issue No. IX
**RNI No. : ODIODI/2015/64435**
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

କାର୍ଯ୍ୟନିର୍ବାହୀ ସଂପାଦକ:
**ଡ. ସୁମନ୍ତ ସାଇଁ**

ପରିଚାଳନା ସଂପାଦକ:
**ଡ. ଦିପକ କୁମାର ଦାଶ**

ସମ୍ପାଦନା ମଣ୍ଡଳୀ :
**ଡ. ନାରାୟଣ ମହାନ୍ତି**
**ଡ. ଅଞ୍ଜୁମନ ଆରା**
**ଡ. ଆଲୋକ କୁମାର ବରାଳ**
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
**ଡ. ଜ୍ଞାନୀ ଦେବାଶିଷ ମିଶ୍ର**
**ଡ. ନେତାଜୀ ଅଭିନନ୍ଦନ**
**ଡ. ନିରୋଦ କୁମାର ମନ୍ତ୍ରୀ**

ଉପସ୍ଥାପନା :
**ଡ.ମମତା ଖଣ୍ଡାୟତରାୟ**

ଡିଟିପି :
**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**

# ଏଇ ସଂଖ୍ୟାରେ...

| | | |
|---|---|---|
| **ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ କଥା** | - ଡାକ୍ତର ଦୀନବନ୍ଧୁ ମହାରଣା | ୦୭ |
| **ସେବାଧର୍ମ** | - ଶ୍ରୀ ରମେଶ ଚନ୍ଦ୍ର ରଥ (ଚେତନା) | ୧୨ |
| **ଜୀବନର ରାହା** | - ଲିଳାବତୀ ମହାପାତ୍ର | ୧୬ |
| **ପଳାତକ** | -ଅଶ୍ୱିନୀ କୁମାର ସେଠୀ | ୧୮ |
| **ପରିବେଶ ସଚେତନତା** | - ସୁରେଶ ଚନ୍ଦ୍ର ପାଢ଼ୀ | ୧୯ |
| **ମାଟି କୁଢ଼ିଆ** | - ଶ୍ରୀ ସରୋଜ କୁମାର ଓଝା | ୨୦ |
| **ଭଙ୍ଗା ସାଇକେଲ ସାଥି** | - ଶ୍ରୀ ସରୋଜ କୁମାର ଜେନା | ୨୧ |
| **ପ୍ରକୃତିମାତା ଆଜି ବେମାର** | - ରେଣୁକା ମହାପାତ୍ର | ୨୨ |
| **ଅନୁଭୂତିରୁ** | - ସନ୍ତୋଷ ସାହୁ | ୨୩ |
| **ଉପକାରୀ ତୁଳସୀ** | - ରାଜୀବ ଲୋଚନ ପାଣିଗ୍ରାହୀ | ୨୫ |
| **ସ୍ୱାଧୀନତା ବନାମ୍ ବ୍ୟକ୍ତିଚେତନା** | - ପ୍ରଫେସର ଡକ୍ଟର ନୃସିଂହ ଷଡ଼ଙ୍ଗୀ | ୨୬ |
| **ଶ୍ରୀମଦଭଗବତ ଗୀତା** | - ମୁକ୍ତିରାଣୀ ଦେବତା | ୨୭ |
| **ପରୀକ୍ଷା ପ୍ରଣାଳୀରେ ସଂସ୍କାର କେତେଦୂର ଉପଯୋଗୀ... ?** | - ତ୍ରିନାଥ ପଟ୍ଟନାୟକ | ୨୮ |
| **ଏମିତି ବି ହୁଏ** | - ଶ୍ରୀ ସତ୍ୟବ୍ରତ ସାହୁ | ୩୦ |
| **କହିବାକୁ ମୁଁ କିଏ ?** | - ସୁନନ୍ଦା ମହାନ୍ତି | ୩୧ |
| **ବୁଢ଼ା ବରଗଛ** | - ଶ୍ରୀକାନ୍ତ ବେହେରା | ୩୨ |
| **ସତସଙ୍ଗର ଫଳ** | - ବନଲତା ସିଂହ | ୩୩ |
| **ଅଭିଶାପ** | - ଶମ୍ଭୁନାଥ ଦାସ | ୩୫ |
| **କ୍ଷତ** | - ମାଧବାନନ୍ଦ ପାତ୍ର | ୩୬ |
| **ଚାକରାଣୀ** | - ମହେଶ୍ୱର ସାହୁ | ୩୮ |
| **ବାପା** | - ଦୁଷ୍ମନ୍ତ ବେହେରା | ୪୦ |
| **ବିସ୍ଥାପିତଙ୍କ ଆର୍ତ୍ତନାଦ** | - ଦେବାଶିଷ ମିଶ୍ର | ୪୧ |
| **ପ୍ରତିବିମ୍ବ** | - ଶାରଦାକାନ୍ତ ମିଶ୍ର | ୪୩ |
| **ଡ୍ରାକୋନିଆନ ନିୟମ ର କ୍ରମବିବର୍ତ୍ତନ** | - ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ | ୪୫ |
| **ଆଲୋ ସଖୀ, ଆପଣା ମହତ ଆପେ ରଖ** | - ମୀରା ବେଉରା | ୪୭ |
| **ସ୍ମୃତି ତୁମେ କେବେ ?** | - ପ୍ରଣବ ନନ୍ଦୀ | ୪୯ |
| **ଜନନୀ** | - ଦେବାର୍ଚ୍ଚନ ମେହେର | ୪୯ |
| **ଫେରାର୍ ଈଶ୍ୱର** | -ବିଶ୍ୱନାଥ କର | ୫୦ |
| **ଲାଂଚୁଆ ଠାକୁର** | - ପ୍ରଶାନ୍ତୀ ସ୍ୱାଇଁ | ୫୦ |
| **ଯତନ** | - ତ୍ରିଲୋଚନ ଗୁରୁ | ୫୧ |
| **ଅପେକ୍ଷା** | - ସୁଶୀଲ କୁମାର ଭୋଇ | ୫୧ |
| **ଧର୍ମତ୍ୟାଗୀ** | - ମୈତ୍ରୀ ଭୂଷଣ ଖୁଣ୍ଟିଆ | ୫୨ |
| **ଶେଷ ସବାର** | - ସୁନନ୍ଦା ମହାନ୍ତି | ୫୨ |
| **ଏଇ ତ ଦୁନିଆ** | - ରେଣୁକା ସାହାଣୀ | ୫୩ |
| **ବିଶ୍ୱ କଲ୍ୟାଣ** | - ରୋଜା ପଣ୍ଡା | ୫୩ |
| **ଅସହାୟ** | - ସୁଦର୍ଶନ ସାହୁ | ୫୪ |
| **ସ୍ମୃତି ରେ ତୁମେ** | - ସଞ୍ଜୟ କୁମାର ପଣ୍ଡା | ୫୪ |

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................

ଠିକଣା .................................................... ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ......................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................................. ତାରିଖ...................................

ବ୍ୟାଙ୍କ୍.................................... ସ୍ଥାନ.........................................................

ତାରିଖ.................................. ଦସ୍ତଖତ..........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ କଥା

- ଡାକ୍ତର ଦୀନବନ୍ଧୁ ମହାରଣା

(ଡି.ଲିଟ୍.)

ମୋହନ ଦାସ କରମ ଚାନ୍ଦ ଗାନ୍ଧି ଦେଶର ସ୍ୱାସ୍ଥ୍ୟ ସମସ୍ୟାରେ ମଧ୍ୟ ସଚେତନ ଥିଲେ । ସେଥିପାଇଁ ସେ ବସ୍ତି ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସେ ଯେଉଁଠାକୁ ଯାଉଥିଲେ ସେଠାରେ ପରିବେଶ ଯେପରି ପରିଷ୍କାର ରହେ ସେଥିପାଇଁ ତାଙ୍କର ସେବକ ଓ ଅନୁଗତମାନେ ଖୁବ୍ ସତର୍କ ଦୃଷ୍ଟି ଦେଉଥିଲେ । ସେ କହୁଥିଲେ ଘର ଓ ପରିବେଶ ଯଦି ସ୍ୱାସ୍ଥ୍ୟ ନିର୍ମଳ ରହିବ ତେବେ ମନ ଭଲ ରହିବ । କାରଣ ଏକ ଅସ୍ୱାସ୍ଥ୍ୟକର ପରିବେଶ ହିଁ ଅସୁସ୍ଥ ମଣିଷର ପରିଚୟ ଦିଏ । ଏଥିପାଇଁ ସେ ଦେହ ସହିତ ମନକୁ ସଫା ରଖିବା ଉପରେ ଜୋର ଦେଉଥିଲେ ।

ଆମ ଦେଶରେ ପାଣିପବନକୁ ଖାପ ଖୁଆଇଲାଭଳି ଚଳଣି ଆମକୁ ସୁସ୍ଥ ରଖିବା ଦିଗରେ ସାହାଯ୍ୟ କରିବ ବୋଲି ସେ କହୁଥିଲେ । ସେଥିପାଇଁ ହାଲୁକା ସୂତା ଲୁଗାପଟା ପିନ୍ଧିବା, ଢ଼ିଙ୍କିକୁଟା ଚାଉଳ ଖାଇବା, ଡାଲିଜାତୀୟ ଖାଦ୍ୟ ଓ ଶାଗ ପନିପରିବା ଇତ୍ୟାଦିକୁ ଖାଇବା ପାଇଁ ସେ ଉପଦେଶ ଦେଉଥିଲେ । ପ୍ରତ୍ୟେକଙ୍କୁ ଦୈନିକ କିଛି ନା କିଛି ଝାଳବୁହା ପରିଶ୍ରମ କରିବାକୁ ସେ କହୁଥିଲେ । ଏହାଦ୍ୱାରା ଦେହରେ ରକ୍ତସଂଚାଳନ ଠିକ୍ ଭାବରେ ହୋଇପାରିବ । ଠିକ୍ ସମୟରେ ଖାଇବା, ଶୋଇବା, କାମକରିବା, ଠିକ ସମୟରେ ପ୍ରାର୍ଥନା କରିବା ଭଳି ଏକ ରୁଟିନ୍ ସେ ତାଙ୍କର କର୍ମଚାରୀମାନଙ୍କୁ ପାଳନ କରିବାକୁ ବରାବର ଗୁରୁତ୍ୱ ଦେଉଥିଲେ । ସମୟର ଠିକ୍ ଠିକ୍ ଉପଯୋଗ କରିବା ଏବଂ ସମୟର ମୂଲ୍ୟ ବୁଝିବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ ଯାହାକୁ ସେ ନିଜେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ ଏବଂ ଅନ୍ୟମାନଙ୍କୁ ତାହା ପାଳନ କରିବାକୁ ଉପଦେଶ ଦେଉଥିଲେ ।

ଖାଲି ସେତିକି ନୁହେଁ ଗାନ୍ଧିଜୀ ଦେଶୀ ଚିକିତ୍ସାକୁ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପସନ୍ଦ କରୁଥିଲେ । ଆମ ଲୋକେ ସମାନ୍ୟ ଜର, କାଶ, ଝାଡ଼ା କି ମୁଣ୍ଡବୁଲାଇବା, ଦେହହାତ ବିନ୍ଧିବା ଭଳି ରୋଗରେ ପଡ଼ିଲେ ଡାକ୍ତରୀ ଚିକିତ୍ସା କରିବାକୁ ବାଧ୍ୟ ହୋଇଥାନ୍ତି । କିନ୍ତୁ ଆମ ଦେଶରେ ବହୁ ପୁରୁଣା ଯୁଗରୁ ଏପରି କେତେ ସୁସ୍ଥଜୀବନ ଯାପନ କରିବାର ଉପାୟ ସବୁ ରହିଛି ଯାହାକୁ ଆମେ ସାମାନ୍ୟ ଚେଷ୍ଟା କଲେ ସେସବୁର ବ୍ୟବହାର କରି ରୋଗରୁ ଭଲ ହୋଇପାରିବା । ଗାନ୍ଧିଜୀ ନିଜେ ଏପରି କରି ଅନ୍ୟମାନଙ୍କୁ ଶିଖାଉଥିଲେ । ସେଥିମଧ୍ୟରେ ଜଳଚିକିତ୍ସା, ମାଟିଚିକିତ୍ସା, ସୂର୍ଯ୍ୟଚିକିତ୍ସା ଇତ୍ୟାଦି ଯେ କେହି ଲୋକ ଚାହିଁଲେ ଅତି ସହଜରେ କରି ରୋଗରୁ ରକ୍ଷା ପାଇପାରିବ । ତା ଛଡ଼ା ମନରେ ଶାନ୍ତି ଆଣିବା ପାଇଁ ଭଗବାନଙ୍କ ଉପରେ ବିଶ୍ୱାସ ରଖିବା ପ୍ରତିଦିନ ପ୍ରାର୍ଥନା କରିବା, ଜୀବ ମାତ୍ରେ ଦୟାଭାବ ଦେଖାଇବା, କାହାରିକୁ କଷ୍ଟ ନ ଦେବାଭଳି କଥା କହିବା, କୌଣସି ବିପଦ ପଡ଼ିଲେ ହଠାତ୍ ଘାବରା ନହୋଇ ଧୀରସ୍ଥିର ଭାବରେ ତାକୁ ମୁକାବିଲା କରିବା ଦ୍ୱାରା ଜଣେ ସୁସ୍ଥ ଓ ସୁଖୀ ଜୀବନ ଯାପନ କରିପାରିବ ।

ଗାନ୍ଧିଜୀ ସବୁବେଳେ ମଣିଷଙ୍କ ମନକୁ ପବିତ୍ର ରଖିବାକୁ କହୁଥିଲେ । ମନ ଭଲ ଥିଲେ ଦେହ ଭଲ ରହିବ ଏବଂ ଦେହକୁ ଯେତେ ପରିଷ୍କାର ରଖିବ ତା'ର ପ୍ରଭାବ ମଧ୍ୟ ମନ ଉପରେ ପଡ଼ିବ । ତେଣୁ ତାଙ୍କ ମତ ଥିଲା ମଣିଷ ଯେମିତି ସୁସ୍ଥସବଳ ରହିବ ସେମିତି ପବିତ୍ର ଓ କଲ୍ୟାଣକର ଭାବନାରେ ମନକୁ ସ୍ୱଚ୍ଛ ରଖିବା ଉଚିତ । କାହାରି ପ୍ରତିହିଂସା ଭାବ ରଖିବା ନାହିଁ । କାହାରିକୁ ଈର୍ଷା କରିବା ନାହିଁ । ଏପରିକି ନିଜର ବନ୍ଧୁ ଓ ପରିବାରଙ୍କୁ ଛାଡ଼ି ଯେଉଁମାନେ ତୁମର ଶତ୍ରୁ ବୋଲି ଭାବୁଛ ସେମାନଙ୍କ ପ୍ରତି ମଧ୍ୟ ତୁମର ଭଲ ଭାବନା ରହିବା ଉଚିତ । ଅହିଂସାର ଏହା ହେଲା ଗୋଟାଏ ବଡ଼ ଶକ୍ତି । ଯାହାକୁ ସମସ୍ତେ ଆଚରଣ କରିପାରିଲେ ସୁଖଶାନ୍ତିରେ ରହିପାରିବେ । ସେ ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିବାକୁ କହୁଥିଲେ । ଭଗବାନଙ୍କ ଇଚ୍ଛା ଥିଲେ କେହି କାହାର କ୍ଷତି କରିପାରିବେ ନାହିଁ । ଯାହାକୁ ଭଗବାନ ବଞ୍ଚାଇବାକୁ ଚାହିଁବେ ତାକୁ କେହି ମାରିପାରିବେ ନାହିଁ । କେହି ଦୋଷ କଲେ ତାକୁ କ୍ଷମା ଦେବା ହେଉଛି ପ୍ରକୃତି ମାନବିକତା । ଦୟା ହେଉଛି ଧର୍ମର କଥା । କ୍ରୋଧ ହେଉଛି ଏକ ପାପ । କୌଣସି ସମୟରେ କାହାପ୍ରତି କ୍ରୋଧ କରିବ ନାହିଁ । ଶାନ୍ତ ରହିବ, ଭଗବାନଙ୍କୁ ପ୍ରାର୍ଥନା କରିବ ଯେପରି ଦୁଷ୍ଟଲୋକର ହୃଦୟ ବଦଳିଯିବ । ସେ ତୁମର କ୍ଷତି କଲେ ମଧ୍ୟ ତା'ର କ୍ଷତି କରିବ ନାହିଁ । ଭଲକାମ ଭଲ ଭାବନାରେ ଜୀବନକୁ ପୂର୍ଣ୍ଣ କର । ତେବେ ଯାଇ ସୁସ୍ଥ ଜୀବନଯାପନ କରିପାରିବ ।

ଗାନ୍ଧିଜୀଙ୍କ ମତରେ ପ୍ରକୃତି ଆମର ହେଉଛି ପ୍ରକୃତ ବନ୍ଧୁ । ପ୍ରକୃତିରେ ଆମର ଜୀବନ ବଢ଼ି ଉଠିଛି । ପ୍ରକୃତି ତେଣୁ ଆମର ଦେହ, ମନ, ପ୍ରାଣ ଆତ୍ମାକୁ କିପରି ଭାବରେ ଆନନ୍ଦ ଦେଇପାରିବ ସେଥିନେଇ ସେ 'ପ୍ରାକୃତିକ ଚିକିତ୍ସା' ନାମକ ଏକ ବହି ଲେଖିଥିଲେ । ତାହା ଦ୍ୱାରା ଆମ ହାତପାହାନ୍ତାରେ ଥିବା ବହୁ ଉପକାରୀ ଗଛ, ଲତା, ପତ୍ର, ଫଳ ଓ ଫୁଲ ଇତ୍ୟାଦିର ଔଷଧୀୟ ଗୁଣକୁ ଆମେ ଚିହ୍ନି ଆମର ରୋଗବ୍ୟାଧିର ଚିକିତ୍ସା କରିବା ଉଚିତ । ଏଥିପାଇଁ ଆମେ ରହୁଥିବା ଘରଦ୍ୱାରା ବାଡ଼ିବଗିଚାକୁ ଗଛଲତାରେ ଯେମିତି ଘୋଡ଼େଇ ରଖିବାକୁ ହେବ । ତାହାଦ୍ୱାରା ଏକ ସୁନ୍ଦର ସବୁଜ ପରିବେଶ ଆମ ପାଇଁ ଜୀବନର ସମସ୍ତ ଦରକାରୀ ପଦାର୍ଥ ଯୋଗାଇ ଦେଇପାରିବ । ଗଛଲତା ହେଉଛନ୍ତି ଆମର ଜୀବନ ରକ୍ଷକ । ତେଣୁ ଗାନ୍ଧିଜୀ ଗଛ ଲଗାଇବାକୁ ଏବଂ ପରିବେଶକୁ ଦୂଷିତ, ଦୁର୍ଗନ୍ଧମୟ ନ କରିବାକୁ ବରାବର ଜୋର ଦେଉଥିଲେ । ମଣିଷର ଖାଦ୍ୟ, ପିନ୍ଧିବା ଲୁଗାପଟା ଏପରି ସରଳ ହେବା ଉଚିତ ଯେପରି ତାହାର କୌଣସି କ୍ଷତିକାରକ ପ୍ରଭାବ ଆମ ସ୍ୱାସ୍ଥ୍ୟକୁ ଖରାପ କରିପାରିବ ନାହିଁ । ଖାଦ୍ୟରେ ବେଶୀ ପରିମାଣରେ ଲୁଣ, ଲଙ୍କା, ତେଲ, ମସଲା, ଚର୍ବିଜାତୀୟ ପଦାର୍ଥ ଯେପରି ମାଛ, ମାଂସ ଅଣ୍ଡା ଇତ୍ୟାଦି ଖାଦ୍ୟଠାରୁ ସବୁ ଦୂରେଇ ରହିବା ଉଚିତ । ସାଦା ଖାଇବାର ଅଭ୍ୟାସ ରଖିଲେ ତାହା ଦେହକୁ ଠିକ୍

ଭାବରେ ଶକ୍ତି ଯୋଗାଇ ପାରେ । ତେଣୁ ପାଚିସୁଆଦିଆ ଖାଦ୍ୟ ପ୍ରତି ଆଦୌ ଲୋଭ କରିବ ନାହିଁ ।

ଆମ ଦେଶର ବହୁ ପୁରୁଣା ଯୁଗରୁ ଆୟୁର୍ବେଦ ଚିକିତ୍ସାକୁ ଭିନ୍ନ ଭିନ୍ନ ଉପାୟରେ ଆମର ଆୟୁର୍ବେଦ ଚିକିତ୍ସକମାନେ ଖୁବ ସରଳ ଉପାୟରେ ବିଭିନ୍ନ ରୋଗର ଉପଶମ କରିବାରେ ସଫଳ ହେଉଥିଲେ । ଚିକିତ୍ସା ପ୍ରଣାଳୀ ଲୋକଙ୍କ ସାଧାରଣ ସ୍ୱାସ୍ଥ୍ୟରକ୍ଷା ଉଦ୍ଦେଶ୍ୟରେ ପ୍ରଚାର କରିଥିଲେ । ସେ ତାଙ୍କର ସେବାଶ୍ରମରେ ଏପରି ସରଳ ଓ ପବିତ୍ର ଜୀବନ ଯାପନ କରିବାର ଉଦାହରଣ ରଖିଥିଲେ । ଖୁବ୍ ଭୋର ସକାଳୁ ବିଛଣା ଛାଡ଼ି, ଶୌଚକର୍ମ କରିବା, ଗାଧୁଆ ପାଧୁଆ କରି ସକାଳର ସୂର୍ଯ୍ୟାଲୋକରେ କିଛି ସମୟ ବ୍ୟାୟାମ କରିବା ଏବଂ ତାପରେ ଗଜାମୁଗ, ଭିଜାବୁଟ, ପାଚିଲା କଦଳୀ, ଗୁଡ଼ ଇତ୍ୟାଦି ଜଳଖିଆ କରି ନିଜ ନିଜର କାମରେ ଲାଗିବା । ଏହାରି ଭିତରେ ପ୍ରାର୍ଥନା ଥିଲା ସବୁଠାରୁ ସ୍ୱାସ୍ଥ୍ୟ ସହାୟକ କାର୍ଯ୍ୟ ଯାହାଦ୍ୱାରା ମଣିଷର ମନରୁ ସବୁ ଦୁଃଖ, ଦୁଶ୍ଚିନ୍ତା ଦୂର ହୋଇଯାଏ । ସେ ନିଜର କର୍ତ୍ତବ୍ୟ କରିବାରେ ତତ୍ପର ହୋଇପାରେ । ଦୁଃଖ କ'ଣ ସେ ଜାଣିପାରେ ନାହିଁ । ମଣିଷ ହେଉଛି ସବୁ ପ୍ରାଣୀଙ୍କ ଭିତରେ ବୁଦ୍ଧିମାନ ଓ ଚିନ୍ତାଶୀଳ । ତେଣୁ ମଣିଷ ତାର ସମାଜରେ ସଦାଚାର ଶୃଙ୍ଖଳା ବଜାୟ ରଖି ତାର ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟା କରିବା ଉଚିତ ।

ଗାନ୍ଧିଜୀଙ୍କ ଦୃଷ୍ଟିରେ ସ୍ୱାସ୍ଥ୍ୟରକ୍ଷା ହେଉଛି ମଣିଷର ନିଜ ସ୍ୱଭାବ ଉପରେ ସଂଯମ ରଖିବା ଆମ ଶରୀରର ଚାହିଦା ଅନୁସାରେ ଆମକୁ ଖାଦ୍ୟ ଗ୍ରହଣ କରିବା ଉଚିତ । ଯାହା ସହଜରେ ହଜମ ହୋଇପାରିବ, ରକ୍ତସଂଚାଳନରେ ସାହାଯ୍ୟ କରିପାରିବ ଏବଂ ମେଦ ବା ଚର୍ବିକୁ ବଢ଼ିବାକୁ ଦେବନାହିଁ । ତେବେ ମଧୁମେହ ବା ଡାଇବେଟିସ ହୃଦରୋଗ ବା ହାର୍ଟ ରକ୍ତଚାପ ବା ବ୍ଲଡ଼ପ୍ରେସର ଭଳି ମାରାତ୍ମକ ରୋଗରୁ ନିଜକୁ ରକ୍ଷା କରି ହେବ । ଆମ ବାଡ଼ିବଗିଚାରେ ଥିବା ଶାଗ ସବ୍‌ଜି ହେଉଛି ଉତ୍ତମ ଆହାର । ଯେଉଁଥିରେ ପ୍ରଚୁର ପରିମାଣରେ ଖାଦ୍ୟପ୍ରାଣ ବା ଭିଟାମିନ୍ ରହିଛି । ଯଥା ଲେମ୍ବୁ, ନିମ୍ବ, ବେଲ, ତୁଳସୀ, କଦଳୀ, ଆମ୍ବ, ଖଜୁରୀ, ଗାଜର, କାକୁଡ଼ି, ପିଜୁଳି, ଝୁଡ଼ଙ୍ଗ, ଖଡ଼ା, ଲେଉଟିଆ, ପାଳଙ୍ଗ, ପୋଦିନାପତ୍ର, ଧନିଆପାତ୍ର, କଲରା, କଖାରୁ, ସାରୁ, ଆଳୁ, ଦେଶୀଆଳୁ, ପୋଟଳ, ବାଇଗଣ, ବିଲାତି, ବାଇଗଣ, କନ୍ଦମୂଳ, ସଜନାଛୁଇଁ, କଦଳୀମଞ୍ଜା, ଭେଣ୍ଡି, ମୂଳା, ଛଚିନ୍ଦା, ଅମୃତଭଣ୍ଡା ଇତ୍ୟାଦି ଫଳମୂଳ ମଣିଷର ଦୈନିକ ଖାଦ୍ୟ ତାଲିକାରେ ସ୍ଥାନ ପାଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଫଳରେ ମଣିଷ ଥଣ୍ଡା, ଜର, କାଶ, ଝାଡ଼ା ଇତ୍ୟାଦି ଛୋଟ ଛୋଟ ରୋଗରୁ ନିଜକୁ ରକ୍ଷା କରିପାରେ । ଗାନ୍ଧିଜୀ ଏହିପରି ଖାଦ୍ୟରୁ ଔଷଧର ଗୁଣ ସମ୍ପର୍କରେ ଟିକିନିକି ପରୀକ୍ଷା କରି ଦେଖୁଥିଲେ ।

ଗାନ୍ଧିଜୀଙ୍କ ଜୀବନର ଧାରା ବଦଳିଗଲା । ସେ ଇଂରେଜମାନଙ୍କ ଚଳଣି ଛାଡ଼ି ଭାରତୀୟ ଚଳଣି ଆଡ଼କୁ ବେଶି ଢ଼ଳିଗଲେ । ଖଣ୍ଡେ ଆଣ୍ଠୁ ନ ଲୁଚୁ ଥିବା ଖଦଡ଼ ଧୋତି ଆଉ ଖଣ୍ଡେ ଖଦଡ଼ ଚାଦର ଥିଲା ତାଙ୍କର ପିନ୍ଧାଲୁଗା । ଫଳରେ ସେ ଭାରତୀୟ ଜଳବାୟୁରେ ବେଶ୍ ସ୍ୱଚ୍ଛନ୍ଦରେ ଚଳିବାକୁ ଲାଗିଲେ । ଏହା ଥିଲା ତାଙ୍କର ସରଳ ଜୀବନଯାପନର ଏକ ଉଦାହରଣ । ସ୍ୱାଧୀନତା ଆନ୍ଦୋଳନ ସହିତ ସେ ଦେଶର ମୂଳସ୍ତରକୁ ନୂଆକରି ଗଢ଼ିବାର ଯୋଜନା କରିଥିଲେ । ଏଥିପାଇଁ ସେ କେତେକ ସମାଜ ସଂସ୍କାର କାମକୁ ଦେଶସେବାର ଲକ୍ଷ୍ୟ ବୋଲି କହୁଥିଲେ । ନାରୀମାନଙ୍କର ଓଢ଼ଣା ଟାଣି ଚଳିବା ଓ ଗହଣାଗାଣ୍ଠି ପିନ୍ଧିବାକୁ ସେ ପସନ୍ଦ କରୁନଥିଲେ । ପୁରୁଷଙ୍କ ଭଳି ନାରୀ ମଧ୍ୟ ସମାନ ଭାବରେ ଘରେ ବାହାରେ କାମ କରିବାକୁ ଅଧିକାର ପାଇବା ଉଚିତ ବୋଲି ସେ କହୁଥିଲେ ସେଥିପାଇଁ ସେ ନାରୀମାନଙ୍କୁ ଶିକ୍ଷା ଦେବା ବିଷୟରେ ଲୋକଙ୍କୁ ବୁଝାଇବାକୁ ଲାଗିଲେ । କେବଳ ସେତିକି ନୁହେଁ, ଛୁଆଁଅଛୁଆଁ ଭେଦଭାବ ଛାଡ଼ିଦେଇ ସମସ୍ତଙ୍କୁ ମଣିଷ ଭଳି ସମାନ ଆଖିରେ ଦେଖିବାକୁ ସେ ଉପଦେଶ ଦେଉଥିଲେ ।

ଗାନ୍ଧିଜୀ ଛଅଥର ଓଡ଼ିଶା ଗସ୍ତ କରିଥିଲେ । ଓଡ଼ିଶାର ଗରିବ ଲୋକଙ୍କର ଅବସ୍ଥା ଦେଖି ସେ ବିଚଳିତ ହୋଇପଡ଼ିଥିଲେ, ସେ କହୁଥିଲେ ଭାରତର ଅନ୍ୟ ସବୁ ରାଜ୍ୟ ତୁଳନାରେ ଓଡ଼ିଶା ହେଉଛି ସବୁଠାରୁ ଦରିଦ୍ର ରାଜ୍ୟ । ତେଣୁ ଓଡ଼ିଶା ତାଙ୍କ ପାଇଁ ଖୁବ୍ ଦୁଃଖର ବିଷୟ ଥିଲା । ଓଡ଼ିଶାରେ ତାଙ୍କର ଆଦର୍ଶର ପ୍ରଚାର ପାଇଁ ବହୁ ପାଠୁଆ ଲୋକ ବାହାରିଲେ । ପଣ୍ଡିତ ଗୋପବନ୍ଧୁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର ପ୍ରମୁଖ ଗାନ୍ଧିଜୀଙ୍କ ବାର୍ତ୍ତା ପ୍ରଚାର କରି ନିଜ ଇଚ୍ଛାରେ ବଡ଼ ବଡ଼ ଚାକିରି ଛାଡ଼ି ରୋଜଗାର ଛାଡ଼ି ଦେଶସେବା କରିବାକୁ ଆଗେଇ ଆସିଲେ । ବହୁ କଲେଜ ପାଠପଢ଼ା ଛାଡ଼ି ଗାନ୍ଧିଜୀଙ୍କ ସତ୍ୟାଗ୍ରହରେ ସାମିଲ ହେଲେ । ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ ହରେକୃଷ୍ଣ ମହତାବ ଇତ୍ୟାଦି ବଡ଼ ବଡ଼ ନେତା ଭାବନାର ପ୍ରଚାର ପାଇଁ ରମାଦେବୀ, ମାଳତୀ ଦେବୀ, ସରଳାଦେବୀ ପ୍ରଭୃତି ନିଜ ନିଜର ସୁଖଛାଡ଼ି କଷ୍ଟବରଣ କରିନେଲେ । ଗାନ୍ଧିଜୀ ଯେଉଁଠିକି ଗଲେ ସେଠି ସେ ଲୋକଙ୍କର ଦୁର୍ଭାଗ୍ୟ ବିଷୟରେ ଖବର ପାଇଲେ ଏବଂ ତାକୁ ସୁଧାରିବା ପାଇଁ ଗଠନମୂଳକ କାର୍ଯ୍ୟକ୍ରମ କରି ଚାଲୁଥିଲେ ।

ଗାନ୍ଧିଜୀ ତାଙ୍କ ଆତ୍ମଜୀବନୀରେ ନିଜ ଜୀବନର କେତେକ ଅନୁଭୂତି ବର୍ଣ୍ଣନା କରିଛନ୍ତି ଯେଉଁଥିରେ ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କର ଥିବା ଧାରଣା କଣ ତାହା ଜଣାଯାଏ । ସେ ନିରାମିଷ ଆହାରକୁ ଭଲପାଉଥିଲେ ଏବଂ ଅନ୍ୟମାନଙ୍କୁ ମଧ୍ୟ ତାହା ଅଭ୍ୟାସ କରିବା ପାଇଁ କହୁଥିଲେ । ସେ ସବୁବେଳେ ସରଳ ଜୀବନଯାପନ କରିବା ପାଇଁ ଚାହୁଁଥିଲେ । ଖାଦ୍ୟ ଓ ପୋଷାକରେ ତାଙ୍କର କୌଣସି ଆଡ଼ମ୍ବର ନଥିଲା । ଥରେ ସେ ଡରବାନ୍ ସହରରେ ଥିଲାବେଳେ ତାଙ୍କ ସ୍ୱାସ୍ଥ୍ୟରେ ଖୁବ୍ ଦୁର୍ବଳତା ଦେଖାଦେଇଥିଲା ଏବଂ ସେ ଆଣ୍ଠୁଗଣ୍ଠି ଦରଜ ରୋଗରେ ପଡ଼ିଥିଲେ । ସେଥିପାଇଁ ଜଣେ ଭାରତୀୟ ଡାକ୍ତର ତାଙ୍କୁ ଚିକିତ୍ସା କରି ଭଲ ପରିଦେଇଥିଲେ । ଭାରତକୁ ଫେରିବାପରେ ସେ ଅନ୍ୟ କୌଣସି ରୋଗରେ ପଡ଼ିନଥିଲେ । କେବଳ ତାଙ୍କର ଝାଡ଼ା ସଫା ହେଉନଥିଲା ଏବଂ ମୁଣ୍ଡ ବିନ୍ଧୁଥିଲା । ତେଣୁ ସେ ଖାଦ୍ୟରେ ସଂଯମ ଓ ତରଳଖାଦ୍ୟ ଖାଇବାରୁ ତାହାଦୂର ହୋଇଥିଲା ।

ସେ ଖାଦ୍ୟରେ ତେଲ, ମସଲା ଖାଉନଥିଲେ । ତାଙ୍କ ମୁଣ୍ଡବିନ୍ଧା ଭଲ କରିବା ପାଇଁ ସେ ସକାଳ ଜଳଖିଆ ଖାଇବା ଛାଡ଼ିଦେଇଥିଲେ । ଫଳରେ ସେ ମୁଣ୍ଡବିନ୍ଧାରୁ ଭଲ ହୋଇଗଲେ । ତେଣୁ ସେ ଅନୁଭବ କଲେ ଯେ ଆମେ ଅନେକ ସମୟରେ ଶରୀରର

ଚାହିବା ଅପେକ୍ଷା ଅଧିକ ଖାଉ । ତାହା କେବଳ ପାଟି ଲାଳସା । ତେଣୁ ସେ ଖାଦ୍ୟ କମେଇ ଦେଇ ତାଙ୍କର ସ୍ୱାସ୍ଥ୍ୟକୁ ଠିକ୍ ରଖିବାରେ ସଫଳ ହୋଇଥିଲେ । ସେହି ସମୟରେ ଜଣେ ଜର୍ମାନୀ ଲେଖକଙ୍କ ଦ୍ୱାରା ଲିଖିତ ପ୍ରକୃତିକୁ ଫେରିଚାଲ ନାମକ ଏକ ବହି ସେ ପଢ଼ିବାକୁ ପାଇଲେ । ସେଥିରେ ଲେଖକ ତଟକା ଫଳଖାଇବା ଓ ବାଦାମ ଚୋବାଇବା ପାଇଁ ଲେଖିଥିଲେ । ତାହା ହେଉଛି ମଣିଷର ସ୍ୱାଭାବିକ ଖାଦ୍ୟ । ଅବଶ୍ୟ ଗାନ୍ଧିଜୀ କେବଳ ଫଳ ଖାଇବା ଉପରେ ଜୋର ଦେଇନଥିଲେ । କିନ୍ତୁ ସେଥିରେ ଲେଖାଥିବା ମାଟି ଚିକିତ୍ସାକୁ ସେ ପରଖ କରିଥିଲେ । ଏହି ମାଟି ଚିକିତ୍ସାରେ ଶୋଇବା ସମୟରେ ଚିକ୍କଣମାଟି, ଚକଟି ଗୋଟିଏ କନାରେ ତଳିପେଟରେ ବାନ୍ଧିବାକୁ ପଡୁଥିଲା । ଏହା ପରୀକ୍ଷା କରିବା ପରେ ସେ ଆରାମ ପାଇଲେ ।

ଗାନ୍ଧିଜୀ ନିଜ ଜୀବନରେ ତାଙ୍କର କେତେକ ରୋଗର ଚିକିତ୍ସା ପାଇଁ କେତେକ ସ୍ୱାଭାବିକ ଉପାୟ ଗ୍ରହଣ କରୁଥିଲେ । ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କର ମୌଳିକ ଦୃଷ୍ଟିକୋଣ ଥିଲା ଯାହାକୁ ସେ ଉପବାସ, ବ୍ରହ୍ମଚର୍ଯ୍ୟ, ଆତ୍ମସଂଯମ, ଶୁଦ୍ଧ ସାତ୍ତ୍ୱିକ ଆହାର, ଫଳାହାର, ଖୋଲା ପବନ, ସଫାସୁତୁରା ରହିବା ଇତ୍ୟାଦି ବୋଲି ସେ କହୁଥିଲେ । ତାହା ସହଜରେ ବିନା ଔଷଧରେ ତାଙ୍କୁ ନିରୋଗ କରିପାରୁଥିଲା । ସେ ତାଙ୍କ ଆତ୍ମଜୀବନୀରେ କହିଛନ୍ତି ଯେ ଗାଈ, ମଇଁଷିଙ୍କ କ୍ଷୀର ଖାଇବା ଦ୍ୱାରା ସେପରି କିଛି ଉପକାର ମିଳେନାହିଁ । ମଣିଷ ତା'ର ଜନ୍ମ ସମୟରୁ ମା'ଠାରୁ ଯେଉଁ କ୍ଷୀର ଖାଇଥାଏ ତାହା ତାର ସାରା ଜୀବନ ପାଇଁ ସ୍ୱାଭାବିକ ସ୍ୱାସ୍ଥ୍ୟରକ୍ଷା କରିବାରେ ଯଥେଷ୍ଟ । ଗରିବ ଲୋକ ଖାଇପାରିବା ଭଳି ପନିପରିବା, ଶାଗ ସବଜିକୁ ସେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁପାରିଶ କରୁଥିଲେ । ତାଙ୍କର ଅନୁସରଣ କରୁଥିବା ବହୁ କର୍ମୀ ସେପରି ଖାଦ୍ୟ ଗ୍ରହଣ କରିବାରେ ଅଭ୍ୟସ୍ତ ହେବାକୁ ଲାଗିଲେ । ମାଛ, ମାଂସ, ଅଣ୍ଡା ତେଲ, ମସଲା ଓ ପାଟିସୁଆଦିଆ ଆଚାର ଇତ୍ୟାଦିକୁ ଛାଡ଼ିବା ପାଇଁ ସେ କହୁଥିଲେ ।

ଗାନ୍ଧିଜୀ ଦକ୍ଷିଣଆଫ୍ରିକାରେ ଥିଲାବେଳେ ସେ ନାଟାଲ ସହରରେ ରହୁଥିଲେ । ସେଠାରେ ରହୁଥିବା ଭାରତୀୟ ଲୋକଙ୍କ ଘରଦ୍ୱାରା ଅପରିଷ୍କାର ରହୁଥିଲା । ଗାନ୍ଧିଜୀ ସେସବୁକୁ ପରିଷ୍କାର କରିବା ଉପରେ ଲୋକମାନଙ୍କୁ ବୁଝାଇଲେ । ସେତେବେଳେ ଆଖପାଖ ଅଞ୍ଚଳରେ ପ୍ଲେଗ ବା ମହାମାରୀ ବ୍ୟାପିବାର ଦେଖାଯିବାକୁ ଲାଗିଥିଲା । ସେଥିପାଇଁ ଦକ୍ଷିଣ ଆଫ୍ରିକାର ସରକାର ବଡ଼ ଚିନ୍ତିତ ହୋଇପଡ଼ିଥିଲେ । ଗାନ୍ଧିଜୀ ସରକାରୀ କଳକୁ ଏଥିପାଇଁ ସାହାଯ୍ୟ ଦେବାକୁ ନିବେଦନ କଲେ ଏବଂ ଘରକୁ ଘର ବୁଲି ପରିଷ୍କାର ପରିଚ୍ଛନ୍ନତା ସଂପର୍କରେ କାର୍ଯ୍ୟ ଆରମ୍ଭ କରିଦେଲେ । ପରିବେଶ ନିର୍ମଳ ରହିଲେ ରୋଗ ବ୍ୟାପିବାର ସମ୍ଭାବନା ରହିବନାହିଁ ବୋଲି ସେଠାକାର ଲୋକେ ବୁଝିପାରିଲେ । ଗାନ୍ଧିଜୀଙ୍କ ଦୃଷ୍ଟିରେ ପରିଷ୍କାର ପରିଚ୍ଛନ୍ନତା ସ୍ୱାସ୍ଥ୍ୟରକ୍ଷାର ପ୍ରଥମ କଥା ଥିଲା । ତେଣୁ ସେ ସଫେଇକୁ ଏକ ସାମାଜିକ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରିନେଲେ । ତା ପରଠାରୁ ସେ ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ବସ୍ତି ସଫେଇକୁ ସମାଜ ସେବା ଭାବେ ଗ୍ରହଣ କରିନେଲେ । ଗୋଟିଏ ନିର୍ମଳ ଓ ପ୍ରଦୂଷଣ ମୁକ୍ତ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିବାରେ ସହାୟକ ବୋଲି ସେ ମତ ଦେଇଥିଲେ ।

ଗାନ୍ଧିଜୀ ଥରେ ରେଳ ଗାଡ଼ିରେ ଯାତ୍ରା କରୁଥିବାବେଳେ ସେ ଯେଉଁ ଡବାରେ ବସିଥିଲେ ତାହା ଥିଲା ତୃତୀୟ ଶ୍ରେଣୀର ଡବା । ସେଥିରେ ଗରିବ ଲୋକମାନେ ରେଳଯାତ୍ରା କରୁଥିଲେ । କିନ୍ତୁ ଯାତ୍ରୀଙ୍କର ଭିଡ଼ ଓ ଅସ୍ୱାସ୍ଥ୍ୟକର ଆଚରଣ ତାଙ୍କ ଦୃଷ୍ଟିରେ ପଡ଼ିଲା । କେହି ଯାତ୍ରୀର କାଶ ରୋଗ ଥିଲା, ସେ କାଶି କଫ କାଢୁଥିଲା ସେଇ ଡବା ଭିତରେ । ଏହାଦ୍ୱାରା ଅନ୍ୟଯାତ୍ରୀମାନଙ୍କର ଘୃଣା ପ୍ରକାଶ ପାଇଲା । ଗାନ୍ଧିଜୀ ସେଥିରେ ବିରକ୍ତ ନହୋଇ ବରଂ ନିଜେ ସେ କଫକୁ ଗୋଟିଏ କାଗଜରେ ପୋଛି ବାହାରକୁ ଫୋପାଡ଼ିଦେଲେ । ଏହାଦ୍ୱାରା ଯାତ୍ରୀଙ୍କ ଉପରେ ଯାହା ଉଚିତ ମନେ କରୁଥିଲେ କାର୍ଯ୍ୟରେ କରି ଦେଖାଉଥିଲେ । ରେଳ ଡବାରେ ଯାତ୍ରୀମାନେ ନାନା ପ୍ରକାର ଅଳିଆ ଆବର୍ଜନା ସବୁ ପକାଇ ଯେପରି ଭାବରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିଲେ, ତାହା ଗାନ୍ଧିଜୀଙ୍କ ଚେଷ୍ଟା ଦ୍ୱାରା ରେଳ କର୍ମଚାରୀଙ୍କ ଦୃଷ୍ଟିକୁ ଅଣାଗଲା ଏବଂ ତୃତୀୟ ଶ୍ରେଣୀରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ବଦଭ୍ୟାସ ଯଥା ପାନଛେପ, ଖଣ୍ଡିଆବିଡ଼ି, ଜିନିଷପତ୍ର ସବୁ ଏଣେତେଣେ ଭର୍ତ୍ତି କରିବା ଭଳି ବିଶୃଙ୍ଖଳାକୁ ଦୂର କରିବା ପାଇଁ ରେଳକର୍ମଚାରୀ ଚେଷ୍ଟା କଲେ । ସେହିପରି ଗାନ୍ଧିଜୀ ଥରେ ବାରାଣାସୀର କାଶୀ ବିଶ୍ୱନାଥ ମନ୍ଦିରକୁ ଦର୍ଶନ କରିବାକୁ ଗଲାବେଳେ ମନ୍ଦିର ରାସ୍ତା ଓ ପରିବେଶର ଅଳିଆ ଆବର୍ଜନା ଦେଖି ଦୁଃଖ ପ୍ରକାଶ କରିଥିଲେ ।

ଆଉଥରେ ବମ୍ବେରେ ଗାନ୍ଧିଜୀ ଥିଲାବେଳେ ଦଶବର୍ଷର ତାଙ୍କ ପୁଅ ମନିଲାଲର କିଛିଦିନ ତଳେ ବସନ୍ତ ରୋଗ ହୋଇଥାରୁ ସେ ଅନ୍ତ୍ରିକ ଜ୍ୱରରେ ବା ଟାଇଫଏଡ଼ରେ ପୀଡ଼ିତ ହୋଇପଡ଼ିଲେ । ନିମୋନିଆ ଓ ପ୍ରଳାପ ଭଳି ଏକ ଲକ୍ଷଣ ତାଙ୍କଠାରେ ଦେଖାଗଲା । ଜଣେ ଡାକ୍ତରଙ୍କୁ ଡକାଗଲା । ସେ ଆସିଲେ ଏବଂ କହିଲେ ଯେ ଏଥିପାଇଁ କୌଣସି ଔଷଧ କାମ କରିବ ନାହିଁ । ତାଙ୍କୁ ଅଣ୍ଡା ଖାଇବାକୁ ପଡ଼ିବ । ତେବେ ଯାଇ କିଛି ଆରୋଗ୍ୟ ହେବ । ସେ ଡାକ୍ତରଙ୍କୁ କହିଲେ ଯେ ତାଙ୍କ ପରିବାର ସମ୍ପୂର୍ଣ୍ଣ ନିରାମିଷାହାରୀ । ତେଣୁ ଅଣ୍ଡା ଖାଇବା ସମ୍ଭବ ନୁହେଁ । ତେଣୁ ଡାକ୍ତରଙ୍କୁ କହିଲେ ମୁଁ ପୁଅର ଜଳଚିକିତ୍ସା କରିବାକୁ ଚାହେଁ । କିନ୍ତୁ ଆପଣ ତା'ର ନାଡ଼ି ଓ ଛାତି ପରୀକ୍ଷା କରି ଦେଖନ୍ତୁ । ଗାନ୍ଧିଜୀ ତାପରେ ତାଙ୍କ ପୁଅ ମନିଲାଲକୁ ଜଳଚିକିତ୍ସା ନିୟମ ଅନୁଯାୟୀ ଅଣ୍ଟାପର୍ଯ୍ୟନ୍ତ ଗୋଟିଏ କୁଣ୍ଡରେ ତିନିମିନଟ ବସିବାକୁ କହିଲେ । ତା'ପରେ ତାଙ୍କୁ କମଳାରସ ଖାଇବାକୁ ଦେଲେ । କିନ୍ତୁ ଜ୍ୱର ୧୦୪ଡିଗ୍ରୀ କୁ ଛୁଇଁଲା । ଗାନ୍ଧିଜୀ ବିଚଳିତ ହୋଇପଡ଼ିଲେ । ତଥାପି ସେ ରାମନାମ ଜପକରି ପୁଅର ଆରୋଗ୍ୟ ପାଇଁ ପ୍ରାର୍ଥନା କଲେ କିଛି ସମୟପରେ ପୁଅ ତାଙ୍କୁ ଡାକି କହିଲା ବାହାରକୁ ନେବା ପାଇଁ । ତାଙ୍କ ଦେହରୁ ଝାଳ ବୋହିବାକୁ ଲାଗିଥିଲା । କ୍ରମେ ସେ ଭଲ ହୋଇଗଲେ । ତାଙ୍କୁ ଚାଳିଶ ଦିନ ଯାଏ କେବଳ ପାଣି ମିଶା କ୍ଷୀର ଓ ଫଳରସ ଖାଇବାକୁ ଦିଆଗଲା । ଶେଷକୁ ମନିଲାଲ ଖୁବ୍ ସୁସ୍ଥ ସବଳ ହୋଇଗଲେ । ଗାନ୍ଧିଜୀ ଭଗବାନଙ୍କୁ ଧନ୍ୟବାଦ ଜଣାଇଲେ । ତାଙ୍କର ବିଶ୍ୱାସ ଓ ଧୈର୍ଯ୍ୟର ସୁଫଳ ମିଳିଲା ।

ଖାଦ୍ୟ ସଂଯମ ଉପରେ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ । ଏକ ଜୀବନଧାରଣ ପାଇଁ ଖାଦ୍ୟ ନିହାତି ଆବଶ୍ୟକ । କିନ୍ତୁ ସେ

ଖାଦ୍ୟରେ ସଂଯମ ଦରକାର ସେ ଗାଈର କ୍ଷୀର ଖାଇବାକୁ ମଧ ବାରଣ କରୁଥିଲେ । ବରଂ ଖରାରେ ପାଚିଲା ଫଳ ଓ ବାଦାମ ମଞ୍ଜି ଖାଇବାକୁ ସୁପାରିଶ କରୁଥିଲେ । ଏହାଦ୍ୱାରା ଦେହର ତନ୍ତୁ ଓ କୋଷ ସବୁ ଠିକ୍ ଭାବରେ ଶକ୍ତି ପାଇପାରିବ । ଅଙ୍ଗୁର ଓ ବାଦାମ ଏଥିପାଇଁ ବିଶେଷ ସାହାଯ୍ୟ କରିବ । ଏହାଦ୍ୱାରା ମଣିଷର କାମ ବିକାର କମିଯିବ । ଅସତ ଚିନ୍ତା ଦୂର ହୋଇଯିବ । ସେ କହୁଥିଲେ 'ଯେପରି ଅନ୍ନ ସେପରି ମନ' ଅର୍ଥାତ୍ ଖାଦ୍ୟ ଯେପରି ମନ ସେହିପରି । ଥରେ ସେ ଭାରତରେ ଖେଡ଼ା ଠାରେ ଆନ୍ଦୋଳନ କରୁଥିଲାବେଳେ ଭୁଲ ଖାଦ୍ୟ ଖାଇବା ଯୋଗୁ ବେମାରରେ ପଡ଼ିଲେ । ଏପରିକି ମରଣ ମୁହଁକୁ ଚାଲିଗଲା ଭଳି ତାଙ୍କୁ ଜଣାପଡ଼ିଲା । ତେଣୁ ସେ ଡାକ୍ତରଙ୍କ ପରାମର୍ଶ ଚାହିଁଲେ । କ୍ଷୀର ବଦଳରେ କଣ ଖାଇବାକୁ ପଡ଼ିବ ସେ କଥା ପଚାରିଲେ । କେତେ କିଛି ପଥ୍ୟ ସଂପର୍କରେ କହିଲେ କିନ୍ତୁ ତାହାଦ୍ୱାରା କିଛି ସୁଫଳ ମିଳିଲାନାହିଁ । ସେ ରୋଗଶଯ୍ୟାରେ ପଡ଼ି ରହିଲେ । ଆୟୁର୍ବେଦ ଚିକିତ୍ସକ ତାଙ୍କୁ ଚରକ ସଂହିତାର ପ୍ରମାଣ ଦେଇ କହିଲେ ଯେ, ଚିକିତ୍ସା ପାଇଁ କୌଣସି ଧାର୍ମିକ କଟକଣା ରହିବା ଉଚିତ ନୁହେଁ । ଅର୍ଥାତ୍ ତାଙ୍କୁ ସୁସ୍ଥ ରହିବାକୁ ହେଲେ ଗୋମାଂସରୁ ତିଆରି ହୋଇଥିବା ଚାହା ଏବଂ ବ୍ରାଣ୍ଡି ପିଇବାକୁ ପଡ଼ିବ । କିନ୍ତୁ ସେ ତାହା ଖାଇବାକୁ ମନା କରିଦେଲେ । ତାଙ୍କର ଶପଥରେ ସେ ଅଟଳ ରହିଲେ । ତେବେ ସେ ଗାଈ ଓ ମଇଁଷି କ୍ଷୀର ନ ଖାଇ ଛେଳିକ୍ଷୀର ଖାଇବାକୁ ରାଜି ହୋଇଗଲେ ।

ଗାନ୍ଧିଜୀଙ୍କ ମତରେ କ୍ଷୀର ଅପେକ୍ଷା ପନିପରିବାରୁ ଯଥେଷ୍ଟ ପରିମାଣରେ ଶକ୍ତି ମିଳିପାରିବ । ଏହା ଯେ କେହି ଅଭ୍ୟାସ କରି ପାରନ୍ତି । କିନ୍ତୁ ସେ କହୁଛନ୍ତି ବୋଲି ନୁହେଁ । ଖାଦ୍ୟ ସଂଯମ ହେଉଛି ବଡ଼କଥା । ପାଟି ଲାଳସାରେ ଖାଦ୍ୟ ଖାଇବା ଉଚିତ ନୁହେଁ । ମଣିଷ ବଂଚିବା ପାଇଁ ଖାଦ୍ୟ ଖାଏ । ଖାଦ୍ୟ ଖାଇବା ପାଇଁ ବଂଚିବା କଥା ନୁହେଁ । ଏହାଥିଲା ଗାନ୍ଧିଜୀଙ୍କ ମତ । ମଣିଷର ଶରୀର ଯେଉଁ ଶୁଦ୍ଧ, ସାତ୍ତ୍ୱିକ ଆହାର ଗ୍ରହଣ କଲେ ନୀରୋଗ ରହିପାରିବ ତାହା ସେ ନିଜେ ଖୁବ୍ ଭଲ ଭାବରେ ବୁଝିଥିଲେ । ଉପବାସ ଦ୍ୱାରା ସେ ମଧ କେତେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୁଏ । ଗାନ୍ଧିଜୀ ନିଜେ ସେପରି ଉପବାସ ବ୍ରତ ଗ୍ରହଣ କରୁଥିଲେ । ଏହା କେବଳ ଏକ ଧାର୍ମିକ କଥା ନୁହେଁ । ଏହା ମଧ୍ୟ ଶରୀରର ବିଭିନ୍ନ ଯନ୍ତ୍ରକୁ ବିଶ୍ରାମ ଦିଏ ସେସବୁକୁ ଆହୁରି ସତେଜ କରିଦିଏ । ଗାନ୍ଧିଜୀ ତେଣୁ ବିଭିନ୍ନ ସମୟରେ କୌଣସି ସଙ୍କଟରେ ପଡ଼ିଲେ ଅନଶନ ବା ଉପବାସ କରି ନିଜର ଶରୀର ଓ ମନକୁ ଶୁଦ୍ଧ କରୁଥିଲେ । ଏହାଦ୍ୱାରା ମଣିଷ କେତେକ ଶାରୀରିକ ଓ ମାନସିକ ଚାପରୁ ମୁକ୍ତ ହୋଇଯାଏ । ଆମ ଧର୍ମ ହିନ୍ଦୁଧର୍ମରେ ବହୁ ଓଷା, ବ୍ରତ ଉପବାସ କରିବାରେ ପରମ୍ପରା ରହିଛି । ଏସବୁ ସ୍ୱାସ୍ଥ୍ୟ ପାଇଁ ଦରକାର ବୋଲି ଗାନ୍ଧିଜୀ ଅନୁଭବ କରୁଥିଲେ ।

ଖାଦ୍ୟ ସଂଯମ ବିଷୟରେ ଗାନ୍ଧିଜୀ ନିଜେ ଆତ୍ମଜୀବନୀରେ ଲେଖିଛନ୍ତି ଯେ ସେ ନିଜକୁ ବହୁତ ଖାଇବା ଲୋକ ବୋଲି ମନେ କରୁଥିଲେ । କିନ୍ତୁ ସେ ଯେତେବେଳେ ଖାଦ୍ୟ ସଂଯମ ଅଭ୍ୟାସ କଲେ ତା ପରଠାରୁ ତାଙ୍କର ସ୍ୱାସ୍ଥ୍ୟ ଭଲ ରହିଲା । ସେ ତେଣୁ କେବଳ ଫଳ ଖାଇବାକୁ ଉଚିତ ମନେ କଲେ । ତାହା ମଧ ତାଙ୍କୁ ଶାନ୍ତି ଦେଲାନାହିଁ । ତେଣୁ ସେ ଉପବାସ କରିବାକୁ ସ୍ଥିର କଲେ ଏବଂ ଦିନକୁ ଥରେ ମାତ୍ର ଖାଦ୍ୟ ଗ୍ରହଣ କଲେ । ସୁଆଦିଆ ଖାଦ୍ୟ ଖାଇବା ଉପରେ ସଂଯମ ଆଚରଣ କଲେ ସେ ସଂଯମକୁ କଡ଼ାକଡ଼ି ଭାବରେ ପାଳନ କରି ନିଜକୁ ପ୍ରକୃତି ସହିତ ଯୋଡ଼ିଦେବାକୁ ଚାହିଁଲେ । ସେ କହୁଥିଲେ ଯେ ଆମେ ଅନେକ ସମୟରେ ଗୋଟିଏ ରୋଗକୁ ଭଲ କରିବାକୁ ଯାଇ ଯେଉଁ ଔଷଧ ଖାଉ, ତାହା ଆଉ ଶହ ଶହ ରୋଗକୁ ସୃଷ୍ଟି କରେ । ଏ ସଂପର୍କରେ ସେ ନିଜର ସ୍ତ୍ରୀ କସ୍ତୁରବାଙ୍କ କଥା ଆତ୍ମଜୀବନୀରେ ଲେଖିଛନ୍ତି । କସ୍ତୁରବା ତାଙ୍କ ଜୀବନରେ ମୃତ୍ୟୁ ମୁହଁରୁ ରକ୍ଷା ପାଇଥିଲେ । କେବଳ କେତେକ ଘରୋଇ ଚିକିତ୍ସା ଦ୍ୱାରା ତାଙ୍କୁ ସୁସ୍ଥ କରାଯାଇପାରିଥିଲା । ତାଙ୍କୁ ଯେତେବେଳେ ପ୍ରଥମ ଥର ପାଇଁ ରୋଗ ଆକ୍ରମଣ କଲା ସେତେବେଳେ ତାଙ୍କର ବାରମ୍ବାର ରକ୍ତସ୍ରାବ ହେଉଥିଲା । ଡାକ୍ତର ତାଙ୍କର ଅପରେଶନ ଦରକାର ବୋଲି ପରାମର୍ଶ ଦେଲେ । ସେଥିପାଇଁ କିନ୍ତୁ ନିଶା ଦିଆଯିବ ନାହିଁ ବୋଲି ଠିକ୍ ହୋଇଥିଲା । କସ୍ତୁରବା ପ୍ରଥମେ ଏହା ଗ୍ରହଣ କରୁନଥିଲେ ପରେ କିନ୍ତୁ ଗ୍ରହଣ କରିନେଲେ । ଡାକ୍ତରଙ୍କ ଦାୟିତ୍ୱରେ ସେ ରହିଲେ । ଗାନ୍ଧିଜୀ ବାହାରକୁ ଚାଲିଗଲେ କିଛିଦିନ ପରେ ଗାନ୍ଧିଜୀ ଡାକ୍ତରଙ୍କ ପାଖରୁ ଚିଠି ପାଇଲେ ଯେ କସ୍ତୁରବା ଏକବାରେ ଦୁର୍ବଳ ହୋଇଗଲେଣି ଏପରିକି ଚେତା ହରେଇଲେଣି । ତାଙ୍କୁ ମଦ ଓ ମାଂସ ଖାଇବାକୁ ନଦେଲେ ନଚଳେ । ସେଥିପାଇଁ ଡାକ୍ତର ଗାନ୍ଧିଜୀଙ୍କ ଅନୁମତି ଚାହିଁଲେ । କାରଣ ସେଥିରେ ଗୋମାଂସ ସିଝାଯାଇ ତାର ରସକୁ ପିଇବାକୁ ଦିଆଯିବା କଥାଟି ଥିଲା । କିନ୍ତୁ ଡାକ୍ତର ଏଥିରେ ଚିଡ଼ିଯାଇ କହିଲେ ରୋଗୀର ଇଚ୍ଛା ଅନୁଯାୟୀ ମୁଁ ଚିକିତ୍ସା କରିପାରିବି ନାହିଁ । ତେଣୁ ତୁମେ ଆସି ମୋ ଘରୁ ରୋଗୀକୁ ନେଇଯାଅ । ନଚେତ ମୁଁ କିଛି ଅଘଟଣ ଘଟିଲେ ସେଥିପାଇଁ ଦାୟୀ ହେବିନାହିଁ । ଗାନ୍ଧିଜୀ ସଂଗେ ସଂଗେ ଆସିଲେ ଡାକ୍ତର ତାଙ୍କୁ କହିଲେ ଯେ ସେ କସ୍ତୁରବାଙ୍କୁ ଗୋମାଂସ ସିଝା ପାଣି ପିଇବାକୁ ଦେଇ ସାରିଛନ୍ତି । ଗାନ୍ଧଜୀ ଏକଥା ଶୁଣି ବିରକ୍ତ ହେଲେ କହିଲେ ତୁମେ ମୋତେ ଠକି ଦେଇଛ । ଡାକ୍ତର କହିଲେ ନା ମୁଁ ଚିକିତ୍ସା ପାଇଁ ଯାହା ନିହାତି ଦରକାର ତାହାହିଁ କରିଛି । ରୋଗୀର ଜୀବନ ରକ୍ଷା ପାଇଁ ଏପରି କରିବାକୁ ଆମେ ବାଧ । କିନ୍ତୁ ପରେ ଏ କଥାଟି ଜଣା ପଡ଼ିବାରୁ ଗାନ୍ଧିଜୀ ଡାକ୍ତରଙ୍କ ଦାୟିତ୍ୱରେ ଦେଖି ତାଙ୍କୁ ସାଙ୍ଗରେ ନେଇ ଆସିଲେ । କସ୍ତୁରବାଙ୍କୁ ଅବସ୍ଥା ସାଂଘାତିକ ହୋଇଯାଇଥିଲା । ତଥାପି ଗାନ୍ଧିଜୀ ଓ କସ୍ତୁରବା ନିଜ ଜିଦରେ ଅଟଳ ରହିଲେ । ଗୋମାଂସ ସିଝା ପାଣି ପିଇବାକୁ ମନା କରିଦେଲେ । ଏପରି ବିଶ୍ୱାସ ଓ ନିଜ ଧର୍ମ ପ୍ରତି ଶ୍ରଦ୍ଧା ଅନ୍ୟତ୍ର ଦେଖିବାକୁ ପାଇବାନାହିଁ । କସ୍ତୁରବାଙ୍କୁ କେବଳ ଜଳ ଚିକିତ୍ସା ଦ୍ୱାରା ଭଲ କରାଯାଇଥିଲା ।

ଏହିପରି ଗାନ୍ଧିଜୀଙ୍କ ଜୀବନ ବଡ଼ ବିଚିତ୍ର ଘଟଣାରେ ପୂର୍ଣ୍ଣ । ତାଙ୍କ ମତରେ ଅହିଂସା, ସତ୍ୟାଗ୍ରହ ହେଉଛି ମଣିଷର ସବୁଠାରୁ ବଡ଼ ଶକ୍ତି । ସେବା, ସଂଯମ ଓ ତ୍ୟାଗ ଦ୍ୱାରା ମଣିଷ ସୁଖ ଶାନ୍ତିରେ ବଂଚିପାରିବ । ନିଜର ସୁଖ ପାଇଁ କାହାରିକୁ କଷ୍ଟ ଦେବା ଠିକ୍ ନୁହେଁବୋଲି ସେ ବରାବର କହୁଥିଲେ । ମଣିଷ କିପରି ସୁସ୍ଥସବଳ ରହିପାରିବ ସେ ସମ୍ପର୍କରେ ସେ ସବୁବେଳେ ଶୁଦ୍ଧ ସାତ୍ତ୍ୱିକ ଆହାର ଗ୍ରହଣ କରିବାକୁ କହୁଥିଲେ । ଶରୀର ଶ୍ରମକୁ ସେ ବେଶୀ ଗୁରୁତ୍ୱ ଦେଉଥିଲେ । ଭଗବାନଙ୍କଉପରେ ବିଶ୍ୱାସ ରଖିବାକୁ ସେ କହୁଥିଲେ ।

ସମସ୍ତ ବିପଦ ଆପଦ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ଉଚିତ । ନିର୍ବଳର ବଳ ରାମ ଅର୍ଥାତ୍ ଗରିବର ଶକ୍ତି ଭଗବାନ । ସରଳ ଜୀବନଯାପନ ଦ୍ୱାରା ଜଣେ ସୁସ୍ଥ ରହିପାରିବ । ଖାଦ୍ୟ, ଭାବନା ଓ ବାକ୍ୟରେ ପବିତ୍ରତା ରଖିବା ଦ୍ୱାରା ହିଁ ଜଣେ ଶାନ୍ତି ରହିପାରିବ । ଆଜି ସେ ମହାତ୍ମା ନାହାନ୍ତି ସତ କିନ୍ତୁ ତାଙ୍କର ବାଣୀ ଓ ଆଦର୍ଶ ଆମ ସମସ୍ତଙ୍କ ପାଇଁ ଅଭୟଦାନ କରେ । ତାହାହିଁ ଆମକୁ ଭଲବାଟରେ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ । ଗାନ୍ଧିଜୀ କହୁଥିଲେ ଲକ୍ଷ୍ୟ କେବଳ ଭଲ ହେଲେ ଚଳିବ ନାହିଁ ଲକ୍ଷ୍ୟ ହାସଲ ପାଇଁ ବାଟଟି ମଧ୍ୟ ଭଲ ହେବା ଉଚିତ । ସତ୍ୟ ହିଁ ଭଗବାନ ବୋଲି ସେ କହୁଥିଲେ । ସତ୍ୟ ଓ ଅହିଂସା ଉଭୟ ଗୋଟିଏ ମୁଦ୍ରାର ଏପାଖ ସେପାଖ ।

ଗାନ୍ଧିଜୀ ଭାରତର ସ୍ୱାଧୀନତା ପାଇଁ ଯେମିତି ଲଢ଼େଇ କରିଥିଲେ ସେମିତି ଭାରତର ସମାଜକୁ ନୂଆକରି ଗଢ଼ିବା ପାଇଁ ଏବଂ ଜୀବନକୁ ସୁସ୍ଥ ରଖିବାରେ କେତେକ ପ୍ରାକୃତିକ ଚିକିତ୍ସା ଉପାୟ ବିଷୟରେ ନିଜେ ପରୀକ୍ଷା କରି ସେଥିରେ ସଫଳ ହୋଇଥିଲେ । ସେ ଭାରତୀୟ ପୁରାତନ ଚିକିତ୍ସା ବିଜ୍ଞାନ ଆୟୁର୍ବେଦରେ ଉପକାର ବିଷୟରେ ଆଗ୍ରହୀ ହୋଇଥିଲେ । ସେ ଏକ ବୈଷ୍ଣବ ପରିବାରରେ ଜନ୍ମ ହୋଇ ବୈଷ୍ଣବ ସଂସ୍କାରରେ ଚଳିବା ପାଇଁ ବାଧ୍ୟ ହୋଇଥିବାରୁ ନିରାମିଷ ଓ ଫଳମୂଳ ଆହାରକୁ ସ୍ୱାସ୍ଥ୍ୟରକ୍ଷା ପାଇଁ ବେଶୀ ଉପଯୋଗୀ ବୋଲି ମନେ କରୁଥିଲେ । ଆଜି ମଧ୍ୟ ପୃଥିବୀରେ ନିରାମିଷ ଆହାରକୁ ପସନ୍ଦ କରାଯାଉଛି । କେବଳ ନିରାମିଷ ଆହାର ନୁହେଁ, ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ବା ମଦ ତମାଖୁ ଇତ୍ୟାଦି ନିଶାକାରକ ଦ୍ରବ୍ୟ ସେବନ କରିବାକୁ ବାରଣ କରାଯାଇଛି । ଏହାଦ୍ୱାରା କେତକ ଜଟିଳ ରୋଗ ସୃଷ୍ଟି ହେଇଥାଏ ବୋଲି କୁହାଯାଇଛି । କିନ୍ତୁ ଆମେ ଗାନ୍ଧିଜୀଙ୍କ ଭଳି କଠୋର ବ୍ରତ ଗ୍ରହଣ ନକଲେ ମଧ୍ୟ କିଛି ପରିମାଣରେ ସଂଯମ, ଶୃଙ୍ଖଳା, ନୀତି, ନିୟମ ମାନିବା ଦ୍ୱାରା ଆମର ଜୀବନ ସୁଖମୟ ହୋଇପାରିବ । ଗାନ୍ଧିଜୀଙ୍କ ଜୀବନ ହେଉଛି ସାରା ପୃଥିବୀ ପାଇଁ ଶାନ୍ତି ଆଉ ଅହିଂସାର ଉଦାହରଣ । ଖାଲି ସେତିକି ନୁହେଁ, ସେ ମଣିଷ ଜାତି ପାଇଁ କେତୋଟି ନୀତିବାଣୀ ଦେଇଯାଇଛନ୍ତି । ସେଥିରେ ୧. ସତ୍ୟ, ୨ ଅହିଂସା, ୩. ଈଶ୍ୱରବିଶ୍ୱାସ, ୪. ଆତମସଂଯମ, ୫. ସମ୍ପର୍ତ୍ତି ଠୁଳ ନକରିବା, ୬. ଖାଦ୍ୟଲାଳସା ନ ରଖିବା, ୭. ଛୁଆଁଅଛୁଆଁ ଭାବ ନରଖିବା, ୮. ସବୁ ଧର୍ମକୁ ସମାନ ମଣିବା, ୯. ସ୍ୱଦେଶ ଜାତ ଦ୍ରବ୍ୟ ପ୍ରତି ଶ୍ରଦ୍ଧା ରଖିବା, ୧୦. ଶରୀର ଶ୍ରମ, ୧୧. ଭୟ ଛାଡ଼ିବା, ଏହାକୁ ଗାନ୍ଧିଜୀଙ୍କ ଏକାଦଶ ବ୍ରତ ବୋଲି କୁହାଯାଏ ।

ମୁଖ୍ୟ ଚିକିତ୍ସକ,
ଓଡ଼ିଶା ଆୟୁର୍ବେଦ ସେବାସଦନ, ୧୧୧,
ମୁନିସିପାଲଟି ମାର୍କେଟ, କଟକ ।

# ସେବାଧର୍ମ

– ଶ୍ରୀ ରମେଶ ଚନ୍ଦ୍ର ରଥ (ଚେତନା)

"ସେବା କାର୍ପଣ୍ୟ ଭକ୍ତିବଳେ
କିବା ଅସାଧ ମହୀତଳେ ।"

ଜଗନ୍ନାଥ ଦାସଙ୍କ ଭାଗବତର ଏଇ ପଦଟିଏ ହିଁ ସେବାର ମାହାତ୍ମ୍ୟ ପ୍ରକାଶ କରେ । ପ୍ରତ୍ୟାଶାହୀନ ସେବା ହିଁ ପ୍ରକୃଷ୍ଟ ସେବା ଯେଉଁଥିରେ କିଛି କହିଲେ ସ୍ୱାର୍ଥ ସମ୍ବନ୍ଧ ନଥାଏ । ସେବାର ବ୍ୟର୍ଥଦେବା, ଅର୍ଥାତ୍ ତ୍ୟାଗ କରିବା ଦାନାର୍ଥେ ଚତୁର୍ଥୀ ଭଳି ଏହା ଏକ ବେଶ୍ ସାର୍ଥକ ବ୍ୟାଖ୍ୟା । ସେବାରେ ଯେଉଁ ତୃପ୍ତି ମିଳେ ତାର ବିକଳ୍ପ ନାହିଁ । ବିପନ୍ନର ସେବା ଦୁଃଖୀ ଦରିଦ୍ରର ସେବା, ପଙ୍ଗୁ, ଅନ୍ଧ, ବଧିରମାନଙ୍କ ସେବା ଦ୍ୱାରା ଯେଉଁ ପୁଣ୍ୟ ମିଳେ ତାହାର ମୂଲ୍ୟାୟନ କରିବା ସମ୍ଭବ ନୁହେଁ ।

ସେବା ଏକ ସ୍ୱତନ୍ତ୍ର ଧର୍ମ । ଅବଶ୍ୟ ପୃଥିବୀରେ ଯେତେ ଧର୍ମମତ ପ୍ରଚଳିତ ହେବାର ଦେଖୁଛେ ସେସବୁରେ ସେବାକୁ ହିଁ ଅଧିକ ଗୁରୁତ୍ୱ ଦିଆଯାଇଛି । ସେଠାରେ କୌଣସି ବାଛ ବିଚାର ନଥାଏ । ଇଂରାଜୀରେ ଗୋଟିଏ ପ୍ରବଚନ ଅଛି ସର୍ଭିସ ଟୁ ହ୍ୟୁମାନିଟି ଇଜ ସର୍ଭିସ ଟୁ ଡିଭିନିଟି । ଅର୍ଥାତ୍ ମାନବଜାତିର ସେବା ହିଁ ଭଗବାନଙ୍କ ସେବା ।କାରଣ ମାନବିକତା ହେଉଛି ମାନବ ଚରିତ୍ରରେ ବିଶେଷତ୍ୱ । ସେବାର ଅନ୍ୟ ଅର୍ଥ ହେଲା ଶ୍ରଦ୍ଧା । ସେବାରେ ଲାଭକ୍ଷତିର ହିସାବ ନଥାଏ । ମୁଁ ଏଟା କଲେ ସେ ଲୋକର ଉପକାର ହେବ କିନ୍ତୁ ମୋର କ'ଣ ଲାଭ ? ଏହା ଯଦି କେହି ଭାବି ସେବା କରୁଥାଏ ତେବେ ସେ ସେବା ହେଉଛି ପ୍ରତାରଣା । ମୁଁ ମୋର ଏ ଭାବ ହେଉଛି ସ୍ୱାର୍ଥ । ସେବାରେ ସ୍ୱାର୍ଥ ନିହିତ ହେଲେ ତାହା ଦୂଷିତ ହୁଏ । ଅର୍ଥାତ୍ ସେବାର କୌଣସି ମୂଲ୍ୟ ରହେନାହିଁ । ବରଂ ତାହା ସ୍ୱାର୍ଥର ଗୋଟିଏ ସୁଯୋଗ ସୃଷ୍ଟି କରେ । ତେଣୁ ସେବାକୁ ନିଃସ୍ୱାର୍ଥପର ନିଷ୍ପାପର, ନିଷ୍କାମ ଓ ନିର୍ବିକାର ଭାବେ ଗ୍ରହଣ କରିବାକୁ ଶାସ୍ତ୍ରମାନେ କହିଛନ୍ତି । ପରର ଉପକାର କରିବା, ବିପଦ ଆପଦ ବେଳେ ସାହାଯ୍ୟ କରିବା ହେଉଛି ସେବାର ମୌଳିକ ଲକ୍ଷ୍ୟ । ଶାସ୍ତ୍ର କହିଛନ୍ତି ପରୋପକାରାୟସ୍ୱର୍ଗାୟ ପାପାୟ ପର ପୀଡ଼ନମ୍ । ଅନ୍ୟକୁ କୌଣସି ପ୍ରକାରେ ଫଳେପୁଷ୍ପେ ସନ୍ତୁଷ୍ଟ କରିବା ପାଇଁ ଧର୍ମଶାସ୍ତ୍ର କହିଛନ୍ତି । ସବୁ ଧର୍ମ ସେବା ଭାବନାକୁ ଗୁରୁତ୍ୱ ଦେଇଛନ୍ତି । ସେବା ହେଉଛି ଏକ ଉପାସନା । ଦେବତାଙ୍କୁ ଉପାସନା କରି ଅନ୍ୟ କିଛି କାମନା ରଖିଥାଉ କିନ୍ତୁ ସେବା ହେଉଛି ତା ଠାରୁ ମହାନ୍ କାରଣ ସେବା ଦ୍ୱାରା କିଛି ସ୍ୱାର୍ଥ ସାନଦନ କରିବାର ପ୍ରଶ୍ନ ନଥାଏ । ସେବାରେ ନିଜକୁ ତୁଚ୍ଛ ମନେକରି ସେବାକୁ ଉଚ୍ଚ କରାଯାଏ । ତାହାହିଁ ଭକ୍ତିଭାବ ।

ଦରିଦ୍ର ନାରାୟଣ ସେବା କଥା ଆମେ ଶୁଣିଥାଉ । ଏହାର ଅର୍ଥ ଦରିଦ୍ରମାନଙ୍କ ମଧ୍ୟରେ ଥିବା ନାରାୟଣ ଅର୍ଥାତ୍ ଭଗବାନଙ୍କୁ ହିଁ ସେବା ସମର୍ପିତ ହେଇଥାଏ । ଦେବସେବାଠାରୁ ଦରିଦ୍ର ସେବା ଶ୍ରେଷ୍ଠ । କାରଣ ଦେବ ସେବା ଦ୍ୱାରା କାମ୍ୟ କାମନା ଥାଏ । କେହି କୌଣସି ଦେବତାଙ୍କୁ ବିନା କାମନାରେ ସେବା କରେ ନାହିଁ । କିନ୍ତୁ କାମନା ଥିଲେ ମଧ୍ୟ ଏହାଦ୍ୱାରା ସେବା ଭାବଟା ହିଁ ପ୍ରାଧାନ୍ୟ ଲାଭ କରେ । ତେଣୁ ସେବା ମୂଳରେ କାମନା ପରିବର୍ତ୍ତେ ଯଦି ଭାବନା ଥାଏ ତେବେ ତାହା ମହନୀୟ ହୋଇଥାଏ । କିନ୍ତୁ ପ୍ରତିଦାନର ଆଶା ନରଖି ଯାହା କିଛି ସେବା କରାଯାଏ ତାହା ପବିତ୍ର ଓ ଶୁଭଙ୍କର । ସେବା ଦ୍ୱାରା ଲାଭ ନୁହେଁ ଶୁଭ ହୁଏ । ସେବାର ପ୍ରକାର ଭେଦ ରହିଛି ଯଥା – ଦେବସେବା, ରାଜସେବା, ଗୁରୁସେବା, ଦେଶସେବା ଏସବୁ ସେବା ଭିତରେ ଦେଶ ସେବା ହିଁ ଶ୍ରେଷ୍ଠ । ଦେଶ କହିଲେ ବିରାଟ ଜନଗୋଷ୍ଠୀକୁ ବୁଝାଏ । ସେଥିରେ ସ୍ୱଜନପରିଜନ ନଥାଏ । ଦେଶସେବାକୁ ଅନେକ ରାଜନୀତିର ଅଂଶଭାବେ ମନେକରନ୍ତି । କିନ୍ତୁ ତାହା ଠିକ୍ ନୁହେଁ । ରାଜନୀତି ହେଉଛି ଶାସନ କୈନ୍ଦ୍ରିକ ଏକ ବ୍ୟବସ୍ଥା । ସେଥିରେ ପ୍ରଚଳିତ ଆଇନ ବା ସଂବିଧାନର ଭୂମିକା ହିଁ ନିର୍ଣ୍ଣାୟକ ହୋଇଥାଏ । କିନ୍ତୁ ଜନସେବା ବା ଦେଶସେବାରେ ସେପରି କିଛି ଆଦେଶ ଉପଦେଶ ନଥାଏ । ତାହା ସର୍ତ୍ତହୀନ ସେବା । ଏଇଆ କଲେ ମୁଁ ସେଇଆ ପାଇବି ଏ ହେଉଛି ସର୍ତ୍ତମୂଳକ ସେବା । ସେଥିରେ ରାଜସେବା ଅନ୍ତର୍ଭୁକ୍ତ । ଦେବସେବା ମଧ୍ୟ ସେହି ଅର୍ଥରେ କରାଯାଏ । କିନ୍ତୁ ସେଥିରେ ଫଳପ୍ରାପ୍ତିର ଆଶା ଥାଏ ବିଶ୍ୱାସ ଥାଏ । ତେଣୁ ତାହା ପ୍ରକୃତ ସେବା ପୁଣ୍ୟ ହୋଇନଥାଏ । ବରଂ ତାହାହିଁ ଭୟଙ୍କର ପାପ । ସେଭଳି ସେବା କରିବା ଲୋକ ହୁଏତ କିଛି ଦିନ ପାଇଁ କିଛି ପ୍ରଶଂସା ପାଇପାରେ କିନ୍ତୁ ପରିଣତିରେ ତାର ପତନ ହିଁ ହୁଏ । ସେଠାରେ କେବଳ ଦେବା କଥା ହିଁ ଥାଏ । ନେବା କଥା ଆଦୌ ନଥାଏ । ତେବେ ତାହା ସେବା ନୁହେଁ ଏକ ପ୍ରକାର ବେପାର । ଏପରିକି କର୍ତ୍ତବ୍ୟ ଭାବେ ଯାହା ସବୁ କରାଯାଏ ସେଥିରେ ବି ସେବାର ଭାବ ନଥାଏ । ସେବାର ଭାବ କେବଳ ଦେବାର କଥା ଥାଏ । ଆଶା ରଖି ଦାନଧର୍ମ କରୁଥିଲେ ତାହା ସେବା ଧର୍ମର ଅନୁକୂଳ ହୁଏନାହିଁ । ସେବାକୁ ନିଷ୍କାମ କର୍ମ ଭାବେ ଗ୍ରହଣ କରାଯାଏ । ଯାହା ଭାଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଅର୍ଜୁନକୁ ପୁଣି ଯୁଦ୍ଧକ୍ଷେତ୍ରରେ ଏ ଶିକ୍ଷା ବାସ୍ତବିକ ଅନନ୍ୟ । ତାହା କୌଣସି ମନ୍ଦିର କି ବିଦ୍ୟାଳୟରେ ନଥିଲା ।

ସେବା କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦଙ୍କୁ ଆଦର୍ଶ ଭାବେ ଗ୍ରହଣ କରାଯାଇପାରେ । ତାଙ୍କର ଆମେରିକା ଯାତ୍ରା କରିବା ମୂଳରେ ଥିଲା ତାହାହିଁ ତାଙ୍କ ଗୁରୁ ଶ୍ରୀରାମକୃଷ୍ଣ ପରମହଂସଙ୍କ ଅନ୍ତର୍ନିହିତ ପ୍ରେରଣା । ଆମେରିକାର ୧୮୮୩ ମସିହାରେ ଅନୁଷ୍ଠିତ ବିଶ୍ୱ ଧର୍ମ ସଭାରେ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଭାରତୀୟ ହିନ୍ଦୁଧର୍ମର ବିଶେଷତ୍ୱକୁ ଯେପରି ଭାବରେ ପ୍ରତିପାଦନ କରିଥିଲେ ତାହା ସମଗ୍ର ବିଶ୍ୱର ଆଖି ଖୋଲି ଦେଇଥିଲା । ସେ ବେଦାନ୍ତର ମନ୍ତ୍ରଧ୍ୱନି ଉଚ୍ଚାରଣ କରି ସର୍ବେଭବନ୍ତୁ ସୁଖିନଃ ସର୍ବେସନ୍ତୁ ନିରାମୟଃ ସର୍ବେ ଭଦ୍ରାଣି ପଶ୍ୟନ୍ତୁ

ମା କଶ୍ଚିତ୍ ଦୁଃଖଭାଗ ବେତର ବ୍ୟାଖ୍ୟା କରି ବୁଝାଇ ଦେଇଥିଲେ । କିନ୍ତୁର ଧର୍ମର ଏହି ବାକ୍ୟ ବେଦାନ୍ତର ସିଦ୍ଧାନ୍ତ । ସମସ୍ତେ ସୁଖରେ ରହନ୍ତୁ, ସମସ୍ତେ ନିରୋଗ ରୁହନ୍ତୁ, ସମସ୍ତେ ମଙ୍ଗଳମୟଙ୍କୁ ଦେଖନ୍ତୁ କେହି ମଧ୍ୟ ଦୁଃଖରେ ନପଡ଼ନ୍ତୁ । ଏହା ହିଁ ଥିଲା ପୃଥିବୀବାସୀଙ୍କ ପାଇଁ ଭାରତୀୟ ହିନ୍ଦୁଧର୍ମର ସଂଦେଶ । ସେବା କରି କିଛି ହେବାର କଥା ମଧ୍ୟ ଦୋଷାବହ । ଯଶ, ଗୌରବ, ମାନ ମର୍ଯ୍ୟାଦା ଇତ୍ୟାଦି ଲାଭ କରିବାର କାମନା ଦ୍ୱାରା ସେବାର ପୁଣ୍ୟ ନଷ୍ଟ ହୁଏ । ବରଂ ତାହା ସବୁଠାରୁ ଘୃଣ୍ୟ ବିବେଚିତ ହୁଏ । ଏହି କଥାକୁ ସ୍ମରଣ କରି ସେବା କରାଯିବା ଉଚିତ । ସେବା ଶବ୍ଦଟିକୁ ଓଲଟାଇ ଦେଲେ ତାହା ବାସେ ହେବ । ଏହାର ଅର୍ଥ ସେବାର ମହକ ଖେଳିଯିବ । ସେବା-ବେକ ସମ୍ବନ୍ଧ ମଧ୍ୟ ଦୂର ହେବ । ସେବାରେ କେହି ମୁଁ କରୁଛି, ମୋ'ର ଏ କୃତିତ୍ୱ ଏକଥା ଭାବିବା ମଧ୍ୟ ଗୋଟିଏ ଅହଂକାର । ଏଇ ଅହଂକାର ହିଁ ସର୍ବନାସ ଘଟାଏ । ସେବା ହିଁ ସେବା ତାର କିଛି ଅର୍ଥାନ୍ତର କରାଯାଇପାରେନାହିଁ । ସେବା ଗୋଟିଏ ପ୍ରେରଣାର କଥା । ଏଥିରେ ବାଧ୍ୟ ବାଧକତା ନାହିଁ । ସ୍ୱତଃ ପ୍ରଣୋଦିତ ସେବା ହିଁ ଶ୍ରେଷ୍ଠ । ସେବା ପାଇଁ ସାମର୍ଥ୍ୟ ଥିବା ଆବଶ୍ୟକ । ଯେ ଅସମର୍ଥ କିପରି ଅସମର୍ଥର ସେବା କରିବ? ତେଣୁ ସେବା ପାଇଁ ନିଜର ଶକ୍ତି, ଯୋଗ୍ୟତା ଓ ଦକ୍ଷତା ଥିବା ଆବଶ୍ୟକ । ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ କିପରି ବାଟ ଦେଖାଇବ? ଏଇ ଯୁକ୍ତିରେ ସେବା କରିବା ପାଇଁ ଜଣେ ସମର୍ଥ ହେବା ଜରୁରୀ । କେବଳ ମୁହେଁ ମୁହେଁ ସାନ୍ତ୍ୱନା ଦେଇ କେହି ସେବା କରିପାରେ ନାହିଁ । ସେଇଟା ଗୋଟିଏ ଡ୍ରାମା ନାଟକବାଜି । ତେଣୁ ସେବାର ଯେଉଁ ବ୍ୟାପକ ଅର୍ଥ ରହିଛି ତାକୁ ପ୍ରଥମେ ହୃଦୟଙ୍ଗମ କରିବା ଦରକାର । ସେବା ସଂଘ, ସେବାଟ୍ରଷ୍ଟ, ରିଲିଫ କମିଟି ଗଢ଼ିଦେଲେ ଚାନ୍ଦା ଆଦାୟ କରି ପ୍ରଚାର ସଭା କରି ସେବା କରାଯିବାଏକ ପ୍ରହସନ । ଏଥିରେ ଆନ୍ତରିକତା ନଥାଏ । ସେବା ହେଉଛି ଏକ ନୀରବ ବିଚାର ।

ସୁତରାଂ ସେବା ହେଉଛି ପରାର୍ଥପରତାର ଉଦାହରଣ । ଏଇ ହେଇଯାଏ ପରମାର୍ଥ ଈଶ୍ୱରଙ୍କ ଆଶୀର୍ବାଦ ନଥାଏ ସେଥିରେ । ସ୍ୱାମୀ ବିବେକାନନ୍ଦ ସେହି ଉଦ୍ଦେଶ୍ୟରେ ରାମକୃଷ୍ଣ ମିଶନ ଗଢ଼ିଥିଲେ । ଏହି ମିଶନ ପକ୍ଷରୁ ସେବା କାର୍ଯ୍ୟର ବିକଳ୍ପ ନାହିଁ । ସଂଗୃହୀତ ପାଣ୍ଠିର କୌଣସି ପ୍ରକାର ଦୁରୁପଯୋଗ ନାହିଁ । କିନ୍ତୁ ଅନ୍ୟ ବହୁ ସେବା ସଂସ୍ଥାରେ ଅନେକ ଦୁର୍ନୀତି ହେଉଥିବାର ଅଭିଯୋଗ ହୁଏ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ବହୁ ରଚନାତ୍ମକ କାର୍ଯ୍ୟକ୍ରମ ବିପୁଳ ପାଣ୍ଠି ସେବା ପାଇଁ ଉଦ୍ଦିଷ୍ଟ । ଲୋକ ସେବାମଣ୍ଡଳ, ଯାହାକୁ ଲାଲା ଲଜପତରାୟ ପ୍ରତିଷ୍ଠା କରିଥିଲେ ତାହା ମଧ୍ୟ ଏକ ସୁଦୂରପ୍ରସାରୀ ସେବାର ବାର୍ତ୍ତା ବହନ କରେ । ସାରା ପୃଥିବୀରେ ସେବା ଉଦ୍ଦେଶ୍ୟରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି । କିନ୍ତୁ ସେସବୁରେ ନିରୋଳା ସେବା ଅପେକ୍ଷା ଅନେକ ନ୍ୟସ୍ତ ସ୍ୱାର୍ଥକୁ ମଧ୍ୟ ପ୍ରଶ୍ରୟ ଦେଉଥିବାର ଅଭିଯୋଗ ହୁଏ । ସନ୍ଥ-ମହାପୁରୁଷଙ୍କ ନାମରେ ଯଥା ଶିରିଡ଼ି ସାଇ ଟ୍ରଷ୍ଟ ଭଳି ଅନେକ ସେବା ଅନୁଷ୍ଠାନ ରହିଛି କିନ୍ତୁ ସେଥିରେ ସେବା ଅପେକ୍ଷା ସାଂପ୍ରଦାୟିକତାର ରଙ୍ଗ ବାରି ହୁଏ ।

ସମର୍ପିତ ଭାବରେ ସେବା ହିଁ ଈଶ୍ୱରଙ୍କ ଆରାଧନାକୁ ବୁଝାଏ । ଋଷିକେଶର ସ୍ୱାମୀ ଶିବାନନ୍ଦଙ୍କ ପ୍ରତିଷ୍ଠିତ ଦିବ୍ୟଜୀବନ ସଂଘର ଆଦର୍ଶ ହେଉଛି ସେବା କର, ପ୍ରେମ କର, ଦାନ କର, ଧ୍ୟାନକର ତେଣୁ ଭାରତବର୍ଷରେ ସେବାକୁ ମୁଖ୍ୟ ସ୍ଥାନ ଦିଆଯାଇଛି । ଭାରତୀୟ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ମହାତ୍ମାଗାନ୍ଧୀଙ୍କ ପ୍ରଦର୍ଶିତ ସତ୍ୟ-ଅହିଂସା ମାର୍ଗ ଏହି ସେବା ଭାବନାରେ ଓତପ୍ରୋତ ହୋଇ ଚାଲିଛି । ଗାନ୍ଧିଜୀଙ୍କ ପ୍ରତିଷ୍ଠିତ ୱାର୍ଦ୍ଧାସ୍ଥିତ ସେବାଶ୍ରମ ସେ ଦିଗରେ ଦୃଷ୍ଟାନ୍ତ ସୃଷ୍ଟି କରିଛି । ସରଳ, ପବିତ୍ର, ଜୀବନ ଶୈଳୀରେ ପରିଚାଳିତ ହୋଇପାରିଲେ ସେବା ଭାବନାର ପ୍ରେରଣା ମିଳେ । ଏକଦା ବୋଧହୁଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧରେ ଆହତ ସୈନ୍ୟମାନଙ୍କୁ ସେବା କରିବା ଉଦ୍ଦେଶ୍ୟରେ ବିଶ୍ୱ ରେଡ଼କ୍ରସ ଭଳି ସଂସ୍ଥା ଗଠିତ ହୋଇଥିଲା । ଆଜି ପର୍ଯ୍ୟନ୍ତ ଏହି ରେଡ଼କ୍ରସ ବା ନାଲିରଙ୍ଗର ଛବି ଚିହ୍ନଟ ସେବାର ପ୍ରତୀକ ହୋଇ ଆସିଛି । ପୃଥିବୀର ପ୍ରାୟ ସବୁ ଦେଶର ସରକାର ରେଡ଼କ୍ରସ ପାଣ୍ଠି ସୃଷ୍ଟି କରିଛନ୍ତି ଏବଂ ସେହି ପାଣ୍ଠିରୁ ଆକସ୍ମିକ ଦୁର୍ଘଟଣାଗ୍ରସ୍ତ, ପ୍ରାକୃତିକ ବିପର୍ଯ୍ୟୟ ଜନିତ ଜରୁରୀ ପରିସ୍ଥିତିରେ ପ୍ରଥମେ ରେଡ଼କ୍ରସ ସହାୟତା ଯୋଗାଇ ଦିଆଯାଏ । ସବୁ ଦେଶରେ ସେବାକୁ ଏକ ସାମାଜିକ କାର୍ଯ୍ୟକ୍ରମର ଅପରିହାର୍ଯ୍ୟ ଅଂଶଭାବେ ଗ୍ରହଣ କରାଯାଇଛି । ସରକାରୀ ସ୍ତରରେ ଯେଉଁ ସେବା ହୁଏ ତାହା ସାଧାରଣ ଲୋକଙ୍କ ପାଖରେ ପହଂଚିବା ପାଇଁ ଫାଇଲଚାପରେ ଅଯଥା ବିଳମ୍ବ ହୁଏ ।

ବିଶ୍ୱ ପ୍ରସିଦ୍ଧ ମଦର ଟେରେସା ସେବା ପାଇଁ ନୋବେଲ ପୁରସ୍କାର ପାଇଥିଲେ । ଅବଶ୍ୟ ସେବା କୌଣସି ପ୍ରକାର ସ୍ୱୀକୃତି, ପ୍ରଶଂସା କି ପୁରସ୍କାର ଆଶା ରଖି କରାଯାଏ ନାହିଁ । ଆଜିକାଲି ସେବାଶ୍ରମମାନଙ୍କରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଦେଖାଦେଲାଣି । ତେଣୁ ଆନୁଷ୍ଠାନିକ ଭାବେ ସେବାକୁ ଅଧିକ ସାବଧାନତାର ସହିତ ଗ୍ରହଣ କରାଯିବା ଉଚିତ । ଅନେକ ସ୍ୱେଚ୍ଛାସେବୀ ସଂଗଠନ ସେବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଦାତବ୍ୟ ସଂସ୍ଥାଠାରୁ ବିପୁଳ ଅର୍ଥରାଶି ଗ୍ରହଣ କରି ତାର ଦୁରୁପଯୋଗ କରୁଥିବାର ଅଭିଯୋଗ ଏକବାରେ ଭିତ୍ତିହୀନ ବୋଲି କୁହାଯାଇ ପାରିବ ନାହିଁ । ସେପରି ହେଉଛି ଏବଂ ସେ ସୂତ୍ରରୁ ପ୍ରାପ୍ତ ବିପୁଳ ଅର୍ଥରାଶିକୁ ଆତ୍ମସାତ କରିବାର ଅଭିଯୋଗ ମଧ୍ୟ ଅସତ୍ୟ ନୁହେଁ । ଏପରିକି ସେବା ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନମାନେ ସଂଗୃହୀତ ଅର୍ଥ ପାଇଁ ପରସ୍ପର କଳହ ଓ ଚରିତ୍ରହତ୍ୟା କରିବାରେ ଲାଗି ପଡ଼ିଥାନ୍ତି । ସେବା ନାମରେ ନେବାର ଏ ଯେଉଁ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି ହୋଇଥାଏ । ତେଣୁ ସେବା ହିଁ ଉପାସନା ବିନୟପୂର୍ବକ ପର ଦୁଃଖରେ ଭାଗୀଦାର ହେବାକୁ ସେବାର ଶ୍ରେୟ ମିଳେ । ଓଡ଼ିଶାର ଅନନ୍ୟ ଉଦାହରଣ ଭାବେ ଉତ୍କଳମଣି ଗୋପବନ୍ଧୁଙ୍କୁ ଦେଖାଯାଏ, କୁହାଯାଏ ସାରା ଜୀବନ ସେ ବିପନ୍ନର ଉଦ୍ଧାର କାର୍ଯ୍ୟରେ ଅତିବାହିତ କରିଥିଲେ । ନିଜର ପରିବାରକୁ ସେ ଅଣଦେଖା କରି ଜନ ସେବାର ଯେଉଁ ଦୃଷ୍ଟାନ୍ତ ରଖିଯାଇଛନ୍ତି ତାହା ଅନତିକ୍ରମ୍ୟ । ସେଭଳି ସେବା ସର୍ବସ୍ୱ ବ୍ୟକ୍ତିଟିଏ ଆଜିପର୍ଯ୍ୟନ୍ତ ଖୋଜିଲେ ମିଳିବେ ନାହିଁ । ମାନବିକ ସେବା ହିଁ ମାଧବ ସେବା ବୋଲି ଯେଉଁ ବାକ୍ୟ କୁହାଯାଏ ତାହାର ତାତ୍ପର୍ଯ୍ୟପୂର୍ଣ୍ଣ ସେବା ହିଁ ଧର୍ମ । ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୋଷ ଭଗବାନ । ମନୁଷ୍ୟ ଭିତରେ ହିଁ ଭଗବାନଙ୍କର ସତ୍ତା ପ୍ରକଟିତ ହୁଏ ।

ଉତ୍କଳମଣି ଗୋପବନ୍ଧୁ ଜଣେ ମାନବବାଦୀ ମହାନ ସେବକ । ସେ ଥିଲେ କବି, ରାଜନୀତିଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ବ୍ୟବସ୍ଥାପକ, ଚିନ୍ତାନାୟକ ସନ୍ଥ ଧର୍ମାତ୍ମା । ଓଡ଼ିଆ ଭାଷାର ସାହିତ୍ୟରେ ଓ ସଂସ୍କୃତିର ସୁରକ୍ଷା ପାଇଁ ସେ ଲେଖିଯାଇଛନ୍ତି ଅନେକ କାବ୍ୟ କବିତା ଚିନ୍ତା ଓ ଚେତନାର ଉପପାଦ୍ୟ । ସେ ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଐତିହର ମହିମାଗାନ କରି ଲେଖିଥିଲେ - ଭାରତ ସରସେ ଉତ୍କଳ ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ । ଏଥିରୁ ତାଙ୍କର ଜଗନ୍ନାଥ ସଂସ୍କୃତି ପ୍ରତି ଥିବା ପ୍ରଗାଢ଼ ବିଶ୍ୱାସର ପ୍ରମାଣ ମିଳେ । ପୁଣି ସେ ଲେଖିଥିଲେ ଉତ୍କଳେ ନେତାର ନାହିଁ ପ୍ରୟୋଜନ ଉତ୍କଳର ନେତା ସ୍ୱୟଂ ନାରାୟଣ ଅର୍ଥାତ୍ ଓଡ଼ିଶାରେ ନେତାର ଦରକାର ନାହିଁ କାରଣ ଓଡ଼ିଶାର ନେତା ସ୍ୱୟଂ ନାରାୟଣ ଅର୍ଥାତ୍ ଜଗନ୍ନାଥ ।

ସୁତରାଂ ଓଡ଼ିଶାକୁ ଆଜି ଯେପରି ଭାବରେ ଶାସିତ ଓ ଶୋଷିତ କରାଯାଉଛି ସେଥିରେ ରାଜନୀତିର କପଟାଚାର, ପ୍ରତାରଣା, ଭାଷଣବାଜିକୁ ଦେଖିଲେ ମନେହୁଏ ଏଇ ଜାତି କେତେ ମହାପୁରୁଷଙ୍କର ଜୀବନ ଲୀଳାରେ ଧନ୍ୟ ହୋଇଛି ପୁଣି ଏଇ ଭୂମିକୁ କେତେ ସନ୍ଥ, ମହାତ୍ମାମାନେ ଆସି ଜଗନ୍ନାଥଙ୍କୁ ସେମାନଙ୍କର ଭକ୍ତିପୂତ ପ୍ରାର୍ଥନା କରି ଯାଇଛନ୍ତି । ସେ ସବୁକୁ ପୁନରୁକ୍ତି କରିବା ବିରକ୍ତିକର ହେବ । କିନ୍ତୁ ଏହା ସତ୍ୟ ଯେ ଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମାଙ୍କର ଏକ ପ୍ରତୀକ । ପ୍ରତୀକବାଦ କିଛି ନୂଆ କଥା ନୁହେଁ । ଏହା ବୈଦିକ ସାହିତ୍ୟରେ ମଧ୍ୟ ବ୍ୟବହୃତ ହୋଇଛି ଦ୍ୱାସୁପର୍ଣ୍ଣା ଅର୍ଥାତ୍ ଦୁଇଟି ପକ୍ଷୀ ବୃକ୍ଷ ଶାଖାରେ ବସିଛନ୍ତି । ଗୋଟିଏ ପକ୍ଷୀ ଫଳ ଖାଉଛି ଏବଂ ଆର ପକ୍ଷୀଟି କେବଳ ଚାହିଁଛି ।

ଜଗନ୍ନାଥଙ୍କୁ ପ୍ରତୀକ ବ୍ରହ୍ମ କହିବାର ଯୁକ୍ତି ହେଲା ଯେ ଏହି ପ୍ରତୀକ ଭିତରେ ପ୍ରତ୍ୟେକ ନିଜର ଇଷ୍ଟ ବା ଆତ୍ମସତ୍ତାକୁ ଅନୁଭବ କରିପାରନ୍ତି କାରଣ ଏହି ପ୍ରତୀକ ଏକ ସାର୍ବଜନୀନ ଦର୍ପଣ ସଦୃଶ । ଏହା ଜୀବନ୍ତ କି ମୃତ ସେ କଥା କେହି ପ୍ରମାଣ ଅନୁଭବ କରିପାରନ୍ତି ନାହିଁ । ଯେହେତୁ ସେ ବିଶ୍ୱାସକୁ ଆଧାର କରି ସେହି ଜଗନ୍ନାଥଙ୍କୁ ତାର ବିଶ୍ୱାସ ମାଧ୍ୟମରେ ହିଁ ପରିସ୍ଫୁଟ କରିପାରବ ।

ଏହି ପରିପ୍ରେକ୍ଷୀରେ ଆମେ ଦେଖିବା ଯେ ଉତ୍କଳ ଭୂମିର ସାର୍ବଭୌମତ୍ୱକୁ ପ୍ରମାଣିତ କରିବା ପାଇଁ ଜଗନ୍ନାଥଙ୍କ ଅଦ୍ଭୁତ ଉତ୍କଳୀୟମାନଙ୍କର ପ୍ରଥମ ପରିଚୟ ପତ୍ର । ଇତିହାସର ଅନ୍ୟ କୌଣସି ତଥ୍ୟ ପ୍ରମାଣର ଆବଶ୍ୟକତା ନାହିଁ । ଜଗନ୍ନାଥ ହିଁ ଉତ୍କଳ ଖଣ୍ଡର ଅଧୀଶ୍ୱର ଏବଂ ତାଙ୍କରି କୃପା କଟାକ୍ଷଛଟାରେ ଶତ ସହସ୍ର ଭକ୍ତ, ଆଗନ୍ତୁକଙ୍କ ଦୃଷ୍ଟି ସାର୍ଥକ ହୁଏ । ଏଇ ଜଗନ୍ନାଥଙ୍କୁ ଦର୍ଶନ କରି । ଯେଉଁ ଭୂମିର ଜଗନ୍ନାଥ ରାଜକୀୟ ପରିଚର୍ଯ୍ୟାରେ ମାନବୋଚିତ ଖାଦ୍ୟପେୟ, ବସ୍ତ୍ର, ବେଶଭୂଷାରେ ବହୁ ଉପାଦେୟ ନୀତିକାନ୍ତି ଦ୍ୱାରା ଉପାସିତ ହୋଇଥାନ୍ତି ।

ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଯେତେ ସ୍ତୁତିଗୀତି ଗାଥା ତାହାର ଶହେ ବର୍ଷଧରି ସାରା ପୃଥିବୀରେ ପରିଚର୍ଚ୍ଚିତ ହୋଇ ଆସିଛି ଏବଂ ଜଗନ୍ନାଥଙ୍କ ରଥଯାତ୍ରାର ଅନନ୍ୟ ସମାବେଶ ସ୍ୱତଃ ପ୍ରଣୋଦିତ ହୋଇ ସୃଷ୍ଟିହୁଏ ଯେଉଁଥିପାଇଁ ରାଜକୀୟ ସ୍ୱୀକୃତି କି ସହଯୋଗ ଅପେକ୍ଷଣୀୟ ହୋଇନଥାଏ ସେହି ଜଗନ୍ନାଥଙ୍କ ରଥଯାତ୍ରା ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ଏ ଦୁଇଟି ଉତ୍ସବ ମହାମହିମ ଶୈଳୀରେ ଅନୁଷ୍ଠିତ ହୁଏ । ତାହା କୌଣସି ରାଜାଦେଶ ଦ୍ୱାରା ପରିଚାଳିତ ହୁଏନାହିଁ । ବରଂ ଉତ୍କଳମଣିଙ୍କ ଭାଷାରେ କହିଲେ ଠିକ୍ ହେବ ଯେ ଉତ୍କଳର ନେତା ନିଜେ ନାରାୟଣ ଅର୍ଥାତ୍ ସ୍ୱୟଂ ଭଗବାନ ହିଁ ଉତ୍କଳର ଶାସକ, ମାର୍ଗଦର୍ଶକ, ନେତା ନିୟନ୍ତା ।

ତେଣୁ ଉତ୍କଳର ଭାଗ୍ୟ ନିର୍ଣ୍ଣୟ କରିବାରେ ଭଗବାନ ପ୍ରତ୍ୟକ୍ଷ ଇଙ୍ଗିତ ଯେପରି ଜଗନ୍ନାଥଙ୍କ ଠାରେ ପ୍ରତିଫଳିତ ହୋଇଛିବୋଲି କୁହାଯାଇପାରିବ । ଯୁକ୍ତିତର୍କ ନୁହେଁ । ସାକ୍ଷାତ ପ୍ରମାଣ ଦ୍ୱାରା ଯୁଗଯୁଗ ଧରି ବହୁ ସନ୍ଥ ମହାତ୍ମାମାନଙ୍କ ଦ୍ୱାରା ଏହା ସ୍ୱୀକୃତି ହୋଇ ଆସିଛି । ଉତ୍କଳର କୌଣସି ନେତା ବା ଶାସକ ଜଗନ୍ନାଥଙ୍କ ଅପେକ୍ଷା ଶକ୍ତିଶାଳୀ ହୋଇନପାରେ । ଏହି ଉଦ୍ଦେଶ୍ୟରେ ଉତ୍କଳମଣି ଗୋପବନ୍ଧୁ ଗୋଟିଏ ପଦରେ ତାର ଯୁଗାନ୍ତକାରୀ ଉଦ୍‌ଘୋଷଣା କରିଯାଇଛନ୍ତି ।

ବହୁ ପାର୍ଥିବ ବିପର୍ଯ୍ୟୟ ଭିତରେ ଜଗନ୍ନାଥ ହିଁ ଚିରଜାଗ୍ରତ, ଚିର ଭାସ୍କର ହୋଇ ନୀଳାଦ୍ରି ଶିଖରୀରେ ଚକ୍ର ଓ ପତିତପାବନ ବାନାକୁ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କ ପାଇଁ ଦର୍ଶନୀୟ କରି ରଖିଛନ୍ତି । ଶରଧାବାଲି ତିନି ରଥରେ ଯେପରି ପରମ୍ପରାକ୍ରମେ ରଥାରୋହଣ କରାଯାଏ ତାହା ମଧ୍ୟ ଏକ ଜନତନ୍ତ୍ରର ଜୀବନାଦର୍ଶ । ଜଗନ୍ନାଥଙ୍କଠାରୁ ଅନ୍ୟ କୌଣସି ରାଜପୁରୁଷ କି ମହାପୁରଷ ଶ୍ରେଷ୍ଠ ହୋଇପାରିବେ ନାହିଁ । ଯେହେତୁ ସେ ହିଁ ସ୍ୱୟଂ ଭଗବାନ ନାରାୟଣ ।

ସେଥିପାଇଁ ଉତ୍କଳମଣି ଏପରି ଏକ ବାକ୍ୟରେ ଜଗନ୍ନାଥଙ୍କୁ ଲକ୍ଷ୍ୟକରି କହିଗଲେ ଯେ ଉତ୍କଳରେ କୌଣସି ମନୁଷ୍ୟ ନେତାର ପ୍ରୟୋଜନ ନାହିଁ । ସେ ରାଜା ହେଉ କି ମନ୍ତ୍ରୀ ହେଉ ଉତ୍କଳୀୟମାନଙ୍କର ପରମାରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଦେବତା ଶ୍ରୀ ଜଗନ୍ନାଥହିଁ ଜୀବନ ଓ ସମାଜକୁ ଶୃଙ୍ଖଳିତ ନୀତିନିୟମ ଦ୍ୱାରା ଏକ ବାସ୍ତବବାଦୀ ଆଭିମୁଖ୍ୟ ଦେଇଥାନ୍ତି । ଜଗନ୍ନାଥ ତେଣୁ ଗୋଟିଏ ମୂର୍ତ୍ତି ନୁହଁନ୍ତି କି ବରଂ କୀର୍ତ୍ତି । ଶ୍ରୀମନ୍ଦିର ପୂର୍ବରୁ ସେ ଥିଲେ ଶବର ରାଜା ବିଶ୍ୱାବସୁଙ୍କ ଇଷ୍ଟ ଏବଂ ଶ୍ରୀମନ୍ଦିର ନିର୍ମିତ ହେବା ପରେ ସେହି ପରମ୍ପରାରେ ଦୈତାପତି ଯେଉଁମାନେ କି ବିଶ୍ୱାବସୁଙ୍କ ବଂଶଧର ସେହିମାନେ ହିଁ ବର୍ଷକ ଭିତରୁ ଶ୍ରୀଗୁଣ୍ଡିଚାର ବାହୁଡ଼ାଯାତ୍ରା ଯାଏ ଜଗନ୍ନାଥଙ୍କ ସେବା ପୂଜା ଦାନ ଦକ୍ଷିଣାର ଅଧିକାରୀ ହୋଇଥାନ୍ତି । ଏ ହେଲା କିଛି କିଂବଦନ୍ତୀ, କିଛି ସଂସ୍କୃତି ଏବଂ ପ୍ରଚଳିତ ଧାରା ଯାହା ଆଜିଯାଏ ଅନୁସୃତ ହୋଇଆସିଛି ।

ଧର୍ମବିଶ୍ୱାସ ଅନ୍ଧାନୁସରଣକୁ ବୁଝାଏ ନାହିଁ ଏହା ଆଚରଣ ସିଦ୍ଧ ଏବଂ ସିଦ୍ଧାନ୍ତ । ଯାହା ଦ୍ୱାରା ସିଦ୍ଧିଲାଭ କରାଯାଇପାରେ । ଭକ୍ତି ହୋଇଯାଏ ଶକ୍ତି ଏବଂ ତାହାହିଁ କର୍ମ ଓ ଜ୍ଞାନକୁ ସମନ୍ୱିତ କରେ । ବର୍ଷକରେ ଏହି ରଥଯାତ୍ରା ହେଉଛି ଶ୍ରୀଜଗନ୍ନାଥଙ୍କ ବିଶ୍ୱମୁଖୀ ଦୃଷ୍ଟି ଓ କୃଷିର ଏକ ଅନୁପମ ସୃଷ୍ଟି ଯାହା ପ୍ରତ୍ୟେକ ମଣିଷଙ୍କ ତାଙ୍କ ଅନ୍ତର୍ଗତ ଦିବ୍ୟଗୁଣକୁ ସ୍ପର୍ଶକରି ତାଙ୍କୁ ଭାବବତ୍ତାର ଉପଲବ୍ଧ ହୁଏ । ଯେ ଚଳନ୍ତି କିନ୍ତୁ ନରନାରାୟଣଙ୍କ ପ୍ରତିମୂର୍ତ୍ତି ସେହି ଜଗନ୍ନାଥ ଯାହାଙ୍କୁ ସାରା ବିଶ୍ୱ ଜାଣେ ଏବଂ ଜଗନ୍ନାଥ ହିଁ ଉତ୍କଳର ଶିରୋମଣି । ତାଙ୍କୁ ଛାଡ଼ି ଅନ୍ୟ କୌଣସି ଦେବଦେବୀଙ୍କୁ ଏତେ ସାର୍ବଜନୀନ ସ୍ୱୀକୃତି ମିଳିନଥାଏ । ଉତ୍କଳମଣି ଗୋପବନ୍ଧୁ ଭାରତବର୍ଷର ଭାବମୂର୍ତ୍ତିକୁ ଯେପରି ଗୋଟିଏ

ଧାଡ଼ି କବିତାରେ ପ୍ରକାଶକରିଥିଲେ, ସେମିତି ଶ୍ରୀଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଏଇ ଗୋଟିଏ ଧାଡ଼ି କବିତାରେ ଲେଖିଗଲେ । ଅର୍ଥାତ୍ ବିଶ୍ୱକଲ୍ୟାଣ ପାଇଁ ହିନ୍ଦୁ ଧର୍ମର ପ୍ରତିବଦ୍ଧତା ରହିଛି ତେଣୁ ସେ କହିଲେ-

ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ ।
ବିଶ୍ୱହିତେ ତାର ପ୍ରତି ରକ୍ତ ବିନ୍ଦୁ ।

ଏହିପରି ଭାରତବର୍ଷ ଶ୍ରୀଜଗନ୍ନାଥ ଓ ହିନ୍ଦୁଧର୍ମ ସଂକ୍ରାନ୍ତ ଚିନ୍ତାଧାରାକୁ ଉତ୍କଳମଣି ଗୋପବନ୍ଧୁ ପ୍ରକାଶ କରି ଉତ୍କଳର ସ୍ୱାଭିମାନ, ସ୍ୱାଧିକାର ଓ ସ୍ୱାଧୀନତାକୁ କାଳଜୟୀ ବାର୍ତ୍ତା ଦେଇଛନ୍ତି । ପ୍ରାଚୀନ ଶାସ୍ତ୍ର ମତରେ ଉଲ୍ଲେଖ ଅଛି ଯେ -

ଶ୍ରୀ ପୁରାଣ ପୁରୁଷୋତ୍ତମସ୍ୟ ଶ୍ରୀ ବିଷ୍ଣୁରାଜ୍ଞାୟା, ପ୍ରବର୍ତ୍ତମାନ ସ୍ୟାଦା ଶ୍ରୀବ୍ରହ୍ମଣ୍ଡୋ ଦ୍ୱିତୀୟ ପରାର୍ଦ୍ଧେ, ଶ୍ରୀ ଶ୍ୱେତବାରାହ କଲେ ବୈବସ୍ୱତ ମନ୍ୱାନ୍ତରରେ ଅଷ୍ଟବିଂଶତମ କଳିଯୁଗେ ପ୍ରଥମ ଚରଣେ ଜମ୍ବୁଦୀପେ ଭାରତବର୍ଷେ ଉତ୍ତର ଖଣ୍ଡେ ଆର୍ଯ୍ୟବର୍ତ୍ତାନ୍ତର୍ଗତ ବ୍ରହ୍ମବୈବର୍ତ୍ତକ ଦେଶେ ପୂଣ୍ୟ ପ୍ରଦେଶେ ବୌଦ୍ଧାବତାରେ ବର୍ତ୍ତମାନେ ଇତ୍ୟାଦି ଏଥିରେ ଭାରତବର୍ଷର ଅନ୍ୟନାମ ଉତ୍କଳର ଅନ୍ୟନାମ ଆର୍ଯ୍ୟାବର୍ତ୍ତାନ୍ତର୍ଗତ ବ୍ରହ୍ମ ବିବର୍ତ୍ତକ ଦେଶେ ଅର୍ଥାତ ଉତ୍କଳଖଣ୍ଡେ ଏ ସବୁ ପୁରାଣ କାବ୍ୟରେ ଉତ୍କଳ ହେଉଛି ଆର୍ଯ୍ୟାବତାନ୍ତର୍ଗତ ବ୍ରହ୍ମବୈବର୍ତ୍ତନ ଦେଶ ଯେଉଁଠି ଭଗବାନ ବିଷ୍ଣୁଙ୍କୁ ବୌଦ୍ଧାବତାର ଭାବେ ଚିତ୍ରଣ କରାଯାଇଛି ଏବଂ ଜଗନ୍ନାଥଙ୍କୁ ପ୍ରଚ୍ଛନ୍ନ ବୁଦ୍ଧ ବୋଲି ଆଦିଶଙ୍କର ମଧ୍ୟ ସ୍ତୁତି କରିଛନ୍ତି । ସେହି ଜଗନ୍ନାଥ ହିଁ ଉତ୍କଳର ଜୀବନ ରେଖାକୁ ଚିହ୍ନିତ କରିଆସିଛନ୍ତି । ବହୁ ଉତଥାନ ପତନର ଘନ ଘୋର ଗତିପଥରେ ଆମେ ଆଜି ସେହି ନରନାରାୟଣ ଶ୍ରୀ ଜଗନ୍ନାଥଙ୍କୁ ନିଜର ଇଷ୍ଟ ଦେବ, ସ୍ରଷ୍ଟା ଓ ଦ୍ରଷ୍ଟା ଭାବେ ତାଙ୍କର ଏହି ଐତିହାସିକ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଆଭୂମ ପ୍ରଣାମ ଜଣାଉଛୁ ।

ଜୟ ଜଗନ୍ନାଥ, ସ୍ୱାମୀ ନୟନପଥଗାମୀ ଭବ ତୁମେ ।

ଚାଉଳିଆଗଞ୍ଜ, ମଠସାହି, କଟକ ।

# ଜୀବନର ରାହା

- ଲିଳାବତୀ ମହାପାତ୍ର

ଅଭିଜିତାକୁ ଛାଇନିଦ ଲାଗି ଆସୁଥାଏ । ହଠାତ୍ ଫୋନଟା ରିଙ୍ଗହେଲା । ଶୀତରାତି ଜାଡ଼ରେ ଦେହ ଥରି ଉଠୁଛି । ରେଜେଇ ଭିତରୁ ହାତଟା ବାହାର କରିବା ବି ଭାରିକଷ୍ଟ । ପିଲାମାନେ ବାହାରେ ଅଛନ୍ତି । କାନ୍ଥ ଘଣ୍ଟାଟି ରାତ୍ରିର ଗଭୀରତା ସୂଚାଇ ଦେଉଛି, ରାତ୍ରି ଆସି ଏଗାରଟା ହେଲାଣି । ନିଶ୍ଚୟ ଝିଅ ଫୋନ୍ କରିଥିବ । ସେ ପ୍ରାୟ ଏପରି କରେ । ଫୋନ୍‌ରେ କଥା ହୋଇସାରିବା ପରେ ଅଭିଜିତାର ନିଦ ଉଡ଼ିଯାଏ ସେ ରାତ୍ରିଟା ଉଜାଗରରେ କଟେଇ ଦେଇଥାନ୍ତି ।

ଭାବାନ୍ୱିତ ମନରେ ଫୋନ୍ ରିସିଭ କରି ହାଲୋ କହିବା ମାତ୍ରେ ଝିଅ କ୍ରିଷ୍ଣାର ସ୍ୱର ଭାସି ଆସିଲା ବୋଉ ମୋ ସାଙ୍ଗ ପ୍ରିୟଙ୍କା ଥାଇଲେଣ୍ଡ ବୁଲିବାକୁ ଯାଇଛି । ଫେସବୁକରେ ଫଟୋ ଛାଡ଼ିଛି । ମୁଁ ଏକା କୁଆଡ଼େ ଯାଇପାରିଲିନାହିଁ । ଆଉ ଯାଇ ମଧ୍ୟ ପାରିବି ନାହିଁ । ଫସିଗଲି ଯାର କହି ଫୋନଟି ରଖିଦେଲା ।

ଝିଅ ଯାହା କହୁଛି ସତ । ବିବାହ ପୂର୍ବରୁ ଭୂପେଶ ତାକୁ ମାଲେସିଆ, ସିଙ୍ଗାପୁର, ପ୍ୟାରିସକୁ ହନିମୁନ ଟ୍ରିପରେ ଯିବାପାଇଁ ପ୍ରତିଶୃତି ଦେଇଥିଲେ । କ୍ରିଷ୍ଣା ଖୁସିରେ ଆତ୍ମହରା ହୋଇଯାଇଥିଲା ଅତୀତକୁ ପଛକରି ଜୀବନକୁ ଆଗେଇ ନେବାକୁ ଚେଷ୍ଟା କରିଥିଲା କିନ୍ତୁ ଏସବୁ ପ୍ରତିଶୃତି ବାସ୍ତବତାରେ ଏପର୍ଯ୍ୟନ୍ତ ପରିଣତ ହୋଇପାରିନାହିଁ । ଆଧୁନିକା ଝିଅ କ୍ରିଷ୍ଣା । ସେ ବି ଇଂଜିନିୟର ଟଙ୍କାଗଦାରେ ବସି ମଧ୍ୟ ସ୍ୱାମୀ ସୁଖରୁ ବଂଚିତ ହୋଇଯାଉଛି । ଏ କି ପ୍ରକାର ସଂପର୍କ । ଏ କି ପ୍ରକାର ପୁରୁଷ ? ଝିଅର ଏ ପ୍ରଶ୍ନର ଉତ୍ତର ଅଭିଜିତା ପାଖରେ ନାହିଁ । ସେ ଶୋଇବାକୁ ଯେତେ ଚେଷ୍ଟା କଲେ ଆଉ ଶୋଇ ପାରିଲେ ନାହିଁ ।

ସେ ତ ନିଜେ ଦୋଷ କରିଛନ୍ତି । ସମାଜ ଘରର ସମ୍ମାନକୁ ଜଗି ଝିଅର ପସନ୍ଦକୁ ନାକଚ କରି ନିଜ ପସନ୍ଦର ପିଲା ସହିତ ତା'ର ଘର ବସାଇଛନ୍ତି । ଆଜିକାଲିକା ଝିଅ ହୋଇ ମଧ୍ୟ ନିଜ ବୋଉକୁ ଖୁସି କରାଇବା ପାଇଁ କ୍ରିଷ୍ଣା ତା ଜୀବନର ସବୁକିଛି ତ୍ୟାଗ କରି ଦେଇଛି । ସତରେ ସେ ଏତେ ନିର୍ଦ୍ଦୟ କିପରି ହେଲେ ? ଝିଅ ତାଙ୍କୁ କେତେ ଅନୁନୟ କରିଛି । ଏପରିକି ମନ୍ଦିରରେ ବିବାହ କରିଦେବା ପାଇଁ ମଧ୍ୟ ଅନୁରୋଧ କରିଛି ତା ର ସମସ୍ତ ଆବେଗର ଗଳାଚିପି ଦେଇଛନ୍ତି ସେ ।

ସତରେ କ୍ରିଷ୍ଣା କେତେ କଳବଲ ହୋଇଛି । ରାତି ରାତି ଅନିଦ୍ରା ରହିଛି । କଥାରେ ଅଛି ପ୍ରଥମ ପ୍ରେମକୁ କିଏ ଭୁଲି ପାରେ ନାହିଁ । କିନ୍ତୁ ସେହି ସଂପର୍କରେ ନିଜେ ହାରିଯିବା ମଣିଷକୁ ଅତ୍ୟନ୍ତ କଷ୍ଟ ଦିଏ । ସେ ଅଭିଜିତାଙ୍କୁ ବୁଝାଇବାକୁ ଯାଇ କହିଥିଲା ବୋଉ ଛୋଟ ଲୋକ ସେମାନେ ନୁହନ୍ତି ଯେଉଁମାନେ ଜାତି ଧନରେ ଛୋଟ । ପିଲାଟି ତ ଏନ.ଆଇ.ଟି ରେ ଇଂଜିନିୟରିଂ ପଢ଼ି ଭଲ ଚାକିରି କରୁଛି । ଧନୀ, ଗରିବ, ଜାତି, ଅଜାତି, ସାନବଡ଼ ଏସବୁ ବଳୟଗୁଡ଼ିକ ମନୁଷ୍ୟକୃତ ।

ତାର ଏ ଭାବବେଗ ପ୍ରେମ ପ୍ରଣୟରେ ମଜ୍ଜିଯାଇଥିବା ମନକୁ ମା'ଟିଏ ହୋଇ କିପରି ଚିହ୍ନିପାରିଲେ ନାହିଁ । ତାଙ୍କରି ଜିଦ୍ ପାଇଁ ଝିଅଟି ଆଜି ତିଳତିଳ ହୋଇ ବଂଚାଇଛି । ସେପରି ବଂଚିବାରେ କିଛି ମାନେ ନାହିଁ । ଝିଅପ୍ରତି କରିଥିବା ଏତେବଡ଼ ଅନ୍ୟାୟ ପାଇଁ ସେ ଅନୁତପ୍ତ କ୍ଷମାପ୍ରାର୍ଥିନୀ ।

ଅଭିଜିତା ଯାଇ ଝିଅଘରେ ମାସ ମାସ ରହନ୍ତି । ଜ୍ୱାଇଁ ଭୂପେଶଙ୍କର କିଛି ଅବିଗୁଣ ଦେଖିପାରନ୍ତି ନାହିଁ । ଭାରି ଶାନ୍ତିଶିଷ୍ଟ ସରଳ ପିଲାଟି । ବଡ଼ ଲୋକିଆ ଢଙ୍ଗ ନାହିଁ । ଯାହା ଦିଅ ଖୁସିରେ ହସିହସି ଗ୍ରହଣ କରନ୍ତି । ଚାକିରି କ୍ଷେତ୍ରରେ ମଧ୍ୟ ସୁନାମ ଅଧିକ । ପ୍ରତିବର୍ଷ ବେଷ୍ଟ ୱାରକର ପୁରସ୍କାର ପାଇଥାନ୍ତି । କ୍ରିଷ୍ଣାର ପ୍ରତ୍ୟେକ କଥାକୁ ସମ୍ମାନ ଦିଅନ୍ତି । ଏପରି ପିଲାକୁ ଜୀବନସାଥୀ ରୂପେ କ୍ରିଷ୍ଣା ଗ୍ରହଣ କରିପାରୁନାହିଁ । ପ୍ରେମିକର ପ୍ରତିଛବି ହୃଦୟକନ୍ଦରରେ ବସି ରହିଛି ।। ସେ ସବୁକଥାକୁ ତୁଳନାତ୍ମକ ଢଙ୍ଗରେ ଗ୍ରହଣ କରୁଛି । ଏବେ ମଧ୍ୟ ବିରହର ତପ୍ତଝଡ଼ରେ ଲେଲିହମାନ ହୋଇ ରହୁଛି ତାର ସ୍ୱପ୍ନସବୁ ତେଣୁ ସେ ବାସ୍ତବତାକୁ ଆପଣେଇ ପାରୁନାହିଁ ।

ପାଞ୍ଚ ଆଙ୍ଗୁଠି ଯେଉଁଠାରେ ସମାନ ନାହିଁ ସେହି କ୍ଷେତ୍ରରେ ମନୁଷ୍ୟ କିପରି ସମାନହେବ ? ବିଭିନ୍ନ ସମସ୍ୟା ପଥରେ ଗତିଶୀଳ ହୋଇ ଜୀଇଁବା ତ ଜୀବନ । କୌଣସି ବ୍ୟକ୍ତି ସମସ୍ୟା ବିହୀନ ଜୀବନ ଯାପନ କରିନାହିଁ କି କରିପାରିବ ନାହିଁ । ପରିସ୍ଥିତି ସହିତ ଖାପ ଖୁଆଇ ଚଳିଲେ ହିଁ ଜୀବନଟା ହସି ଉଠିବ । ଲେଖିବା କହିବା ସହଜ, ତାକୁ ଆପଣେଇ ନେବା ଭାରି କଷ୍ଟ । ଅଭିଜିତା ଝିଅର ଦୁଃଖକୁ ହୃଦୟଙ୍ଗମ କରନ୍ତି । କହିଦେଇଥିବା କଥା ବୋହି ଯାଇଥିବା ନଈକୁ କ'ଣ ଆଉ ଫେରାଇ ଆଣିହୁଏ ? ଲେଡ଼ିଗୁଡ଼ କହୁଣିକୁ ବୋହି ଗଲାପରେ ଅନୁତାପ ହେବା କିଛି ଲାଭ ନାହିଁ ।

କ୍ରିଷ୍ଣା ଭାରି ସ୍ନେହୀ । ବୋଉକୁ ସେ ଜୀବନଠାରୁ ଅଧିକ ଭଲପାଏ । ସେଥିପାଇଁ ତ ନିଜ ପଡ଼ାର୍ଖର୍ଚ୍ଚରୁ ପଇସା ବଂଚାଇ ବିଭିନ୍ନ କିସମର ଶାଢ଼ି ଅଭିଜିତା ପାଇଁ ଆଣିଦିଏ । କ୍ରୋଧୀ ପିତାଙ୍କ କବଳରୁ ତାଙ୍କୁ ବଂଚାଇବା ପାଇଁ ଯାଇ କେତେଥର ମାଡ଼ ଖାଇଛି । ଏପରିକି ପିତା ରାଗରେ ତାର ଗୋଡ଼ହାତ ଭାଙ୍ଗି ପକାଇ ଦେଇଛନ୍ତି । ତାର ଏତେ ତ୍ୟାଗ ଏତେ ଭଲପାଇବାର ପ୍ରତିଦାନରେ ସେ ତାକୁ କ'ଣ ଦେଲେ ? ଜୀବନରେ ଖୁସିରେ ବଂଚିବା ପାଇଁ ସେ ତାଙ୍କ ଗୋଡ଼ ଧରି ଭିକ୍ଷା ମାଗିଥିଲା । ତା ଜୀବନର ରାହା ତାକୁ ଧରି ସେ ଖୁସିରେ ଅବା ଥାନ୍ତା, କିଛି କରି ପାରିଲେ ନାହିଁ । ନାରୀ ସବୁ ସହିପାରେ ବୋଲି ତାକୁ ନାରୀ କୁହାଯାଇଛି ।

କ୍ରିଷ୍ଣା ଯେଉଁଦିନ ଅଭିଯୋଗ କରି କହିଲା ବୋଉ ମୁଁ ଏ ଲୋକ ପାଖରୁ ଶାରୀରିକ ସୁଖ ମଧ୍ୟ ପାଉନାହିଁ । ସେଦିନ ତାର ଗୋଡ଼ତଳୁ ମାଟି ଖସି ଗଲାପରି ମନେ ହୋଇଥିଲା । ସେ ସାହାସ

ସଂଚୟ କରି କହିଥିଲା ଛାଡ଼ପତ୍ର ଦେଇଦେ । ଏମିତି ଦହଗଞ୍ଜ ହୋଇ ଏକାଠି ରହିବା ଅପେକ୍ଷା ଅଲଗା ହୋଇଯିବା ଭଲ ।

ଝିଅଟିର ଭବିଷ୍ୟତ ପାଇଁ କ୍ରିଷ୍ଣା ଏପରି ପଦକ୍ଷେପ ନେଇପାରେ ନାହିଁ । ସେ କେତେଥର ତାଙ୍କୁ ଦେଖାଇ ଶିଖାଇ କହିଲାଣି ମୋ ଝିଅ ଯେଉଁଠାରେ କହିବ ଯାହାକୁ କହିବ ମୁଁ ତାକୁ ସେଠାରେ ବିବାହ କରାଇଦେବି । ବେଳେବେଳେ ଜୀବନରେ ଚୁପ୍ ଆଉ ଶାନ୍ତ ରହିବା ହିଁ ବୁଦ୍ଧିମତାର କାମ ଭାବି ସେ ଚୁପ୍ ରହିଯାଆନ୍ତି । କିନ୍ତୁ ଝିଅପ୍ରତି କରିଥିବା ଅକ୍ଷମଣୀୟ ଦୋଷର କୀଟ ତାଙ୍କ ହୃଦୟକୁ ଟିକ୍ ଟିକ୍ କରି କାଟି ପକାଉଥାଏ ।

ତାଙ୍କର ମନେ ଅଛି ସେ ପିଲାଟି ମଧ୍ୟ ତାଙ୍କୁ ଫୋନ୍ କରି ବହୁ ଅନୁରୋଧ କରିଥିଲା । ଦୁହେଁ ଦୁହିଁଙ୍କି ଭଲପାଇବାର ଦ୍ୱାହିଦେଇ କିଏ କାହାବିନା ବଂଚିପାରିବେ ନାହିଁ ବୋଲି ଆକୁଳ ନିବେଦନ କରିଥିଲେ କିନ୍ତୁ ସେ ତ ନିଜକୁ ଜାତିପ୍ରଥାର ଚକ୍ରବ୍ୟୁହ ଭିତରୁ ବାହାର କରିପାରି ନଥିଲା । ସାମାନ୍ୟ ଭାଷାଗତ ପାର୍ଥକ୍ୟକୁ ଦ୍ୱାହିଦେଇ ପ୍ରସ୍ତାବଟିକୁ ନାକଚ କରିଦେଇଥିଲା ।

ବାରମ୍ବାର ଅନୁରୋଧକୁ ପ୍ରତ୍ୟାଖାନ କରିବାପରେ ସେ ନିରବ ହୋଇଯାଇଥିଲା । ଦୁଇଟି ଜୀବନକୁ ସେ କଲବଲ କରି ଥୋଇଦେଲା ପ୍ରେମିକ, ପ୍ରେମିକାକୁ ମିଳନ କରାଇବା ବହୁତ ପୁଣ୍ୟ କିନ୍ତୁ ସେ ବିଚ୍ଛେଦ କରି ଦେଇଥିଲା । ତାରି ଫଳ ମଧ୍ୟ ସେ ଭୋଗୁଛନ୍ତି । ଅବିନାଶ ଓ ତାଙ୍କ ମଧ୍ୟରେ ସ୍ୱାମୀସ୍ତ୍ରୀର ସଂପର୍କ ନାହିଁ । କେବଳ ଲୋକ ଦେଖାଣିଆକୁ ଗୋଟିଏ ଛାତତଳେ ରହି ଆସୁଛନ୍ତି ।

ତାଙ୍କର ଜୀବନରେ ଯାହା ଘଟିଛି ଯାହା ଘଟୁଛି ସେଥିପାଇଁ ସେ ବ୍ୟଥିତ ନୁହନ୍ତି । ଝିଅଟି କିପରି ସବୁ ଦିଗରୁ ସୁଖ ପାଉ ସେଥିପାଇଁ ରାତିଦିନ ଠାକୁରଙ୍କ ପାଖରେ ମୁଣ୍ଡିଆ ମାରୁଛନ୍ତି ।

କ୍ରିଷ୍ଣା ଭଲ ରୋଷେଇ କରେ । ନିଜ ଅତୀତକୁ ଭୁଲି ଭୂପେଶଙ୍କ ରଚି ଅନୁସାରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥାଏ । ସେଥିପାଇଁ ସେ ତାଙ୍କଠାରୁ ଟିକେ ପ୍ରଶଂସା ଆଶା କରେ । କେତେଥର ମୁହଁଖୋଲି କହିଥିଲେ ମଧ୍ୟ ଭୂପେଶ କିଛି ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି ନାହିଁ ।

ସ୍ତ୍ରୀ ଚାହେଁ ତା ରୂପର, ଗୁଣର ପ୍ରଶଂସକ ହେଉ ତା' ସ୍ୱାମୀ । ଏହା ଏକ ସହଜାତ ପ୍ରବୃତ୍ତି । କ୍ରିଷ୍ଣା ମଧ୍ୟ ଏତିକି ଚାହେଁ । କ୍ରିଷ୍ଣାର ଭୂପେଶ ମଧ୍ୟ କ'ଣ...ଯଦ୍ୱାରା କ୍ରିଷ୍ଣା ପରି ଏତେ ସୁନ୍ଦରୀ ସର୍ବଗଣା ସ୍ତ୍ରୀ ପାଇ ମଧ୍ୟ ଖୁସି ନୁହନ୍ତି । ଦୁଇଟି ଜୀବନର ଖୁସି ଛଡ଼ାଇ ନେଇଛନ୍ତି ସେମାନଙ୍କ ନିଜ ଆତ୍ମୀୟ ପିତାମାତା । ସେମାନଙ୍କ ଜୀବନ ଚକ୍ରକୁ ତୁଛ ସାମାଜିକ ଚକ୍ରବ୍ୟୁହ ଭିତରେ ପେଶୀ ଦେଇଛନ୍ତି । ଜୀବନ ଜୀଇବାର ରାହାଟି ସେମାନଙ୍କ ଠାରୁ ଛଡ଼େଇ ନେଇଛନ୍ତି ।

ରଙ୍ଗିଲା, ଛକ, ରାଉରକେଲା ।

# ପଳାତକ

– ଅଶ୍ୱିନୀ କୁମାର ସେଠୀ

କବି ସମ୍ମିଳନୀ ସାରି ଯେବେ ଘରକୁ ଫେରିଲି, ମୁଁ ରାତି ବାରଟାରେ ଦେଖିଲି ଦୁଆର ମୋର ଗୋଟାପଣେ ମେଲା । ଛାତିରେ ମୋ ଛନକ ପଶିଲା । କବିତା ଆସର ନାଁ ଶୁଣି ଘରଣୀମୋ ସବୁବେଳେ ଖପା । ଖୋଲେ ନାହିଁ ସହଜେ ଯିଏ କବାଟକୁ ଜମା ସତରେ କଣ ସେଇ ଘରଣୀ ? ଆଜି ଖୋଲା ରଖି ଚାହିଁ ବସିଛନ୍ତି ମୋର ଫେରିବା ବାଟକୁ । ସୂର୍ଯ୍ୟାସ୍ତ ହୋଇନାହିଁ ବୋଧେ । ନା ସନ୍ଦେହ ହେଲା ଯାହା ଭୁବନେଶ୍ୱରରେ ଘଟୁଅଛି ଦିନକୁ ଦିନ । ଖୁସିରେ ମୁଁ କୁରୁଳି ଉଠିଲି, ଘର ଭିତରକୁ ପଶୁ ପଶୁ କବାଟରେ ଲାଗିଥିଲା ହାତଲେଖା ଚିଠିଟେ ଦେଖିଲି ଚିଠିରେ ଲେଖାଥିଲା ହାତଲେଖା ଚିଠିଟେ ଦେଖିଲି । ଚିଠିରେ ଲେଖାଥିଲା ଘରବାଲିକୁ ତୋର ଆମେ ନେଇଛୁ ଉଠେଇ । ପାଞ୍ଚଲକ୍ଷଟଙ୍କା ନଦେଲେ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ । ଘରମଣି ପ୍ରାଣ ଯଦି ଚାହୁଁ ସଲାମତ କାଲି ସନ୍ଧ୍ୟା ସୁଦ୍ଧା ତଳେ ଥିବା ଠିକଣାରେ ଟଙ୍କା ଦେଇ ନେବୁ ନିଜ ଅମାନତ । ଆଉ ହଁ ପୋଲିସ ଫାଣ୍ଡିକି ଯଦି ଯିବୁ ଜାଣିଥା ପୁଅ ଅଲଗା ଅଲଗା ନେବୁ ମୁଣ୍ଡକୁ ଗଣ୍ଡିକି । ଏମିତି ଚିଠିଟା ପଢ଼ି ଭାବିଲି ପଡ଼ିଲା ବିପତ୍ତି କେଉଁଠୁ ଆଣିବି ପାଞ୍ଚଲକ୍ଷ କମିତି କଣ ଯେ କରିବି ମୁଁ ପାରିଲିନି ଭାବି ଏଥିରେ ମୁଁ ଦୁଃଖ କରିବି ନା ଖୁସିରେ ନାଚିବି ? ଆଖିକୁ ବିଶ୍ୱାସ ହେଲାନି ବୋଲି ଚିଠିଟାକୁ ଆଉ ଥରେ ଭଲରେ ଦେଖିଲି ପଢ଼ିଲି । କବାଟ କିଳିକି ମୁଁ ଖୁସିରେ ଗଡ଼ିଲି ସ୍ତ୍ରୀ ମୋର କିଡ଼ନାପ ।

ଇଚ୍ଛା ହେଉଥିଲା ଅପହରଣକାରୀକୁ କରିବାକୁ କୋଟି ଦଣ୍ଡବତ । ମୋ ପାଇଁକି ସତେକି ସିଏ ସାକ୍ଷାତ ଦେବତାଙ୍କ ଦୂତ । ହଠାତ୍ ମନରେ ମୋର ଆସିଲା ସନ୍ଦେହ, ପୁରା କଲୋନୀ ବାସିନ୍ଦାଙ୍କ ଭୟ । ସେଭଳି ଜନ୍ତୁକୁ ଏତେ ସହଜରେ ଉଠେଇ ନେଲେ କେମିତି କେଜାଣି । ପଡ଼ିଶା ଘରଲୋକ ବି ପାରିଲେନି ଜାଣି ? ଛାଡ଼ ! ଆଉ ଏତେକଥା କାହିଁକି ଭାବିବି ଯିଏ ଉଠେଇ ନେଇଛି ସିଏ ସମ୍ଭାଳିବ ମୋର ତ ଚାରିଆଡୁ ଲାଭ ଖାଲି ଲାଭ । ଆଉ ଗୋଟେ କଥା ଭାବି ହେଲି ମୁଁ ଗର୍ବିତ ମୋ ପରି କବି ପାଖରେ ପାଂଚଲକ୍ଷ ଥିବ ବୋଲି କେହି ଜଣେ ଭାବିପାରିଲା ତ ? ଏଣେ ଆଉଗୋଟେ କଥା ଭାବି ମନେ ମୋର ଶଙ୍କା, ଯଦି ଏମାନେ ଜାଣିବେ ପାଂଚଲକ୍ଷ କ'ଣ ମୋ ପାଖରେ ଜମାରୁ ନାହିଁ ପାଂଚ ଟଙ୍କା । ଆଉ ରାଗରେ ଯଦି ଦୁଇତିନି ଦିନ ପରେ ନିଶ୍ଚୟ ଶ୍ରୀମତିଙ୍କୁ ଆଣି ପୁଣି ଛାଡ଼ିଦେଇ ଯିବେ ? ତେଣୁ ମନେ ମନେ ଅକାଟ୍ୟ ଉପାୟ ପାଞ୍ଚିଲି । ସିଧା ଯାଇ ଥାନା ବାବୁଙ୍କ ପାଖେ ପହଞ୍ଚିଲି । ଅମୃତାଞ୍ଜନ ବୋଲି ଝରେଇଲି ଧାରଧାର ଲୁହ, ଥାନାବାବୁ ପଚାରିଲେ କ'ଣ ହୋଇଛି କୁହ ? କହୁଅଛି ଗୁପ୍ତକଥା ସବୁ ସାର ଶୁଣ ସ୍ତ୍ରୀ ମୋର କିଡ଼ନାପ୍ । ମୁଁ ଘରେ ନଥିବାବେଳେ ମୋ ଧର୍ମପତ୍ନୀଙ୍କୁ କେହି ଜଣେ ଉଠେଇ ନେଇଛି ।

ମୋ ମୁହଁରୁ ଏହିକଥା ଶୁଣି ସଂଗେ ସଂଗେ ବଦଳିଗଲା ତାଙ୍କର ଚାହାଣୀ । ଥାନା ବାବୁ କହିଲେ କ'ଣ ହେଲା ? ଉଠେଇ ନେଇଛି ନାଁ ତୋ ଆଖିରେ ଧୂଳି ଦେଇ ସ୍ତ୍ରୀ ତୋର କାହା ସାଥେ ଲୁଚି ପଳେଇଛି ? ତୋ ଭାଗ୍ୟଭଲ । ତୁ ନଥିବାବେଳେ ସିଏ ଯାଇଛି ପଳେଇ ନହେଲେ ପେଟ୍ରୋଲ ଜାଳିକି ଦେଇଥାନ୍ତା ତତେ ସେ ଜଳେଇ । କହିଲି – ସାର, ଏଇଟା ଫେରାର ନୁହେଁ, କିଡ଼ନାପ୍ କେଶ୍ । ମୋ ପାଖରେ ତାର ପ୍ରମାଣ ଅଛି । ଏଇ ଦେଖୁନାହାନ୍ତି କିଡ଼ନାପର ପରା ପାଞ୍ଚଲକ୍ଷ ଟଙ୍କା ଡିମାଣ୍ଡ କରିକି ଚିଠି ଦେଇଛି । ଥାନାବାବୁ କହିଲେ – ବେକାର କଥା, ଆଜିକାଲି ଏଟା ଫେରାର ହେବାର ନୂଆ ତରିକା । ନିଜେ ନିଜକୁ କରି ଅପହରଣ, ପ୍ରେମିକା ସାଂଗରେ ବିବାହିତା ଜଣେ ଯୁବକ ଫେରାର ଏ ଖବର ତୁମେ ଜାଣିନ ? ଠିକ୍ ଯେମିତି ନାଟକ ରଚିଛି ତୋ ଘରବାଲି । ଏ ଯାଏଁ ତ ସିଏ ଓଡ଼ିଶା ଛାଡ଼ିକି ମଧ୍ୟପ୍ରଦେଶ କି ମହାରାଷ୍ଟ୍ର ଆଡ଼େ ଯିବଣି ଚାଲି । ଯାଆ ମୋବାଇଲକୁ ଅପେକ୍ଷା କର । କହିଲି ସାର ମୋ ଶ୍ରୀମତୀ ସେମିତି ନୁହଁ ବିଶ୍ୱାସ କରନ୍ତୁ ସାର ଶ୍ରୀଘ୍ର ଅପହରଣକାରୀର ସନ୍ଧାନ ନିଅନ୍ତୁ ସାର । ଭାରି ଗେରେଗେରେ ହେଇ ଥାନାବାବୁ କହିଲେ ତୋ ସ୍ତ୍ରୀର ବିବରଣୀ ସଂଗେ ଗୋଟେ ଫଟୋ ଦେଇ ଯାଅ । ଖବର ମିଳିଲେ ଫୋନ କରି ଆମେ ଜଣେଇବୁ । ଫଟୋ ସହିତ ଦରଖାସ୍ତ ଲେଖି ଥାନା ବାବୁଙ୍କ ହାତରେ ଦେଲି ଯେବେ ଟେକି, ଘରଣୀଙ୍କ ଫଟୋ ଦେଖି ଥାନାବାବୁ ଉଠିଲେ ଚମକି କହିଲେ ହଇରେ ତୋ ୱାଇଫ୍‌ର ଚେହେରା ଯାହା ତାକୁ ଟେକି ବାବୁ ତ ଲୋଡ଼ା ଜେସିବି ହାଇୱା ଫଟୋରୁ ଲାଗୁଛି ହେଇଥିବ ସିଏ ଦେଢ଼ କୁଇଣ୍ଟାଲରୁ ବଳି ଏତେ ସହଜରେ ତାକୁ ଟେକିନେଲା କୋଉଁ ବାହୁବଳୀ ଏବେ ତୋ କଥାରେ ମୋର ଶହେରୁ ଶହେ ଆସିଲା ବିଶ୍ୱାସ କରିବେନି କେହି କେବେ ଦୁଃସାହସ ।

ଏବେ ବାପଧନ ଘରକୁ ଯା । ପୋଲିସ ଉପରେ ଭରଷା ରଖି ଘରକୁ ନିଶ୍ଚୟ ତୋର ଫେରିବ ଭାରିଯା । ମନେ ମନେ ଭାବି କୁମ୍ଭୀର କାନ୍ଦଣା ବନ୍ଦକରି କହିଲି ଭରଷା ଅଛି ବୋଲି ତ ସାର ଥାନାକୁ ଆସିଛି ମୁଁ ଧାଇଁ । ଅପହରଣକାରୀଙ୍କ ଧମକ ମୁତାବକ ପୋଲିସକୁ ଜଣାଇଦେଲି ମାନେ ଶ୍ରୀମତୀ ଆଉ ଫେରିବାର ପ୍ରଶ୍ନ ଉଠୁନାହିଁ । ସକାଳୁ ସକାଳୁ ଯେବେ ଘରକୁ ଫେରିଲି ୱାଇଫ କିଡ଼ନାପ ବୋଲି ପୁରା କଲୋନୀ ବାସିନ୍ଦାଙ୍କୁ ଡାକି ଜଣାଇଲି । ଉପରକୁ ସମସ୍ତେ ସିନା କରୁଥିଲେ ଆହା ମୁଁ ଠିକ୍ ବୁଝି ପାରୁଥିଲି ଭିତରେ ଭିତରେ ସେମାନେ କେତେ ଖୁସି ହେଉଥିବେ ଯାହା ସମବେଦନା ଜଣେଇବାକୁ ଆସିଲେ ପଡ଼ୋଶୀ । କିଏ ଦେଲା ଜଳଖିଆ କିଏ ଦେଲା ଚାହା କିଏ କହିଲା ଆହାଃ ଉପରକୁ ଦୁଃଖି ସିନା କିନ୍ତୁ ଏମିତିକା ସେବା ପାଇଁ ଆନନ୍ଦ ମୋ କହିଲେ ନସରେ । ମହାନ୍ତିବାବୁଙ୍କ ମିସେସ ଦେଇଥିବା ଖାସିମାଂସ ତରକାରୀ ସହ ନ ତିଅଣ ଛ ଭଜା ମଧ୍ୟାହ୍ନ ଭୋଜନ ସାରି ଦି ପହରେ ଶୋଇଲି ମୁଁ ମହା ଆନନ୍ଦରେ । କବାଟରେ ଠକ୍ ଠକ୍ ଶବ୍ଦରେ ଭାଂଗିଗଲା ସ୍ୱପ୍ନର ନିଦଟା ଘଣ୍ଟାକୁ ଚାହିଁ ଦେଖିଲି ବାଜିଛି ରାତି ଏଗାରଟା । ମନେ ମନେ ଭାବିଲି ଏତେ ରାତିରେ କିଏ ଡାକିବ କାହିଁକି ? ବୋଧହୁଏ ସାହୁ ବାବୁଙ୍କ ୱାଇଫ୍ ଆସିଥିବେ

ଡିନର ନେଇକି । ଅତି ଉତ୍ସାହିତ ହୋଇଯାଇ ଖୋଲିଲି କବାଟ । ପାଦତଳୁ ମୋର ଖସିଗଲା ମାଟି । ସାମ୍ନାରେ ଆଉ କେହି ନୁହେଁ, ଠିଆ ହୋଇଥିଲେ ମୋର ଖୋଦ ଦେଢ଼ କ୍ୱିଣ୍ଟାଲର ଶ୍ରୀମତୀ । ରାଗରେ ସେ କହୁଥିଲେ ଓ କରୁଥିଲେ ଦାନ୍ତ କଡ଼ମଡ଼ ମୋର ଏଣେ ହେଉଥିଲା ଛାତି ଧଡ଼୍ ଧଡ଼୍ । ଅଠାମାରି ଯାଉଥିଲା ପାଟି ତଥାପି ସାହାସ କରି ପଚାରିଲି କିଏ କିପରି ଅପହରଣକାରୀଙ୍କ କବଳରୁ ଖସିଲ କେମିତି ? ଘରଣୀ କହିଲେ ମୋତେ କିଏ ଟେକି ନେବ ? ଅଛି କାର ଯୁ ମୋ ଅପହରଣର ପ୍ଲାନ ନିଜେ କରିଥିଲି ମୁଁ । ତମେ ମୋତେ ଭଲ ପାଅ କେତେ ପରୀକ୍ଷା କରିବି ବୋଲି କବାଟରେ ଚିଠିଟି ଲଗେଇ ଶିଡ଼ିଘରେ ଯାଇ ଲୁଚିଅଛି ।

ଭାବିଥିଲି ମୋ ଅପହରଣ କଥାଶୁଣି ତୁମେ ବହୁତ କାନ୍ଦିବ, ମୋତେ ଉଦ୍ଧାର କରିବା ପାଇଁ କଲୋନୀ ପଡ଼ିଶା ଲୋକଙ୍କୁ ଯାଇ ଉଧାର ମାଗିବି । ତୁମେ କିନ୍ତୁ ଏତିକି ସିଆଣା ମୁଁ ଆଉ ନ ଫେରେ ବୋଲି ଧାଇଁଚାଲ ଥାନାକୁ ମୁଁ ଏଣେ ଭୋକରେ ବସିଛି ଆଉ ତୁମେ ଘୁଂଘୁଡ଼ି ମାରୁଛ ଖାଇ ପଡ଼ିଶାଘରର ଖାନା ।

ଏତିକି କହି ଶ୍ରୀମତୀ ଝଡ଼ଭଳି ଘରକୁ ପଶିଲେ । ଫନି, ହୁଡ୍‌ହୁଡ୍ ଭଳି ଭୀଷଣ ବର୍ଷିଲେ, ଫନି ଆସି ଯିବା ପରେ ଉପକୂଳ ଅବସ୍ଥା ଯେପରି ମୋର ବି ଅବସ୍ଥା ଏବେ ଠିକ୍ ସେହିପରି ।

ଚାଉଳିଆଗଞ୍ଜ, କଟକ ।

## ପରିବେଶ ସଚେତନତା

– ସୁରେଶ ଚନ୍ଦ୍ର ପାଢ଼ୀ

ଏ କଥାଟି ଦୁଇଟି କୋମଳ ଶିଶୁଙ୍କୁ ନେଇ ହୋଇଛି । ସେ ଦିନ ରବିବାର ଥାଏ । କୁନା ମୁନା ଘରକୁ ଖେଳିବାକୁ ଯାଇଥିଲା । ସେତେବେଳେ ତା ଜେଜେ ତାକୁ ଏକ ଗଳ୍ପ ଶୁଣାଉଥିଲେ । କହିଲେ ଆମ ପରିବେଶକୁ ଆମେ ସ୍ୱଚ୍ଛ ସୁନ୍ଦର କରିବା । କେବେ ତାହାକୁ ପ୍ରଦୂଷିତ କରିବାନାହିଁ । ସେ କଥା କୁନା ଓ ମୁନା ଶୁଣିଲେ । ଦିନେ ସେମାନେ ଏକ ସମୁଦ୍ର କୂଳକୁ ବୁଲିବାକୁ ଗଲେ । ଦେଖିଲେ ବୁଲି ବୁଲି ବହୁତ ମଜା ବି କଲେ । ଦିନସାରା ସମୁଦ୍ର କୂଳରେ ରହିଲେ । ବାଲିଘର ତୋଳିଲେ । ଢ଼େଉରେ ଖେଳିଲେ । ସମୟ କୁଆଡ଼େ ବିତିଗଲା କିଛି ଜଣାଗଲାନାହିଁ । ସେମାନେ ଦେଖିଲେ ଆସୁଥିବା ଲୋକମାନେ ବିଭିନ୍ନ ଜିନିଷ ଖାଇ ଏଠି ସେଠି ଫିଙ୍ଗି ଚାଲିଯାଉଛନ୍ତି । କିଛି ଲୋକ ଫଟୋ ଉଠାଇ ମଜା ନେଉଥାନ୍ତି । ପୁଣି କିଛି ଲୋକ ବେଳାଭୂମିରେ ବସି ବସି ସମୟ କାଟୁଛନ୍ତି । କିନ୍ତୁ କାହାର ନଜର ନାହିଁ ବେଳାଭୂମି କେତେ ଅସନା ହୋଇ ରହିଛି । ପରିବେଶକୁ ନେଇ କେହି ସଚେତନ ନାହାନ୍ତି । ସେତେବେଳେ କୁନା ଓ ମୁନା ବେଳାଭୂମିରେ ପଡ଼ିଥିବା କାଗଜ, ଜରି, ପଇଡ଼ ଆଦି ସବୁ ଏକାଠି କରି ଦୂର ଜାଗାରେ ଫୋପାଡ଼ି ଆସିଲେ । କୁନା ଓ ମୁନାକୁ ଦେଖି କିଛି ଯୁବକ ତାଙ୍କୁ ସହଯୋଗ କଲେ ସମୁଦ୍ରକୂଳ କିଛି ସମୟ ମଧ୍ୟରେ ସଫା ହୋଇଗଲା । ସେମାନେ ଘରକୁ ଆସି ଜେଜେଙ୍କୁ କହିଲେ । ଜେଜେ ତାଙ୍କ ଦୁହିଁଙ୍କ ଖୁସିରେ କୋଳାଇ ନେଲେ । କହିଲେ ଶୁଣି ପିଲେ ଆମ ପରିବେଶ କହିଲେ ଜଙ୍ଗଲ, ପଡ଼ିଆ ଓ ଆମ ଚାରିପଟେ ଥିବା ସ୍ଥାନକୁ ବୁଝାଏ । ତେଣୁ ଆମେ ନିଜେ ସଚେତନ ହେବା ଓ ସଭିଙ୍କୁ ପରିବେଶକୁ ସୁନ୍ଦର କରିବାକୁ ପରାମର୍ଶ ଦେବା ଉଚିତ ।

ବୁଗୁଡ଼ା ଗଞ୍ଜାମ ।

# ମାଟି କୁଡ଼ିଆ

– ଶ୍ରୀ ସରୋଜ କୁମାର ଓଝା

ଅତି ନିପଟ ମଫସଲ ଅଞ୍ଚଳ ଗାଁଟିଏ । ଗମନାଗମନର ସେତେ ଉନ୍ନତି ନୁହେଁ । ଅବଶ୍ୟ ବର୍ତ୍ତମାନ ସେ ସମସ୍ୟା ଆଉ ନାହିଁ । ସେଇ ଗାଁର ଏକ ଛୋଟ ପରିବାରଟିଏ । ପୁଅ କୁଶ ଓ ଝିଅ ବାସ, ପିତା ମାତା ଏପରି ନେଇ ସଂସାର । ସେହିପରି ସର୍ବପ୍ରଥମ ଗାଁର ଅନତି ଦୂରରେ ହଜାର ହଜାର ଏକର ଚାଷଜମିର ମଧ୍ୟବର୍ତ୍ତୀ ଏକ ଖୋଲା ଉଚ୍ଚ ସ୍ଥାନରେ ମାଟିକାନ୍ଥ ଓ ଚାଳଛପର ଘରେ ରହୁଥିଲେ । ଯାତାୟତର ଅସୁବିଧା ହେତୁ ନିଜର ଭିଟାମାଟି ସ୍ଥାନକୁ ଆସି ଗାଁରେ ବସତି ସ୍ଥାପନ କଲେ । ମାତା ଜାନକୀ ଘରର ଯାବତୀୟ ଧନ୍ଦା ସାଂଗକୁ ଗୋରୁଗାଈଙ୍କର ସେବାରେ ନିଜକୁ ସନ୍ତୁଷ୍ଟ ମନେ କରେ । ବାପା ବ୍ରଜସୁନ୍ଦର ଚାଷକାମ ସହ ବାଡ଼ିବଗିଚାରେ କାମ ସାଂଗକୁ ଏକ ଛୋଟ ପାନ ଦୋକାନରେ ପରିବାରର ପେଟ ପୋଷନ୍ତି । ପୁଅଝିଅଙ୍କର ପାଠ ପଢ଼ା ସେଇ ଗାଁରେ ଥିବା ପ୍ରାଥମିକ ଓ ମଧ୍ୟଇଂରାଜୀ ବିଦ୍ୟାଳୟରେ ସମାପ୍ତ ହୁଏ । କନ୍ୟାର ବିଭାଘର ସାରି ନିଶ୍ଚିନ୍ତ ହୋଇଗଲେ ପିତା ବ୍ରଜସୁନ୍ଦର । ଘରର ମୁରବୀ ଦୃଷ୍ଟିରୁ କନ୍ୟା ବିଭାଘର ସହିତ ପୁତ୍ରର ବିଭାଘର ମଧ୍ୟ ସାରିଦେଲେ । ପୁତ୍ରବଧୂ ସହ ଖୁସିରେ ଦମ୍ପତ୍ତି କାଳାତିପାତ କଲେ । ପୁଅ କୁଶ ମଧ୍ୟ ସହରକୁ ଯାଇ ଦୁଇ ପଇସା ରୋଜଗାର କରି ଘରକୁ ପଠାଇଲା । ଧୀରେ ଧୀରେ ପୁଅର ରୋଜଗାର ଆହୁରି ବଢ଼ିବାକୁ ଲାଗିଲା । ବାପା ବ୍ରଜସୁନ୍ଦର ପୁତ୍ରର ରୋଜଗାର ଦେଖି ନିଜକୁ କଠିନ ପରିଶ୍ରମ ଠାରୁ ଦୂରେଇ ରଖିଲେ ।

ପୁଅ ରୋଜଗାରରେ ଘରର ଚଳଣିରେ ଅନେକ ପରିବର୍ତ୍ତନ ଆସିଲା ଏବଂ ସୁନ୍ଦର ପକ୍କାଘରଟିଏ ମଧ୍ୟ ବନାଇଦେଲେ । ବାପା ପାନଦୋକାନ କାରବାରକୁ ବନ୍ଦ କରିଦେଲେ । ବାଡ଼ିଘରର କାମରେ ମନଯୋଗ ଆଣି ଶାନ୍ତିରେ ଜୀବନ ବିତାଇବାକୁ ଶ୍ରେୟ ମଣିଲେ । ଭାବିଲେ ବୟସ ଅଧିକ ହେଲାଣି ଅତ୍ୟନ୍ତ ଏ ବୟସରେ ବାକି ଜୀବନ ଶାନ୍ତିରେ କଟିଯାଉ ।

ଦିନେ ହଠାତ ଘରଭିତରୁ ଖଡ଼ଖାଡ଼୍ ଧଡ଼ଧାଡ଼୍ ଯୋରରେ ଆବାଜ ଶୁଭିଲା । କଣ ହେଲା ଜାଣିବାକୁ ବ୍ରଜସୁନ୍ଦର ଘର ଭିତରକୁ ପଶିଯାଆନ୍ତେ ପୁତ୍ରବଧୂର ଆଖିଦୁଇଟି ଲାଲ ମୁହଁରେ ରାଗ ଜଳଜଳର ଇଶାରା ଥତମତ ଚାହାଣୀ । ଆରମ୍ଭ ହୋଇଯାଇଛି ବୋହୂର ଅତ୍ୟାଚାର । ମନ ଭିତରେ ପଶୁତ୍ୱର ଭାବ ଉଙ୍କି ମାରିଛି । ହଠାତ ଏଭଳି ପରିବର୍ତ୍ତନର କାରଣ କ'ଣ ? ବୋହୂର ମନମୁଖୀ ଶାସନ ଦିନକୁ ଦିନ ତୀବ୍ର ହେବାରେ ଲାଗିଲା । ବେଖାତିର ସାଙ୍ଗକୁ ଦମନ ଆହୁରି କଷ୍ଟଦାୟକ ହେଲା । ଖାଦ୍ୟପେୟରେ ଅବହେଳିତ । ଶରୀର ଦୁର୍ବଳ ସାଂଗକୁ ବ୍ରଜସୁନ୍ଦରଙ୍କ ମାନସିକ ଯନ୍ତ୍ରଣା ଅସହ୍ୟ ହେଲା । ମାତାପିତା ଉପାୟଶୂନ୍ୟ ହୋଇପଡ଼ିଲେ । ବ୍ରଜସୁନ୍ଦର ଓ ପତ୍ନୀ ଦୁଃଖରେ ଭାଙ୍ଗିପଡ଼ିଲେ । ହଠାତ ଏ ସୁଖର ସଂସାରରେ ଏଭଳି ହେବା ଭାବିଭାବି ରୋଗଗ୍ରସ୍ତରେ ପଡ଼ି ବ୍ରଜସୁନ୍ଦର ପରଲୋକ ଗମନ କଲେ । ସ୍ତ୍ରୀ ଜାନକୀଙ୍କ ମୁଣ୍ଡରେ ବଜ୍ର ପଡ଼ିଲା । ନିଜକୁ ଅସହାୟ ମନେକରି ଭାବିଲେ ଏଭଳି ପରିସ୍ଥିତିରେ ଝିଅ ଘରକୁ ଚାଲିଯିବାକୁ । ମାତ୍ର, ହୃଦୟ ତାହା କରିବାକୁ ଦେଲା ନାହିଁ । ଶେଷରେ ଆତ୍ମବିଶ୍ୱାସ ଦୃଢ଼ କରି ପୂର୍ବ ବାସସ୍ଥାନ ସେହି ଉଚ୍ଚସ୍ଥାନରେ ଥିବା ପୁରୁଣା ମାଟିଘରକୁ ଜାନକୀ ବାହାରିଗଲେ । କେତେବର୍ଷ ତଳୁ ଘରଟିଏ ଥିଲା । ଏବେ ଭାଙ୍ଗିଭୁଙ୍ଗି ଯାଇଛି । ପରିଶ୍ରମ କରିବାର ଅଭ୍ୟାସ ଅଛି । ଗୋରୁଗାଈଙ୍କୁ ସାଙ୍ଗରେ ନେଇ ସେହି ଭଙ୍ଗା ମାଟି କୁଡ଼ିଆର ଅଭିମୁଖେ ବାହାରିଗଲା । କାନିରେ ଚୂଡ଼ାମୁଠେ ବାନ୍ଧିହୋଇଛି । ଭଙ୍ଗାକୁଡ଼ିଆକୁ ସଜାଡ଼ି ଲିପାପୋଛ କରି ସେହିଠାରେ ରହିଲେ ।

ସ୍ଥାନଟି ଯଥେଷ୍ଟ ଉଚ୍ଚ । ବନ୍ୟାଜଳ ମଧ୍ୟ ପ୍ରବେଶ କରିପାରେ ନାହିଁ । ସେହି ସ୍ଥାନର ଚାରିପଟେ କିଆ ବୁଦା ସାଙ୍ଗକୁ ତାଳ, ଆମ୍ବ ଓ ଖଜୁରୀ ଗଛର ସମ୍ଭାର । ଗୋଟିଏ ପାର୍ଶ୍ୱରେ ଏକ ଗଭୀର ପୋଖରୀ ଓ ଅନ୍ୟ ପାର୍ଶ୍ୱରେ ସରୁ ନଦୀଟି ବୋହିଯାଇଛି । ଚତୁପାର୍ଶ୍ୱରେ ଠାକୁରାଣୀ ଆସ୍ଥାନ ଅବସ୍ଥାନ । ଗାଁର ଚାଷୀଭାଇ ମାନେ ସେଠାରେ ଟିକିଏ ବିଶ୍ରାମ ନିଅନ୍ତି ଗଛମୂଳେ । ଆଖପାଖ ତାକୁ ଆଦରରେ ଜାନକୀ ଅପା ଡାକନ୍ତି । ସେଠିକାର ନଦୀ, ନାଳ, ବିଲ, ପାଣି, ପବନ, ଖାଲରେ ଖାପ ଖୁଆଇ ଚଳିଲା । ସମସ୍ତେ ସେଠାରୁ ଆସି ଦହି, କ୍ଷୀର, ଛେନା, ଲହୁଣୀ, ଘିଅ ଆସି ନିଅନ୍ତି । ମଝିରେ ମଝିରେ ଝିଅ ବାସ ମା'ର ଦେଖାଶୁଣା କରିବାକୁ ଚାଲିଆସେ । ଏହିଭଳି ଅନ୍ତେ ତାଙ୍କର ଶରୀର ଦୁର୍ବଳ ହୋଇପଡ଼ିଲା । ନିସାହାରାକୁ ସାହା ହେବା ପାଇଁ ପୁଅ ବୋହୂ ଆସିଲେ ନାହିଁ । ଯିବା ଆସିବା କରିବାକୁ ଆଉ ବଳ ପାଇଲାନାହିଁ । ଅନ୍ତତଃ ଖାଇପିଇ ବଂଚିବାଟା ସାର ହେଲା, ହେଲେ ଆସିବ କେଉଁଠୁ ? ନିଜ ଗାଁରୁ ପାଳିକରି ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରନ୍ତି । ଏଭଳି ଅବସ୍ଥାରେ ଝିଅ ବାସ ମାଆର ଖବର ପାଇ ଧାଇଁ ଆସିଲା । ସେପଟୁ ପୁଅ ମଧ୍ୟ ମାଆର ଅବସ୍ଥା ଶୁଣି ସହରରୁ ଛୁଟି ଆସିଲା ।

ସନ୍ଧ୍ୟା ସମୟ ଜାନକୀ ମାଆ ଖରାଖାଇଙ୍କ ପାଖରେ ଧୂପ, ଦୀପ ଦେଉଥିବା ବେଳେ ସେହିଠାରେ ଟଳି ପଡ଼ିଛନ୍ତି । ବାସ ଓ କୁଶ ଭାଇ ଭଉଣୀ ସେଠାକୁ ଯାଇ ମାଆର ଅବସ୍ଥା ଦେଖି କୋହ ସମ୍ଭାଳି ପାରିଲେନି । ଗାଆଁ ଲୋକଙ୍କୁ ଖବର ଦେବା ପରେ ସେମାନେ ଆସି ସେହିଠାରେ ଅନ୍ତିମ ସଂସ୍କାର କରିଲେ ଓ ସେହି ମାଟି କୁଡ଼ିଆରେ ତାଙ୍କର ଭସ୍ମ ରଖି ସମାଧିଟିଏ କରିଦେଲେ । କୁଡ଼ିଆର ଚର୍ତୁପାର୍ଶ୍ୱରେ ଗାଆଁ ଲୋକଙ୍କ ସହଯୋଗରେ ବାଡ଼ ଘେରାଉ କରିଦେଲେ ଓ ଦୈନିକ ସେ ମାଟି କୁଡ଼ିଆର ରକ୍ଷଣା ବେକ୍ଷଣ ଦାୟିତ୍ୱ ନିର୍ବାହ କଲେ ।

ନରେନ୍ଦ୍ରପୁର, ଭଦ୍ରକ ।

# ଭଙ୍ଗା ସାଇକେଲ ସାଥି

- ଶ୍ରୀ ସରୋଜ କୁମାର ଜେନା

ସେହିଦିନ ସୁକାନ୍ତ ଭଙ୍ଗା ସାଇକେଲକୁ ଧରି ସକାଳୁ ସକାଳୁ ବାହାରି ପଡ଼ିଥିଲା ମୁକୁନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ । ଦୁଇଦିନତଳୁ ଜାଣିବାକୁ ପାଇଥିଲା ସାମ୍ବାଦିକ ଭାଇମାନଙ୍କ ନିକଟରୁ ମୁକୁନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟିକା ଦିଆଯିବାର ଅଛି ବୋଲି । ଠିକ୍ ଘଣ୍ଟାଏ ମଧ୍ୟରେ ଯାଇ ମୁକୁନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଯାଇଥିଲା ସୁକାନ୍ତ ଆଉ ଲମ୍ବା ଧାଡ଼ି ଦେଖି ସେ ମଧ୍ୟ ଧାଡ଼ିରେ ନିଜର ଆଧାରକାର୍ଡ଼ ଧରି ଧାଡ଼ି ବାନ୍ଧି ଠିଆ ହୋଇଗଲା ଟିକା ନେବାପାଇଁ ।

କିଛିସମୟ ଅତିବାହିତ ହେବା କ୍ଷଣେ ଗୋଟିଏ ସ୍କୁଟିରେ ଏକ ବିବାହିତା ନାରୀ ଆସି ପହଂଚିଲା ଆଉ ତତକ୍ଷଣାତ୍ ଧାଡ଼ି ନ ବାନ୍ଧି ଆଗରେ ଯାଇ ଟିକା ନେବା ପାଇଁ ପହଂଚିଲା । ସେଠାରେ ଦାୟିତ୍ୱରେ ଥିବା ସେହି ମେଡ଼ିକାଲ ସାର୍‌ଙ୍କ ନିକଟରେ । ଏହା ଦେଖି ଲୋକ ବି ହାଲା ଗୁଲା କଲେ ସୁକାନ୍ତ ମଧ୍ୟ ପାଟି କରିଥିଲା । ଆଉ ଏହାପରେ ଯାଇ ସେ ସେହି ଆଗରେ ଥିବା ମହିଳା ବ୍ୟକ୍ତି ଜଣକୁ ପଚାରିବାକୁ ଗଲାକ୍ଷଣେ ସେ ତାଙ୍କ ମୁଖକୁ ଦେଖି ସ୍ତବ୍ଧ ହେଇଗଲା । ଆଉ ଚୁପ୍‌ଚାପ୍ କିଛି ନକହି ଆସି ଧାଡ଼ିରେ ଠିଆ ହୋଇଗଲା । ଏହା ଦେଖି ନିଜ ଗାଁଲୋକ କିଛି କହିଲେ ଆରେ ସୁକାନ୍ତ ତୋର କଣ ହେଲା ଯାଇଥିଲୁ ପରା କିଛି ସେହି ମହିଳା ଜଣକୁ କହିବା ପାଇଁ ଏମିତି ଚୁପ୍ ହୋଇ ପଳେଇ ଆସିଲୁ । ସେଠୁ ସୁକାନ୍ତ କହିଲା ନାଇଁ ସେ କିଛି ନାଇଁ ।

ଏପଟେ କିନ୍ତୁ ମନରେ ଅନେକ ପ୍ରଶ୍ନ ଗୁଞ୍ଜରିତ ହେଉଥାଏ ଆଉ ପରିଶେଷରେ ସୁକାନ୍ତର ପାଳି ପଡ଼ିଲା ପରେ ଟିକା ନେଇ ସାରିବା ପରେ ସେ ମେଡ଼ିକାଲର ବାହାରେ ଆସି ଗେଟ ସମ୍ମୁଖରେ ଯାହା ଶୁଣିଲା ତାକୁ ସେଦିନ ବହୁତ ମନକୁ ଯନ୍ତ୍ରଣା ଦେଇଥିଲା । ସେହି ମହିଳାବ୍ୟକ୍ତି ଜଣକ କିଛି ସେହି ସୁକାନ୍ତ ଘର ଗାଁର କିଛି ଲୋକଙ୍କୁ ପଚାରୁଥାଏ ଏହି ସୁକାନ୍ତ କଣ ଏବେ କରୁଛି । ଲୋକ କହିଲେ କଣ ଆଉ କରିବ ସେମିତି ବେକାର ହୋଇ ବୁଲୁଛି ଆଉ ଏଠି ସେଠି କଣ କିଛି ରୋଜଗାର କରୁଛି ଯାହା ଦୁଇଓଳି ଖାଇବାକୁ ନିଅଣ୍ଟ । ଏହି କଥା ସୁକାନ୍ତର କାନରେ ପଡ଼ିଲା ଏହାପରେ ସେହି ମହିଳାଜଣକ କହିଲେ ହଁ ମ ବେକାରିଆଟା ଆଉ କଣ କରିବ ବେକାର ହୋଇ ବୁଲିବନି ଆଉ କଣ ଚାକିରି ବାକିରି କରିବ ସେମିତି ଭଂଗା ସାଇକେଲ ଧରି ଖାଲି ଟହଲ ମାରି ବୁଲିବନି ଆଉ କଣ ରୋଜଗାର କରିବ ?

ଏହି କଥା ଶୁଣି ସେଦିନ ସେହିଠାରେ ମହିଳାବ୍ୟକ୍ତିଜଣକୁ ଜଳଜଳ ହୋଇ ଚାହିଁ ସେଠାରୁ ସେହି ଭଂଗା ସାଇକେଲ ଧରି ପୁନଶ୍ଚ ଘର ବାହୁଡ଼ା ହେଲା । ବାଟରେ ଆସିଲାବେଳେ ସାଇକେଲ ଧରି ଦୀର୍ଘ ପାଂଚ କିଲୋମିଟର ଆସିଲା ବେଳେ ଆଖିରୁ ଢ଼ଳଢ଼ଳ ଲୁହ ବାହାରୁଥାଏ । ବାଟରେ ଆସିଲାବେଳେ ଗାଁର କିଛି ଲୋକ କହିଲେ ଆରେ ସୁକାନ୍ତ ଏମିତି କଣ କାନ୍ଦୁଛୁ ? ଏହା ଶୁଣି ସୁକାନ୍ତ କହୁଥାଏ ନାମ ସେ କିଛି ନୁହେଁ । ଆଉ ମୋ ମନ ଟିକିଏ ଭଲନାହିଁ । ଏହା ଶୁଣିଲା ପରେ ଗାଁ ଲୋକ କହିଲେ ହଉ ଶୀଘ୍ର ଶୀଘ୍ର ଆ' ଖରାବହୁତ ହେଲାଣି । ସୁକାନ୍ତ କହିଲା ହଉ ତୁମେ ଯାଅ ମୁଁ ଯାଇ ପହଞ୍ଚିବି ।

ଏହା ପରେ ସୁକାନ୍ତ ଏକ ପୋଖରୀ ଦେଖି ଯାଇ ସେଠି ବସିଲା ଆଉ ବହୁତ ମନେ ମନେ କାନ୍ଦିଲା ଆଉ ନିଜ ବିବେକକୁ ପଚାରିଲା ଏ କଣ ଭଗବାନ, ମୋର କଣ ଭାଗ୍ୟରେ ସୁଖ ନାହିଁ । ମୁଁ ଏମିତି କେଉଁ ଦୋଷ କରିଛି, ମୁଁ କଣ ସ୍ୱାଭିମାନରେ ବଂଚିବା ଭୁଲ । ମୁଁ ତ କାହାକୁ ହାତପତେଇ ଚଳୁନି । ଯେତିକି ହେଉ ନିଜେ ରୋଜଗାର କରି ଚଳୁଛି । ଏହା ପରେ ସୁକାନ୍ତକୁ ନିଜ ବିବେକ କହିଲା ଆରେ ବୋକା ସେ ପରା ତୋତେ ଯିଏ କହିଲା ସିଏ ଦିନେ ଯିଏ ଥିଲା ତୋ ପ୍ରେମିକା ଆଜିବା ସେ ଆତ୍ମଗର୍ବି ତା କଥାକୁ ଧରି ଏମିତି କାନ୍ଦୁଛୁ । ଯିଏ ଆଜି ଗାଡ଼ି ଚଢ଼ି ବୁଲୁଛି ମନେ ମନେ ଧନୀ ପଣିଆ ଦେଖେଇ ହେଉଛି ଦିନେ ସେ ତୋତେ କିଛି ଧନ ସଂପତ୍ତି ଲୋଡ଼ା ନାହିଁ କହି ଭଲ ପାଇଥିଲା ଆଉ ଶେଷରେ ନାନା କଟୁକଥା କହି ଏକ ଉଚ୍ଚ ସଂଭ୍ରାନ୍ତ ପରିବାରରେ ବାହା ହୋଇ ଚାଲିଗଲା ଆଉ ଯିବା ପୂର୍ବରୁ ତୋତେ ତୋ ଗରିବ ପଣିଆକୁ ଧିକାର କରି ଯାଇଥିଲା । ତୁ କଣ ଜାଣିନୁ ସେ ଅନ୍ୟର ସହାୟତାରେ ସଦା ସର୍ବଦା ଆଗକୁ ବଢ଼ିଛନ୍ତି । ଆଉ ଆଜି ଦେଖୁନୁ ସେହି ବଡ଼ପଣିଆ ଦେଖେଇ ଆସି ଆଗରେ ଟିକା ନେଇ ଗଲା । ସେମାନେ ବଡ଼ ଲୋକ ତାଙ୍କ ଆଗରେ ଆମେ ସମାଜ ଆଗରେ ଛୋଟ ହୋଇପାରୁ କିନ୍ତୁ ଅସଲ କଥା ଉପର ବାଲା ସବୁ ଦେଖୁଛି । ଏହି ସମାଜ ଉପରେ ଗୋଟେ କଥା କହେ କିନ୍ତୁ ଏଠି ଅନେକ ଭିତିରି କଥା କହିଲେ ନସରେ । ହଉ ଛାଡ଼ ଏଠି ମିଛ ମାୟାର ସଂସାର କିଛି ଆଣିନେ କିଛି ବି ନେବାନି ଖାଲି ଗୋଟେ ମିଛ ପ୍ରହେଳିକା । ଏହା ଶୁଣିଲା ପରେ ସୁକାନ୍ତ କହିଲା ମନେ ମନେ ନାଇରେ ମୁଁ ଆଜି ବି ଛୋଟବେଳୁ ଏହି ଭଂଗା ସାଇକେଲ ଧରି ବୁଲୁଛି । ଯେତେବେଳେ ମାଟ୍ରିକ ପରୀକ୍ଷା ବେଳେ ବାପା କହିଥିଲେ ମାଟ୍ରିକ୍ ପାସ୍ କଲେ ସାଇକେଲଟେ ଦେବେ ତାହା ବି ହେଲାନି ନା ଯୁକ୍ତ ଦୁଇ ପାସ୍ କଲି ତାହା ପରେ ବି ମିଳିଲାନି । ଯେଉଁଠି ସାଇକେଲଟେ ହୋଇପାରିଲାନି ସେଠି ମୁଁ ଏହି ମହିଳା ଭଳି ଗାଡ଼ି ଚଢ଼ିପାରିବି । ଏହା ପରେ ବିବେକ ପୁଣି କହିଲା ଆରେ ଏବେ ବା ତୋତେ ବୁଝେଇଲି ତୁ ଗାଡ଼ି ନ ଚଢ଼ିଲେ କଣ ହେଲା ଏହି ଭଂଗା ସାଇକେଲ ତୋ ପାଇଁ ଏକ ଗାଡ଼ି ସଦୃଶ । ଏହା ପରେ ସୁକାନ୍ତ କହିଥିଲା ତୁ ଠିକ୍ କହିଛୁ ଲୋଡ଼ା ନାହିଁ ମୋର ସେହି ଧନ ସଂପତ୍ତି କିମ୍ବା ଗାଡ଼ି ଘୋଡ଼ା । ସବୁଦିନ ପାଇଁ ମୋର ଏହି ଭଂଗା ସାଇକେଲ ସୁଖଦୁଃଖର ସାଥି ହୋଇ ରହି ଆସିଛି ଆଉ ରହିଥିବ ମଧ୍ୟ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ । ଏହା ପରେ ବିବେକ କହିଲା ହଁ ହଁ ତୁ ଠିକ୍ କହିଚୁ ଭଙ୍ଗା ସାଇକେଲ ହେଉଛି ତୋର ସାଥି । ଆଉ ଏବେ ବିଳମ୍ବ କରେନା ଘର ବାହୁଡ଼ା ହୋଇଯାଆ । ଏହା ପରେ ସୁକାନ୍ତ ନିଜର ଭଂଗା ସାଇକେଲ ନିଜର ସାଥିକୁ ଧରି ଘରକୁ ଫେରିଲା ।

ବାଲିଝରୀ, ନରସିଂହପୁର, କଟକ ।

# ପ୍ରକୃତିମାତା ଆଜି ବେମାର

- ରେଣୁକା ମହାପାତ୍ର

ପ୍ରକୃତି ଆଜି ଶଯ୍ୟାଶାୟୀ । କ୍ଷୀଣ ନିଃଶ୍ୱାସ ହେଉଛି କଡ଼ ଲେଉଟାଇବାକୁ ଶକ୍ତି ନାହିଁ କିମ୍ବା ନିଜର ଭାରକୁ ସାହାରା ଦେବା ପାଇଁ ଶାଖାଟିଏ ନାହିଁ । ସବୁ ଜୀବଜନ୍ତୁ ବହୁତ ଅସ୍ତବ୍ୟସ୍ତ । ଠେକୁଆ ମାନେ ବସି ପ୍ରକୃତିର ପାଦ ଘସୁଥାନ୍ତି । ହରିଣ, ସମ୍ବର, କୁଟୁରା, ଫଳମୂଳ ଖୋଜିବା ଆଶାରେ ଚାରି ଦିଗରେ ଧାଉଁଥାନ୍ତି । ପକ୍ଷୀଗଣ ପ୍ରକୃତିରାଣୀଙ୍କୁ ତାଙ୍କ ପକ୍ଷରେ ବିଞ୍ଚୁଥାନ୍ତି । ଭାଲୁ ବସି ମୁଣ୍ଡକୁ ଆଉଁସୁଥାଏ । ତଥାପି ପ୍ରକୃତିରାଣୀ ଟିକିଏ ହେଲେ ଆଶ୍ୱସ୍ତିବୋଧ ହେଉନଥାଏ । ଦେହଟା ଗୋଟାପଣେ ଜଳାପୋଡ଼ା ହେଉଥାଏ, ସତେ କି ଶରୀର ସାରା ବିଷାକ୍ତ । ହାତୀ, ବାଘ ସମସ୍ତେ ବସି ଈଶ୍ୱରଙ୍କୁ ପ୍ରାର୍ଥନା କରୁଥାନ୍ତି । ଠିକ୍ ଏଇ ସମୟରେ ଆସିଲା ମହାବଳ ବାଘ ହତାଶ ହୋଇବସିଲା ବୁଢ଼ା ଅଶନ ଗଛର ଥୁଣ୍ଟା ଗଣ୍ଡିରେ ଢ଼େରଣା ଦେଇ । ଦୀର୍ଘଶ୍ୱାସ ଛାଡ଼ି କହିଲା ମୁନ୍ଦିଏ ପାଣି ପାଇଁ ସାରା ଜଙ୍ଗଲ ଖୋଜିବୁଲିଲି କିନ୍ତୁ ହାୟ ମତେ କୋଉଠି ହେଲେ ମିଳିଲା ନାହିଁ । ସବୁ ଗାତ, ଖାଲ, ଝରଣା, ପୋଖରୀ ଶୁଷ୍କ । ଏପଟେ ପ୍ରକୃତିମାତାଙ୍କ ତଣ୍ଟି ଶୁଖି ଯାଉଛି ।

ଶୃଗାଳଟା ଟିକିଏ ସିଆଣିଆ, ତାକୁ ଟିକେ ଔଷଧପତ୍ର ବିଷୟରେ ଜଣା । ଏଇ ବିଷମ ଦଶା ଦେଖି ଟିକେ ଅଭିମାନ ଆଉ କ୍ରୋଧ ମିଶ୍ରିତ କଣ୍ଠରେ କହିଲା ମାତା ପ୍ରଦୂଷଣ ରୋଗରେ ପ୍ରପୀଡ଼ିତ । ଏହା ଏଇ ସମୟରେ ଏକ ଭୀଷଣ ବ୍ୟାଧିର କାରଣ ଆଉ କେହି ନୁହେଁ ଆମର ଦାନରେ ପ୍ରତିପାଳିତ ମାନବ ସମାଜ । ଆମେ ଆମର ସର୍ବସ୍ୱ ତାକୁ ଦାନ କରୁଛେ କିନ୍ତୁ ଅବିବେକି ମଣିଷ ପ୍ରତିଦାନରେ ଆମର କ୍ଷତି ସାଧନ କରୁଛି । କଂକ୍ରିଟକରଣ ପିଛାରେ ଏବେ ମଣିଷ ବାଉଳା । ଦିନ ଥିଲା ଏଇ ମଣିଷ ଆମକୁ ତଥା ଏଇ ପ୍ରକୃତିମାତାଙ୍କୁ ପୂଜା କରୁଥିଲେ । ସବୁ ସାଧନା ଆଉ ଆରାଧନାର କେନ୍ଦ୍ର ମାତା ପ୍ରକୃତି ହିଁ ଥିଲେ । କହିବାକୁ ଗଲେ ମଣିଷସଭ୍ୟତାର ସୃଷ୍ଟି ହିଁ ଏଇ ପ୍ରକୃତିରୁ । କିନ୍ତୁ ଏଇ କିଛି ବର୍ଷ ହେଲା ଆଧୁନିକୀକରଣ ରୂପି ଦାନବ ମଣିଷକୁ କବଳିତ କରିନେଇଛି । ତା'ର କୁହୁକ ମାୟାର ପ୍ରଭାବରେ ମାନବ ଜଙ୍ଗଲ କାଟି ପଦା କରିଚାଲିଛି । ପଶୁ ପକ୍ଷୀଙ୍କ ଅବାଧ ଶୀକାର କରିଚାଲିଛି ଲୋଲୁପ ଜିହ୍ୱାର ସାଦ ମେଣ୍ଟାଇବା ପାଇଁ ତଥା ଚମଡ଼ା, ଶିଙ୍ଘ, ଦାନ୍ତ, ପର ପାଇଁ । ଦିନଥିଲା ଯେଉଁଠି ଘଞ୍ଚ ବନାନୀରେ ଦୂର ନିର୍ଝରିଣୀ ତଥା ପକ୍ଷୀଙ୍କ କାକଳୀରେ ମନ୍ତ୍ରମୁଗ୍ଧ ହୋଇ ମନୀଷି ମାନେ ଅରଣ୍ୟକୁ ନିଜର ସାଧନା ସ୍ଥଳ ରୂପେ ଚୟନ କରୁଥିଲେ କିନ୍ତୁ ଏବେ ସେହି ସ୍ଥାନରେ ସର୍ପପରି ପକ୍କା ସଡ଼କ ଉପରେ କାନଫଟା ଗର୍ଜନ କରି ଧୂଆଁ ଛୁଟାଇ ମଟରଗାଡ଼ି ଗଡୁଛି । ସୁଉଚ୍ଚ ଅଟ୍ଟାଳିକା ଗଢ଼ିଉଠିଛି ଓ କଲକାରଖାନା ମଧ୍ୟ ଗଢ଼ିଉଠିଛି ନଭଶ୍ଚୁମ୍ବୀ ବୃକ୍ଷ ବଦଳରେ ଫୁଲର ସୁଗନ୍ଧ ପୁଲକିତ ତଥା ଉନ୍ମାଦ କରୁଥିଲା ପାଗଳ ଭ୍ରମର ଓ ମଧୁମକ୍ଷୀକାକୁ କିନ୍ତୁ ଏବେର ବାୟୁ ପ୍ରଦୂଷିତ କଲକାରଖାନା ଓ ମଟରଗାଡ଼ିର ବିଷାକ୍ତ ଧୂଆଁରେ ପୂର୍ଣ୍ଣ ଏହା ଶାନ୍ତି ପ୍ରଦାନ କରୁ ନାହିଁ ବରଂ ଯାବତୀୟ ରୋଗ ଆଣୁଛି । ମାଟି, କଂସା ତଥା ତାମ୍ର ପାତ୍ରରେ ଖାଦ୍ୟ ଆଉ ବଢ଼ାଯାଉନି ତା' ବଦଳରେ ପ୍ଲାଷ୍ଟିକ ଥଳୀ, ପତ୍ରଠୋଲା ବଦଳରେ ଆଜି କାଗଜ କିମ୍ବା ଥର୍ମୋକୋଲ ଦନା ସେଇ ମିଠା କୋଳି ଆଉ ନାହିଁ ତା ସ୍ଥାନ ନେଇଛି ହାଇବ୍ରିଡ୍ ଫଳ ଓ ପରିବା ।

ଗଙ୍ଗା ଭଳି ପବିତ୍ର ନଦୀର ଜଳ ଆଜି ପୂତିମୟ ଗନ୍ଧରେ ପୂର୍ଣ୍ଣ । ଶୁଦ୍ଧ ପାନୀୟ ଜଳ ଆଜି ସ୍ୱପ୍ନ । ମୃତ୍ତିକା ମଧ୍ୟ ପ୍ରଦୂଷିତ ଆଉ ବନ୍ଧ୍ୟା । ବରଫରେ ସୁଶୋଭିତ ପାହାଡ଼ ସବୁ ଏବେ ତରଳି ସୁନାମୀ ଆସୁଛି । ଗ୍ଲୋବାଲ ୱାର୍ମିଙ୍ଗ ଭଳି ଭୟଙ୍କର ଦାନବ ଜନ୍ମଗ୍ରହଣ କରି ପୃଥିବୀକୁ ଅଗ୍ନିଗୋଲକରେ ପରିଣତ କରିଦେଲାଣି । ଭୂମିକମ୍ପ, ବନ୍ୟା ବାତ୍ୟା ତଥା ଯାବତୀୟ ବ୍ୟାଧି ଗ୍ରସ୍ତ ଆଜିର ପ୍ରକୃତି । ଆମ ଭଳି ମଣିଷଙ୍କ ସ୍ୱାର୍ଥୀ ଆଚରଣ ଯୋଗୁଁ ପ୍ରକୃତିମାତା ଆଜି ବେମାର ।

ଶିକ୍ଷୟତ୍ରୀ ସ.ଶି.ବି.ମ ଓଡ଼ିଆ ବିଭାଗ, ବରଗଡ଼ ।

# ଅନୁଭୂତିରୁ

– ସନ୍ତୋଷ ସାହୁ

କୌଣସି ଏକ କଲେଜ । ଦୁଇ ନବବନ୍ଧୁ ସନ୍ତୋଷ ଓ ସାଗର ଓରଫ୍ ଆର୍ତ୍ତତ୍ରାଣ ଗୋଟିଏ କକ୍ଷରେ ଅଧ୍ୟୟନରତ । କୈଶୋର ଓ ଯୁବକତ୍ୱର ଏକ ଘଡ଼ିସନ୍ଧି ମୁହୂର୍ତ୍ତ । ଦୀର୍ଘଦିନପରେ ସେମାନଙ୍କ ସାକ୍ଷାତ । ମନଗହନର ସମସ୍ତ ଆଶା, ଆଂକାକ୍ଷା, ଆବେଗ ଓ ଉତ୍କଣ୍ଠାର ଅନ୍ତ । ବିଶ୍ୱବ୍ୟାପୀ କରୋନାର କରାଳ ଗ୍ରାସରୁ ମଣିଷର ନବଜନ୍ମ । କଳାବାଦଲର ଆସ୍ତରଣ କ୍ରମଶଃ ଘୁଞ୍ଚିବାକୁ ଲାଗୁଥିଲା । ପ୍ରଥମ କ୍ଲାସର ପାଠପଢ଼ା ପରେ ମନକୁ ଲାଗିଲା ଅନଲାଇନ ଅପେକ୍ଷା ଅଫଲାଇନ ବା ସମ୍ମୁଖେ ବସି ଅଧ୍ୟୟନ କରିବାର ଅନୁଭୂତି ବେଶ ନିଆରା । ସଂପର୍କର ରଜ୍ଜୁ କ୍ରମଶଃ ଶକ୍ତ ହେବାକୁ ଲାଗିଲା । କଲେଜର ଆକର୍ଷଣୀୟ ଠାରୁ ଅଧିକ ଆକର୍ଷଣୀୟ ଥିଲା ଶିକ୍ଷାଦାନ ଶୈଳୀ ।

ଦିନକର କଥା କ୍ଲାସ ଶେଷକରି ଦୁହେଁ କିଛି ସମୟ କଲେଜ ପରିସର ବୁଲିବାକୁ ଇଚ୍ଛାକଲେ । କଲେଜକୁ ଚତୁର୍ପାର୍ଶ୍ୱରୁ ଘେରିଥିଲା ବିରାଟ ପାଚେରୀ । ପାଚେରୀ ପାଖରେ ବିବିଧତାଭରା ବୃକ୍ଷରାଶି ସୂତାପରି ପନ୍ଥକୁ ପନ୍ଥ ଲମ୍ବି ଯାଇଥିଲା । କଅଁଳିଆ ପବନ ସାଂଗକୁ ଛାଇର ଆଶ୍ରୟ ପାଇବା ଆଶାରେ ବାହାରିଲୁ । କିଛିଦୂର ଗଲା ଏକ ଅକୁହା ଦୃଶ୍ୟ ଆମ ଆଖିସାମନାକୁ ଆସିଲା । ସାଗର ମୋ ଆଗେ ଆଗେ ଚାଲୁଥାଏ ମୁଁ ପଛେ ପଛେ । ହଠାତ ରହି ମୋ ଆଡ଼କୁ ବୁଲିବା ଦେଖି ପଚାରିଲି ଆରେ ସାଂଗ କଣ ହେଲା ? ଯାହା ଦେଖିଲି ଆଖିକି ବିଶ୍ୱାସ ହେଉନି । ଆଗକୁ ଯିବାର ସବୁ ରାସ୍ତା ଅଦୃଶ୍ୟ ହେବାକୁ ଲାଗିଲା । ଏକ ନିଶ୍ୱାସରେ ସେଠାରୁ ଫେରିଆସିଲୁ ସ୍ୱସ୍ଥାନକୁ । କଲେଜ ବେଲ ବାଜିଲା । ଅନ୍ୟମନସ୍କ ଭାବେ ଫେରିଲି ଘରକୁ । ଆସିବାବାଟରେ ସେହି ଦୃଶ୍ୟ ମୋ ମାନସପଟ୍ଟରେ ବାରମ୍ବାର ଉଙ୍କି ମାରୁଥାଏ । ହଜାର ହଜାର ପ୍ରଶ୍ନ ମୋ ଚକ୍ଷୁସାମ୍ନାରେ । ହାବଭାବ ପୂର୍ବାପେକ୍ଷା ଟିକିଏ ବଦଳି ଯାଇଥିଲା । ଖାଇବାପରେ ପାଠପଢ଼ା ରୁମକୁ ପ୍ରବେଶକଲି । ପୁନଶ୍ଚ ସେହି ଦୃଶ୍ୟ । ଆନ୍ଦୋଳିତ କଲା ଦୀର୍ଘଦିନଯାଏ । ଖାତା କଲମ ଧରି ଲେଖିବାକୁ ପ୍ରୟାସ କଲାବେଳକୁ ହଠାତ ମାନସ ପଟ୍ଟରୁ ଆସିଲା ଏକ ଅଦ୍ଭୁତ ପ୍ରଶ୍ନ ? ବାପା ବୋଉଙ୍କ ସ୍ୱପ୍ନ ସଜଫୁଟା ଫୁଲ ଉପରେ ବୁଲଡୋଜରର ଗତି ସବୁକୁ ପେସି ଦଉଛି । ସେହି ଘଟଣାପରେ ମୁଁ ଆଉ ସେହିପଥେ ଯାଇନାହିଁ କିମ୍ବା ଯିବାର ପ୍ରୟାସ ମଧ୍ୟ କରିନାହିଁ । ସମୟ ପାଇଲେ ଲାଇବ୍ରେରୀ ଯାଇ କିଛି ବହି ପଢ଼ିବା ଅଭ୍ୟାସ ହୋଇଗଲା । ଘଟଣା ମୋତେ ସଚେତନ କରିଗଲା । କ୍ରମଶଃ.....

# ଉପକାରୀ ତୁଳସୀ

- ରାଜୀବ ଲୋଚନ ପାଣିଗ୍ରାହୀ

ଏ ବିଶ୍ୱରେ ପ୍ରତ୍ୟେକ ବୃକ୍ଷଲତା, ଗୁଳ୍ମ, ତୃଣ, ଜୀବଯନ୍ତୁ, ମାଟି ଇତ୍ୟାଦିର ଔଷଧୀୟ ଗୁଣ ରହିଛି ଯାହା ମନୁଷ୍ୟକୁ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଆବଶ୍ୟକ । ସେଥିମଧ୍ୟରୁ ଛୋଟିଆ ତୃଣ ଜାତୀୟ ଗଛଟିଏ ତୁଳସୀ । ତୁଳସୀ ଏମିତିକା ଏକ ଗଛ ଯେ ଦିନର ପ୍ରତି ମୁହୂର୍ତ୍ତରେ ଆମକୁ ବା ବାୟୁମଣ୍ଡଳକୁ ଅମ୍ଳଜାନ ଦିଏ ଓ ଅଙ୍ଗାରକାମ୍ଳ ନିଏ । ଏଣୁ ଏହି ଗଛଟିକୁ ଘର ସାମ୍ନାରେ ଓ ବାଡ଼ିରେ ରଖି ପୂଜା କରାଯାଏ । ପୂର୍ବରୁ ସକାଳୁ ଉଠିଲେ ଘରର ମା ଭଉଣୀ ବା ସ୍ତ୍ରୀଲୋକମାନେ ତୁଳସୀ ଚଉରାମୂଳେ ଗୋବର ଲିପି ପୂଜା କରୁଥିଲା । ଯାହାର ଶକ୍ତିରେ କୌଣସି ଅନିଷ୍ଟକାରୀ ଶକ୍ତି ଘର ଭିତରକୁ ପ୍ରବେଶ କରିପାରିବେ ନାହିଁ । ଏଥିରୁ ଯେଉଁ ବାଷ୍ପ ବାହାରେ ତାହା ବିଷାକ୍ତ ଜୀବଜନ୍ତୁ, କୀଟକୁ ଅସୁବିଧାରେ ପକାଏ । ତେଣୁ ମାଙ୍ଗଳିକ କାର୍ଯ୍ୟରେ ପ୍ରଥମେ ଜଳ ତୁଳସୀ କାର୍ଯ୍ୟସ୍ଥଳରେ ରଖି ଉଦକ ପାତ୍ରଂ, ଗୋମୟଂ ଶ୍ଳୋକ ପଢ଼ାଯାଏ । ଦେଶୀ ତୁଳସୀ ପତ୍ର, ଗାଇଗୋବର ରଖାଯାଏ ଓ ଗୋବର ପାଣି ଶିଞ୍ଚନ କରାଯାଏ । ଏହା ଦ୍ୱାରା କୌଣସି ଅନିଷ୍ଟ ଶକ୍ତି ବା କୀଟ ଆସି ଯାଇଥିଲେ ସେଠାରୁ ଚାଲିଯିବେ । ତୁଳସୀ ବ୍ରହ୍ମଚର୍ଯ୍ୟର ଏକ ଅମୋଘ ଅସ୍ତ୍ର । ବିଧବା ମହିଳା, ସନ୍ନ୍ୟାସୀ ଓ ବୈଷ୍ଣବ ଧର୍ମାବଲମ୍ବୀମାନେ ସକାଳୁ ନିତ୍ୟକର୍ମ ସାରି ଜଳତୁଳସୀ ସେବନ କରନ୍ତି ।

ତୁଳସୀ ଏମିତି ଏକ ଔଷଧ ଯାହାଦ୍ୱାରା ତାମସିକ ଗୁଣକୁ କମାଇବା, ମନ ମସ୍ତିଷ୍କକୁ ସ୍ଥିର ରଖିବା, ପେଟରୋଗ ଓ ସଂକ୍ରମଣ ଜନିତ ରୋଗକୁ ଶରୀରରେ ପ୍ରବେଶ ନ କରାଇବା, ସନ୍ତୁଳିତ କରିବା ଓ ହଟାଇବାରେ ସାହାଯ୍ୟ କରେ । ଏମିତିକି ବିଷାକ୍ତ ଜୀବ କାମୁଡ଼ାରେ ମଧ୍ୟ ତୁଳସୀ ଔଷଧ ରୂପେ ଲାଭଦାୟୀ ଅଟେ । ଭଗବାନ ବିଷ୍ଣୁଙ୍କ ପ୍ରିୟ ତୁଳସୀ । ପୁରାଣ ପୃଷ୍ଠକୁ ପାଠ କଲେ ଜଣାଯାଏ ଯେ ବିଷ୍ଣୁ ତୁଳସୀଙ୍କୁ ଏକ ପବିତ୍ର ଗଛରୂପେ ଘରେ ଘରେ ପୂଜା ପାଇବା ସହ ପ୍ରତିଦିନ ଅଙ୍ଗଲାଗୀ ହେବ । ଏଣୁ ଓଡ଼ିଆ ଘରର ମା'ମାନେ ତୁଳସୀ ମୂଳରେ ପୂଜା କଲାବେଳେ ବୋଲନ୍ତି -

ମାଗୋ ତୁଳସୀ ଦେବୀ
ଅଟୁ ଶ୍ରୀକୃଷ୍ଣଙ୍କ ପ୍ରାଣୀ ବଲ୍ଲବୀ
ପ୍ରଭାତୁ ଉଠିଣ ତୋ ମୁଖ ଚାହିଁଣ
ସନ୍ଧ୍ୟାକାଳେ ସନ୍ଧ୍ୟାଦେଇ
ଓଦା ବସ୍ତ୍ର ପିନ୍ଧି ତୋ ପଦ ସେବିଲେ
ବୈକୁଣ୍ଠ ଲଭିବା ପାଇଁ ।
ଚାରି ଯୁଗେ ଚାରି ତପି ବସିଛନ୍ତି
ମଧ୍ୟେ ବସେ ବସୁନ୍ଧରା
ଚାରିପାଶେ ଚାରି ଚାମର ଢ଼ାଳନ୍ତି
ରୁକ୍ମଣୀ ଲିପେ ଚଉରା

ସତ୍ୟଯୁଗେ ତୋର ସତ୍ୟବତୀ ନାମ
ତ୍ରେତା ଯୁଗରେ ମାଳତୀ
ଦ୍ୱାପର ଯୁଗରେ ନାମ ଯେ ତ୍ରିପୁରା
କଳିଯୁଗେ ବୃନ୍ଦାବତୀ

ପ୍ରତ୍ୟହ ତୁଳସୀ ସେବନ କଲେ ରଜ ଓ ବୀର୍ଯ୍ୟ ପୁଷ୍ଟ ହୋଇ ଅପୁତ୍ରିକ ପୁତ୍ର ପ୍ରାପ୍ତ ହୁଏ । ତୁଳସୀ ଗଛରୁ ପ୍ରାଣ ଚାଲିଗଲେ ତାହାର କାଷ୍ଠକୁ ବେକରେ ମାଳା କଲେ ଓ ମନ୍ତ୍ର ବୋଲିଲା ବେଳେ ମାଳା ଗଡ଼ାଇଲେ ଦେହର ଓ ଅଙ୍ଗୁଷ୍ଠିର ସଂସ୍ପର୍ଶରେ ଆସି ଔଷଧୀୟ ଗୁଣ ଜାତ ହୁଏ । ଏଣୁ ତୁଳସୀ ପୂଜା ବେଳେ ଓଡ଼ିଆ ଘରଣୀ ବୋଲନ୍ତି-

ତୁଳସୀର ମାଳ ତୁଳସୀର ଚୂଳ
ତୁଳସୀ ଭୂଷଣ ହୋଇ
ତୁଳସୀ ମୂଳରେ ଲୟ ଲଗାଇଲେ
ନୀଳଚକ୍ର ଦିଶୁଥାଏ ।
ମୂଳେ ତୋର ଗଂଗା
ଡାଳେ ତୋର ବିଷ୍ଣୁ
ପତ୍ରେ ଦେବତାଙ୍କ ବାସ
ତୋ ପତ୍ର ପଡ଼ିଲେ ମଣୋହୀ ହୁଅଇ
କହଇ ଗୋଲେଖ ଦାସ ।

ତୁଳସୀ ମୂଳେ ଉତ୍ସର୍ଗର ଭାବ ଜାଗ୍ରତ ହୋଇ ପୁରାଣରେ ଲେଖାଅଛି

- ତୁଳସୀ ମୂଳେ ଦେଲି ଜାଗର
ତୁଳସୀ ବୋଇଲେ ମାଗେ ବର
ମାଗିଲି ବର
କାନକୁ ସୁନା ପେଡ଼ିକି କନା
ବାର ବରଷର ଧାନ ପୁରୁଣା
କାଖେ ପୁଅ ପଣତେ ଶୁଅ
ଜୀବନ ଯାକ ଅହ୍ୟ ହୁଅ
ମରିଗଲେ ବୈକୁଣ୍ଠେ ନିଅ ।

ଏହିଭଳି ଅନେକ କଥା ପୁରାଣରେ ଓଡ଼ିଆ ଲୋକକଥା, ଢ଼ଗଢ଼ମାଳିରେ ବର୍ଣ୍ଣିତ ଅଛି ଯାହା ପୂର୍ବଜମାନେ ମାନି ପରିବାର ଓ ସମାଜରେ ଶୃଙ୍ଖଳିତ ଜୀବନ ଯାପନ କରିଥିଲେ ।

ଆସ୍କା ଗଞ୍ଜାମ ।

# ସାଧୀନତା ବନାମ୍ ବ୍ୟକ୍ତିଚେତନା

– ପ୍ରଫେସର ଡକ୍ଟର ନୃସିଂହ ଷଡ଼ଙ୍ଗୀ

ଗୋଟିଏ ବୃହତ୍ତର ରାଷ୍ଟ୍ରିୟ ସ୍ୱାର୍ଥ-ଚେତନାରୁ ଆରମ୍ଭ ହୋଇଥିଲା ଏକ ନୂଆ କିସମର ମୁକ୍ତି ସଂଗ୍ରାମ- 'ଅହିଂସା ଆନ୍ଦୋଳନ' । ଆରମ୍ଭରୁ ବ୍ରିଟିଶ ସରକାର ହିଁ ଥିଲେ ଏଇ ଆନ୍ଦୋଳନ ପ୍ରତି ଉଦାସୀନ । ମାତ୍ର ଯେତେବେଳେ ଅହିଂସାର ସୁତୀବ୍ର ସ୍ୱର-ନିନାଦ ଗୋଟିଏ ବିଶାଳ ଜନ ଆନ୍ଦେଳନକୁ ଅତିମାତ୍ରାରେ ପ୍ରୋତ୍ସାହିତ କଲା ଓ ସବୁଠି ସ୍ୱାଧୀନତା ପାଇଁ ମାଳ ମାଳ ପଟୁଆରରେ ଭାରତର ପଲ୍ଲୀରୁ ସହର ଯାଏଁ ଶୁଣାଗଲା ସ୍ୱରାଜର ଦାବୀ ଓ ବ୍ରିଟିଶ ସରକାରଙ୍କୁ ଦେଶ ଛାଡ଼ିବାର ଆହ୍ୱାନ ସେତେବେଳେ ଗୋରା ସରକାର ହିଁ ଏ ଆନ୍ଦୋଳନର ପ୍ରଭାବକୁ ଉପଲବ୍ଧି କଲେ । ମନେ କରିଥିଲେ ହାତରେ ବାଡ଼ି ଧରି ଆନ୍ଦୋଳନକାରୀ ବଂଧୁକ ଆଗରେ ଅସ୍ତିତ୍ୱ ହଜାଇ ଦେବେ । ମାତ୍ର 'ଜାଲିଆନାୱାଲାବାଗ୍' ର ନରସଂହାର ପରେ ବ୍ରିଟିଶ୍ ସରକାରଙ୍କ ପ୍ରତି ଉନ୍ମେଷିତ ରାଷ୍ଟ୍ରୀୟ ବିଦ୍ୱେଷ ଭାରତ ଓ ଭାରତୀୟଙ୍କ ପ୍ରତି ଗୋରା ସରକାରଙ୍କ ଧାରଣା ବଦଳାଇ ଦେଲା । ଯେତେବେଳେ ଭାରତୀୟ ହିଂସା ଓ ଅହିଂସା ଉଭୟଙ୍କୁ ସାମ୍ନା କରିବାରେ ବ୍ରିଟିଶ୍ ପୋଲିସ୍ ଫୌଜଙ୍କ ବଳ ପ୍ରୟୋଗ ଅମାନବୀୟ ଆଚରଣ, ଲାଞ୍ଛନା, ନିର୍ଯ୍ୟାତନା, ଜେଲ, ଭର୍ତ୍ତି ଓ ଗୁଳି ମରା କାରବାର ମଧ୍ୟ ବିପ୍ଳବୀ ତଥା ଅହିଂସା ମାର୍ଗୀ ଭାରତୀୟଙ୍କୁ ମୁକ୍ତି ସଂଗ୍ରାମରୁ ଓହରାଇ ନେବାରେ ଅସମର୍ଥ ହେଲା- ସେତେବେଳେ ଏହି ସଂଗ୍ରାମର ଗୁରୁତ୍ୱକୁ ହ୍ରାସ କରିବା ପାଇଁ ଏକ ନୂଆ ନାରା ଦେଇଥିଲେ ସାମ୍ରାଜ୍ୟବାଦୀ ଗୋରା ଶାସକ ଯେ,- "ଭାରତୀୟମାନେ ବିଶୃଙ୍ଖଳିତ, ଆଚରଣରେ ହିଂସ୍ର ଓ ସରକାରୀ ବିରୋଧୀ କ୍ରିୟାଯୋଗରେ ଅଧିକ ଆସକ୍ତ ।" ପ୍ରକୃତ ପ୍ରସଂଗ ଥିଲା ଭିନ୍ନ । ଭାରତୀୟଙ୍କ ଦୂରଦର୍ଶୀ ଚେତନାକୁ ବୁଝିବାକୁ ଅସମର୍ଥ ଥିଲେ ଅହଂକାରୀ, ପ୍ରଭୁବାଦୀ ବ୍ରିଟିଶ ଶାସକ । ସରକାରଙ୍କ ଏଇ ହେୟତା ଓ ଅବୋଧତା ହିଁ ତାଙ୍କୁ ପରିଣତିରେ ଭାରତ ଭୂମିରୁ ଏକ ପ୍ରକାର ବହିଷ୍କୃତ ହେବାକୁ ବାଧ୍ୟ କରିଥିଲା । ମହାତ୍ମାଗାନ୍ଧୀଙ୍କ ଲଢ଼େଇର ନୂଆମନ୍ତ୍ର 'ଅହିଂସା' ହିଁ ଥିଲା ଏ କ୍ଷେତ୍ରରେ ବ୍ରିଟିଶ ସରକାରଙ୍କୁ ବଶମୂଦ କରିଦେବାର ଏକ ବାଧ୍ୟ ଅସ୍ତ୍ର । କିନ୍ତୁ ଶେଷ ପର୍ଯ୍ୟନ୍ତ ସେମାନଙ୍କ ଅହଂକାରୀ ଶାସକ- ବ୍ୟକ୍ତିସତ୍ତା ଭାରତୀୟମାନଙ୍କ ପ୍ରତି ନିହିତ ବିଦ୍ୱେଷରୁ ମୁକ୍ତ ନହେବା ଥିଲା-ସେମାନଙ୍କର ଆଉ ଏକ ଅପତିହତ ଦୁର୍ବଳତା । ଏହାରି ବିଲକ୍ଷଣତାରୁ ଦେଶ ବିଭାଜନ ହେଲା; ପରନ୍ତୁ ସ୍ୱାଧୀନତା ପରେ ବି ଭାରତୀୟ ରାଜନୀତିକ ବାତାବରଣ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚେତନା ବହୁମାତ୍ରାରେ ସନ୍ତ୍ରସ୍ତ ହେବା ସହ ଗତିଶୀଳତାରେ ବାଧାମୁକ୍ତ ରହିପାରିଲା ନାହିଁ । ସ୍ୱାଧୀନତା ପାଇବି ତା'ର ମୁଗ୍ଧକର ସ୍ୱାଦକୁ ବ୍ୟକ୍ତି ଚେତନା ଉପଭୋଗ କରିପାରିଲା ନାହିଁ । ସ୍ୱର ଉଠିଲା- "ଏଥିପାଇଁ ଦାୟୀ ଆମର ଅହିଂସା ଆନ୍ଦୋଳନ । କାରଣ ଆବଶ୍ୟକତାଠାରୁ କମ୍ ରକ୍ତପାତହୀନ ଏ ସଂଗ୍ରାମ ଥିଲା ଏକ ସହଜଲବ୍ଧ ସ୍ୱାଧୀନତା ପ୍ରାପ୍ତିର ପ୍ରମୁଖ କାରଣ । ସଶସ୍ତ୍ର ଲଢ଼େଇରୁ ଆସିନଥିଲା ଏ ସ୍ୱାଧୀନତା । ତେଣୁ ପରବର୍ତ୍ତୀ ବ୍ୟକ୍ତିଚେତନା ପୂର୍ବ ପୀଢ଼ିଙ୍କ ସଂଗ୍ରାମ । ସଂଘର୍ଷର ଭୀଷଣତାକୁ ଠିକ୍ ଭାବେ ଉପଲବ୍ଧି କରି ପାରିଲେ ନାହିଁ । ରକ୍ତପାତ କଲା ଗୋଟିଏ ଲଢୁଆ ଜାତିକୁ ମିଳିଥିବା ଏ ସ୍ୱାଧୀନତାର ପରିଭାଷା ତା' ପାଇଁ ଅନ୍ତଃଚେତନାରେ ସେପରି କିଛି ମହାର୍ଘ ଉପଲବ୍ଧି ଦେଇଥିବାର ଏକ ପ୍ରଲମ୍ବିତ ପରିଚୟ ଆଜି ତେଣୁ ପାଇବା ବିଡ଼ମ୍ବନାର ବିଷୟ ହୋଇପଡ଼ିଛି ।

ଭାରତୀୟ ମୁକ୍ତି ସଂଗ୍ରାମର ରୂପକୁ ଏକ ନୂଆଢଂଗରେ ଦେଖି ସେ ଦିନ ଭୀତିପୀଡ଼ିତ ବ୍ରିଟିଶ୍ ସରକାର ଭାରତୀୟଙ୍କୁ ବିଶୃଙ୍ଖଳିତ, କ୍ରୋଧିତ ବୋଲି ଯେଉଁ ଆଖ୍ୟା ଦେଇଥିଲେ ଆଜି ବ୍ୟକ୍ତି ଚେତନାର ଅନ୍ତଃକରଣର ବିଶ୍ଳେଷଣ ରେ ତାହା ହିଁ ଲକ୍ଷ୍ୟ କରାଯାଇଛି । ସବୁ କ୍ଷେତ୍ରରେ ଘଟଣା ଓ ଅଘଟଣର ରାଜନୀତିକରଣ ରେ ବ୍ୟକ୍ତି ଚେତନା ଯେ ଆଜି ଅଧିକ ବିଶୃଙ୍ଖଳିତ- ଏହି ମତରେ ବିରୋଧ ପାଇଁ ଆଉ ଯୁକ୍ତି ନାହିଁ । ବ୍ୟକ୍ତିର ସମାନ୍ୟତମ ଆଚରଣରେ ରାଜନୀତିର ଯେଉଁ ଚୌରାଚାରର ଆଭାସ ମିଳୁଛି ତାହାକି ଆଉ ସହଜରେ ଅତିକ୍ରମଣୀୟ ହେବାର ସମ୍ଭାବନା ଦିଶୁନାହିଁ । ସ୍ୱାଧୀନତାକୁ ସୁରକ୍ଷିତ କରିବା ପାଇଁ ରାଜତନ୍ତ୍ର ଅପେକ୍ଷା ଯେଉଁ ଲୋକତନ୍ତ୍ରକୁ ପ୍ରାଧାନ୍ୟ ଦିଆଗଲା । ତାହାର ବାସ୍ତବ ସ୍ୱାଦ ଲୋକ ଅର୍ଥରେ ଅତି ସାଧାରଣ ଲୋକ ହିଁ ପାଇଲେ ନାହିଁ । କ୍ଷମତାର ମୋହିତ ରୂପ.ଏତେ ଦୁରୂହ ଆକର୍ଷଣ ସୃଷ୍ଟି କଲା ଯାହା ବ୍ୟକ୍ତି ଚେତନା ଓ ଗଣତନ୍ତ୍ରକୁ ଆଜି ପୃଥକ୍ ପୃଥକ୍ ପରିଭାଷାରେ ହେଁ ପରିଚିତି ଦେଇଛି । ସାଧାରଣ ଜନତା ରାଜନୀତିର ଅର୍ଥ ବୁଝୁଛି କେବଳ ନିଜସ୍ୱ ସ୍ୱାର୍ଥ ଆଉ ଯେଉଁ ପକ୍ଷ ତା'ର ଏ ସ୍ୱାର୍ଥ ସାଧନରେ ଅଧିକ ପ୍ରବେଦିତ ସେ ସେଇ ଦଳର ସମର୍ଥକ । ଅନ୍ୟ କେହି ପ୍ରତିପକ୍ଷ ଯଦି ଏହା ଠାରୁ ଅଧିକ କିଛି ପ୍ରଲୋଭନ ଦେଖାଇ ପାରିଲା; ସେତେବେଳେ ପୁଣି ଥରେ ନିଷ୍ପତ୍ତିର ମଂଗମୋଡ଼ିଲା ସାଧାରଣ ଜନତା । ତେଣୁ ରାଜନୀତିକ ପ୍ରଲୋଭନ ଏକ ସୁରକ୍ଷିତ ସ୍ୱାଧୀନତାକୁ ଚିରଂଜିବୀ କରିବାରେ ଆଜି ଶଂକା ଆଣିବା ଏକ ସ୍ୱାଭାବିକ ପ୍ରସଂଗ । ସହଜ ବଂଚିବାର ରାହା ଆଜି ସର୍ବଗ୍ରାହୀ ହେଲାବେଳେ କଷ୍ଟାର୍ଜିତ ମାର୍ଗରେ ଜୀବନକୁ ସଂଚାଳନ କରିବାର ପ୍ରୟାସ ପରିତେଜ୍ୟ ହେବା ସୁରକ୍ଷିତ ଜୀବନ ବୋଧ ପାଇଁ ଆଜି ବେଶ୍ ଆହ୍ୱାନ ସୃଷ୍ଟି କରିଛି । ସେଥିପାଇଁ ସ୍ୱାଧୀନତା ଯେଉଁ ଅର୍ଥରେ

ଜନଜୀବନରେ ବିକଶିତ ହେବା କଥା ତାହା ଅଧିକ ସୁବିଧାବାଦୀ ସ୍ୱରୂପରେ ହିଁ ଆଭାସିତ ହୋଇ- ଜୀବନକୁ କ୍ରିୟାଶୀଳ କରିବା ପରିବର୍ତ୍ତେ ଅଧିକ ସ୍ୱାର୍ଥୀ ଓ ଆତ୍ମକୈନ୍ଦ୍ରିକ କରିଦେଇଛି । ସେତେବେଳେ ବ୍ରିଟିଶ୍ ସରକାର କହୁଥିଲେ ଭାରତୀୟ ମାନେ ଅଧିକ ବିଶୃଙ୍ଖଳିତ, ଏବେ ମଧ୍ୟ ଭାରତୀୟ ମାନଙ୍କ ଆତ୍ମକୈନ୍ଦ୍ରିକ ଚିନ୍ତନ ଓ ଆତ୍ମିକ ବିଜ୍ଞାପନରେ ପରିପ୍ରଚାରିତ ଜୀବନ ବୋଧ ସୂଚାଇ ଦେଉଛି ସେମାନେ ଏପରି ବିଶୃଙ୍ଖଳା ଠାରୁ ଉର୍ଦ୍ଧ୍ୱକୁ ଆପଣାକୁ ନେଇ ପାରିନାହାନ୍ତି । ଫଳରେ ରାଷ୍ଟ୍ରୀୟ ବିକାଶ ନୀତିଗତ ସ୍ୱଚ୍ଛତା ଦୃଷ୍ଟିରୁ ଓ ସମୂହ ସ୍ୱାର୍ଥ ରକ୍ଷା ଦିଗରୁ ବାଧାପ୍ରାପ୍ତ ହେବାରେ କୌଣସି ଦ୍ୱିଧା ହିଁ ରଖୁନାହଁ । ମାନସିକଦୈନ୍ୟ ଓ ଅକାରଣ ଅସହିଷ୍ଣୁତା ର ଅରାଜକତାରେ ଉଭୟ ନେତା ଓ ଜନତା ଆଜି ବେଶ୍ ପୀଡ଼ିତା ନିଜକୁ ସର୍ବମାନ୍ୟ ଓ ଗ୍ରହଣୀୟ କରିବା ପାଇଁ ଯେଉଁ ତ୍ୟାଗ ଓ ଉଦାରତା ନେତାଙ୍କ ଚେହେରା ଓ ଚରିତ୍ରର ଏକ ଏକ ଲକ୍ଷଣ ହେବା ଆବଶ୍ୟକତା ରଖୁଥିଲା, ସେତେବେଳେ ପ୍ରତିପକ୍ଷଙ୍କୁ ନତଜାନୁ କରିବା ପାଇଁ ଯେତେ ସବୁ ଅନୀତି, ଅବାଂଛିତ ଅହଂକାର, ଆସ୍ପର୍ଦ୍ଧାକୁ ଆପଣାର ବିଜୟ ମାର୍ଗର ପୁଂଜି ରୂପେ ବିବେଚନା କରୁଛନ୍ତି- ଭାରତୀୟ ଗଣତନ୍ତ୍ରର ମହାମହିମ ନେତୃବୃନ୍ଦ ଶିକ୍ଷା ପ୍ରଭାବିତ ନମନୀୟତା ବା ବ୍ୟକ୍ତିଙ୍କ ଆଚରଣରେ ଏକ ସମ୍ଭ୍ରାନ୍ତ ସାଂସ୍କୃତିକ ରୁଚିବୋଧକୁ ଝଲସାଇ ପାରୁନାହାନ୍ତି ଆମ ନେତା ମାନେ । ତେଣୁ ରାଜନୀତି ହୋଇଛି କଳେ ବଳେ କୌଶଳେ କ୍ଷମତା ହାତେଇ ଜନସେବା ନାଁରେ ଆଧିକ ଆତ୍ମସେବାର ଏକ ନିରାଧାରକୁ କୁରୁକ୍ଷେତ୍ର । ଜନତା ଏଠି ଭକୁଆ, ଖୁବ୍ ଆତ୍ମପ୍ରସାଦ ଲାଭରେ ବ୍ୟାକୁଳିତ ଆତ୍ମାଟିଏ । ତେଣୁ ସ୍ୱାଭିମାନ, ମର୍ଯ୍ୟାଦା ବୋଧରେ ସେ ଆଜି ଖୁବ୍ ପରାହତା ପରିଣତିରେ ଏକକ ରଂଗ ଅବଶୋଷ ହିଁ ବେଶ୍ ଲକ୍ଷ୍ୟଣୀୟ ହେଉଛି ଆମ ଶାସନ ତନ୍ତ୍ରରେ । ଏଠି ଥିଲା ବାଲା କି ଅସନ୍ତୋଷର ଭଉଁରୀରେ ବିବ୍ରତ, ନଥିଲା ବାଲାଟି ଅଭାବ ବୋଧର ଚକ୍ରବ୍ୟୂହରେ ପରପୋଷିତ ।

ସାଂପ୍ରତିକ ଜଟିଳ ଜୀବନବୋଧ ତେଣୁ ଉପଯୁକ୍ତ ସୁଖ, ସ୍ୱାଧୀନତାର ସ୍ୱାଦ ପାଇବାରେ ଶତ-ପ୍ରତିଶତ ସନ୍ତୁଷ୍ଟ ନୁହେଁ । ସ୍ୱାଧୀନତା ଆସିଥିଲା ଏକ ମୁକ୍ତ ପ୍ରଫୁଲ୍ଲିତ ଜୀବନର ସ୍ୱାଦ ଲୋଭ କରିବା ପାଇଁ । ଜନତାଙ୍କ ଭିତରେ କୌଣସି ବର୍ଗୀ କରଣ ନରଖି ସମାଜବାଦକୁ ବିକଶିତ କରିବାର ଲକ୍ଷ୍ୟ ଓ ଉପଲକ୍ଷ୍ୟ ଥିଲା ଆମ ସ୍ୱାଧୀନତା ର ପରିଭାଷା । ମାତ୍ର ମନେ ହୁଏ ଏପରି ଭାଷା ଏବେ ଖୁବ୍ ଜଟିଳ, ସଂକୀର୍ଣ୍ଣ ଓ ବିବାଦୀୟ ହୋଇ ପଡ଼ିଛି ଯେନତେନ ପ୍ରକାରେଣ ଅନ୍ୟକୁ ତଳିତଳାନ୍ତ କରି ଧୂଳିଚଟାଇ ଆପଣାକୁ ପ୍ରତିଷ୍ଠିତ, ସର୍ବମାନ୍ୟ ଓ ବିକଶିତ କରିବାର ସବୁପ୍ରକାର ପ୍ରଯତ୍ନ ଯେ ସ୍ୱାଧୀନତା ନୁହେଁ ବରଂ ସରଳତା ବିରୋଧରେ ଜଟିଳତାର ଏକ ଅପରାଧିକ ଷଡ଼ଯନ୍ତ୍ର- ଏହା ବୋଧ ହୁଏ ଅବୁଝା ହୋଇ ରହିଗଲାଣି ଆମ ଜନତା ଓ ବୁଦ୍ଧିଜୀବୀଙ୍କ ପାଇଁ । ଏଇ ମାନେ ହିଁ ଅସହିଷ୍ଣୁତା କି ଯୋଗୀର ବିକଳ ରୟତ, ଯେଉଁମାନଙ୍କ ଅରୁଚିରେ ବୁଦ୍ଧିମତା ଗାନ୍ଧୀଙ୍କ ପ୍ରଚୋଦିତ 'ଅହିଂସା' ମାର୍ଗରେ ତିଆରି କରିଛି ଅପ୍ରତିହତ ବିରୋଧାଚାର । ଏହା ସ୍ୱାଧୀନତା ନୁହେଁ, ସ୍ୱାଧୀନ- ମତର ପକ୍ଷ ମଧ୍ୟ ନୁହେଁ ବରଂ ଆତ୍ମସନ୍ତୁଷ୍ଟିର ନିଜସ୍ୱ ଗଣିତ; ଯାହା ଆଜି ଏକ ଶୁଦ୍ଧ ବ୍ୟକ୍ତି ଚେତନାକୁ ଦୃଶ୍ୟମାନ କରିବାରେ ବାଧକ ସାଜିଛି । ଏଠି ତେଣୁ ସ୍ୱାଧୀନତାର ମହତ୍ ଉଚ୍ଚାରଣ ବ୍ୟକ୍ତିଚେତନାର ପରିତେଜିତ୍ୟ ସ୍ୱାଭିମାନରେ ବେଶ୍ କ୍ଲିଷ୍ଟ ଓ ମହତ୍ତ୍ୱହୀନ ହୋଇପଡ଼ିଛି ଯାହାର ପରିଶୁଦ୍ଧତା ଭିନ୍ନ ଆଉ ସୁଖକର ଜୀବନର ଅନ୍ୱେଷଣ ନିଶ୍ଚିତ ଦୁରୂହ ।

ଭିଜିଟିଂ ପ୍ରଫେସର
ଷ୍ଟିଓ୍ୱାର୍ଟ ସାଇନ୍ସ କଲେଜ, କଟକ-୧

# ଶ୍ରୀମଦଭଗବତ ଗୀତା

– ମୁକ୍ତିରାଣୀ ଦେବତା

ଆମ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ସର୍ବାଗେ ମହନୀୟ ଅଟେ । ଆଧ୍ୟାତ୍ମିକ ଭାବ ଏବଂ ଧାର୍ମିକ ମନୋବୃତ୍ତି ଭାରତୀୟମାନଙ୍କର ଏକ ଅନ୍ୟତମ ବିଭବ । ମନୁଷ୍ୟର ଜୀବନକୁ ପରିମାର୍ଜିତ ଏବଂ ଶୃଙ୍ଖଳିତ କରିବା ଦିଗରେ ଶ୍ରୀମଦଭଗବତ ଗୀତା ଏକ ମୁଖ୍ୟ ଭୂମିକା ନିର୍ବାହ କରେ । ଶ୍ରୀକୃଷ୍ଣ ମୁଖନିସୃତ ବାଣୀ ଏଥିରେ ଉଲ୍ଲେଖ ରହିଛି ।

ଆଜିର ଯୁବପିଢ଼ି ପଥଭ୍ରଷ୍ଟ ଏବଂ ବିପଥଗାମୀ ସାଂପ୍ରତିକ ସମୟରେ ସମାଜରେ ଯୁବପିଢ଼ିଙ୍କ ନୈତିକ ଅଧୋପତନ ପରିଦୃଶ୍ୟ ହୋଇଛି । ସେମାନଙ୍କୁ ଉପଯୁକ୍ତ ଭାବେ ସଂସ୍କାରୀ ଏବଂ ସେମାନଙ୍କ ଉତ୍ତମ ଚରିତ୍ର ଗଠନ ଦିଗରେ ପବିତ୍ର ଆଧ୍ୟାତ୍ମିକ ଧର୍ମଗ୍ରନ୍ଥ ଗୀତା ଏକ ବିଶେଷ ଭୂମିକା ନିର୍ବାହ କରିଥାଏ । ବହୁ ଉପାଦେୟମୂଳକ ଏବଂ ସାରଗର୍ଭକଜନିତ ଲେଖନୀ ଏଥିରେ ଦର୍ଶାଯାଇଛି । ମୋହମାୟାରେ ପରିପୂର୍ଣ୍ଣ ଏଇ ସଂସାରରେ ବୈରାଗ୍ୟ ମନୋଭାବ ପୋଷଣ କରି ନିଜର ଷଡ଼ରିପୁକୁ ଦମନ କରିବା ସହିତ ଈଶ୍ୱରଙ୍କ ପାଦପଦ୍ମରେ ନିଜକୁ ସମର୍ପିଦେଲେ ଏ ଭବସାଗରରୁ ଆମେ ସଭିଏଁ ମୁକ୍ତିମାର୍ଗର ଯାତ୍ରୀ ହୋଇପାରିବା । ଏହିଭଳି ବହୁ ଉଚ୍ଚକୋଟୀର ଚିନ୍ତାଧାରା ଆମେ ଶ୍ରୀମଦଭଗବତ ଗୀତାରୁ ହିଁ ଶିଖିବାକୁ ପାଇଥାଉ । ଜୀବନ ଦର୍ଶନର ବହୁ ମୂଲ୍ୟବୋଧଭିତ୍ତିକ ସାରଗର୍ଭକ କଥାବସ୍ତୁକୁ ନେଇ ଶ୍ରୀମଦଭଗବତ ଗୀତା ସୃଷ୍ଟିଲାଭ କରିଛି ।

ଦ୍ୱାପର ଯୁଗରେ ପାଣ୍ଡବସେନା ଏବଂ କୌରବ ସେନାଙ୍କ ମଧ୍ୟରେ ହୋଇଥିବା ମହାଭାରତଯୁଦ୍ଧ ସମୟରେ ତୃତୀୟ ପାଣ୍ଡବ ଅର୍ଜୁନ ନିଜର ଆତ୍ମୀୟ ସ୍ୱଜନକୁ ସମ୍ମୁଖରେ ଦେଖି ବିଚଳିତ ହୋଇପଡ଼ି ନିଜର ଶସ୍ତ୍ର ପରିତ୍ୟାଗ କରିଥିଲେ । ନିଜର ଆତ୍ମୀୟ ସ୍ୱଜନଙ୍କୁ ନିଜ ହସ୍ତରେ ହତ୍ୟା କରିବାକୁ ପଡ଼ିବ ଜାଣି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲେ । ସେହିସମୟରେ ପ୍ରଭୁ ଶ୍ରୀକୃଷ୍ଣ ତାଙ୍କୁ ପ୍ରଦାନ କରିଥିବା ସାରମର୍ମଭିତ୍ତିକ ଅମୂଲ୍ୟ ବାଣୀ ହିଁ ଗୀତାସାରର ବିଷୟବସ୍ତୁ ଅଟେ । ଜୀବନ ଜୀଇଁବାର ପ୍ରକୃତମାର୍ଗ ଆମେ ଏଥିରୁ ଜାଣିବାକୁ ପାଇଥାଉ । ଶରୀର ତତ୍ତ୍ୱ, ଆତ୍ମା, ପରମାତ୍ମାଙ୍କ ବାବଦରେ ଅନେକ କିଛି ଧାରଣା ପାଇଥାଉ । ପ୍ରତିଦିନ ଗୀତା ଅଧ୍ୟୟନ କଲେ କାୟ ମନ ଶୁଚିମନ୍ତ ହୋଇଥାଏ । ଆତ୍ମା ପବିତ୍ର ହୋଇଉଠେ । ଜୀବନ ଜଞ୍ଜାଳରୁ ମୁକ୍ତ ହୋଇ ମନୁଷ୍ୟ ମୁକ୍ତି ପ୍ରାପ୍ତ କରିଥାଏ । ଏହିଭଳି ଏକ ଅମୂଲ୍ୟ ଗ୍ରନ୍ଥ ନିତିଦିନ ପଠନ କରିବା ସହ ଏଥିରେ ଥିବା ଅମୂଲ୍ୟ ଉପଦେଶ ସବୁକୁ ପାଳନ କରିବା ବିଧେୟ ।

ମନ୍ଦାରଖଣ୍ଡ, ଯାଜପୁର ।

# ପରୀକ୍ଷା ପ୍ରଣାଳୀରେ ସଂସ୍କାର କେତେଦୂର ଉପଯୋଗୀ... ?

– ତ୍ରିନାଥ ପଟ୍ଟନାୟକ

ସମ୍ପ୍ରତି ସମୟ ହେଉଛି କରୋନା ମହାମାରୀ ଭଳି ଏକ ସଙ୍କଟ ଏବଂ ସମ୍ଭାବନାର ସମୟ । ପ୍ରତ୍ୟେକ ଦିଗରେ ନାନାବିଧ ଶଙ୍କଟ ସୃଷ୍ଟି ହେଉଥିବା ବେଳେ ଏହାର ସମାଧାନ ପାଇଁ ଏକ ମାର୍ଗ ତଥା ପଦକ୍ଷେପ ମଧ୍ୟ ନିଆଯାଉଅଛି । ତେବେ ଏହିଭଳି ଏକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ପ୍ରାଥମିକ ପ୍ରଣାଳୀରେ ପ୍ରାଚୀନ ଗୁରୁକୁଳ ପରମ୍ପରା ଏକ ସ୍ୱତନ୍ତ୍ର ଧରଣର ଶିକ୍ଷା ଏବଂ ପରୀକ୍ଷା ଶିକ୍ଷାର୍ଥୀ ଅର୍ଜନ କରିପାରୁଥିଲେ । ଗୁରୁ ଶିକ୍ଷା ଦେଉଥିଲେ ଛାତ୍ରର ନୈତିକତା, ଆଧ୍ୟାତ୍ମିକତା ଏବଂ ବ୍ୟବହାରିକ ଦିଗକୁ ପରୀକ୍ଷା କରାଯାଇ ଶିକ୍ଷାର ମାନ ନିର୍ଦ୍ଧାରଣ କରାଯାଉଥିଲା । ପର ମୁହୂର୍ତ୍ତରେ ସଭ୍ୟତାର ବିକାଶ ଏବଂ ଅନୁଷ୍ଠାନିକ ଶିକ୍ଷାର ଗୁରୁତ୍ୱ ପରୀକ୍ଷା କରାଯାଇ ଶିକ୍ଷାର ମାନ ନିର୍ଦ୍ଧାରଣ କରାଯାଉଥିଲା । ପରୀକ୍ଷାର ମାନ ନିର୍ଦ୍ଧାରକ ଭାବରେ ବହୁ ଗୁଣିତ ହେଲା । ଏହି ପରୀକ୍ଷାର ଫଳାଫଳ ଉପରେ ଏକ ସାର୍ଟିଫିକେଟ ପ୍ରଦାନ କରାଗଲା । ସାର୍ଟିଫିକେଟ ଏବଂ ପରୀକ୍ଷଣ ଉଭୟ ଜୀବନର ମାନ ନିର୍ଦ୍ଧାରଣକୁ ବହୁ ଭାବରେ ଗୁଣିତ ହେଲା । ଏପରିକି କର୍ମ ସଂସ୍ଥାନ କ୍ଷେତ୍ରରେ ପରୀକ୍ଷାର ମାନ ନିରୂପଣ ମଧ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଅଛି । କିନ୍ତୁ ଧୀରେ ଧୀରେ ଏହାର ପ୍ରଭାବ ମନ୍ଦଦିଗକୁ ଗତି କରିବାକୁ ବସିଲା । ଯେଉଁଠି ପାଇଁ କି ବର୍ତ୍ତମାନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ଚାକିରୀ ପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାର ମାନ ନିରୂପଣ ଓ ସ୍ୱଚ୍ଛତା ନେଇ ନାନା ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଅଛି । ବିଗତ ୨୦୨୧ ମସିହାର ସରକାରଙ୍କ କରୋନା ନିର୍ଦ୍ଦେଶାବଳୀ ଯୋଗୁଁ ପରୀକ୍ଷାର ସ୍ୱଚ୍ଛତା ଠିକ୍ ଭାବରେ ନିରୂପଣ ହୋଇପାରିନଥିବା ଦୃଷ୍ଟିଗୋଚର ହୋଇଅଛି ।

ଘଟଣାକ୍ରମେ ସମସ୍ତ ବିଦ୍ୟାର୍ଥୀଙ୍କୁ ଉତ୍ତୀର୍ଣ୍ଣ କରାଇଦିଆଗଲା । ଭଲ ପାଠ ପଢୁଥିବା ତଥା ସ୍ୱାବଲମ୍ବୀ ବିଦ୍ୟାର୍ଥୀଙ୍କୁ ୭୦-୮୦% ପ୍ରତିଶତ ରାଶି ପ୍ରଦାନ କରାଯାଉଥିବା ବେଳେ ସେ ସ୍ଥାନରେ ପୁନଃ ଦୁର୍ବଳ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ମଧ୍ୟ ସେ ହାରରେ ୭୦-୮୦% ପ୍ରତିଶତ ରାଶି ପ୍ରଦାନ କରାଯିବା କଣ ପରୀକ୍ଷା ସଂସ୍କାରରେ ପରିବର୍ତ୍ତନ ନା ଆଉ କଣ ବିଶ୍ଳେଷଣର ଆବଶ୍ୟକତା ରହିଛି ? ମହାମାରୀ କରୋନାର ପ୍ରଭାବ ଗତ ଜୁନଜୁଲାଇ ମାସବେଳକୁ ଯେତେବେଳେ କମିବାକୁ ବସିଲା ସେତେବେଳେ ଯଦି ପୁନଃ ସମୁଦାୟ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ବ୍ୟବସ୍ଥାର ବ୍ୟାପକ ମୂଲ୍ୟାୟନ କରିବାକୁ ଯାଇ ସମସ୍ତ ବିଦ୍ୟାର୍ଥୀଙ୍କୁ ବାଧ୍ୟତାମୂଳକ ସୁଯୋଗ ପ୍ରଦାନ କରାଯାଇଥାନ୍ତା ତେବେ ପରୀକ୍ଷାର ସଠିକ୍ ମୂଲ୍ୟାଙ୍କନ କରାଯାଇଛି ବୋଲି ଧରି ନିଆଯାଇଥାନ୍ତା । ଫଳରେ ଅକ୍ଳାନ୍ତ ପରିଶ୍ରମକରି ମେଧା ଅର୍ଜନ କରିଥିବା ବିଦ୍ୟାର୍ଥୀ ଆଶାନୁରୂପ ସଫଳତା ପାଉନଥିବାବେଳେ ବିଭିନ୍ନ ସମୟରେ ଅସାଧୁ ଉପାୟ ଅବଲମ୍ବନ କରି ମଧ୍ୟ ଅନେକ ବିଦ୍ୟାର୍ଥୀ ଆଗଧାଡ଼ିରେ ରହୁଛନ୍ତି । ଯଦି ପରୀକ୍ଷା ପଦ୍ଧତିରେ ଉଚିତ ସଂସ୍କାର ଅଣାଯାଏ ତେବେ ଜାତୀୟ ସ୍ତରରେ ଉନ୍ନତି ଆଣିବା ସମ୍ଭବ ହୋଇପାରିବ ବୋଲି ଆକଳନ କରାଯାଉଛି । ବିଦ୍ୟାଳୟର ସ୍ତରରେ ପଂଚମ ଓ ସପ୍ତମ ଶ୍ରେଣୀରେ ବୋର୍ଡ଼ ପରୀକ୍ଷା କରାଯାଉ । +୨ ର ପ୍ରଥମ ଓ ଦ୍ୱିତୀୟ ବର୍ଷରେ ୨ଟି ପରୀକ୍ଷା ଉଚ୍ଚ ମାଧ୍ୟମିକ ପରିଷଦ ଅନୁଷ୍ଠିତ କରାନ୍ତୁ ।

ଠିକ୍ ସେହିପରି ଯଦି ଦେଖିବା ସ୍ନାତକ ସ୍ତରରେ ତିନିବର୍ଷରେ ତିନୋଟି ବିଶ୍ୱବିଦ୍ୟାଳୟ ସ୍ତରୀୟ ପରୀକ୍ଷା ଯଦି କରାଯିବ ତେବେ ଆମ ପରୀକ୍ଷା ପଦ୍ଧତିରେ ଏକ ସଂସ୍କାର ତଥା ସୁଧାର ଫେରି ଆସିବ । ପ୍ରତ୍ୟେକ ପରୀକ୍ଷାକୁ ସୁପରିଚାଳନା କରିବାକୁ ପରୀକ୍ଷା କେନ୍ଦ୍ର ଗୁଡ଼ିକର ଗଠନମୂଳକ ପ୍ରଣାଳୀ ଆପଣେଇବା ତଥା ବିଦ୍ୟାଳୟ ଏବଂ କଲେଜ ଅଧ୍ୟାପକମାନଙ୍କ ଭିନ୍ନ ଅନ୍ୟ ଅଭିଜ୍ଞସମ୍ପନ୍ନ ପରିଚାଳକଙ୍କୁ ନିଯୁକ୍ତି କରାଯାଇ ସମ୍ପାଦନା କରାଯିବାକୁ ନିଷ୍ପତ୍ତି ଯଦି ନିଆଯିବ ତେବେ ପରୀକ୍ଷା ବ୍ୟବସ୍ଥାରେ କିଛି ସଂସ୍କାର ଆସିବ ବୋଲି ଆଶା କରାଯାଉଛି ।

ଗତ କରୋନାର ବ୍ୟାପକ ପ୍ରଭାବ ଯୋଗୁଁ ରାଜ୍ୟ ସରକାର ସମସ୍ତ ସକ୍ରିୟ ଏବଂ ଦୁର୍ବଳ ବିଦ୍ୟାର୍ଥୀଙ୍କ ସଫଳତା ହାର ବରାବର ଥିଲେ । ଯଦି ଦେଖିବା ବିଗତ ବର୍ଷ ୭୦.୨୧% ରୁ ୭୪.୯୫% ରହିଥିବାବେଳେ ୨୦୨୧ ସଫଳତା ହାର କ୍ରମାନୁସାରେ ୯୪.୯୬% ରୁ ୯୫.୧୫% ଆଶାନୁରୂପ ଫଳ ରହିଥିବା ବେଳେ ଏହାର ଗୁଣବର୍ତ୍ତା ପରୀକ୍ଷା କ୍ଷେତ୍ରରେ ଉଚିତ ଫଳପ୍ରଦ ହୋଇପାରିନଥିବା ଅନୁମାନ କରାଯାଉଛି । ପରୀକ୍ଷା ପଦ୍ଧତିରେ ଯଦିଓ ସରକାରଙ୍କ ଉଚିତ ପଦକ୍ଷେପ ନେଇଅଛନ୍ତି ତେବେ ଆଗାମୀ ଦିନରେ ଏହି ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ହିଁ କୌଣସି ଆଗାମୀ ଉଚ୍ଚଶିକ୍ଷା ପ୍ରାପ୍ତି ଦିଗରେ ହେଉ ଅବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉଚିତ ଆନୁମାନିକ ସଫଳତା ହାସଲ କରିବେ ବୋଲି ଆଶା କରାଯାଇନପାରେ । କରୋନା ସ୍ଥିତି ନିୟନ୍ତ୍ରିତ ହେବାପରେ ଶିକ୍ଷା ବିଭାଗ ଯଦି ସମସ୍ତ ବିଦ୍ୟାର୍ଥୀଙ୍କୁ ପୁନଃ ପରୀକ୍ଷା ପଦ୍ଧତିରେ ସାମିଲ କରି ବିଦ୍ୟାର୍ଥୀଙ୍କୁ ଗୁଣବର୍ତ୍ତା ସଠିକ୍ ମୂଲ୍ୟାୟନ କରିପାରନ୍ତା ତେବେ ପରୀକ୍ଷା ପଦ୍ଧତିରେ ଏକ ସଂସ୍କାର ଆସିଲା ବୋଲି ଧରି ନିଆଯାଇଥାନ୍ତା, ତେବେ ତାହାବି ଦେଖା ଦେଲାନି ।

ପରୀକ୍ଷା ପଦ୍ଧତିରେ ସଂସ୍କାର ଆଣିବାକୁ ଆମ୍ଭଙ୍କୁ ବହୁ ଉପଯୋଗୀ ବିଷୟକୁ ଗୁରୁତ୍ୱ ଦେବାକୁ ପଡ଼ିବ ଯେପରିକି ପରୀକ୍ଷା କ୍ଷେତ୍ରରେ ଯେଉଁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଉଛି ତାହାକୁ ସ୍ୱତନ୍ତ୍ର ଧ୍ୟାନ ଦେଇ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ, ବ୍ୟବହାରିକ ପ୍ରଶ୍ନ ବିଷୟ ଆଧାରିତ ବୌଦ୍ଧିକ ପ୍ରଶ୍ନ ଏହିଭଳି ବିଭାଗୀକରଣ କରିବାକୁ ପଡ଼ିବ । ଦ୍ୱିତୀୟରେ ପ୍ରଶ୍ନୋତ୍ତର ଖାତା ମୂଲ୍ୟାୟନ କ୍ଷେତ୍ରରେ ଦକ୍ଷ ଅଭିଜ୍ଞ ଶିକ୍ଷକ ଏବଂ ଅଧ୍ୟାପକଙ୍କୁ ନେଇ ପରୀକ୍ଷକ ମଣ୍ଡଳୀ ସ୍ଥିର କରାଯିବା ଉଚିତ ତଥା ଖାତା ଗୁଡ଼ିକୁ ତ୍ରିସ୍ତରୀୟ ମୂଲ୍ୟାୟନ କରାଯିବା ଉଚିତ । ତୃତୀୟରେ ପରୀକ୍ଷକମାନେ କୌଣସି ମୂଲ୍ୟାୟନ କ୍ଷେତ୍ରରେ ତ୍ରୁଟି କରନ୍ତି ସେମାନଙ୍କୁ ଠିକ୍ ଆଖି ଦୃଶିଆ ପଦକ୍ଷେପ ନେବା ଉଚିତ । ଅସାଧୁ ଉପାୟ ଅବଲମ୍ବନ କରୁଥିବା ବିଦ୍ୟାର୍ଥୀଙ୍କୁ ତଥା ସେମାନଙ୍କୁ ସହାୟତା କରୁଥିବା କର୍ମଚାରୀଙ୍କୁ କଠୋର ଦଣ୍ଡବିଧାନ କରାଯିବାକୁ ବ୍ୟବସ୍ଥା କରାଯିବା ଉଚିତ । ଚତୁର୍ଥରେ ପରୀକ୍ଷାର ଫଳାଫଳ ପ୍ରତି କୋହଳ ମନୋଭାବ ପୋଷଣ ନ କରି କିପରି ବିଦ୍ୟାର୍ଥୀଙ୍କ ଜ୍ଞାନବୃଦ୍ଧି ଏବଂ ଗୁଣବତାର ବିକାଶ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ । ଆଜିକାଲି ଛତୁ ଫୁଟିଲା ପରି ଯେଉଁ କୋଚିଂ ସେଣ୍ଟର ଗୁଡ଼ିକ ସହରର ବିଭିନ୍ନ ଗଳିକନ୍ଦିରେ ଗଢ଼ି ଉଠିଛି ସେଠାକାର ଶିକ୍ଷାଦାନ ପଦ୍ଧତିକୁ ନେଇ ଏକ ଜିଲ୍ଲାସ୍ତରୀୟ ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯିବା ଉଚିତ ଏବଂ ସେଠାରେ କେତେ ଜଣ ଯୋଗ୍ୟ ଉଚ୍ଚ ଶିକ୍ଷିତ ଅଭିଜ୍ଞ ଶିକ୍ଷକ ତଥା ଅଧ୍ୟାପକ ରହିଅଛନ୍ତି ସେ ସବୁର ସଠିକ୍ ମାନଦଣ୍ଡ ନିରୂପଣ କରିବା ଉଚିତ ଏବଂ ଦେଖାଯାଉଛି ଯେ, ପ୍ରାୟ ବିଦ୍ୟାର୍ଥୀ ପରୀକ୍ଷାରେ ସର୍ବାଧିକ ମାର୍କ ହାସଲ କରିବା ଆଶାରେ ସେ ସବୁ କୋଚିଂ ସେଣ୍ଟରର ଆଶ୍ରୟ ନେଉଅଛନ୍ତି କିନ୍ତୁ ତାହା କେତେଦୂର ଯୁକ୍ତିଯୁକ୍ତ ? ପୁନଃ ଦେଖିବା ଯେଉଁ ଶିକ୍ଷାନୁଷ୍ଠାନ ତଥା କୋଚିଂ ସେଣ୍ଟର ଗୁଡ଼ିକ ପରୀକ୍ଷାଫଳ ଖରାପ ପ୍ରଦର୍ଶନ କରୁଅଛନ୍ତି ତାହାର ପ୍ରକୃତ କାରଣ ଅନୁଧ୍ୟାନ କରି ସେମାନଙ୍କୁ ଉପଯୁକ୍ତ ଶାସ୍ତି ବିଧାନ କରାଯିବାକୁ ଗୁରୁତ୍ୱ ଦେବା ଉଚିତ ।

ପରିଶେଷରେ ଯଦି ଦେଖିବା ଯେଉଁ ଶିକ୍ଷାନୁଷ୍ଠାନ ତଥା କୋଚିଂ ସେଣ୍ଟର ଗୁଡ଼ିକ ପରୀକ୍ଷାଫଳ ଖରାପ ପ୍ରଦର୍ଶନ କରୁଅଛନ୍ତି ତାହାର ପ୍ରକୃତ କାରଣ ଅନୁଧ୍ୟାନ କରି ସେମାନଙ୍କୁ କଳା ତାଲିକାଭୁକ୍ତ କରାଯାଇ ଉପଯୁକ୍ତ ଶାସ୍ତି ବିଧାନ କରାଯିବାକୁ ଗୁରୁତ୍ୱ ଦେବା ଉଚିତ । ସୁତରାଂ ଏହିସବୁ ବିଷୟ ଉପରେ ଗୁରୁତ୍ୱ ଦେଇପାରିଲେ ଆମ ପରୀକ୍ଷା ପଦ୍ଧତିରେ ନିଶ୍ଚୟ ଏକ ଉପଯୋଗୀ ସଂସ୍କାର ଆସିପାରିବ ଏଥିରେ ଦ୍ୱିମତ ନାହିଁ । ପରୀକ୍ଷା କ୍ଷେତ୍ରରେ ଯେଉଁ ସବୁ ଅସାଧୁ ଉପାୟ ବିଶୃଙ୍ଖଳା ଏବଂ ଅନିୟମିତା ଦେଖାଯାଉଛି ସେଥିପ୍ରତି ଏକ ସଂସ୍କାରର ଏକାନ୍ତ ଆବଶ୍ୟକତା ରହିଥିବା ଉଚିତ ମନେ ହେଉଅଛି ଏବଂ ପ୍ରାସଙ୍ଗିକତା ଦୃଷ୍ଟିକୋଣରୁ ଆମ ଦେଶର ବିଶିଷ୍ଟ ଶିକ୍ଷାବିତମାନେ ଏଥିପ୍ରତି ସଚେତନ ଓ ଆଦର୍ଶ ମାର୍ଗଦର୍ଶକ ସାଜି ଉଚିତ ପରାମର୍ଶ ଦେଇପାରିବା ହିଁ ହେବ ଆମ ଦେଶର ପରୀକ୍ଷା ପଦ୍ଧତିର ଏକ ଅତୀବ ଉପଯୋଗୀ ଏବଂ ମୂଲ୍ୟବାନ ସୋପାନ ହୋଇ ରହିପାରିବ ।

ଗାନ୍ଧୀନଗର, କୋରାପୁଟ ।

# ଏମିତି ବି ହୁଏ

- ଶ୍ରୀ ସତ୍ୟବ୍ରତ ସାହୁ

ସେଦିନ ଡ୍ୟୁଟି ସାରି ବାହାରିବା ବେଳକୁ ଜାଣିଥିଲି ଗାଡ଼ିରେ ପେଟ୍ରୋଲ କମ୍ ଅଛି । ରିଜର୍ଭ ପଡ଼ିଛି । କୌଣସି ଅସୁବିଧାରୁ ତେଲ ପକାଇ ପାରିନି । ଭାବିଥିଲି ଝୁମ୍ପୁରୀ ପେଟ୍ରୋଲ ପମ୍ପରେ ତେଲ ପକାଇଦେବି । ଘରେ ଗାଡ଼ିର ଆବଶ୍ୟକ ଥିବାରୁ ସାଂଗରେ ଚିତ୍ତକୁ ଡାକି ଆଣିଥିଲି । ମୋତେ ଯାଜପୁର ଟାଉନରେ ଛାଡ଼ି ସେ ଘରକୁ ଫେରିବ । ମୁଁ ମୋ ସହକର୍ମୀ ଚନ୍ଦନ ଗାଡ଼ିରେ ପଳାଇବି । ଏହିପରି କାର୍ଯ୍ୟକ୍ରମ ସ୍ଥିର କରି ଘରୁ ଚିତ୍ତ ସହିତ ବାହାରିଲି । ଛଅଟା ଭିତରେ ଟାଉନରେ ପହଞ୍ଚିବାକୁ ପଡ଼ିବ । ଝୁମ୍ପୁରୀ ପେଟ୍ରୋଲ ପମ୍ପ ପାଖରେ ପହଂଚି ଦେଖିଲୁ ପେଟ୍ରୋଲ ପମ୍ପ ଖୋଲିନାହିଁ । ତା' ସହିତ ତେଲ ପକାଇବା ପାଇଁ ଲମ୍ବା ଲାଇନ ଲାଗିଛି । ଦଶ ପନ୍ଦରମିନିଟ ଅପେକ୍ଷା କରିବାକୁ ପଡ଼ିବ । ଚିତ୍ତ କହିଲା ଚାଲ ଟାଉନ ପଳାଇବା ତେଲ ପାଇଯାଇପାରେ । ମୁଁ ରାଜି ହେଲି । ଗାଡ଼ି ଗଡ଼ାଇଲୁ ଆଗକୁ କିନ୍ତୁ ଦୁର୍ଭାଗ୍ୟ । ରାମବାଗ ପାଖରେ ତେଲ ସରିଗଲା । ଟାଉନ ଆହୁରି ଛଅ କିଲୋମିଟର । କିଛିଉପାୟ ନାହିଁ । ବର୍ତ୍ତମାନ ମୋ ପାଖରେ ଗୋଟିଏ ରାସ୍ତା କାହାକୁ ଲିଫ୍ଟ ମାଗି ଟାଉନ ଯିବାକୁ ପଡ଼ିବ । ଚିତ୍ତ କହିଲା ଭାଇ ତମେ ଲିଫ୍ଟ ମାଗି ପଳାଅ ମୁଁ କିଛି ବ୍ୟବସ୍ଥା କରି ଘରକୁ ଫେରିବି । ତାହା ହିଁ ହେଲା । ମୁଁ କେତେ ଜଣଙ୍କୁ ଲିଫ୍ଟ ମାଗିଲି କେହି କେହି ମୁଣ୍ଡ ହଲେଇଲେ ତ କେହି କେହି ନଦେଖିଲା ପରି ଚାଲିଗଲେ । କିଛି ସମୟପରେ ଜଣେ ସ୍କୁଟି ଚଳାଇ ଆସୁଥିବା ଭାଇଙ୍କୁ ହାତ ଦେଖାଇଲି । ସୁଟବୁଟ ପିନ୍ଧା ଭାଇଜଣକ ଜଣେ ଆଭିଜାତ୍ୟ ସମ୍ପନ୍ନ ଲୋକ ଭଳି ଲାଗୁଥିଲେ । ସେ ରହିଲେ ମୁଁ ଅସୁବିଧା କହି ଟାଉନ ପର୍ଯ୍ୟନ୍ତ ଲିଫ୍ଟ ଦେବାପାଇଁ କହିଲି । ସେ ଦୁଇଟି ଆଙ୍ଗୁଳି ଦେଖାଇଲେ । ଏହାର ଅର୍ଥ ମୁଁ କିଛି ବୁଝିପାରିଲି ନାହିଁ । ଏହାର ଅର୍ଥ କଣ ପଚାରିବାକୁ ସେ ହେଲମେଟ କାଚ ଟେକି କହିଲେ ମୁଁ ନେବି ଯେ କିନ୍ତୁ କୋଡ଼ିଏ ଟଙ୍କା ନେବି । ମୁଁ ଆଶ୍ଚର୍ଯ୍ୟ ହେଲି । ଛଅ କିଲୋମିଟର ଲିଫ୍ଟ ପାଇଁ କୋଡ଼ିଏ ଟଙ୍କା । ଆଉ ଉପାୟ ବି କିଛି ନଥିଲା । ସ୍କୁଟିରେ ବସିଲି । ଟାଉନରେ ପହଞ୍ଚି କୋଡ଼ିଏ ଟଙ୍କା ଦେଲି । ଚନ୍ଦନକୁ ସବୁ କଥା କହିଥିଲି । ସେ ହସିହସି କହିଲା ଏମିତି ଲୋକ ବି ଅଛନ୍ତି ଦୁନିଆରେ । ଭାବୁଥିଲି ମୁଁ ଜୀବନରେ କେତେ ଲୋକଙ୍କୁ ଲିଫ୍ଟ ଦେଇଛି ତାର ହିସାବ ନାହିଁ । କାହାଠାରୁ ଚାହାଟିଏ ବି ପିଇନି । କେହି କେହି ବାଧ କରନ୍ତି ଥଣ୍ଡା କିମ୍ବା ପାନଟିଏ ଦେବା ପାଇଁ । ମୁଁ ପାନ ଖାଏନି । ତେଣୁ ସମସ୍ତଙ୍କ ଅନୁରୋଧକୁ ମୁଁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରେ । ଅଥଚ ମୋ ବେଳକୁ ଛଅ କିଲୋମିଟର ପାଇଁ କୋଡ଼ିଏ ଟଙ୍କା । ଯେତେବେଳେ ମନେ ପଡ଼ିଯାଏ ଏ କଥା ନିଜେ ମନେ ମନେ ହସିଦିଏ ଆଉ କହିଦିଏ ବେଳେବେଳେ ଏମିତି ବି ହୁଏ ।

କମାଳପୁର, ପଲ୍ଲୀସାହି ।

# କହିବାକୁ ମୁଁ କିଏ ?

- ସୁନନ୍ଦା ମହାନ୍ତି

ଗାନ୍ଧୀ କିଏ ? ର ପ୍ରଶ୍ନ ମତେ ବ୍ୟତିବ୍ୟସ୍ତ କରୁଥିଲା ବେଳେ ମୋର ଭଗବାନଙ୍କ ଅବତାର କଥା ମନେ ପଡ଼େ । ଦୁଷ୍ଟ ନିବାରଣ ପାଇଁ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ଯୁଗେ ଯୁଗେ ଭଗବାନ ଅବତାର ନିଅନ୍ତି । ସେ ଅବତାରୀ କେବେ ରାମ ତ କେବେ ଶ୍ରୀକୃଷ୍ଣ । ରାମ ବା କୃଷ୍ଣ ଯେମିତି ମଣିଷ ରୂପେ ଜନ୍ମ ଗ୍ରହଣ କରିଥିଲେ । ଗାନ୍ଧୀ, ଗୋପବନ୍ଧୁ, ଜବାହାର, ଶାସ୍ତ୍ରୀ, ବିବେକାନନ୍ଦ, ରାମକୃଷ୍ଣ ପରମହଂସ, ଶ୍ରୀ ଅରବିନ୍ଦ ମଧ ଜଣେ ଜଣେ ସିଦ୍ଧ ପୁରୁଷ ରୂପେ ଜନ୍ମଗ୍ରହଣ କରିଥିଲେ । ଏହି ସିଦ୍ଧ ପୁରୁଷମାନଙ୍କ କାର୍ଯ୍ୟ ଧର୍ମ ଯଦି ତୁଳନା କରାଯାଏ ସମସ୍ତେ ଗୋଟେ ପଟେ ରହିଲେ ଗାନ୍ଧୀ ଗୋଟେ ପଟେ ନିଶ୍ଚିନ୍ତ କହିବାକୁ ମୁଁ କିଏ ଭାବିଲେ ବି ମୋ ସୀମିତ ଜ୍ଞାନ ମତେ ସେଥିପାଇଁ ବାଧ କରେ କେଜାଣି କାହିଁକରି ଉତ୍ତରରେ ।

ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ସଖା ହୋଇ ବିଶ୍ୱରୂପ ଦେଖାଇ ତାଙ୍କୁ କେବଳ କର୍ତ୍ତବ୍ୟବୋଧର ସରହଦ ଭିତରକୁ ଏକରକମ ବାଧ କରିଥିଲେ ଯୋଉଁଠି ଆତ୍ମୀୟ ସ୍ୱଜନଙ୍କ ରକ୍ତ ମଧ କିଛି ନୁହେଁ । କର୍ତ୍ତବ୍ୟ ଆଗରେ ଏମିତିକି ଆତ୍ମୀୟ ସ୍ୱଜନ କଣ ପିତା ମାତା ଭ୍ରାତା ପୁତ୍ରଙ୍କ ମୃତ୍ୟୁ ବି କିଛି ନୁହେଁ । ସବୁ ଅଢ଼େଇ ଦିନିଆଁ ମାୟା ଓ ମୋହ ବୋଲି କହି ସଚେତନ କରିଥିଲେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କିନ୍ତୁ ଗାନ୍ଧୀ ସ୍ୱାର୍ଥର ଉର୍ଦ୍ଧ୍ୱରେ ଦେଶ ଓ ଦେଶବାସୀଙ୍କ ହିତରେ ବିନା ରକ୍ତପାତରେ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇଥିଲେ ।

କର୍ତ୍ତବ୍ୟ ପାଇଁ ହିଂସା ଅହିଂସା ଯେଉଁ ପଥ ବି ହେଉ ବାଛି ନେବାକୁ ଅଣ୍ଟା ଭିଡୁଥିବା ଅନେକ ଦେଶପ୍ରେମୀ ସେ ହୁଅନ୍ତୁ ସୁବାଷ ବୋଷ ଅବା ଶ୍ରୀ ଅରବିନ୍ଦ ତାଙ୍କ ଆଗରେ ଗୋଟିଏ ଲକ୍ଷ କର୍ତ୍ତବ୍ୟ ପାଇଁ ଯେକୌଣସି ପନ୍ଥା ବା ଉପାୟ ଅବଲମ୍ବନ କରାଯାଇପାରେ କିନ୍ତୁ ଗାନ୍ଧିଜୀ ? ଦୃଢ଼ମନା, ଆତ୍ମସଂଯମୀ, ସ୍ଥିର ବୁଦ୍ଧିସମ୍ପର୍ଣ୍ଣ, କ୍ଷମତାପ୍ରତି ବିତସ୍ପୃହତା, ସ୍ୱାର୍ଥର ଉର୍ଦ୍ଧ୍ୱରେ ପରିବାରରୁ ନିବୃତ୍ତ ରହି ଜନଜାଗରଣ କରି ବିନା ରକ୍ତପାତରେ ଅହିଂସା ମନ୍ତ୍ରରେ ଦେଶକୁ ସ୍ୱାଧୀନତା ଆଣିଦେବା କଣ ସାଧାରଣ ମଣିଷର କାମ ? ଏଇଠି ମନେ ପଡ଼ନ୍ତି ରାମ, ସ୍ୱାର୍ଥ ଉର୍ଦ୍ଧ୍ୱରେ ପ୍ରଜା ହିତରେ ନିଜ ସୁଖ ସମୃଦ୍ଧି ଭୁଲି ଅସୁର ଓ ଆସୁରୀକ ପ୍ରବୃତ୍ତିର ହତ୍ୟା କରିଥିଲେ ସେ କିନ୍ତୁ ବିନା ରକ୍ତପାତରେ ବି ନୁହେଁ ତେବେ ରାମଙ୍କଠୁ ବି ଟିକେ ଉର୍ଦ୍ଧ୍ୱରେ ନୁହନ୍ତି କି ଗାନ୍ଧୀ ? ?

ଆହୁରି ଅନେକ କଥାର ଅବତାରଣ ରହିଛି ଗାନ୍ଧୀଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ । ଭୂମିରୁ ଭୂମା ଯାଏ ତାଙ୍କର ମହିମାମୟ କାର୍ଯ୍ୟଧାରାକୁ ଧରି ରଖିବାକୁ ତାଙ୍କ ବିଚାରଧାରାକୁ ଆପଣେଇନେଲେ ଆଜି ଦେଶ ଭିତରେ ଓ ଦେଶ ବାହାରେ ଯେତେ ସବୁ ଦଙ୍ଗା, ହିଂସା ଲୁଣ୍ଠନ, ଲୁଟତରାଜ, ଦୁଷ୍କର୍ମ, ନାରୀନିର୍ଯ୍ୟାତନା, ସାମ୍ପ୍ରଦାୟିକତା ମନୋଭାବର ନିଶ୍ଚୟ ପରିସମାପ୍ତି ଘଟି କେବଳ ଓଁ ଶାନ୍ତି ର ବାର୍ତ୍ତା ପ୍ରସାରିତ ହେଉଥାନ୍ତା ହେଲେ ଏସବୁ କହିବାକୁ ଉପସ୍ଥାପନ କରିବାକୁ ମୁଁ କିଏ ର ଭାବନା ମତେ କାହିଁକି ନିରୁତ୍ସାହିତ କରୁଛି ବୁଝିପାରେନା ।

ସାକ୍ଷୀଗୋପାଳ, ପୁରୀ ।

## ବୁଢ଼ା ବରଗଛ

- ଶ୍ରୀକାନ୍ତ ବେହେରା

ଯାଜପୁର ଜିଲ୍ଲା ଅଲିପୁର ପଂଚାୟତର ଏକ ସୁନ୍ଦର ପରିବେଶ ଭରା ଗାଁ । ନାଁଟି ତାର ଭବାନୀପୁର । ସେଇ ଭବାନୀପୁର ଗ୍ରାମରେ ଶୀତଳ କୋମଳ କୁଳୁକୁଳୁ ହେଇ ବହି ଯାଉଛି ଛୋଟ ନଈ ନାଁଟି ତାର ବ୍ରାହ୍ମଣୀ । ଆଉ ସେ ବ୍ରାହ୍ମଣୀ ନଈର କଡ଼ରେ ଏକ ବନ୍ଧ ଅଛି, ଆଉ ସେ ବନ୍ଧ ପାଖରେ ଅଛି ଏକ ବିଶାଳ କାୟ ବରଗଛ ଆଉ ସେଇ ବରଗଛଟି ବହୁତ ଦିନ କାଳରୁ ମାନେ ଆମ ଜେଜେମାନଙ୍କ ଅମଳରୁ ଅଛି ।

ହେଲେ ଆଜି ସେଇ ବରଗଛଟି ପରିଣତ ବୟସରେ ପହଂଚି ଗୁମୁରି ଆଖି ଲୁଚେଇ ବାହୁନି ବାହୁନି କାନ୍ଦୁଚି ଆଉ ବେଳେବେଳେ ନିଜକୁ ବୁଝେଇ ମଧ ଦଉଛି । ଆଉ କହୁଛି ତାର ଆତ୍ମ ଜୀବନୀ । ଦିନେ ମୁଁ ଛୋଟ ଥିଲି ମତେ ଜଣେ ଏଠି ପୋତି ସବୁଦିନ ସକାଳୁ ସକାଳୁ ପାଣି ଦେଇ ପଶୁମାନଙ୍କ ଠାରୁ ବଂଚେଇବା ପାଇଁ ତାର ଜାଲି ଦେଇ ରକ୍ଷଣାବେକ୍ଷଣ କରୁଥିଲା । ଆଉ ବେଳେବେଳେ ଆସି ତାର ଦୁଃଖସୁଖ ମତେ ଜଣାଉଥିଲା କାରଣ ସେ ମୋର ଅତି ନିଜର ଥିଲା । ମୁଁ ସିନା କିଛି କରିପାରିବିନି ହେଲେ ସେ ତାର ଦୁଃଖକୁ ଜଣେଇ ଟିକେ ହାଲକା ହେଇଯାଏ । ଆଉ ସୁଖକୁ ଜଣେଇ ସୁଖ ବଢ଼େଇଦିଏ । ଯେମିତି ମୁଁ ତା ପରିବାରର ଏକ ସଦସ୍ୟ ଥିଲି । ଏମିତି ସବୁଦିନ ହୁଏ, ଧୀରେ ଧୀରେ ମୁଁ ବଡ଼ ହେଲି କେତେ ଝଡ଼ ଝଞ୍ଜା ସହି ମେଘ ବାତ୍ୟା ଖାଇ ଆଉ ଲୋକଙ୍କୁ ମୋର ନିଜର ପତ୍ର ଦେଇ ଥୁଣ୍ଟା ପରି ଛିଡ଼ା ହେଇଥାଏ ।

ବେଳେବେଳେ ଗାଁର କୁନି କୁନି ପିଲାମାନେ ଆସି ମୋ ଗଛ ଛାଇରେ ଖେଳନ୍ତି । ବୁଲନ୍ତି ଆଉ ବେଳେବେଳେ ଚୁଗୁଲୀ କରି ଘରକୁ ଫେରିଯାଆନ୍ତି । ସବୁଠୁ ବେଶୀ ମଧୁର ଲାଗେ ମତେ କାରଣ ମୋ ଗଛରେ କେତେ ଜାତିର ପକ୍ଷୀ କେତେ ଦୂର ଦୂରାନ୍ତରୁ ଆସି ବସା ବାନ୍ଧିଥାନ୍ତି ।

ଆଉ ରାତି ହେଲେ ସଭିଏଁ ମିଶି ବହୁତ ଖୁସିଗପ କରନ୍ତି । ଏଇଭଳି ଭାବେ ମୋର କେତେ ବରଷ କଟିଗଲା ମୁଁ ଜାଣି ପାରିଲିନି ହେଲେ ଏବେ ମତେ ଏମିତି ଲାଗୁଛି ଯେମିତି ଏ ଜୀବନଟା ରଖି କଣ ଅବା ଲାଭ । ମୋ କହିବାର ତାତ୍ପର୍ଯ୍ୟ ଆପଣ ଠିକ୍ ବୁଝି ପାରୁଥିବେ ଏବେ ଆଧୁନିକ ଯୁଗରେ ଆଉ ପିଲାମାନେ ଆସୁନାହାନ୍ତି । ଶୁଭୁନାହିଁ ଆଉ ପକ୍ଷୀ କାକଳୀର ସ୍ୱର, ଦିଶୁନାହିଁ ତାଳ ବ୍ୟାଟର ସେଇ ଚୁଗୁଲୀ ଆମି କ୍ରିକେଟ ଖେଳ । ସବୁସେଇ ଆଧୁନିକ ଯୁଗର କରାମତି ଏବେ ପିଲାମାନେ ମୋବାଇଲ ଧରି ଘର କୋଣରେ ବସି ପବଜି, ଫ୍ରିଫେୟାର ଖେଳୁଛନ୍ତି । ଛାଡ଼ ସେସବୁ ହେଉଛି ଆଧୁନିକ ଯୁଗର କରାମତି । କିଛି କ୍ଷଣ ପାଇଁ ମୁଁ ଆସିଛି ଏଇ ଧରାକୁ ଆଉ ପରିଣତ ବୟସରେ ଚାଲିଯିବି ଏ ଭବାନୀପୁର ଗାଁକୁ ଛାଡ଼ି । ଏହା ହେଉଛି ମୋର ଆତ୍ମକାହାଣୀ । ଧନ୍ୟବାଦ ।

ବରୀ, ଅଲିପୁର, ଯାଜପୁର ।

# ସତସଙ୍ଗର ଫଳ

- ବନଲତା ସିଂହ

ହରିଣଟିଏ ହରିଣୀ ଆଉ ଗୋଟିଏ ଛୁଆକୁ ଧରି ଜଙ୍ଗଲରେ ଯାଉଥିଲେ । ହରିଣୀଟି ଆସନ୍ନ ପ୍ରସବା । ବାଟରେ ଯାଉଁ ଯାଉଁ ଗୋଟିଏ ଝରଣା ପଡ଼ିଲା । ହରିଣୀକୁ ଶୋଷ ଲାଗିଲା । ସେ ହରିଣକୁ କହିଲା - ଆଗୋ ମତେ ଭୀଷଣ ଶୋଷ ହେଉଛି ତୁମେ ଛୁଆକୁ ଧରି ଏଇଠି ଠିଆ ହୋଇଥାଅ ମୁଁ ଯାଉଛି ଝରଣାରୁ ପାଣି ପିଇକରି ଆସେ । ହରିଣ କହିଲା - ଦେଖ ତୁମେ ଗର୍ଭବତୀ ଅଛ ମୁଁ କିପରି ତୁମକୁ ଏକୁଟିଆ ଛାଡ଼ିଦେବି ? ହରିଣୀ କହିଲା - ଛୁଆଟା ଏତେ ତଳକୁ ଯାଇପାରିବନି । ତୁମେ ତା' ପାଖରେ ଥାଅ ମୁଁ ଶୀଘ୍ର ଫେରି ଆସିବି । ହରିଣ ଛୁଆକୁ ଧରି ଠିଆ ହେଲା ଆଉ ହରିଣୀ ଗଲା ପାଣି ପିଇବାକୁ ।

ଏହି ସମୟରେ ବାଘର ହେଣ୍ଟାଳ ଶୁଭିଲା । ହରିଣ ଛୁଆକୁ ଧରି ହରିଣୀ ପାଖକୁ ଦଉଡ଼ିଲା । ହରିଣୀ କହିଲା ତୁମେ ଛୁଆକୁ ଧରି ଅନ୍ୟ କେଉଁଆଡ଼େ ପଳାଅ । ମୁଁ ମୋ ନିଜ କଥା ବୁଝିବି । ହରିଣର ହରିଣୀକୁ ଛାଡ଼ି ଯିବାକୁ ଇଚ୍ଛା ନଥିଲେ ବି ସେ ତା' ଛୁଆର ଜୀବନ ରକ୍ଷା କରିବାକୁ ପଳାଇଲା । ବାଘ ଗର୍ଜନ ଧୀରେ ଧୀରେ ନିକଟ ହେବାକୁ ଲାଗିଲା । ହରିଣୀ ଛାନିଆଁରେ ଡିଆଁ ମାରି ଯିବ କ'ଣ ତା ଛୁଆଟା ଜନ୍ମ ହୋଇ ପଡ଼ିଲା ଆଉ ହରିଣୀ ପାଣି ସୁଅରେ ଭାଷି ଗଲା । ଝରଣାରେ ଜଣେ ସାଧୁ ସ୍ନାନ କରୁଥିଲେ । ସେ ହରିଣ ଛୁଆଟିକୁ ପାଣି ଭିତରୁ ଉଠାଇ ଆଣି ଝୁଲାରେ ରଖିଦେଲେ । ବାଘ ବାଟ ଭାଙ୍ଗି ଚାଲିଗଲା । କିନ୍ତୁ ମାଆ ହରିଣୀର ଜୀବନ ଦୀପ ଲିଭିଗଲା । ସାଧୁ ଛୁଆଟିକୁ ଧରି ଆଶ୍ରମକୁ ଗଲେ ।

ସାଧୁ ଅନ୍ତେବାସୀଙ୍କୁ ଡାକି ଛୁଆଟିକୁ ପୋଛିଦେଇ ତାକୁ ଉଷୁମ କ୍ଷୀର ପେଇବାକୁ କହିଲେ । ସେବା ଯତ୍ନ ପାଇ ହରିଣ ବଡ଼ ହେବାକୁ ଲାଗିଲା । ଶୟନେ ସ୍ୱପନେ ସାଧୁ ଯେମିତି ହରିଣ କଥା ଭାବୁଥାନ୍ତି । ହରିଣ ମଧ୍ୟ ସବୁ ସମୟରେ ସାଧୁଙ୍କ ପାଖେ ପାଖେ ରହେ । ସାଧୁଙ୍କ ସହ ଖାଏ । ପାଖରେ ଶୁଏ ତାର ଖେଳ କୌତୁକରେ ସମସ୍ତଙ୍କୁ ଆକର୍ଷିତ କରି ରଖିଥାଏ । ବର୍ତ୍ତମାନ ଆଶ୍ରମର ମୁଖ୍ୟ ଆକର୍ଷଣ ବିନ୍ଦୁ ହେଲା ହରିଣ । ସାଧୁ ଧ୍ୟାନ କଲାବେଳେ ହରିଣ ନିରବରେ ଶୋଇ ଅନାଇ ରହିଥାଏ । ସାଧୁ ପ୍ରବଚନ ଦେଲା ବେଳେ ହରିଣ ପାଖରେ ଶିଷ୍ୟ ପରି ଶୋଇ ସବୁ ଶୁଣୁଥାଏ ।

ସମସ୍ତଙ୍କର ଆଦର ଯତ୍ନ ପାଇ ହରିଣ ଛୁଆ ବେଶ୍ ଆରାମରେ ଥାଏ । ଦିନେ ସେ ରାଜ୍ୟର ରାଣୀ ସଖି ପରିଚାରୀ ଧରି ସୈନ୍ୟ ସାମନ୍ତଙ୍କ ସହ ରାଜୋଦ୍ୟାନ ପରିକ୍ରମା କରିବାକୁ ବାହାରିଲେ । ଉଦ୍ୟାନରେ ଭ୍ରମଣ କରୁକରୁ ସେ ଘଞ୍ଚ ଜଙ୍ଗଲ ଭିତରକୁ ପଶିଗଲେ । ସେ ଦେଖିଲେ ଜଙ୍ଗଲ ଭିତରେ ଗୋଟିଏ ସୁନ୍ଦର ଆଶ୍ରମ ଝରଣାଟିଏ କୁଳୁକୁଳୁ ହୋଇ ବହି ଯାଇ ଗୋଟିଏ ସୁନ୍ଦର ପୁଷ୍କରିଣୀଟିଏ ସୃଷ୍ଟି ହୋଇଛି । ହଂସ, ହଂସରାଳୀ ପନ୍ତିପନ୍ତି ହୋଇ ଜଳକ୍ରୀଡ଼ା କରୁଛନ୍ତି । ଆଶ୍ରମ ଚାରିପାଖ ସୁନ୍ଦର ସୁବାସିତ ଫୁଲଗଛମାନ ଭରା ଫୁଲରେ ଦୋଳି ଖେଳୁଛନ୍ତି । ପଶୁପକ୍ଷୀମାନେ ନିର୍ଭୟରେ ନିର୍ବିକାର ଚିତ୍ତରେ ଆଶ୍ରମର ତପୋବନରେ କ୍ରୀଡ଼ାରତ । ରାଣୀ ସଖି ମାନଙ୍କୁ ଧରି ଆଶ୍ରମକୁ ଗଲେ ଆଉ ସାଧୁଙ୍କୁ ଦର୍ଶନ କରି ପ୍ରଣାମି ସ୍ୱରୂପ କିଛି ଦାନ ଦକ୍ଷିଣା ଦେଲେ । ସାଧୁ ମଧ୍ୟ ମହାରାଣୀଙ୍କୁ ସ୍ୱାଗତ ଜଣାଇ କିଛି ଉପହାର ଦେଲେ ।

ରାଣୀ ବିଦାୟ ନେଲାବେଳେ ତାଙ୍କ ଦୃଷ୍ଟି ହରିଣଛୁଆ ଉପରେ ପଡ଼ିଲା । ସେ କୌତୁହଳରେ କହିଉଠିଲେ ଇସ୍ କି ସୁନ୍ଦର ହରିଣ । ତାକୁ ପାଖକୁ ଡାକିଲେ । ହରିଣ ସାଧୁଙ୍କ ମୁହଁକୁ ଅନାଇଲା । ସାଧୁ କହିଲେ - ଯାଅ ବତ୍ସ ରାଣୀମା' ଡାକୁଛନ୍ତି । ତାଙ୍କ ପାଖକୁ ଯାଇ ଅଭ୍ୟର୍ଥନା ଜଣାଅ । ହରିଣ କଥାମାନି ରାଣୀଙ୍କ ନିକଟକୁ ଯାଇ ରାଣୀଙ୍କ ପାଦସ୍ପର୍ଶ କଲା ଏବଂ ଚୁପଚାପ ଠିଆ ହେଲା । ରାଣୀଙ୍କ ମନ ଉଲ୍ଲସିତ ହେଲା । ରାଣୀ ସାଧୁଙ୍କୁ ସେ ହରିଣ ଛୁଆକୁ ମାଗିଲେ । ସାଧୁ କହିଲେ - ମହାରାଣୀ ଏ ହରିଣ ବଦଳରେ ଆପଣ ଆଉ ଯାହା ମାଗିବେ ମୁଁ ଦେବାକୁ ପ୍ରସ୍ତୁତ କିନ୍ତୁ ଏ ହରିଣ ନୁହେଁ କାରଣ ଏହା ଈଶ୍ୱର ପ୍ରଦତ୍ତ ।

ରାଣୀମା' ପଚାରିଲେ - ସ୍ୱାମୀଜୀ ଏ ଜଙ୍ଗଲରେ ତ ଅନେକ ହରିଣ ଅଛନ୍ତି । ଏହି ହରିଣ ଉପରେ ଆପଣଙ୍କ ଆସକ୍ତି କାହିଁକି ? ସାଧୁ ସ୍ମିତ ହାସ୍ୟରେ କହିଲେ - କହିଲି ପରା ଏ ହରିଣ ଈଶ୍ୱର ପ୍ରଦତ୍ତ । ତା' ଉପରେ କେବଳ ଈଶ୍ୱରଙ୍କ ଅଧିକାର । ମୋର ନୁହେଁ । ମୁଁ ନିମିତ୍ତମାତ୍ର । ରାଣୀ କହିଲେ - ମୁଁ ରାଜାଙ୍କୁ କହି ଏ ରାଜ୍ୟରୁ ଅଧା ଆପଣଙ୍କୁ ଦେଇଦେବି ତା ବଦଳରେ ମୋତେ ହରିଣକୁ ଦିଅନ୍ତୁ । ଯୁକ୍ତିତର୍କ ପରେ ରାଣୀ ନିରାଶ ହୋଇ ଫେରିଲେ । ଉଆସକୁ ଫେରି ଉପାସ ରହି ରାଜାଙ୍କୁ ହରିଣ ମାଗିଲେ । ରାଜା ରାଣୀଙ୍କୁ ପ୍ରବୋଧନା ଦେଇ ସୈନ୍ୟ ସାମନ୍ତ ଧରି ସାଧୁଙ୍କ ନିକଟରୁ ହରିଣ ନେଇ ଆସିଲେ । ଆସିଲାବେଳେ ହରିଣ ସାଧୁଙ୍କୁ ବିକଳ ଦୃଷ୍ଟିରେ ଚାହିଁଥିଲା । ସାଧୁ କହିଲେ ଭୟ କରନା ବତ୍ସ ତୁମେ ଖୁବ୍ ଶୀଘ୍ର ଏ ଆଶ୍ରମକୁ ଫେରି ଆସିବ କହି ଆଶୀର୍ବାଦ କଲେ ।

ରାଜା ହରିଣକୁ ଆଣି ରାଣୀଙ୍କୁ ଦେଲେ । ରାଣୀ ଅତ୍ୟନ୍ତ ଖୁସି ହୋଇ ରାଜାଙ୍କୁ ଧନ୍ୟବାଦ ଦେଲେ । ରାଣୀ ହରିଣକୁ ଅନ୍ତଃପୁରେ ରଖିଲେ କିନ୍ତୁ ରାଜା ବିରକ୍ତ ହେଲେ । କହିଲେ ହରିଣକୁ ଉଦ୍ୟାନ କକ୍ଷରେ ରଖ । ସେ ପଶୁପକ୍ଷୀ ମେଳରେ ଆନନ୍ଦରେ ରହିବ । ତାକୁ ରାଣୀ ହଂସପୁରେ ରଖିବା କ'ଣ ଦରକାର । ରାଣୀ ତ ଜିଦି ସ୍ୱରୂପା ନାରୀ । ସେ ତାଙ୍କ ଜିଦିରେ ଅଟଳ ରହି ହରିଣକୁ ପାଖରେ ରଖିଲେ । ହରିଣ ଆଦର ପାଇଲା ସତ କିନ୍ତୁ ଆଶ୍ରମ ପରି ନୁହେଁ । କାରଣ

ହରିଣ ସାଧୁଙ୍କ ପାଖରେ ଖାଏ, ଶୁଏ କୀର୍ତ୍ତନରେ ନୃତ୍ୟ କରେ । ପ୍ରବଚନ ଏକ ଧ୍ୟାନରେ ଶୁଣେ । ଆଶ୍ରମର ଅନ୍ତେବାସୀଗଣ ନିଜ ଜୀବନଠାରୁ ଅଧିକ ଭଲ ପାଆନ୍ତି । ଏଠି କିନ୍ତୁ ଖାଇବା ଜିନିଟେ ଥୋଇଦେଇ ଚାଲି ଯାଆନ୍ତି । ଶ୍ରଦ୍ଧାରେ କେହି ଖୋଇ ଦିଅନ୍ତି ନାହିଁ । ରାଜା ରାଣୀ ତୁଳିତଳ୍ପ ଗଦିରେ ଶୁଅନ୍ତି । ହରିଣକୁ ପାଖରେ ଶୁଆନ୍ତି ନାହିଁ । ହରିଣ ସ୍ନେହଶ୍ରଦ୍ଧାର ଶୁଷ୍କତା ଅନୁଭବ କରି ସାଧୁ ଓ ଆଶ୍ରମକୁ ଝୁରି ହୁଏ । ଆହାର, ନିଦ୍ରା ତାକୁ ସ୍ପର୍ଶ କରିପାରୁନି । ମନେ ମନେ ପ୍ରଭୁଙ୍କୁ କୁହେ ହେ ପ୍ରଭୁ ମୋତେ କାହିଁକି ନିର୍ବାସନ ଦଣ୍ଡ ଦେଲ ? ସତ୍‌ସଙ୍ଗରୁ ବଞ୍ଚିତ କଲ ? ମୋତେ ସାଧୁସଙ୍ଗ ଫେରାଇ ଦିଅ ।

କିଛିଦିନ ଅନ୍ତେ ଦିନେ ଅତି ପ୍ରତ୍ୟୁଷରୁ ରାଜା ଶଯ୍ୟା ଛାଡ଼ିବା ପୂର୍ବରୁ କୂଳ ପୁରୋହିତ ଆସି ହାଜର । ରାଜା ବିସ୍ମୟରେ ପଚାରିଲେ - ପୁରୋହିତେ ଆପଣ ଏତେ ସକାଳୁ କାହିଁକି ଆସିଛନ୍ତି ? କ'ଣ ବିଶେଷ ଖବର ଅଛି କି? କୂଳ ପୁରୋହିତ କହିଲେ - ଆଜ୍ଞା ମହାରାଜ ସକାଳ ପଞ୍ଜିକା ଦେଖୁ ଦେଖୁ ଦେଖିଲି ଆପଣଙ୍କ ପିତାଙ୍କର ପୂଣ୍ୟତିଥି ଆଜି ମଧ୍ୟାହ୍ନ ପୂର୍ବରୁ ତର୍ପଣ କରିବାକୁ ପଡ଼ିବ । ଏଣୁ ମୁଁ ଶୀଘ୍ର ଆସି ଆପଣଙ୍କୁ ଖବର ଦେଲି । ଅପରାଧ କ୍ଷମା କରିବେ । ରାଜା ବିବ୍ରତ ହୋଇ କହିଲେ ଏତେ ଶୀଘ୍ର ମୁଁ କିପରି ଆୟୋଜନ କରିବି ? ଆମର ତ ପିତୃଶ୍ରାଦ୍ଧ ହରିଣ ମାଂସ ଅର୍ପଣ କରାଯାଏ । ମୁଁ କେତେବେଳେ ଶିକାର କରି ହରିଣ ଆଣିବି ପିତୃଶ୍ରାଦ୍ଧ ହେବ । ଯେମିତିହେଲେ ଯୋଗାଡ଼ କରନ୍ତୁ କହି କୂଳପୁରୋହିତ ବିଦାୟ ନେଲେ । ରାଜା କ'ଣ କରିବେ ଚିନ୍ତା କରି ଯାଇ ରାଣୀଙ୍କ ପାଖରେ ପହଞ୍ଚି ସବୁ କହିଲେ ଏବଂ ହରିଣଟିକୁ ମାଗିଲେ । କହିଲେ ପିତୃଶ୍ରାଦ୍ଧ ପାଇଁ ଏହି ହରିଣକୁ ତୁମେ ଦେଇଦିଅ ମୁଁ ତୁମକୁ ଆଉ ଗୋଟିଏ ହରିଣ ଆଣି ଦେଇଦେବି । ରାଣୀ ଅରାଜି ହେବାରୁ ରାଜା ବଳପୂର୍ବକ ହରିଣକୁ ନେଇ କୂଳଦେବୀଙ୍କୁ ସମର୍ପଣ କରିସାରି ତାକୁ ବନ୍ଧକରି ପିତୃତର୍ପଣ କରିବାକୁ ପୂଜାରୀକୁ କହିଲେ । ପୂଜାରୀ ହରିଣକୁ ପବିତ୍ର କରି ଫୁଲ ସିନ୍ଦୂର ପିନ୍ଧାଇ ଦେଲେ ଆଉ ଅଳ୍ପ ସମୟ ଅଛି ବଳି ପକାଇବାକୁ ହଠାତ୍ କୂଳପୁରୋହିତ ଧଇଁସଇଁ ହୋଇ ଦଉଡ଼ି କରି ଆସି କହିଲେ ରାଜନ ରୁହନ୍ତୁ । ମୋତେ କ୍ଷମା କରନ୍ତୁ । ମୋର ପଞ୍ଜିକା ଗଣନା ଭୁଲ ହୋଇଯାଇଛି । ଆଜି ଆପଣଙ୍କ ପିତାଙ୍କର ଶ୍ରାଦ୍ଧ ନୁହେଁ । ଆଉ ଜଣଙ୍କର । ମୋର ଅପରାଧ କ୍ଷମା କରନ୍ତୁ । ମୁଁ ଭୁଲ ବଶତଃ ଏତେ ବଡ଼କାମ କରି ଦେଇଛି । ରାଜା ବିରକ୍ତ ହେଲେ କିନ୍ତୁ ବ୍ରାହ୍ମଣଙ୍କୁ କିଛି ନକହି ଚୁପ୍ ରହିଲେ ।

ହରିଣ ବଞ୍ଚିଗଲା । କିନ୍ତୁ ରାଣୀ ଖୁସିହେଲେ ସତ ପୁଣି ଏହି ପରି ବିପଦ ଆସିପାରେ ଭାବି ହରିଣକୁ ନେଇ ନିଜେ ଆଶ୍ରମରେ ଛାଡ଼ି ଆସିଲେ । ସାଧୁ ଖୁସି ହୋଇ କହିଲେ - ଦେଖିଲ ରାଣୀ ମୁଁ କ'ଣ କହୁଥିଲି ସେ ଈଶ୍ୱର ପ୍ରଦତ୍ତ । ତା ଉପରେ କାହାର ଅଧିକାର ନାହିଁ । ହରିଣ ମହା ଖୁସିରେ ସାଧୁଙ୍କ ପାଦ ସ୍ପର୍ଶ କରି ଆଶ୍ରମରେ ନାଚି କୁଦି ସମସ୍ତଙ୍କୁ ଅଭ୍ୟର୍ଥନା ଜଣାଇଲା ।

ଗଣ୍ଡରପୁର, କଟକ ।

# ଅଭିଶାପ

- ଶମ୍ଭୁନାଥ ଦାସ

ଏଡ଼େ ଚାଲାକ ଚତୁର ସିଏ ! ମୋ ଦେଖାନ୍ତରେ ତିନିଥର ତା ନାଁ ବଦଳେଇ ସାରିଲାଣି । କିଏ ଜାଣେ, କାହାକୁ ପାଣିରେ ବୁଡ଼େଇ ମାରିଥିବ ତ, କାହାକୁ ନିଆଁରେ ପୋଡ଼ି ମାରିଥିବ । ଏଇତ ସମସ୍ତଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ଏମିତି କ୍ଷୀରକୁ ମୁର୍ଗୀ କରି ମୋଡ଼ିଦେଲା ଯେ ଦେଖିଲେ ଆଖିରୁ ଅତଡ଼ା ଖସି ପଡୁଛି । ପ୍ରଥମେ ତ ତା ନାଁ ଥିଲା ଶାଗୁଆଡି । ମଝିରେ ମାଉଁସ ବୋଲି ନାଁ ରଖିଥିଲା କିନ୍ତୁ ଏବେ ମାଂସ ବୋଲି ନ ଡାକିଲେ ସେ ଶୁଣୁ ନାହିଁ । ଛାଡ଼ ତା ନାଁ କଥା କ୍ଷୀରକୁ ସେ କେମିତି ମୁର୍ଗୀ କରି ଚଲୁ ବୁଲାଇଲା ତାହା ଆମର ଜାଣିବାର କଥା ।

ମାଂସ ଓ ଭାତର ଘନିଷ୍ଠ ବନ୍ଧୁତା ଏବଂ କ୍ଷୀର ଓ ଭାତର ଘନିଷ୍ଠ ବନ୍ଧୁତା ସମସ୍ତେ ଜାଣନ୍ତି କିନ୍ତୁ ମାଂସ ଓ କ୍ଷୀରର ଦଣ୍ଡେ ପଡ଼େ ନାହିଁ । ମାଂସ ସବୁବେଳେ ଭାତକୁ କହେ ମୋତେ ଟିକେ କ୍ଷୀର ସହିତ ଭାବଦୋସ୍ତି କରେଇ ଦିଏ । ଭାତ କିନ୍ତୁ ତା କଥା ଶୁଣେନା । ମାଂସ ଲାଞ୍ଚ ଦେଖାଏ ଆଉ ଯେତେ ଧମକ ଚମକ କଲେ ବି ଭାତ କିନ୍ତୁ ଦଲାଲି କରେନା କି ଏ ଘର ମାଉସୀ ସେ ଘର ପିଉସୀ ହୁଏ ନାହିଁ । ମାଂସ ନିରୁପାୟ ହୋଇ ଭାବିଲା ମଣିଷଗୁଡ଼ାକ କଣ କି ତନ୍ତରମନ୍ତର, ଗୁଣିଗାରେଡ଼ି କରି କେତେ କେତେ ସରଳ ନିରୀହକୁ ବେକ ମୋଡ଼ି ନଚାଉଛନ୍ତି ତ କିଏ ଆଉ କା କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଉଛନ୍ତି । ତେବେ ମୁଁ ଏହି ସାମାନ୍ୟ କ୍ଷୀରଟାକୁ କଣ ଚଲୁ ବୁଲେଇ ପାରିବି ନାହିଁ.. ?

ଲେମ୍ବୁ ସାଙ୍ଗରେ ମାଂସର ଟିକେ ପରିଚୟ ଥାଏ । ଥରେ ସେ ଲେମ୍ବୁକୁ କଅଁଳେଇ ସଅଁଳେଇ କହିଲା ତୋ ଭଳିଆ ଉପକାରୀ ବନ୍ଧୁ ଜଗତରେ ନାହାନ୍ତି । ସମସ୍ତଙ୍କର ଉପକାର କରି କରି ତୁ ମହାନ୍ ହୋଇଗଲୁଣି । କଳିକଜିଆ ମେଣ୍ଟେଇ ଦେଉଛୁ ଆଉ ତୋର ମୋର ଏତେ ଦିନର ଭାବ ଦୋସ୍ତି ମୋର ମନର ଯନ୍ତ୍ରଣାକୁ ତୁ କଣ ଲାଘବ କରିବୁ ନାହିଁ ? ଲେମ୍ବୁ ହସିହସି କହିଲା ତମ ଭଳି ପରାକ୍ରମୀ ଦାନବୀର ପୁଣି ଯନ୍ତ୍ରଣା କଣ ? ହଉ ହଉ କୁହ ମୋର ଯଦି କ୍ଷମତା ଥିବ ମୁଁ ନିଶ୍ଚୟ ସାହାଯ୍ୟ କରିବି ।

ଏଥର ମାଂସ ଲେମ୍ବୁ ପିଠିକୁ ଟିକେ ସାଉଁଳେଇ କହିଲା କ୍ଷୀର ସହିତ ମୋର ଟିକେ ଭାବଦୋସ୍ତି କରେଇ ଦିଏ । କଥାଟା ଶୁଣି ହଠାତ ଲେମ୍ବୁର ମୁଣ୍ଡ ବୁଲେଇ ଦେଲା । କଣ କରିବ କିଛି ବୁଦ୍ଧିବାଟ ଦିଶିଲା ନାହିଁ । କଥା ତ ଦେଇ ସାରିଛି । ବାଧ୍ୟ ହୋଇ ମାଂସକୁ ପ୍ରତିଶ୍ରୁତି ଦେଲା ହଉ ଠିକ୍ ଅଛି ।

କ୍ଷୀର ଶୋଇପଡ଼ିଲେ ଲେମ୍ବୁ ଯାଇ ତା ଦେହରେ ସଜାଇ ହୋଇଥାଏ । କେଇ ଘଣ୍ଟା ପରେ କିମ୍ବା ତା ପର ଦିନକୁ କ୍ଷୀର ଦହି ପାଲଟି ଯାଇ ମାଂସ ପାଖକୁ ଯିବା ପାଇଁ ପାଗଳୀ ପରି ନାଚିଉଠେ । କ୍ଷୀରକୁ ଚଲୁ ବୁଲେଇବାର କୌଶଳ ବାସ୍ତବିକ ମାଂସର ଖୁବ୍ ବଡ଼ ଜିତାପଟ ହୋଇଗଲା ।

ଏ କଥା ଶୁଣି ଗୋମାତା ଆଖିରୁ ଲୁହ ଝରିଗଲା । ତା ମୁଣ୍ଡକୁ ବିଷ ଉଠିଗଲା । ସେ ଲେମ୍ବୁକୁ ଅଭିଶାପ ଦେଇ କହିଲା ସକଳଖିଆ ଅଳପେଇସିଆ ଘରବୁଡ଼ା ତୋ ଦିହରେ କଣ୍ଟା ହୋଇଯାଉ । ଲୋକସବୁ ତୋତେ କଞ୍ଚାଲଙ୍କା ସାଙ୍ଗରେ ରସି ଲଗେଇ ଦୁଆରେ ଦୁଆରେ ଟଙ୍ଗୋଉନ୍ତୁ ।

ଏ କଥାରେ ମାଂସର ଯାଏ କେତେ ଆସେ କେତେ । କାମ ହାସଲ ହୋଇଗଲା ତ, ବାସ୍ । ଏବେ ପୁଣି ସେ ସ୍ଲୋଗାନ ଦେଲାଣି ମୋତେ ମଟନ୍ କି ଚିକେନ୍ ଡାକ ସତରେ କି ବୁଦ୍ଧି ସେ ଶଇତାନର । ଅଭିଶାପ ତ ତାକୁ କେହି ଦେଇ ପାରୁନାହାନ୍ତି । ସେ କାହାର ବରଦାନ ପାଇଛି କେଜାଣି... ।

ମୟୂରଭଞ୍ଜ ରୋଡ଼, କୋଲକାତା ।

# କ୍ଷତ

– ମାଧବାନନ୍ଦ ପାତ୍ର

ରବିବାସରୀୟ ଦିନ ୧୧ଟାରେ ଗାଁ ନଈରୁ ଗାଧୋଇ ଫେରିବା ବେଳକୁ ବୋଉ ଜଣାଇଦେଲା ଖବରଟେ । ପାଖ ଗାଁ ମଦନପୁରରେ ଅଛି ବାହାଘର ଭୋଜି, ଦିନ ୧୨ଟାରେ ବାଲେଶ୍ୱରରୁ ଶିକ୍ଷକ ଚାକିରିରୁ କିଛିଦିନ ପାଇଁ ଛୁଟିନେଇ ଆସିଛି ମୁଁ ଗାଁକୁ । ଯେଉଁଠାରେ ଯାହା ଯେମିତି ଖାଇଲେ ବି ଗାଁ ଖାଇବା ଆଉ ଘର ଖାଇବା ସବୁବେଳେ ନିଆରା । କେତେବେଳେ କେମିତି ଛୁଟିଟିଏ ମିଳିଲେ ଗାଁକୁ ଆସିବାର ସୁଯୋଗ ମିଳୁଛି । କେତେବେଳେ କେମିତି ହାବୁଡ଼ରେ ପଡ଼ିଯାଏ ଏପରି ସୁଯୋଗ । ଛୋଟବେଳେ ସାଂଗମାନଙ୍କ ସହିତ ନିମନ୍ତ୍ରଣ ନଥିଲେ ମଧ୍ୟ ଅନ୍ୟ ଗାଁକୁ ଚାଲିଯାଉଥିଲି ଭୋଜି ଖବର ପାଇ । ଆଜି କିନ୍ତୁ ସମୟ ବଦଳିଛି ବୟସ ବି ବଢ଼ିଗଲାଣି ଆଗଠାରୁ । ବର୍ତ୍ତମାନ ମୁଁ ଶିକ୍ଷକଟିଏ ହୋଇ ବେଶ୍ ପରିଚିତ ହୋଇଯାଇଛି ଆଖପାଖ କେତେ ଖଣ୍ଡି ଗାଁରେ । ପିଲାବେଳେ ଯେଉଁ କେତେଜଣ ବାଲୁଙ୍ଗାସାଙ୍ଗ ମୋର ଥିଲେ ଆଜି କିଏ କେଉଁଠି ଅଛନ୍ତି ତାର ମଧ୍ୟ ଠିକଣା ନାହିଁ ।

ଆଜି ଭୋଜି ଖବର ପାଇ ବାହାରିପଡ଼ିଲି ଯିବାକୁ । ସେଠାକୁ ଗଲେ ହୁଏତ ପୁରୁଣା ସାଂଗଙ୍କ ସହ ଦେଖା ହୋଇଯାଇପାରେ । ପହଞ୍ଚିଲି ନିର୍ଦ୍ଧାରିତ ସମୟରେ । କିଛି ସାଂଗମାନଙ୍କ ସହ କଥା ହୋଇ ଶେଷ ଛେକରେ ଖାଇବାକୁ ବସିଲି । ସେତେବେଳକୁ ପ୍ରାୟ କୋଡ଼ିଏ କି ପଚିଶ ଜଣ ଖାଇବାକୁ ବସିଥାନ୍ତି ସେଠାରେ । ହଠାତ୍ ଲକ୍ଷ୍ୟକଲି ମୋ ସାମ୍ନାଧାଡ଼ିରେ ଏକ ଧ୍ୟାନରେ ଖାଇବାରେ ବ୍ୟସ୍ତ ଅଛନ୍ତି ବଳରାମ ସାର ।

ବଳରାମ ସାର ବୟସ ପ୍ରାୟ ୭୫ କିମ୍ବା ୮୦ ପାଖାପାଖି । ମନେପଡ଼ିଲା ପୁରୁଣା ସ୍ମୃତି । ମୁଁ ଛୋଟବେଳେ ଦ୍ୱିତୀୟ ତୃତୀୟ ଶ୍ରେଣୀରେ ପାଠ ପଢୁଥିବାବେଳେ ସେ ହିଁ ମୋର ଜ୍ଞାନର ମୂଳଦୁଆ ଦେଇଥିଲେ । ତାଙ୍କରି ପାଇଁ ମୁଁ ଆଜି ସଭ୍ୟ ଶିକ୍ଷିତ ସମାଜରେ ଉଚ୍ଚସ୍ଥାନରେ । ମନେ ପଡ଼ିଯାଉଥିଲା ଅନେକ କଥା । ଅତୀତର ସୁଖ ଦୁଃଖ କିଛି ମଜାମଜା ଘଟଣା ।

ମନେପଡ଼ି ଯାଉଥିଲା ତୃତୀୟ ଶ୍ରେଣୀରେ ସାରଙ୍କର ଗୋଗଚ୍ଛା ପ୍ରହାର । ଖାଉଖାଉ ହସିଦେଲି ଟିକିଏ । ବଳରାମ ସାର ଭାରି ଭଲ ଇଂରାଜୀ ପଢ଼ାନ୍ତି । ଗାଁ ଖଣ୍ଡିକରେ ଲୋକମାନେ କୁହାକୁହି ହୁଅନ୍ତି ଯିଏ ବଳରାମ ସାରଙ୍କ ପାଖରେ ପାଠ ପଢ଼ିବ ଆଉ ତାଙ୍କ ହାତରୁ ବେତମାଡ଼ ଖାଇନି ସିଏ କେବେବି ବଡ଼ ମଣିଷ ହୋଇପାରିନି । ବାସ୍ତବରେ ତାହା ହିଁ ସତକଥା । ସେ ଇଂରାଜୀ ଯେମିତି ପଢ଼ାନ୍ତି ଗଣିତ ସାହିତ୍ୟାଦିରେ ମଧ୍ୟ ସେମିତି ଦକ୍ଷ ।

ଥରେ ସାର ଆମକୁ କ୍ଲାସରେ ଇଂରାଜୀ ବର୍ଣ୍ଣ ଲେଖିବାକୁ କହିଦେଇ ଅନ୍ୟ ଏକ କ୍ଲାସକୁ ଚାଲିଯାଇଥିଲେ । ପ୍ରକୃତରେ ମୋତେ ଇଂରାଜୀ ହିଁ ଆସୁନଥିଲା ସେତେବେଳେ । ଏବିସିଡ଼ି ଲେଖିଲା ବେଳକୁ ତାହା ଓଲଟ ପାଲଟ ହୋଇଯାଏ । ପୁଣି କେତେବେଳେ ବଡ଼ଛୋଟ ମିଶିଯାଏ ତ ବର୍ଣ୍ଣସଂଖ୍ୟା କମ୍ ହୋଇଯାଏ । ସେଦିନ ଠିକ୍ ଅନୁରୂପ ଭାବରେ ମୋର ବର୍ଣ୍ଣ ଏପଟ ସେପଟ ହୋଇଯାଇଥିଲା । ଅନେକଥର ସାର ମୋତେ ଇଂରାଜୀ ବର୍ଣ୍ଣ ଶିକ୍ଷା ଦେଇଥିଲେ ମଧ୍ୟ ମୁଁ ଧ୍ୟାନ ଦେଉନଥାଏ ସେଥିରେ । ହଠାତ୍ ସେଦିନ କିନ୍ତୁ ସାର ଗଣ୍ଡିଆ ବେତରେ ମୋତେ ପିଟିଚାଲିଲେ ଅତର୍କ୍କା । ଗୋଡ଼ର ଭଣ୍ଡାଦେଶ ମୋର ବେତ୍ରାଘାତରେ ନୋଳା ପଡ଼ିଯାଇ କଳା ପଡ଼ିଗଲା । କେବଳ ସେତିକି ନୁହେଁ ମୋର ଆଣ୍ଠୁରେ ସୃଷ୍ଟି ହୋଇଥିବା ଘା'ଟିଏ ବେତମାଡ଼ରେ ପୁନଶ୍ଚ ସତେଜ ହୋଇ ଗୋଡ଼ଟା ରକ୍ତାକ୍ତ ହୋଇଗଲା ।

ଘରକୁ ଛୋଟେଇ ଛୋଟେଇ ଫେରିବା ବାଟରେ ସେଦିନ ଭାରିଗାଳି କରିଥିଲି ମନେ ମନେ । ଘରକୁ ଫେରି ବାପାଙ୍କୁ ଜଣାଇଥିଲି ସାରଙ୍କ ଏପରି ନିଷ୍ଠୁରତାକୁ । ପିଲାଳିଆ ମନରେ ସେଦିନ ବାପାଙ୍କୁ କହିଥିଲି ବୁଢ଼ା ମାଷ୍ଟର ଯେତେବେଳେ ନଈକୂଳିଆ ରାସ୍ତାରେ ସାଇକେଲ ଚଳେଇଯିବ, ସେତେବଳେ ମୁଁ ନଡ଼ିଆଗଛ ପଛରେ ରହି ଟେକା ମାରି ବୁଢ଼ାର ମୁଣ୍ଡ ଫଟାଇଦେବି । ବୁଢ଼ା ମୋ ଦେହରୁ ରକ୍ତ ବାହାର କରିଛି । ମୁଁ ତା' ମୁଣ୍ଡରୁ ରକ୍ତ କାଢ଼ିଦେବି ।

ବାପା ସେଦିନ ମୋ କଥା ଶୁଣି ମୋତେ ବୁଝାଇଥିଲେ । ସଂଧ୍ୟାରେ ବଳରାମ ସାରଙ୍କ ପାଖକୁ ନେଇଥିଲେ । ସେଦିନ ବାପାଙ୍କ ସହ ସାରଙ୍କର ହସହସ କଥାବାର୍ତ୍ତାରେ ମୁଁ କେମିତି ମୁଗ୍ଧ ହୋଇଯାଇଥିଲି । ତା ପରେ ସାର ମୋତେ କହିଥିଲେ ବାବୁରେ ମନ ଦେଇ ପାଠପଢ଼ । ବାପା ମାଙ୍କର ନାମ ରଖ । ଇଂରାଜୀ ଭାଷା ଜମାରୁ କଷ୍ଟ ନୁହଁ । ବହିକୁ ଦେଖି ପଢ଼ା ଅଭ୍ୟାସ କର । ଦେଖିବୁ ପାଠ କେମିତି ଆପଣାଛାଏଁ ତୁମକୁ ଧରାଦେବ । ଯା'ପରେ ମୁଁ ଆଉ କେବେ ସାରଙ୍କ ପାଖରୁ ରୂକ୍ଷ ବ୍ୟବହାର ପାଇନାହିଁ । ଏହାର ଦୁଇବର୍ଷ ପରେ ବୃତ୍ତି ପାଇଁ ମୁଁ ଅନ୍ୟ ଏକ ସ୍କୁଲରେ ପାଠ ପଢ଼ିବାକୁ ଚାଲିଗଲି । ସେବେଠାରୁ କଟିଯାଇଥିଲା ବଳରାମ ସାରଙ୍କ ସହିତ ସଂପର୍କ । ବଳରାମ ସାର ହିଁ ମୋର ଜୀବନରେ ଶିକ୍ଷାର ମୂଳଦୁଆ ଦେଇ ଆଜି ଶିକ୍ଷିତ ସମାଜରେ ମୋତେ ପରିଚିତ କରାଇ ଅଛନ୍ତି । ମୁଁ ଏହା

କଦାପି ଭୁଲିପାରିବି ନାହିଁ । ସେ ଦିନର ସେ କଥା ଭାବିଲେ ଆଜି ମଧ୍ୟ ହସଲାଗେ ।

ଆରେ ଖାଉନୁ ଏମିତି ହସୁଛୁ କ'ଣରେ ? ଆଣ୍ଠୁକୁ ହଲେଇ ଦେଇ ପାଖରେ ବସିଥିବା ସାଂଗଟେ ମୋତେ ସଚେତନ କରାଇଦେଲା ।

ଭାବନା ରାଜ୍ୟରୁ ଓହ୍ଲାଇ ଆସି ପ୍ରକୃତିସ୍ଥ ହେଲି । ସେତେବେଳେକୁ ସାରଙ୍କର ଖାଇବା ସରିଲାଣି ବୋଧେ । ଖିରୀ ବଣ୍ଟା ଚାଲିଥାଏ । ମୁଁ କିଛି ସମୟ ପାଇଁ ସାରଙ୍କୁ ଅବଲୋକନ କଲି । ପିଲାଦିନରୁ ଆଜିଯାଏଁ ଜୀବନର ଅନେକ ବର୍ଷପରେ ଆଜି ସାରଙ୍କ ସହ ଦେଖା । ଯାହାଙ୍କ ପାଇଁ ମୁଁ ଆଜି ଏ ଜାଗାରେ । ସେ ଆଜି ମୋ ସାମ୍ନାରେ ସମୟର ପରିବର୍ତ୍ତନରେ ସାରଙ୍କର ବେଶ ପରିପାଟୀରେ ମଧ୍ୟ ପରିବର୍ତ୍ତନ । ଖାଲି ପରିବର୍ତ୍ତନ ନୁହେଁ ଅସ୍ୱାଭାବିକ ପରିବର୍ତ୍ତନ ।

କ୍ଲାସରେ ସାର ପଢ଼ାଇବା ସମୟରେ ଧୋତି ପଞ୍ଜାବି ପିନ୍ଧିଥାନ୍ତି । ଟିକିଏ ମୋଟା ଆଉ ପେଟୁଆ । ଉଚ୍ଚତା ବେଶୀ ନୁହେଁ । ଆଜି କିନ୍ତୁ ଏ କଣ ? ସାରଙ୍କର ରୂପ ସମ୍ପୂର୍ଣ୍ଣ ବଦଳିଯାଇଛି । ସୁନ୍ଦର ଗୋଲଗାଲ ଚେହେରା ଆଜି ଶୁଖିଯାଇଛି ଦେହରେ ଆଉ ଗତଦିନମାନଙ୍କର ସତେଜତା ନାହିଁ । ହୁଏତ ବୟସ ବୃଦ୍ଧି ହେତୁ ହୋଇଥାଇପାରେ । ତାହା ତ ନୁହେଁ । ସାରଙ୍କ ଦେହରେ ସେତେବେଳେ ପୋଷାକ କହିଲେ ଲୁଙ୍ଗିଟେ ଆଉ ଧଳା ଗଞ୍ଜିଟେ । ଉଭୟ ମଇଳା ଏବଂ ଦେହର ଅର୍ଦ୍ଧେକ ଅଂଶ ଦିଶିଯାଉଛି । ସାରଙ୍କର ଏପରି ଅବସ୍ଥା ମୁଁ କେବେ ଆଗରୁ ଦେଖିନଥିଲି । ମୁହଁ ମଳିନ ।

ଖାଦ୍ୟ ଶେଷ କରି ମୁଁ ଉଠି ଆସିଲି ସାଂଗ ସହ । ହାତ ଧୋଉଥିବା ବେଳେ ପଚାରିଲି ବଳରାମ ସାରଙ୍କ କଥା । ସେ ଯାହା କହିଲା ବାସ୍ତବରେ ବିଶ୍ୱାସ କରିପାରିଲିନି ।

ବଳରାମ ସାରଙ୍କର ଅଧାବୟସରେ ସ୍ତ୍ରୀ ଚାଲିଯାଇଥିଲା ଆରପାରିକୁ । ସେତେବେଳକୁ ନିଜର ବୋଲି କହିଲେ ସାରଙ୍କର ଝିଅଟିଏ ଓ ପୁଅଟିଏ । ଝିଅ ବାହା ହୋଇଯାଇଥିଲା । ଗୋଟିଏ ପୁଅ ସେତେବେଳେକୁ ମେଟ୍ରିକ ପାସ କରି ସାରିଥାଏ । ସାରଙ୍କ ଚେଷ୍ଟାରେ ସେ ଆଜି ସରକାରୀ ଚାକିରୀଟିଏ କରି ସହରରେ । ପୁଅକୁ ବାହାଘର କରି ଦେଇଛନ୍ତି । ଆଠ କି ଦଶ ବର୍ଷର ନାତିଟିଏ ହେଲାଣି । ଦୁଃଖର କଥା ପୁଅ ବି ସ୍ତ୍ରୀକୁ ପାଖକୁ ନେଇ ସହରରେ ରହିଲା । ବୋହୂର ମନ୍ତ୍ରଣାରେ ପୁଅ ସାରଙ୍କ ପେନସନରୁ ଅର୍ଦ୍ଧେକ ନେଇଯାଉଥିଲା । ଘରଭିଟା ମାଟିକୁ ଆଶ୍ରା କରି ସାର ପଡ଼ି ରହିଥିଲେ ଏଇଠି ଗାଁରେ । ଜୀବନର ଅପରାହ୍ଣରେ ଅବର୍ତ୍ତୀର୍ଣ୍ଣ ହେଲାପରେ ବି ପୁଅ ବୋହୂଙ୍କ ଦେଖା ନାହିଁ । ନିଜେ ମଧ୍ୟ କୌଣସି କାର୍ଯ୍ୟ ନିଜ ହାତେ କରିବାକୁ ସକ୍ଷମ ନୁହଁନ୍ତି । କେହି କେହି କିଛି ସାହାଯ୍ୟ କରିବା ଆଳରେ ସାରଙ୍କୁ ଠକେଇ ପଇସା ନେଇ ଯାଆନ୍ତି । କିଏ କିଏ ସାରଙ୍କ ପାଇଁ ବେଳେବେଳେ କିଛି ଖାଦ୍ୟ ଦେଇଯାଆନ୍ତି । ହେଲେ ତାହା କେତେଦିନ ?

ସାଂଗଠାରୁ ଏପରି କଥା ଶୁଣିଲା ବେଳକୁ ଆଖିମୋର ଛଳଛଳ ହୋଇଯାଇଥିଲା ଦୂରକୁ ଚାହିଁଲି । ବଳରାମ ସାର ବାଡ଼ିଟିଏ ଧରି ରାସ୍ତା କଡ଼େ କଡ଼େ ଆଗକୁ ମାଡ଼ିମାଡ଼ି ଚାଲିଛନ୍ତି । ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ସାରଙ୍କ ପଛରେ ଦୌଡ଼ିଗଲି । ଧୀର ଗତିରେ ଚାଲିଛନ୍ତି । ସାର... ସାର.. ସାରଙ୍କ ଆଗକୁ ଯାଇ ପାଦ ଛୁଇଁଲି । କିଛି ସମୟ ପାଇଁ ସାର ନିରବ ନିସ୍ତବ୍ଧ ହୋଇ ଚାହିଁ ରହିଲେ ମୋତେ ପଚାରିଲେ କିଏ....

ମୁଁ ମୋର ପରିଚୟ ଦେଲି । ତୃତୀୟ ଶ୍ରେଣୀର କଥା ସବୁ କହିଚାଲିଲି । ସାର ଭୁଲିନାହାନ୍ତି । ଚିହ୍ନିନେଲେ ହଠାତ ପଚାରିଲେ ମୋର ଜୀବନ ଓ ଜୀବିକା ସମ୍ପର୍କରେ । ମୁଁ ଯେ ଆଜି ସାରଙ୍କର ମହତବାଣୀ ଦ୍ୱାରା ଇଂରାଜୀ ଶିକ୍ଷକଟେ ହୋଇ ପାରିଛି । ସାର ଶୁଣି ଖୁସିହେଲେ । ତାପରେ ପଚାରିଲେ ଘରକଥା । ସବୁକଥା ମୁଁ କହିସାରିବା ପରେ ସାରଙ୍କର ମୁହଁରେ ଦେଖିଲି ଆନନ୍ଦର ଛିଟା ମୁଁ ଜାଣେ ସାର ଯେତେବେଳେ ତାଙ୍କର କୌଣସି ଛାତ୍ରର ଉନ୍ନତି ଦେଖନ୍ତି ଖୁସି ହୁଅନ୍ତି ବହୁତ ।

ଏହାପରେ ସାରଙ୍କୁ ପଚାରିଲି ତାଙ୍କ ନିଜ ସମ୍ପର୍କରେ । କିଛି କହିବାକୁ ଚାହୁଁ ନଥିଲେ ସେ । କେବଳ ଏତିକି କହିଲେ ସତଶିକ୍ଷା ମଣିଷକୁ ଉନ୍ନତ କରେ । ନିଜ ସଂପର୍କରେ କିଛି କିଛି କହିଲେ ଅସ୍ପଷ୍ଟ ସ୍ୱରରେ । ଶେଷକୁ କେବଳ ଏତିକି ଶୁଭିଲା ପୁଅର ମଂଗଳ କାମନା । ପୁନଶ୍ଚ କହିଲେ ତାଙ୍କର ଏ ବେଶଭୂଷାକୁ ଦେଖି ଜଣାପଡ଼ିଯାଉଥିବ ବର୍ତ୍ତମାନର ଅବସ୍ଥା । ଏହା କହିଦେଇ ଥରଥର ହାତରେ ମୋ ମୁଣ୍ଡରେ ହାତବୁଲାଇ ଦେଇ ପୁଣି ତାଙ୍କର ଗନ୍ତବ୍ୟ ପଥରେ ଆଗେଇ ଗଲେ । ମୁଁ କିନ୍ତୁ ସେତେବେଳ ଲକ୍ଷ୍ୟ କରିଥିଲି ସାରଙ୍କ ମୁହଁକୁ । ଆଖି ତାଙ୍କର ଲୁହରେ ଜକେଇ ଆସିଥିଲା । ବୋଧହୁଏ ମୋତେ ଅତିକ୍ରମ କଲାବେଳକୁ ତାହା ଖସିପଡ଼ି ସାରିଥିବ ।

ମୁଁ ଏକା ପଛକୁ । ଚାହିଁ ରହିଥାଏ ସାରଙ୍କୁ ଏକ ଧ୍ୟାନରେ । ସାରଙ୍କ ଦେହର ଆବରଣରେ ଅନେକ କ୍ଷତ । ତାଠାରୁ ବେଶୀ କ୍ଷତ ସୃଷ୍ଟି ହୋଇଛି ତାଙ୍କ ମନରେ । ସେଦିନ ତୃତୀୟ ଶ୍ରେଣୀରେ ସାର ମାରିଥିବା ମାଡ଼ରେ ଯେଉଁ କ୍ଷତ ହୋଇଥିଲା ତାହା ତ ସାରଙ୍କର ପୋଷାକର କ୍ଷତକୁ ବି ସରିନୁହେଁ । ଆଉ ସାରଙ୍କ ମନର କ୍ଷତ.... ?

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର ।

# ଚାକରାଣୀ

- ମହେଶ୍ୱର ସାହୁ

ମାନସିର ଗଳାକୁ ଚିପି ଧରି ବାବୁ ଗର୍ଜି ଉଠିଲେ ତୋର ଜନ୍ମ ବାର ଦ୍ୱାରରେ ଝାଡୁପୋଛା କରିବା ବାସନ ମାଜିବା ଓ ତୋର ଜନ୍ମ କାହାଘରେ ଚାକରାଣୀ ହୋଇ ରହିବା । ତୋର ପୁଣି ପାଠ । ଛିଛିଛି କି ଅଲାଜୁକ ଝିଅଟେ କି ତୁ । ଚାକରାଣୀ ହୋଇ ପାଠ ପଢ଼ିବ । କେତେବା ମନ ଯେ ପୁଣି ମୋ ଝିଅ ପାଖରେ ବସି । ଏତେ ସାହସ ତୋର । ବାବୁ ମୁଁ ସବୁ କାମ କରିସାରିଛି । ବାସନ ମାଜି ସାରିଛି । ଘର ଝାଡୁ ପୋଛା କରି ସାରିଛି । କପଡ଼ା ସବୁ ସଫା କରି ସାରିଛି । ପ୍ରିୟା ଦିଦିଙ୍କ ବହିରେ ଗୋଟେ ସୁନ୍ଦର ଚିତ୍ର ଥିଲା । ମୁଁ ଦିଦିଙ୍କୁ ପଚାରୁଥିଲି ଏଥିରେ କଣ ଲେଖା ଯାଇଛି । ଦିଦି ମୋତେ ପଢ଼େଇ ଦେଉଥିଲେ ।

ଉଁ ହୁଁ ହୁଁ କି ଯୁଗ ହେଲାକି ହୋ । ମୋ ଝିଅ ପ୍ରିୟା ଷଷ୍ଠ ଶ୍ରେଣୀରେ ପଢୁଛି । କେତେ ପାଠ ତାର ସେ ପାଠ ପଢୁଥିବା ବେଳେ ତୁ କାମ ଧନ୍ଦା ଛାଡ଼ି ତା ପାଖରେ ବସି ଯାଉଛୁ । କାମ ଚୋରଣୀ ରହ ତତେ ବିଦା କରୁଛି । ନାଇଁ ବାବୁ ପ୍ରିୟା ଦିଦି ବହୁତ ଭଲ । ସେ ସବୁ ପାଠ ଭଲ ପଢ଼ନ୍ତି ଓ ମୁଁ କାମ ସାରି ତାଙ୍କ ପାଖକୁ ଆସିଲେ ସେ ମୋତେ ଯାହା ପଚାରିଲେ ବୁଝେଇ ଦିଅନ୍ତି । ମୋତେ ବହି ପଢ଼ା ମଧ୍ୟ ଶିଖେଇ ଦେଲେଣି । ବାବୁ ପ୍ରବଳ ରାଗି ଯାଇଥିଲେ । ଗଳାକୁ ଧରି ଟେକି କଚାଡ଼ି ଦେଇଥିଲେ ମାନସିକୁ । ବାରଣ କରି କହିଥିଲେ ତୁ ଯେମିତି ଆଉ ତା ପାଖକୁ ନଯାଉ । ତାର ପଢ଼ାରେ ଯଦି ବାଧା ସୃଷ୍ଟି କରୁ ତତେ ଘରୁ ଗଳା ଧକ୍କା ଦେଇ ବାହାର କରିଦେବି । ହେଲେ ମାନସିକୁ ବହୁତ ଭଲ ପାଉଥିଲା ପ୍ରିୟା । ସମବୟସୀ ହେଲେ ମଧ୍ୟ ପ୍ରିୟା ବୁଝିପାରେ ମାନସି ପରିସ୍ଥିତିରେ ପଡ଼ି ପର ଘରେ ଚାକରାଣୀ ହୋଇ ରହିଛି । ବାପା ତାର ରୋଗିଣା । ମାନସି ବଡ଼ ତା ତଳେ ମଧ୍ୟ ଆହୁରି ସାନ ଦୁଇଭଉଣୀ ଅଛନ୍ତି । ଯେତେବେଳେ ସୁଯୋଗ ମିଳେ ସେ ମାନସିକୁ ପାଖକୁ ଡକାଇ ବହି ପଢ଼ା ଶିଖେଇଦିଏ । ଗପ ଶୁଣାଏ । ଗଣିତରେ ମିଶାଣ ଫେଡ଼ାଣ ଗୁଣନ ଓ ହରଣ ଆଦି ମଧ୍ୟ ଶିଖେଇ ଦିଏ । କିଛିଦିନ ହେବ ମାନସି ପ୍ରିୟା ପାଖକୁ ଯିବାକୁ ଭାରି ଭୟ କରୁଛି । କାଳେ ବାବୁ ତାକୁ ବାଡ଼େଇବେ । ତାର ଏପର୍ଯ୍ୟନ୍ତ ଗଳାରେ ଦରଜ କମି ନାହିଁ । ଛୋଟ ପିଲା ନିଷ୍କପଟ ମନ । ତଥାପି ବାବୁଙ୍କ ଅନୁପସ୍ଥିତିରେ ଟିକେ ଟିକେ ପ୍ରିୟା ପାଖକୁ ଚାଲିଯାଏ ପାଠ ପଢ଼ିବା ପାଇଁ ।

ପ୍ରିୟା କେତେ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧୁଛି । କେତେ ସୁନ୍ଦର ଗହଣାରେ ନିଜକୁ ସଜେଇ ହେଉଛି । ରାଜକୁମାରୀ ପରି ଦେଖାଯାଉଛି । ହେଲେ ମାନସି ସବୁବେଳେ ସେଇ ଛିଣ୍ଡା ଦଦରା ପୋଷାକ । ହଜାରେ ଗୁନ୍ଥା ଯାଇଥିବା ଛୁଞ୍ଚି ସିଲେଇ । ଆଜି ପ୍ରିୟାର ଜନ୍ମଦିନ । କେତେ ବନ୍ଧୁ ବାନ୍ଧବ ଘରକୁ ଆସିଛନ୍ତି । କେକ୍ କଟାଯିବ ନାନା ସୁସ୍ୱାଦୁ ବ୍ୟଞ୍ଜନରେ ରୋଷେଇ ଚାଲିଛି । କେତେ କଣ ହେବ ଆଜି । ମାନସିର ସକାଳ ଠାରୁ ଅନେକ କାମ । ଟିକେ ବି ଫୁରସତ ନାହିଁ । କିଏ କହୁଛି ଏଇଟା ଆଣ ତ କିଏ କହୁଛି ସେଇଟା ନେଇ ରଖିଦେ । ପିଲାଲୋକ ସକାଳ ଠାରୁ ଦଉଡ଼ି ଦଉଡ଼ି ହାଲିଆ ହୋଇଗଲାଣି । ଭାରି ଭୋକ ହେଲାଣି । ଖାଇବା କଥା କହିଲେ ବି କାହାକୁ କହିବ । ଏଠି କଣ ମାଆ ଅଛି ଯେ ପେଟ ଦେଖି ଜାଣିପାରିବ । ରୋଷେଇ ଘରେ ବସି ବାସନ ମାଜୁଥାଏ । ହଠାତ୍ ପ୍ରିୟା ଖୋଜି ଖୋଜି ଆସି ପହଁଚିଲା । ଆରେ ମାନସି ଆଜି ମୋର ଜନ୍ମଦିନ । ମୋର ଯେତେ ସାଙ୍ଗ ଅଛନ୍ତି ସବୁ ଆସି ସାରିଲେଣି । ହେଲେ ତୁ ପରା ମୋର ସବୁଠାରୁ ପ୍ରିୟ ସାଙ୍ଗ । କେତେ ସେବା କରୁଛୁ ମୋର । ମୋ ଜୋତା ପଲିସ କରୁଛୁ, କପଡ଼ା ସଫା କରୁଛୁ, କେତେ କଣ କରୁଛୁ । ଆଜି ତତେ ଏବେ ଠାରୁ କାମରୁ ଛୁଟି ଦିଆଗଲା । ତୁ ଆସିଲୁ ମୋ ସହିତ । ଟିକେ ସଜେଇ ଦେବି । ବାପା ଯାହା କହିଲେ ବି ମୁଁ ଆଜି ଶୁଣିବି ନାହିଁ । ଆଜି ମୋ ଜନ୍ମଦିନରେ ତୁ ମୋ ସହିତ ରହିବୁ ହିଁ ରହିବୁ ।

ନାଇଁ ଦିଦି ବାବୁ ଦେଖିଲେ ମୋତେ ମାରି ପକେଇବେ । ପ୍ରିୟା କୌଣସି କଥା ନ ଶୁଣି ମାନସିକୁ ଟାଣି ଟାଣି ତା କୋଠରୀକୁ ନେଇଗଲା । ଗାଧୁଆ ଘରକୁ ନେଇ ବାସ୍ନା ବାଲା ସାମ୍ପୁ ଓ ସାବୁନ ଲଗେଇ ଗାଧୋଇ ଦେଲା । ଝାଲିରି ଲଗା ଫ୍ରକ ପିନ୍ଧେଇ ଦେଲା । ଅଳତା ଅତର ଲଗେଇ ପୁରା ରାଜକୁମାରୀ ଭଳି ସଜେଇ ଦେଲା ।

ଦିଦି ମ ଦିଦି ମୋତେ ଭାରି ଭୋକ ଲାଗିଲାଣି । ମୋ ତଣ୍ଟି ଶୁଖିଯାଉଛି । ସକାଳ ଠାରୁ କିଛି ଗଣ୍ଡେ ବି ମୋ ପେଟକୁ ଯାଇନାହିଁ । ମୋ ପ୍ରିୟା ଦିଦିର ଜନ୍ମଦିନ ଖୁସିରେ ମୋତେ ଯାହା କହୁଛନ୍ତି ମୁଁ କେବଳ କରିଚାଲିଛି । ହେଲେ ମୋତେ ଖାଇବା କଥା କେହି କହୁନାହାନ୍ତି । ହଉ ମୁଁ ଦେଖୁଛି କିଛି ମିଳିବ କି କଣ ?

କିଛି ସମୟରେ ପରେ ପ୍ରିୟା ଫେରିଆସି କହିଲା ନାହିଁ ମାନସି ରୋଷେଇ ଘରକୁ ମୋତେ ଛାଡ଼ିଲେ ନାହିଁ ତୁ ଆଉ କିଛି ସମୟ ରହିଯାଆ । ମୁଁ ନିଶ୍ଚୟ କିଛି ବ୍ୟବସ୍ଥା କରିବି । ମୁଁ ଯଦି ତୋ ଖାଇବା କଥା କୁହେ ତେବେ ବାପା ଏଇନେ ତୋର ସବୁ ଖୁସିକୁ ପାଣିଫୋଟକା ଭଳି... ନାଇଁ ମ ଦିଦି ଆଜି ମୋତେ କିଛି ନୂଆ ନୂଆ

ଜୀବନ ପାଇଲା ଭଳି ଲାଗୁଛି । ସତରେ ଆଜି ମୁଁ ଆଇନା ଆଗରେ ଠିଆ ହୋଇ ଏକ ନୂଆ ମାନସିର ରୂପ ଦେଖିପାରୁଛି । ମୁଁ କଣ ଗରିବ କାଙ୍ଗାଳୀର ଛୁଆ । ଏଇନେ ତ ମୋତେ କିଛି ଜଣା ପଡୁନି । କିନ୍ତୁ ଗରିବ କାଙ୍ଗାଳୀର ଛୁଆ ବୋଲି କାହାକୁ ଜଣା ନ ପଡ଼ିଲେ ମଧ୍ୟ ମାନସି ନିଜକୁ ଜାଣି ପାରିଥିଲା କାରଣ ସେ ସିନା ସଜେଇ ହୋଇଥିଲା ହେଲେ ତାର ପେଟ ଜଳି ଯାଉଥିଲା ଏକ ଅଜଣା ଭୋକ ଦାଉରେ । ସବୁ କିଛି ଆଗରେ ଅଛି ଖାଇପାରୁନାହିଁ । ତାକୁ ଯଦି ଏଇନେ ଅଇଁଠା ପତ୍ର ବି ମିଳିବ ସେ ଚାଟି ଚାଟି ଖାଇଯିବ ।

କେକ୍ କଟା ସମୟ ଆସିଲା । ପ୍ରିୟା ଟେବୁଲ ପାଖରେ ଠିଆ ହୋଇଥାଏ । ବାହାରେ ନିମନ୍ତ୍ରିତ ଲୋକ ମାନେ ଭୋଜନରେ ବ୍ୟସ୍ତ । ପ୍ରିୟାର ସାଙ୍ଗମାନେ କେକ୍ କାଟିବା ସମୟରେ ଜନ୍ମ ଦିନର ଶୁଭକାମନା ଦେଉଥାଆନ୍ତି । ହାପି ବାର୍ଥଡେ ହାପି ବାର୍ଥଡ଼େ କହୁଥାନ୍ତି ହିଁ କହୁଥାନ୍ତି । ପ୍ରିୟା ସମସ୍ତ ସାଂଗମାନଙ୍କୁ ଅନେଇଲା । ହେଲେ ମାନସି କାହିଁ ଯାହାକୁ ସେ ରାଜକୁମାରୀ ଭଳି ସଜେଇ ଦେଇଥିଲା । ଜୋରରେ ଡାକ ଛାଡ଼ିଲା ମାନସି ମାନସି । କୁଆଡ଼େ ଗଲୁ ଜଲ୍‌ଦି ଆ । ସମୟ ହୋଇଗଲାଣି । ଜଲ୍‌ଦି ଆ ।

ପାଖରେ ଥିବା ସମସ୍ତ ବନ୍ଧୁବାନ୍ଧବ ସାଙ୍ଗସାଥି ଓ ବାପାମାଆ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ଚାକର ପିଲା ପ୍ରତି ଏତେ ଦରଦ । ବାପା ରାଗି ଯାଇ କହିଲେ ପ୍ରିୟା ସେମାନେ ହେଲେ ଚାକରାଣୀ ଲୋକ । ବାର ଦ୍ୱାର ଝାଡୁ ମାରିବା ସେମାନଙ୍କର କାମ । ସେ ଯୁଆଡ଼େ ଯାଉଛି ଯାଉ । ତୁ କେକ୍ କାଟ । ନାଇଁ ବାପା ସେ ନ ଆସିବା ଯାଏ ମୁଁ କେକ୍ କାଟିବି ନାହିଁ । ବନ୍ଦ କର ହାପି ବାର୍ଥଡ଼େ । ମୋ ଜନ୍ମ ଦିନ ପାଳନ ନହେଲେ ନହେବ । ମୁଁ ମୋର କେହି ସାଂଗ ନ ଆସିଲେ ନ ଆସନ୍ତୁ । ହେଲେ ମୋ ମାନସି ଦରକାର । ଯିଏ ନିଜର କୋମଳମତି ହୃଦୟକୁ ମୋ ପାଇଁ ଉଜାଡ଼ି ଦେଇଛି । ସେ ମୋ ମାଆ ପରି ମୋର ସେବା କରିଛି ମୁଁ ମୋ ମାଆଙ୍କର ପରସ ପାଇନାହିଁ ହେଲେ ତାହାରି କୋମଳ ହାତର ପରସ ପାଇଛି । ମୁଁ ସିନା ମାଆ ଛେଉଣ୍ଡ ହେଲେ ସେ ଦୀର୍ଘ ତିନି ବର୍ଷ ହେଲା ମୋ ପାଖରେ ମୋ ମାଆ ପରି ରହିଛି । ପାଠ ପଢ଼ିବାର ବୟସ ତାର ମଧ୍ୟ । ହେଲେ ସେ କଣ ଜନ୍ମ ହେଇଛି ମୋ ସେବା କରିବା ପାଇଁ । ମୋ ମାଆଙ୍କର ଅକାଳ ମୃତ୍ୟୁରେ ସିନା ମୁଁ ଦୁଃଖୀ ଥିଲି କିନ୍ତୁ ସେ ସବୁ ପିଲାର ମାଆ ପରି କରୁଛି କେବଳ ମୋ ପାଇଁ । ସେ ମୋ ବୟସରେ ହେଲେ କଣ ହେଲା ସେ ହେଉଛି ମୋ ମାଆ । ତାକୁ ଏଇଠିକୁ ଡାକନ୍ତୁ ବାପା । ସେ ଆପଣଙ୍କ ଭୟରେ ଆସୁନାହିଁ । ଭୋ ଭୋ ହୋଇ କାନ୍ଦୁଥିଲା ପ୍ରିୟା ।

ଛୋଟ ପିଲାଟିଏ ଯେମିତି ମାଆ ବିହୁନେ ବୁକୁ ଫଟା କାନ୍ଦ ବୋବାଳି କରିଥାଏ ସେମିତି ପ୍ରିୟା କାନ୍ଦୁ ଥିଲା ହିଁ କାନ୍ଦୁଥିଲା । ପୁଣି କହୁଥିଲା ବାପା ସେ ବି ମୋ ପରି ଅନ୍ୟ କାହାର ଝିଅ । କାହିଁକି ଏତେ ନିର୍ଦ୍ଦୟ ହେଉଛ ବାପା ? ଉପସ୍ଥିତ ସମସ୍ତ ଆତ୍ମୀୟ ସହୋଦରଙ୍କ ଚକ୍ଷୁରେ ଲୋତକ ଝରିଆସୁଥିଲା । ହଉ ଠିକ୍ ଅଛି ସେ ଆସିବ । ମୁଁ ଦେଖୁଛି କୁଆଡ଼େ ଗଲା । ଏବେ ମୁଁ ବୁଝିପାରିଲି ଗରିବ ଚାକରାଣୀ ହେଲେ ମଧ୍ୟ ସେ ବି ଜଣେ ମଣିଷ । ତାର ମଧ୍ୟ ହୃଦୟ ଅଛି । ମନ ଅଛି ଆଉ ବଞ୍ଚିବାର ଅଧିକାର ଅଛି । ସମସ୍ତେ ଖୋଜିବାରେ ଲାଗିଲେ । କୁଆଡ଼େ ଗଲା ମାନସି । ଘର ସାରା ଖୋଜା ସରିଲାଣି ହେଲେ ତା'ର ଚିହ୍ନବର୍ଣ୍ଣ ନାହିଁ । ଏତିକିବେଳେ ଜଣେ ଘର ପଛପଟରୁ ଡାକ ଛାଡ଼ିଲା ବାବୁ ବାବୁ ଦେଖିବେ ଆସନ୍ତୁ । ଆସନ୍ତୁ । ସମସ୍ତେ ଦଉଡ଼ି ଯାଇଥିଲେ ସେଇ ଦିଗକୁ । ପ୍ରିୟା ମଧ୍ୟ ଦଉଡ଼ି ଯାଇଥିଲା । ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେଲେ । ସମସ୍ତ ବନ୍ଧୁବାନ୍ଧବ ପ୍ରିୟାର ସାଂଗସାଥି ମଧ୍ୟ କାନ୍ଦୁଥିଲେ । ବାବୁ ସମସ୍ତ ଦୃଶ୍ୟ ଦେଖି ହୃଦୟଙ୍ଗମ କରିଥିଲେ ଓ ବୁଝିପାରିଥିଲେ ମାନସି ଚାକରାଣୀ ଥିଲା, ହେଲେ ସେ ମଧ୍ୟ ନିଜ ଝିଅ ପ୍ରିୟା ଭଳି ଅନ୍ୟ କାହାର ଝିଅ । ସେ ମଣିଷକୁ ମଣିଷ ନଭାବି ବହୁତ ବଡ଼ ଭୁଲ କରୁଥିଲେ । ଉପସ୍ଥିତ ଜନତା ବାବୁଙ୍କର ବହୁତ ତାତ୍ସଲ୍ୟ କରୁଥିଲେ । ସମସ୍ତେ କହୁଥିଲେ ଏଇ ଝିଅ ଯଦି ବାବୁଙ୍କର ଝିଅ ହୋଇଥାନ୍ତା । ପ୍ରିୟା ମାନସିକୁ ଯାଇ କୁଣ୍ଢେଇ ପକାଇଲା । ମାନସି ସତରେ ତତେ ଭୋକ ଲାଗୁଥିଲା ବୋଲି ତୁ କହୁଥିଲୁ ହେଲେ ମୁଁ ତୋ ପେଟର ଭୋକ ଜାଣିପାରିନଥିଲି । ତୁ ସେ ଅଇଁଠା ପତ୍ର ପକେଇ ଦେ ମାନସି । ମୋ ପାଇଁ ହୋଇଥିବା ସମସ୍ତ ଖାଦ୍ୟ ତୁ ଖାଇବୁ । ମୋ ପୋଷାକ ତୁ ପିନ୍ଧିବୁ ।

ମୋର କିଛି ଦରକାର ନାହିଁ ମାନସି । ମୋତେ କ୍ଷମା କରିଦେ ମାନସି । ପ୍ରିୟା ଭୋ ଭୋ ହୋଇ କାନ୍ଦୁଥିଲା । ମାନସିକୁ କହୁଥିଲା ମଣିଷକୁ ଭୋକ ଲାଗିଲେ ଅଇଁଠାପତ୍ର ବି ଚାଟିବାକୁ ହୋଇଥାଏ । ମାନସି ଭୋକ ବିକଳରେ ଯେଉଁ ପତ୍ରରେ ଅଧିକ ଛଡ଼ା ଅଇଁଠା ରହିଥିଲା ସେଇ ଗୁଡ଼ାକ ଖାଇଯାଉଥିଲା ।

ବାବୁ ତାକୁ କୋଳେଇ ନେଲେ ଆଉ କହିଲେ ମାନସି ଚାକରାଣୀ ନୁହେଁ ସେ ଆଜିଠାରୁ ମୋର ଆଉ ଗୋଟିଏ ଝିଅ । ସେ ପାଠ ପଢ଼ିବ ହିଁ ନିଶ୍ଚୟ ପାଠ ପଢ଼ିବ । ମୋ ଝିଅ ହୋଇ ପାଠ ପଢ଼ିବ । ସେ ଆଉ କୌଣସି କାମ ନକରି ମୋ ଝିଅ ସହିତ ପାଠ ପଢ଼ିବ । ସେ ହେବ ମୋର ସୁନା ଝିଅ ।

ଗୋପୀବନ୍ଧା, ବ୍ରାହ୍ମଣଗାଁ, ବାଲେଶ୍ୱର ।

# ବାପା

– ଦୁଷ୍ମନ୍ତ ବେହେରା

ଆମ ଘର ଗାଁରେ । ଆମ ପରିବାର ମଧ୍ୟ ଗାଁରେ ରହନ୍ତି । ଆମ ଗାଁ ପାହାଡ଼ ସବୁଜ ବଣ ଭିତରେ ସୌନ୍ଦର୍ଯ୍ୟର ମାଧୁର୍ଯ୍ୟରେ ଛୋଟିଆ ଝରଣାଟିଏ ବୋହି ଯାଇଛି । ସୁନ୍ଦର ଯେତିକି ଆମ ଗାଁ ମନହରା ବି ସେତିକି । ଆମର ପରିବାର କହିଲେ ଜେଜେବାପା, ବାପାମା' ଆମେ ଦୁଇଭାଇ ଗୋଟିଏ ଭଉଣୀ । ଅଭାବ ଅନାଟନ ଆମ ଚାଳ ଘରଟି ଚାଳଛପର ଚାରିକାନ୍ଥ ଭିତରେ ଦୁଃଖ ଭରା ସ୍ୱପ୍ନ ଅପେକ୍ଷା କରିଛି ସ୍ୱପ୍ନ ମରିଚିକା ଜୀବନ କେମିତି ବଂଚିବ । ଜୀବନ ବଂଚିଲା ବେଳକୁ ଅନେକ ସ୍ୱପ୍ନ ଭାଙ୍ଗି ଯାଉଛି...

ଜୀବନ ଲାଳସାରେ ଛନ୍ଦି ହୋଇ ଦୁଃଖଗୁଡ଼ାଏ କହିଦିଏ ଏ ଦୁଃଖ ନୁହଁତ ଦୁଃଖର ନଈ...

ବାପା ଆମର ଅନ୍ୟ ପାଖରେ ମୂଲ ଲାଗି କିଛି ପଇସା ଘରକୁ ଆଣନ୍ତି । କିନ୍ତୁ ଘର ଚଳିବା ଭାରିକଷ୍ଟ । ଏଣେ ବାପାଙ୍କ ମୁଣ୍ଡରେ ଆମେ ଛଅ ଝିଅ ବୋଝ ସେଇ ବୋଝ ମଧ୍ୟରେ ବାପା ଆମକୁ ଅନେକ ସମୟରେ ଦୁଃଖ ଜଣାଇବାକୁ ଦିଅନ୍ତି ନାହିଁ ।

ଆମ ଭାତ ହାଣ୍ଡିରେ କମ୍ ଭାତ ଥିଲେ ବାପା କହନ୍ତି ଆସ ସମସ୍ତେ ମିଳିମିଶି ଖାଇବା ତୋରାଣି ସାଂଗେ ଭାତ ଯୋଡ଼ିଏ । ଆମ ପରିବାର ମିଳାମିଶା ଓ ଭଲପାଇବା ବାପାଙ୍କ ଆଦେଶ ଏପରି ଆମକୁ ଅନେକ ଶିକ୍ଷାର ବାଟ ଦେଉଥିଲା ।

ଦୁଃଖ ମଣିଷକୁ କଷ୍ଟ ଦିଏନା କିଛି ଶିକ୍ଷା ଦେଇଯାଏ ବଂଚିବାର ଆଶା ମନରେ ଜନ୍ମେ ଆଗକୁ ବଢ଼ିବାର ରାସ୍ତା ଦେଖାଏ । ମୁଁ ବଡ଼ ଦୁଷ୍ଟ ଥିଲି । ପାଠ ଅପେକ୍ଷା ଖେଳରେ ମନ ଦିଏ । ଭୁଲ କରିବା ଦେଖିଲେ ବାପା ମୋତେ ଶାସନ କରନ୍ତି । ଦିନେ ମୁଁ ପାଠ ବଦଳରେ ଘରେ ମା ପିଠି ଉପରେ ଲାଉ ହେଇ ଝୁଲୁଥାଏ ।

ବାପା ଏଇ ସମୟରେ ଘରେ ପହଞ୍ଚିଲେ । ମୋତେ ଦେଖି କହିଲେ ଆରେ ପାଦପଦ୍ମ ପାଠ ପଢୁଛୁ ନା ମା ସାଙ୍ଗରେ ଗେଲ ହଉଚୁ ତୁ ପାଠ କରି ସାରିଲୁଣି ନା ନାହିଁ । ଖାତା ଟା ଆଣେ ତ ମୁଁ ଦେଖେ । ଆରେ ହଁ ତ ତୁ କିଛି ଖାତାରେ ପାଠ କରିନାହୁଁ ତାହେଲେ ତୁ ଚୌକିବସେ ।

ବାପାଙ୍କର ଶାସନ ମୁଣ୍ଡପାତି ସହିଯାଏ । ବଡ଼ ମଜାବି ଲାଗେ । କିନ୍ତୁ ମୋ ମା' ଆଗରେ କହନ୍ତି ଆଜି ମୋ ପୁଅକୁ କଷ୍ଟ ହୋଇଥିବ ଆମ ଶୋଇବା ଘର ଭିତରେ ଏକଥା ଗୁଡ଼ିକ ମୁଁ ଶୁଣୁଥାଏ । କିନ୍ତୁ ବାପାଙ୍କ ଆକଟ ମୋ ପାଇଁ କିଛି ପ୍ରେରଣା ଦେଉଥାଏ ।

ଗୋଟିଏ ଦିନ ମୁଁ ମୋ ସାଂଗମାନଙ୍କ ସହ ଖେଳୁଥାଏ । ସେହି ବାଟଦେଇ ବାପା ଯାଉଥିଲେ ମୋ ସାଂଗମାନଙ୍କର ଭଲ ପୋଷାକ ଦେଖି ମୁଁ ପିନ୍ଧିଥିବା ପୋଷାକ ଟିକେ ଚିରି ଯାଇଥିଲା । ମୋ ବାପା ଦେଖି ବଡ଼ ଦୁଃଖ ପ୍ରକାଶ କଲେ । ଛାଡ଼ ମୋ ବାପା ପଣିଆକୁ ମୁଁ ଖଣ୍ଡିଏ ଭଲ ପୋଷାକ ମୋ ପୁଅକୁ ଦେଇପାରିଲି ନାହିଁ । କିଛି ଦିନ ଗଲାପରେ ମୂଲ ଲାଗି ପଇସା ରୋଜଗାର କଲେ ଦୋକାନରୁ ପ୍ୟାଣ୍ଟସାର୍ଟ ଖଣ୍ଡିଏ କିଣିଆଣି ଡାକିଲେ ପାଦପଦ୍ମ ଆ ଦେଖିବୁ ମୁଁ ତୋ ପାଇଁ କଣ ଆଣିଛି । ଘର ଭିତରୁ ପାଦପଦ୍ମ ବାହାରି ଆସି ଦେଖିଲା ବାପା ପ୍ୟାଣ୍ଟ ସାର୍ଟ ଆଣିଛନ୍ତି । ବାପାଙ୍କୁ କୁଣ୍ଢେଇ ପକାଇ ଛଳଛଳ ଆଖିରେ କହିଲା ତୁମେ ମୋ ଆଖିରେ କେବେ ଲୁହ ଦେବନାହିଁ ମୁଁ ଜାଣିଛି ବାପା । ମୋ ପଛେ ପଛେ ମୋ ଭାଇ ଭଉଣୀ । ମା' ଆମ ପାଖକୁ ଚାଲି ଆସିଲେ । ବାପା ଆମକୁ କୁଣ୍ଢେଇ ପକେଇ କହିଲେ ମୁଁ ବଂଚିଥିବା ପର୍ଯ୍ୟନ୍ତ ତମ ଆଖିରେ ଲୁହ ଠୋପେ ଦେବିନାହିଁ । ଏଇ କଥା କହୁ କହୁ ଘର ଅଗଣାର ଦୁଆରେ ବାପାଙ୍କର ଲୁହ ଠୋପେ ବି ପଡ଼ି ମାଟି କହୁଥିଲା ଏ ଦୁଃଖ ନୁହଁରେ ଏ ସରଗଠୁ ଆହୁରି ସୁଖ । ପାଦପଦ୍ମ ସରକାରୀ ଅଫିସ ଚୌକିରେ ବସି ଏକଥା ଗୁଡ଼ିକ ଭାବୁ ଭାବୁ ପିଅନ ଆସି ଡାକିଲା ବାବୁଆଜ୍ଞା । ଫାଇଲଟା ଆଣିଛି । ଦସ୍ତଖତ କରିଦେବେ ।

ହଉ ତୁମେ ଯାଅ ମୁଁ ଟିକେ ପରେ ଦସ୍ତଖତ କରି ଡାକିବି । ଫାଇଲକୁ ଆଡ଼େଇ ଦସ୍ତଖତ କରିଲା ବେଳକୁ ମନେପଡ଼ିଲା ଏଠିତ କେହି ମୋ ଭୁଲ ଦେଖନ୍ତି ନାହିଁ । ମୁଁ ଭୁଲ କଲେ ମୋତେ ଆଜ୍ଞା ବୋଲି କୁହନ୍ତି । କାହିଁକି ନା ମୁଁ ବଡ଼ ଅଫିସର ଅଛି ବୋଲି । ମୁଁ ଭୁଲ କଲେ ବାପା କରୁଥିଲେ ଶାସନ । ଅଫିସ କାନ୍ଥରେ ବାପାଙ୍କର ଫଟୋ ଫ୍ରେମକୁ ଅନାଇ ବାପା .....ଏଠି ମୋର ଅନେକ ଭୁଲ ହୁଏ କେହି ମୋତେ ଶାସନ କରନ୍ତି ନାହିଁ । ବାପା ମୁଁ କାହାଠାରୁ ମାଡ଼ ଖାଇବି କିଏ ମୋ ଜୀବନର ଭୁଲକୁ ସୁଧାରିଦେବ । ଜୋର୍‌ରେ ଡାକିବାକୁ ଲାଗିଲେ ବାପା......ସେହି ଅଫିସର ଚାରିକାନ୍ଥ ଭିତରେ ଦୁଇଟି ଶବ୍ଦ ଗୁଞ୍ଜରିତ ହେଉଥିଲା ବାପା.... ବାପା....ବାପା.... ।

ରାସୋଳ, ମୁଣ୍ଡିଆପଷି, ଢ଼େଙ୍କାନାଳ ।

# ବିସ୍ଥାପିତଙ୍କ ଆର୍ତ୍ତନାଦ

– ଦେବାଶିଷ ମିଶ୍ର

ପାହାଡ଼ ନିକଟସ୍ଥ ଏକ ପଡ଼ିଆରେ ଆନ୍ଦୋଳନକାରୀ ଜନତା ଏକାଠି ହୋଇଥିଲେ । ପ୍ରସ୍ତାବିତ କୋଇଲା ଖଣିକୁ ଗ୍ରାମୀଣ ବିରୋଧକୁ ଅଣଦେଖା କରି ଆସୁଥିଲେ ସରକାରୀ ବିସ୍ଥାପନକୁ ସରକାର ସିନା କେବଳ ଜମି ବା ଘରଡିହ ଭଳି ସ୍ଥଳଭାଗ ଦଖଲରୁ ସ୍ଥାନାନ୍ତରିତ କରିବା ଅର୍ଥରେ ବୁଝିଛନ୍ତି କିନ୍ତୁ ଯାହାକୁ ବିସ୍ଥାପିତ କରାଯାଏ, ତା ପାଇଁ ଏହା ଏକ ମନସ୍ତାତ୍ୱିକ ଯନ୍ତ୍ରଣା, କାରଣ ଯେଉଁ ପରିବେଶକୁ ନେଇ ତାର ସଂସ୍କାର, ସଂସ୍କୃତି, ମାନବୀୟ ସମ୍ପର୍କ ଓ ଜୀବନଜୀବିକା ଗଢ଼ି ଉଠିଥାଏ । ସେ ପରିବେଶକୁ ହରାଇବା ପରେ ନୂତନ ପରିବେଶ ତାକୁ ପୂର୍ବର ସେଇ ସହଜ ଓ ଅନ୍ତରଙ୍ଗ ଜୀବନ ଦେଇପାରେନାହିଁ । ତାର ଜୀବିକା ପୂର୍ବଭଳି ରହିପାରେ ନାହିଁ ତାର ଆତ୍ମବିଶ୍ୱାସ ମଧ୍ୟ ଦୁର୍ବଳ ହୋଇଯାଏ । ଆତ୍ମକୈନ୍ଦ୍ରିକ ନଛୋଡ଼ବନ୍ଧତାର ଦଳମରିବୁ ପଛକେ ହଟିବୁ ନାହିଁ । ନିଆଁହୁଳା ଜାଳି ରାସ୍ତା ଅବରୋଧ କରିବୁ । ସରକାର ତୁମେ ଜବାବ ଦିଅ ମନୋଜ ତା ଭାଷଣରେ ଅନୁପ୍ରାଣିତ କରି ସମସ୍ତ ବିସ୍ଥାପିତ ମାନଙ୍କ ପାଇଁ ନ୍ୟାୟ ପାଇବା ଆଶାରେ ଧାରଣା ଦେଇ ବସିଥିଲା । ଗ୍ରାମବାସୀଙ୍କ ସ୍ଲୋଗାନର ତୀବ୍ରତା ମଧ୍ୟ ବଢୁଥିଲା । ଆଦାନି କମ୍ପାନୀ ମୁର୍ଦାବାଦ, ମୁର୍ଦାବାଦ..... । ଆମେ ମରିଯିବୁ ପଛେ ଆମ ଭିଟାମାଟି ଛାଡ଼ିବୁ ନାହିଁ । ମୁଁ ସେଦିନ ଘଟଣା କ୍ରମରେ ତାଙ୍କ ଗାଁକୁ ଯାଇଥାଏ । ଦେଖିଲି ଦଳେଲୋକ ଘରଦ୍ୱାର ଛାଡ଼ି ଜଗିକି ବସିଛନ୍ତି । ସାହସ ବାନ୍ଧି ପଚାରିଲି ଭାଇ କାହିଁକି ଏଠି ରାତିଦିନ ନିଆଁହୁଳା ଜାଳି ବସିଛ ? ଜଣେ ଯୁବକ ଦୌଡ଼ିଆସିଲା । ବିରାଟ ବଡ଼ ଚେହେରାଟା ଦେଖି ଡର ଲାଗୁଥାଏ । କହିଲା ତୁମେ କିଏ ହୋ ସରକାରଙ୍କ ଚାମଚା ନା ଶିଳ୍ପପତି ଦଲାଲଙ୍କ ଗୁମାସ୍ତା ? ମୁଁ ଟିକିଏ ଡରିଗଲି । କହିଲି ନା ଭାଇ ମୁଁ ଜଣେ ଶିକ୍ଷକ ଆଜି ନୂଆ କରି ଏଠିକି ଆସିଛି ତୁମ ଗାଁରେ ଶିକ୍ଷକ ହେଇ । ସେଠୁ କହିଲା ଏଇଠି ବସ ବାବୁ ବସିପଡ଼ିଲି । ଏଥର ଟିକିଏ ଭରସା ପାଇଲା । ସାହସ ବାନ୍ଧି ପଚାରିଲି ଭାଇ ଶିଳ୍ପର ବିକାଶ ହେଲେ ତୁମର ତ ଭାଗ୍ୟ ବଦଳିଯିବ । ତୁମ ପିଲାଏ ଚାକିରି ପାଇବେ । ଦେଶ ଅର୍ଥନୀତିର ବିକାଶ ହେବ । ତୁମ ଅଂଚଳର ମାନଚିତ୍ର ବଦଳି ଯିବ ଅସୁବିଧା କ'ଣ ?

ଅନେକ ଗାଡ଼ିମଟର ଆସିବ, ବଜାର ହାଟ ବସିବ ସ୍କୁଲକଲେଜ ଖୋଲିବ । ତୁମେ କିଆଁ ଶିଳ୍ପ ବିକାଶକୁ ବିରୋଧ କରୁଛ ? ତୁମର ତ ଲାଭ ହିଁ ଲାଭ ।

ପ୍ରଶାନ୍ତ ବୁଦ୍ଧିଆ ଏଥିରେ ବିରକ୍ତ ହୋଇଉଠିଲା । କହିଲା ରଖ ହୋ ତୁମ ଲାଭ କ୍ଷତିର ହିସାବ । ଲାଭ ଯାହାର ହେବା କଥା ହେଉଛି । ଆମେ ଖାଲି ହଇରାଣ ହରକତ ହେବା ସାର । ତୁମର ଶିଳ୍ପ ବିକାଶ ହେଉ କି ନହେଉ ଆମକୁ ସେଥିରୁ କଣ ମିଳିବ ? ଜଂଗଲ ଆମର । ଜଂଗଲ ଗଲେ ଆମ ଜୀବିକା ଯିବ । ଆମେ କଣ ଖାଇ ବଂଚିବୁ କି ହୋ ? ଚାଷ ଜମି ତ ସବୁ ଶିଳ୍ପ ପରେଯିବ । କଣ ଗୋଡ଼ି ପଥର ଖାଇ ଆମେ ଜୀବନ ଧରିବୁ? ଘର ଖଣ୍ଡିକ ଆଗ ଯିବ । କେଉଁଠି ମୁଣ୍ଡ ଗୁଂଜିବୁ । କଂପାନୀ ସହ ସିଧା ସଳଖ ଆମର ବୁଝାମଣା ହେଉ ନଥିବାରୁ ନେତାଏ ଫାଇଦାରେ ରହିବେ । କଂପାନୀ ଆମ ଦାବୀ ପୂରଣ ଉଦାସୀନ ରହୁଛି । ବାହାରୁ କୁଶଳୀ କାରିଗର ଆଣି ନିଜ କାମ ତୁଲାଉଛନ୍ତି । ଆମେ ଏଠୁ ହଟିଲା ପରେ ନା କଂପାନୀ ନା ଆଉ କିଏ ଆମ ଦୁଃଖ ବୁଝିବେ? ଆମ ବେକାରୀ ହେଇ ଭୋକ ଉପବାସରେ ସଢ଼ିବୁ । ଆମ ବିସ୍ଥାପନ କଥା କିଏ ସେ ବୁଝିବ? ଆମ ଘରଦ୍ୱାର ଓ ସୁବିଧା ସୁଯୋଗ ସବୁ ପଛକୁ ରହିବ । ଆମ ଦୁଃଖ କିଏ କେମିତି ବୁଝିବ ହେ ।

ମୁଁ କହିଲି ଭଲ କଥାଟିଏ କହିଲା ଭାଇ ମନୋଜ ଏତେବେଳେ ଯାଏ ସବୁ ଶୁଣୁଥିଲା । କହିଲା ସବୁ ଠିକ୍ ଯେ ହେଲେ ଆମେ ବିସ୍ଥାପିତ ଯେ ଘରଦ୍ୱାର ଛାଡ଼ । ଆମ ସାମାଜିକ ସଂପର୍କ, ଆମ ସମୃଦ୍ଧି, ଏ ଗାଁ ଆମ ଗ୍ରାମ୍ୟ ସଂସ୍କୃତି, ସବୁଲୋପ ହୋଇଯିବ କିଏ ସେ ତାକୁ ଫେରାଇ ଦେବ କୁହ ? କଥା ହେଉଛି ଯେଉଁ ଘରବାଡ଼ି ଗାଡ଼ିଆ ତେନ୍ତୁଳି ଗଛ ନେଉଆଗଛ ଦୁଆର ମୁହଁର ବରକୋଳି ଗଛ ଆଉ ପଥରମୁଣ୍ଡିଆ । ପୁଣି ଗାଁ ବରଗଛତଳେ ଦିଅଁ ଦେବତା ସବୁ ତ ଆମ ସ୍ମୃତିର ସ୍ମାରକୀ । ଯେଉଁଠି କାଟିଛି କେତେ ବିନ୍ଦିର ରଜନୀ ପୁଣି ଉଦିଉଦିଆ ଖରାବେଳେ ଆଉ ପାହାନ୍ତି ଶୀତ ରାତି କେହି ସେସବୁ ଦେଇକି ପାରିବେ ? ବିସ୍ଥାପିତ ଯିଏ ଏକା ସେଇ ସିନା ବୁଝେ ତହିଁର ଦୁଃଖ । ମନୋଜର କଥାରେ ସମ୍ମତି ଜଣାଇ ଅନ୍ୟଲୋକମାନେ ବି ପଦେ ଅଧେ ପାଳି ଧରୁଥାନ୍ତି । ମତେ ବି ଭାବିବାକୁ ମଜବୁର କରିଦେଇଥାନ୍ତି । ଭାବନା ରାଜ୍ୟରେ ଘୂରିବୁଲି ବୁଲି ମୁଁ କେତେବେଳୁ ହଜି ଯାଇଥାଏ ଯେତେ ଚେଷ୍ଟା କଲେ ବି ଆଦୌ ପ୍ରକୃତିସ୍ଥ ହୋଇପାରୁନଥାଏ । ସତେକି ଭୂତଟାଏ ସବାର ହୋଇଛି ପୁଣି ମୁଁ ଭାବିବାକୁ ଲାଗିଲି ।

ମଣିଷକୁ ଆଜି ଖାଲି ବିସ୍ଥାପିତ ହେବାକୁ ପଡୁଛି । ବିଜ୍ଞାନ ଓ କାରିଗରୀ ଜ୍ଞାନ କୌଶଳର ବିକାଶ ସଂଗେ ସଂଗେ ମଣିଷର

ଆବଶ୍ୟକତା ବଢ଼ିଛି । ଆଉ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ସେ ନାନାବିଧ ଉପାୟ ପାଂଚୁଛି । ଶିଳ୍ପର ଅଭିବୃଦ୍ଧି ଦେଶ ଅର୍ଥନୀତିର ମାନଦଣ୍ଡ କହି ବିଭିନ୍ନ କଳକାରଖାନା ନିତ୍ୟ ପ୍ରତିଷ୍ଠିତ ହେଉଛି । ଅନେକ ବିଦେଶୀ କଂପାନୀ ଆସୁଛନ୍ତି । ମାଇନ୍ସ, ନଦୀବନ୍ଧ ନିର୍ମାଣ, ବିଦ୍ୟୁତ ପ୍ରକଳ୍ପ, ବନ୍ଦର ନିର୍ମାଣ ଆଦି ଯୋଗୁଁ ଜମି ଅଧିଗ୍ରହଣ କରିବାକୁ ପଡୁଛି । ଏସବୁ ଠିକ୍ ଯେ ହେଲେ ଜମି ଅଧିଗ୍ରହଣକୁ କେନ୍ଦ୍ରିୟ କରି ବୁଦ୍ଧିଆପାଲି ଗାଁରେ ଯେଉଁ ବିଦ୍ରୋହର ବହ୍ନି ଜଳୁଛି ଗ୍ରାମରୁ ଗ୍ରାମ ଯାଏ ସବୁଠି ତାହା ସହଜେ ପ୍ରଶମିତ ହେବା କଥାଟା ହେଉଛି ମଣିଷର ଆବଶ୍ୟକତା ପାଇଁ ଆଜି ଚାଷଜମି ବନ୍ଧା ହେଉଛି । ଜଂଗଲ ନଷ୍ଟ ହେଉଛି । ପରିବେଶ ଓ ସମାଜ ଉପରେ ତାକୁ ପରିଣାମ ବେଶ ପରିଦୃଷ୍ଟ । ଯେଉଁ ଜନମମାଟିର ମୋହ ତାକୁ ଆକର୍ଷଣ କରେ ଯେଉଁ କୁଡ଼ିଆ ତାକୁ ଖରା, ଶୀତ, ବର୍ଷା, କାକରରୁ ରକ୍ଷା କରି ଆସୁଛି ତା ଠାରୁ ଦୂରେଇ ଯାଉଥିବା ଦେଖି ସିଏ ଆଜି ବିବ୍ରତ । ମନ ତାର ଦୁଃଖ ପରିତାପରେ ଘାରି ଯାଉଛି । ଦେଖାଦିଏ ତୀବ୍ର ମାନସିକ ଦ୍ୱନ୍ଦ ମନ ତା'ର ବିଦ୍ରୋହ କରି ଉଠେ । ଶିଳ୍ପପତିର ଅର୍ଥର ପ୍ରଲୋଭନ ତାକୁ ପ୍ରଲୋଭିତ କରିପାରେନା ।

ଏହିପରି ଭାବନା ରାଜ୍ୟରେ ମୁଁ ଅହରହ ବିଚରଣ କରୁଥାଏ । ହଠାତ ମୋର ସମସ୍ତ ଭାବନା ବିପର୍ଯ୍ୟସ୍ତ ହୋଇଗଲା । ଅନତି ଦୂରରେ ଚିନ୍ତା ଜଳୁଥାଏ । ଗୋଟିଏ ଛାୟାମୂର୍ତ୍ତି ମୋ ନଜରରେ ପଡ଼ିଲା ମୁଁ ଚମକି ପଡ଼ିଲି । ମୁଁ ପଚାରିଲି ହେ ହେଇଟି କଅଣ ଦିଶୁଛି ? ମନୋଜ ମୋ ପାଖକୁ ଲାଗି ଆସିଲେ । କହିଲେ ନାଇଁ ହୋ ବାବୁ ଶୁକ୍ରାର ପିଲାଟି ଗୁଲିରେ ମଲେ । ତା'ର ଏ ଦୁନିଆରେ ଆଉ କେହି ନାହାନ୍ତି । ସେ ତାକୁ କଂପାନୀ ପକ୍ଷରୁ ଘର କି ଅର୍ଥ ଦେଲେ ସେ କଣ କରିବ । ତା'ର ନିଜର କହିଲେ ତ କେବଳ ଏ ମାଆ ମାଟି ଖଣ୍ଡିକ । ସେ କାହିଁକି ନିଜ ଜନ୍ମମାଟିକୁ ଛାଡ଼ିବ । ସେ କଥା ଗୁଡ଼ାକ ଭାବି ମୋ ଅନ୍ତର ବିଦାରିତ ହେଇଯାଉଥାଏ । କଲିଜା ଥରି ଉଠୁଥାଏ । ମନ ଦୁଃଖରେ ଘାରି ହୋଇ ଯାଉଥାଏ ।ଏଥର ବିଦାୟ ନେବାର ବେଳ ହୋଇଯାଇଥିଲା । ସମସ୍ତଙ୍କୁ ଗଭୀର ଭାବେ କୃତଜ୍ଞତା ଓ ଧନ୍ୟବାଦ ଜଣାଇ ମୁଁ ବାହାରିଲି । ଆନ୍ଦୋଳନୀକାରୀମାନେ ଛିଡ଼ା ହୋଇପଡ଼ିଲେ । ହାତ ଯୋଡ଼ି ନମସ୍କାର କଲେ । ଆଇଲାବେଳକୁ କହିଲେ ତୁମ କଥାଟା ଭଲ ଭାବରେ ମୁଁ ଛାପିବି । ମୁଁ ଜଣେ ଶିକ୍ଷକ ସହିତ ପତ୍ରକାର ମଧ । ଗାଁଲୋକଙ୍କ ଭିତରେ ଗଣମାଧ୍ୟମକୁ ନେଇ ଅବିଶ୍ୱାସ ରହିଛି । ଗାଁଲୋକଙ୍କ ଅଭିଯୋଗ ହେଲା ସ୍ଥାନୀୟ ସାମ୍ବାଦିକମାନେ ନିୟମିତ ଶିଳ୍ପସଂସ୍ଥାମାନଙ୍କଠାରୁ ଲାଞ୍ଚ ନେଇ ଆସୁଥିଲେ ଏବଂ ଲୋକଙ୍କ ପକ୍ଷର କଥା ନିଜ ଖବରରେ ଲେଖୁ ନଥିଲେ । ତେଣୁ ସମସ୍ତେ ଏକ ସ୍ୱରରେ କହିଲେ ହେଲେ ଆମେ ମରିବୁ ପଛେ ଜମା ହଟିବୁ ନାହିଁ । ଯଦି ଆମ ଜମି ନେବାକୁ ଚାହୁଁଛ, ତେବେ ଆମକୁ ସମାନ ପରିମାଣର ଜମି ଆଉ କ୍ଷତି ପୂରଣ ଜମି ଦିଅ । ଏ କଥାକୁ ନିଶ୍ଚୟ ଛାପିବେ ।

କ୍ରମଶଃ...

ଅବନକଲୋ, ସୁନ୍ଦରଗଡ଼ ।

# ପ୍ରତିବିମ୍ବ

**ଶାରଦାକାନ୍ତ ମିଶ୍ର**

ଡ୍ରେସିଂ ଟେବୁଲର ଆଇନା ଆଗରେ ଠିଆ ହୋଇ ନିଜକୁ ଭଲକରି ପରଖିନେଲେ ସୁବାସ । ହଁ, ଏଥର ପୁରା ପ୍ରେଜେଣ୍ଟେବଲ୍ ଲାଗୁଛନ୍ତି ସେ । ଇସତ୍ ହଳଦିଆ ରଙ୍ଗର ହାଫ୍ ସାର୍ଟ ସାଙ୍ଗକୁ ମିଲିଟାରୀ ରଙ୍ଗର ଧଳା ଚେକ୍ ପ୍ୟାଣ୍ଟ୍ ତାଙ୍କୁ ଭଲମାନେ । ସ୍ପେଶାଲ ଅକେଜନରେ ଏହାକୁ ପିନ୍ଧିବାକୁ ସେ ଅଧିକ ପସନ୍ଦ କରନ୍ତି । ଲୋକେ କୁହନ୍ତି ସେଥିରେ ସେ କୁଆଡ଼େ ଅଧିକ ସ୍ମାର୍ଟ୍ ଲାଗନ୍ତି । ସେଇ ହଳକ ପିନ୍ଧି ଗଲେ ଦୋକାନୀ ଓ ସେଠାକାର କର୍ମଚାରୀ ତାଙ୍କୁ ନିଶ୍ଚିତ ଗୁରୁତ୍ୱ ଦେବେ ବୋଲି ଭାବି ସେ ଆଜି ସେସବୁ ପିନ୍ଧିଛନ୍ତି ।

ସେ ଯିବେ ବଜାରକୁ ଟିକିଲି କିଣିବାକୁ, ପତ୍ନୀଙ୍କ ପାଇଁ ନୁହେଁ, କିନ୍ତୁ ଯାହା ପାଇଁ କିଣିବେ ତାଙ୍କ ସହିତ କିଛି ବି ସମ୍ପର୍କ ନାହିଁ ସୁବାସଙ୍କର । ତଥାପି ସହରର ବଛା ବଛା ଲେଡିଜ୍ କର୍ଣ୍ଣର୍ ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିଛନ୍ତି ସେ । ସେଠାକୁ ଯାଇ ନିଜେ ପରଖିବେ ମନପସନ୍ଦିଆ ଟିକିଲି ସବୁ । ପସନ୍ଦ ମୁତାବକ କିଣିସାରି ତାକୁ ନେଇ ବଢ଼ାଇଦେବେ ସେହି ଅପରିଚିତା ମହିଳାଙ୍କୁ । ମଥାରେ ଟିକିଲି ଲଗାଇ ସେ ଆହୁରି ସୁନ୍ଦର ଦିଶିବେ । ପରିଚୟ ଜାଣି ନଥିଲେ ବି ସେ ନିଜ ଆଡୁ ତାଙ୍କୁ ସୋମା ନାମରେ ଚିହ୍ନନ୍ତି ।

ସୋମାଙ୍କର ବୟସ ପାଖାପାଖି ଚାଳିଶ ହେବ । ଶରୀରର ଗଢଣ ଭଲ । ଦେଖିବାକୁ ଗୋରା, ସ୍ଲିମ ଫିଗର ସହିତ ଷ୍ଟାଣ୍ଡାର୍ଡ ହାଇଟ୍ । କେବଳ ଶାଢ଼ୀ ପିନ୍ଧନ୍ତି ଓ ସେସବୁର କଲେକସନ୍ ବି ପୂରା ନିଆରା । ପିନ୍ଧା ଶୈଳୀ ଓ ହାବଭାବ ଜଣାଇ ଦିଏ ସେ ସମ୍ଭ୍ରାନ୍ତ ଶ୍ରେଣୀର, ତଥାପି 'ମୋ ବସ୍' ରେ କାହିଁକି ଯା' ଆସ କରନ୍ତି ତାହା ଅବଶ୍ୟ ସୁବାସ ଜାଣନ୍ତିନି । ବୁଝିବାର ଆବଶ୍ୟକତା ଅଥବା ସୁଯୋଗ ବି ନାହିଁ ।

ଏବେ ଏବେ ସେ ସୋମାଙ୍କୁ ଏକପାଖିଆ ଜାଣୁଛନ୍ତି, ପାଖାପାଖି ପନ୍ଦର କି ସତର ଦିନ ହେବ କି ନାହିଁ । କେବେ କଥା ମଧ୍ୟ ହୋଇ ନାହାନ୍ତି, ହେଲେ ଦେଖିବା ଦିନରୁ ସେ କେମିତି ନିଜର ନିଜର ଲାଗନ୍ତି ସୁବାସଙ୍କୁ । ..........

କିଟ୍ ଛକ ପାଖରେ ଅଠର ନମ୍ବର ବସ୍ ପ୍ରାୟ ପାସେଞ୍ଜର ଶୂନ୍ୟ ହୋଇଯାଏ, ସେଠାରୁ ବସରେ ଉଠନ୍ତି ସୋମା । ଲେଡିଜ୍ ସିଟ୍ ସବୁ ଏମିତି ତ ଖାଲିଥାଏ । ସେ ଗୋଟିଏ କଣିକିଆ ସିଟରେ ବସିପଡ଼ି ଇଅରଫୋନ୍ ଲଗାଇ ଦିଅନ୍ତି ଆଉ ମୋବାଇଲ୍ ଶୁଣିବାରେ ମନ ଦିଅନ୍ତି । ବୋଧହୁଏ ଗୀତ ଶୁଣୁଥାନ୍ତି । କଣ୍ଡକ୍ଟରକୁ ଟଙ୍କା ଦେଇଦେଲା ପରେ ହାଇକୋର୍ଟ ଛକ ପର୍ଯ୍ୟନ୍ତ ପ୍ରାୟ କୋଡ଼ିଏ ପଚିଶ ମିନିଟ୍ ସେ ଏମିତି ସମୟ କଟାଇ ଦିଅନ୍ତି । ବେଳେବେଳେ ଝରକା ବାଟେ ବାହାରକୁ ଦେଖନ୍ତି, କିନ୍ତୁ କେବେ ପାଖ ସହଯାତ୍ରୀଙ୍କ ସହ କଥାହେବା ସୁବାସ ଦେଖି ନାହାନ୍ତି । ହାଇକୋର୍ଟ ଛକରେ ବସରୁ ଓହ୍ଲାଇ ପଡ଼ି ବାମ ପଟକୁ ତରତର ହୋଇ କଚେରୀ ଆଡ଼େ ଚାଲି ଯାଆନ୍ତି ସବୁଦିନ । ସେ ଅଞ୍ଚଳରେ ତ ସବୁ ଅଫିସ ଅଛି, ହୁଏତ ସେ କୌଣସି ଅଫିସରେ କାମ କରୁଥିବେ ଭାବନ୍ତି ସୁବାସ । ବସ ବାଦାମବାଡ଼ି ଅଭିମୁଖେ ଗଡ଼ିଚାଲେ, ସୁବାସ ପଛରୁ ମୁହଁ ଫେରାଇ ନିଅନ୍ତି ।

ଏମିତି ଏକ ସମୟରେ ପୁଣି ଗୋଟିଏ ରୁଟ୍‌ରେ ସବୁଦିନ ଯାଆନ୍ତି ଉଭୟେ । କେହି କାହାକୁ ଜାଣନ୍ତି ନାହିଁ, କିନ୍ତୁ ତାଙ୍କ ଅଜାଣତରେ ସୁବାସ ସବୁଦିନ ଭଲ କରି ଦେଖି ନିଅନ୍ତି ସେମାଙ୍କୁ । ଖୁସି ହୁଅନ୍ତି ବି । କେବେ କେବେ ସୋମା ଆସି ନଥିଲେ ସୁବାସଙ୍କ ନଜର ବାରମ୍ବାର ସବୁ ସିଟ୍ ଉପରେ ବୁଲି ଆସେ ।

ଆକର୍ଷଣୀୟ ଲାଗୁଥିଲେ ବି କାହିଁକି କେଜାଣି ସୋମାଙ୍କ ଚେହେରାରେ କିଛି ଅଭାବ ଅନୁଭବ କରନ୍ତି ସୁବାସ । ସେ ଜାଣନ୍ତି ଯେ ସୋମାଙ୍କ ମଥାରେ ସିନ୍ଦୂରଟିପା କି ଟିକିଲି ନାହିଁ ଆଉ ତାହାହିଁ ତାଙ୍କ ବେଶଭୂଷାର ଏକମାତ୍ର ଖୁଣ । ଯଦିଓ ଶାଢ଼ୀ ସହିତ କାନରେ ଟପ୍, ବେକରେ ହାର, ହାତରେ ଚୁଡ଼ି, ଭ୍ୟାନିଟି ବ୍ୟାଗ୍ ଆଦି ପରସ୍ପର ସହିତ ମେଳ ଖାଉଥାନ୍ତି ମଥା କିନ୍ତୁ ଖାଲିଥାଏ ତାଙ୍କର । ଏତେ ସବୁ ପରିପାଟୀ ପରେ ସୋମା ମଥାରେ ଟିକିଲି ଲଗାନ୍ତି ନାହିଁ କାହିଁକି ? ତାହା କଣ ତାଙ୍କର ପସନ୍ଦ ନୁହଁ ? ବେଳେବେଳେ ଭାବନ୍ତି ସେ ।

ସୁବାସ କଲେଜରେ ପଢ଼ିବାବେଳେ ରୋଜି ଏମିତି ଆସେ ସବୁଦିନ । ଧନୀ ଘରର ଝିଅ । ସୁନ୍ଦର ଚେହେରା ସାଙ୍ଗକୁ ଭଲ ପୋଷାକ, ହେଲେ କେବେ ବି ଟିକିଲି ଲଗାଇ ନଥାଏ । ସାଙ୍ଗମାନେ ଯେତେ କହିଲେ ବି ଫୁରକିନା ଉଡ଼ାଇ ଦିଏ ସେ ଟାହି ଟାପରା ସବୁ । ଇଏ କଣ ସେହି କାଟାଗୋରିର ନା କଣ ? ଭାବନ୍ତି ସେ । ପୁଣି ଭାବନ୍ତି ହୁଏତ ସୋମା ବିଧବା ହୋଇଥାଇ ପାରନ୍ତି – ନା ନା ତାହା କେବେ ବି ନୁହଁ । ଅନ୍ୟ ଧର୍ମର କି ? ସେମିତିଆ ଅନୁଭବ ବି ହେଉନାହିଁ । ତେବେ କଣ ପାଇଁ କପାଳ ଖାଲି ? ପଚାରିବାକୁ ଭାବନ୍ତି ବେଳେବେଳେ, ହେଲେ କଥା ହେବାକୁ ସାହସ ଯୁଟାଇ ପାରନ୍ତନି । ଅପରିଚିତ ଲୋକ ସେ, ହୁଏତ କିଛି ଖରାପ ଭାବିବେ ସୋମା । ସେ ତାଙ୍କୁ ପିଛା କରୁଛନ୍ତି ବୋଲି ଭାବିଲେ କଥା ସରିଲା । ପୋଲିସରେ କଂପ୍ଲେନ ମଧ୍ୟ କରିଦେଇ ପାରନ୍ତି । ପୁଣି ପ୍ରକୃତିସ୍ଥ ହୁଅନ୍ତି ସୁବାସ ।

ନିଜ ପରିବାର ସଦସ୍ୟମାନଙ୍କ ଚିତ୍ର ଆଖି ଆଗରେ ନାଚି ଉଠେ ତାଙ୍କର । ସରକାରୀ ଚାକିରୀ ସହିତ ବାପା, ମା, ସୁନ୍ଦରୀ ପତ୍ନୀ ଓ ପୁଅକୁ ନେଇ ତାଙ୍କର ଭରା ସଂସାର ହସଖୁସିରେ ଚାଲିଛି । ଏସବୁରେ ଭଙ୍ଗା ପଡ଼ିଯିବ ଟିକିଏ ଅସାବଧାନତାରେ । ତାଛଡ଼ା ସେ ସୋମାଙ୍କ ଠାରେ ତ କେବଳ ନିବିଡ଼ତା ଦେଖୁଛନ୍ତି କିନ୍ତୁ କାମନାସକ୍ତ ନୁହନ୍ତି । ସବୁ ନିବିଡ଼ ସଂପର୍କ ତ କାମନାଯୁକ୍ତ ନୁହଁ । ପରିବାର

ସହିତ ଏ ବିଶାଳ ଦୁନିଆରେ ଏମିତି ଅନେକ ଉଦାହରଣ ରହିଛି । ଏମିତି କିଛି ମାନେ ନାହିଁ ଯେ ବିବାହିତ ପୁରୁଷମାନେ ଅନ୍ୟ ମହିଳାମାନଙ୍କୁ ଦେଖିବେ ନାହିଁ କି ତାଙ୍କର ପ୍ରଶଂସା ମଧ୍ୟ କରିବେ ନାହିଁ । ଅତି ନିଜର ମନେ ହେଉଥିବା ସଂପର୍କ ସବୁ ମଧ୍ୟ ଭିନ୍ନ ପ୍ରକାରର । ଯେମିତି ସବୁ ଭଲ ଲାଗୁଥିବା ମହିଳା ପତ୍ନୀ ହୋଇ ନଥାନ୍ତି । ମା, ମାଉସୀ, ଭଉଣୀ, ସାଙ୍ଗ ଆଦି ଅନେକ ସଂପର୍କ ଏମିତି ଅତି ନିଜର । ସେଇ ଭାବନାରେ ସୁବାସ ଭାବନ୍ତି ସତେ ଯେମିତି ସୋମାଙ୍କୁ ସେ ଅନେକ ଆଗରୁ ଜାଣିଛନ୍ତି କିନ୍ତୁ ମନେ ପକାଇ ପାରୁନାହାନ୍ତି ସାକ୍ଷାତ କେବେ ଓ କେଉଁଠି ହୋଇଥିଲା । ଏହା ଭିତରେ ବସ୍ ପହଞ୍ଚିଯାଏ ବାଦାମବାଡ଼ିରେ ଓ ସେ ଓହ୍ଲାଇ ନିଜ ଅଫିସ ଅଭିମୁଖେ ଚାଲି ଯାଆନ୍ତି ।

ବାଦାମବାଡ଼ି ସରକାରୀ ବସଷ୍ଟାଣ୍ଡର ଉପର ମହଲାରେ ତାଙ୍କର ଅଫିସ । କାମ ବେଶୀ ନଥାଏ ହେଲେ କମ୍ ବି ନୁହେଁ । ତଥାପି ତାହାରି ଭିତରେ ସେ ଅଜାଣତରେ ବେଳେବେଳେ ଭାବି ଚାଲନ୍ତି ସୋମାଙ୍କ ସଂପର୍କରେ । କାହିଁକି ଯେ ସେ ବାରମ୍ବାର ମାନସ ପଟକୁ ଆସନ୍ତି ତା'ର କାରଣ ମଧ୍ୟ ସୁବାସ ଖୋଜି ପାଇ ନାହାନ୍ତି । ଏମିତି ଦିନେ ଅଫିସରେ ଭାବୁଭାବୁ ଛାଇ ନିଦ କେତେବେଳେ ଆସି ଯାଇଛି ସେ ଜାଣି ପାରିନାହାନ୍ତି । ସ୍ୱପ୍ନରେ ସେ ଚାଲି ଯାଇଛନ୍ତି ଏକ ଲେଡିଜ କର୍ଣ୍ଣରକୁ ଓ ବାଛି ଚାଲିଛନ୍ତି ଟିକିଲି ସବୁ, ହେଲେ ମନପସନ୍ଦର କିଛି ମିଳୁନି ତାଙ୍କୁ । ସେଇ ସ୍ୱପ୍ନରେ ଦୋକାନ ପରେ ଦୋକାନ ସେ ବୁଲୁଥିବା ବେଳକୁ ଅଫିସ୍ ଚପରାସୀ ମଙ୍ଗୁର ସାର୍' ଡାକରେ ପ୍ରକୃତିସ୍ଥ ହେଲେ । .....

ଡ୍ରେସିଂ ଟେବୁଲରୁ ମୁହଁ ଫେରାଇ ସେ ନିଜ ଲକ୍ଷରେ ଆଗେଇଲେ । ତାଙ୍କ ବେଶଭୂଷା ଦେଖି ସେଲସ୍‌ଗର୍ଲ ମାନ୍ୟତା ସହିତ କଣ ଦରକାର ପଚାରି ବୁଝିଲା । ସୁବାସଙ୍କ କଥାଅନୁସାରେ ଦେଖାଇ ଚାଲିଲା ଲେଟେଷ୍ଟ ଟ୍ରେଣ୍ଡର ଟିକିଲି ସବୁ । ମେରୁନ ବେସ ଉପରେ ଆମେରିକାନ ଡାଇମଣ୍ଡ ଷ୍ଟୋନ ଦିଆ ଟିକିଲି ତାଙ୍କର ମନକୁ ଖୁବ୍ ପାଇଲା । ତାକୁ କିଣି ଆଣିଲେ ସେ ସୋମାଙ୍କୁ ଉପହାର ଦେବା ଆଗ୍ରହରେ ।

ଟିକିଲି କିଣା ତ ସରିଲା । ହେଲେ ଆଗକୁ ଏବେ ଅସଲ ପରୀକ୍ଷାର ସମୟ । କେମିତି ଓ କେଉଁଠାରେ ସେ ତାକୁ ନେଇ ସୋମାଙ୍କୁ ଦେବେ ସେ ନେଇ ଚିନ୍ତିତ ହୋଇ ପଡ଼ିଲେ । ମନ କଥା ମନରେ ସେମିତି ଅଛି କେହି ଜାଣନ୍ତିନି । ରାତିରେ ଶୋଇବାବେଳକୁ ଭାବିଲେ ଟିକିଲି ଗୁଡ଼ିକ ସାଙ୍ଗରେ ନେଇ ଅଫିସ ଯିବେ ଆଉ ବସରେ ସୁବିଧାପାଇ କୌଣସି ବାହାନାରେ ସୋମାଙ୍କୁ ଏକୁଟିଆ ଦେଖି ଦେଇଦେବେ । ବସରେ ତ ସବୁବେଳେ ଅଳ୍ପ ପାସେଞ୍ଜର୍ ଥାଆନ୍ତି ତେଣୁ ସେପରି ଅସୁବିଧା ହୋଇ ନପାରେ ।

ପରଦିନ ସକାଳୁ ଜଲଦି ଜଲଦି ନିତ୍ୟକର୍ମ ସାରି ସେ ବସ୍ ଷ୍ଟପ ଅଭିମୁଖୀ ହେଲେ । ଠିକଣା ସମୟରେ ପହଞ୍ଚି ଅଠର ନମ୍ବର ବସ ଗଡ଼ି ଚାଲିଲା ନନ୍ଦନକାନନ ରାସ୍ତାରେ, କିଟ୍ ଛକରେ ପାସେଞ୍ଜର ସବୁ ଓହ୍ଲାଇବା ପରେ ଉଠିଲେ ସୋମା । ସବୁଦିନ ପରି ଅଧାରୁ ଅଧିକ ଖାଲି ପଡ଼ିଥିବା ବସର ସେମିତି କଣିକିଆ ଲେଡିଜ ସିଟ୍ ଦେଖି ବସି ପଡ଼ିଲେ ସେ ।

ହେଲେ, ଏ କଣ ଦେଖୁଛନ୍ତି ସୁବାସ ! ସୋମାଙ୍କ ମଥାରେ ତ ଆଜି ଟିକିଲି ଝଲସୁଛି । ସେଇ ଟିକିଲିଭରା ମଥାରେ ସୋମା ଦିଶୁଛନ୍ତି ସାକ୍ଷାତ ଦେବୀଙ୍କ ପରି । ଆଗ୍ରହରେ ଚାହିଁ ରହିଲେ ସୁବାସ । ଟିକିଲିକୁ ଟିକିଏ ଦୂରରୁ ନଜର କଲେ, ତାହା ତ ଅବିକଳ ସେପରି ଟିକିଲି ଯେପରି ଦୋକାନ ପରେ ଦୋକାନ ବୁଲି ସେ ନିଜେ କିଣି ଆଣିଛନ୍ତି, ଅବଶ୍ୟ ବେସ୍ ଅଲଗା ରଙ୍ଗର । ମଥାରେ ଟିକିଲି ଲଗାଇ ସୋମା ଆଜି ଅତି ଆକର୍ଷଣୀୟା ଦିଶୁଛନ୍ତି ସୁବାସଙ୍କ ନଜରରେ । ନିଜେ କିଣିଥିବା ଟିକିଲି ସାର୍ଟ ପକେଟରେ ରଖି ସେ ସୋମାଙ୍କ ସାମନା ସିଟରେ ବସିବାକୁ ଉଦ୍ୟତ ହେଲେ ପାଖରୁ ଟିକିଏ ଭଲକରି ଦେଖିନେବାକୁ ।

ବସଭଡା ନେବାକୁ କଣ୍ଡକ୍ଟର ପାଖେଇ ଆସିଲା । ତାଙ୍କୁ ଦେବାପାଇଁ ନିଜ ପର୍ସରୁ ଟଙ୍କା କାଢ଼ିବାବେଳେ ଖୁଚୁରା ପଇସା ଗୋଟିଏ ତଳେ ପଡ଼ିଗଲା ସୋମାଙ୍କର । ସୁଯୋଗ ହାତଛଡା ନକରି ସୁବାସ ନଇଁପଡ଼ି ସେ ପଇସା ଉଠାଇ ଆଣି ବଢ଼ାଇଦେଲେ ତାଙ୍କୁ । ଔପଚାରିକ ଢଙ୍ଗରେ ସୋମା ଅଳ୍ପ ହସି ଧନ୍ୟବାଦ ଦେଲେ ତାଙ୍କୁ । ବାସ୍ ସେତିକି କଥାରେ ସୁବାସ ପ୍ରଫୁଲ୍ଲିତ ।

ସମ୍ବିତ ଫେରି ପାଇଲା ବେଳକୁ ଟିକିଲି ଭରା ବିଭୋର ମୁହଁରେ ସୋମାଙ୍କୁ ପୁଣି ଦେଖି ସୁବାସ ବହୁତ ଖୁସି ଅନୁଭବ କଲେ ସତ, ହେଲେ ନିଜେ କିଣି ଆଣିଥିବା ଟକିଲି ଦେବାକୁ ତାଙ୍କ ହାତ ଆଉ ଗଲା ନାହିଁ । ଦେବାର ଆବଶ୍ୟକତା ବି ନଥିଲା । କିଣି ସାରିଥିବା ଟିକିଲି ଗୁଡିକ ସବୁଦିନ ପାଇଁ ସେମିତି ରହିଗଲା ତାଙ୍କ ପାଖରେ ଏକ ସ୍ମୃତି ହୋଇ ।

ଜୟଦେବ ବିହାର, ଭୁବନେଶ୍ୱର

# ଡ୍ରାକୋନିଆନ ନିୟମ ର କ୍ରମବିବର୍ତ୍ତନ

- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ

ଦମନକାରୀ ସାମାଜିକ ବ୍ୟବସ୍ଥାରେ ବିଧି ବ୍ୟବସ୍ଥାର ମୂଲ୍ୟ କ'ଣ ? କିଛିଦିନ ପୂର୍ବରୁ ଆମେ ଦେଖିଛେ ଗଣତନ୍ତ୍ରର ମୂଲ୍ୟବୋଧକୁ ସମ୍ମାନ ଜଣାଇ ଭାରତ ସଂସଦରେ ଗୃହିତ ହୋଇ ଦେଶରେ ପ୍ରଣୟନ କରାଯାଇଥିବା କୃଷି ନିୟମକୁ ପୁନଃ ପ୍ରତ୍ୟାହାର କରାଗଲା । ପ୍ରକୃତରେ ଏହା ନାଗରୀକଙ୍କର ଗଣତନ୍ତ୍ରରେ ବାସ୍ତବ ଭାବେ ସଂଶ୍ଳିଷ୍ଟ ହେବାକୁ ସୂଚାଉଛି । କିନ୍ତୁ ଗ୍ରୀକ ଭୂଖଣ୍ଡରେ ଏପ୍ରକାର ଲୋକ ଶାସନର ଅୟମାରମ୍ଭ ହଜାର ବର୍ଷ ତଳେ ମ୍ମ ଥିଲା । ସେ ପ୍ରକାର ବ୍ୟବସ୍ଥା ଆଜି ମ୍ମ ବେଶ ପ୍ରାସଙ୍ଗିକ ।ଆସନ୍ତୁ ଜାଣିବା ଗଣତନ୍ତ୍ରରେ ଲୋକହିତକାରୀ ନିୟମର କ୍ରମବିକାଶ । ପ୍ରାରମ୍ଭିକ ସ୍ତରରେ ଆଥେନ୍ସ ନଗରୀ ଜଣେ ଜଣେ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । କିନ୍ତୁ ଖ୍ରୀଷ୍ଟ ପୂର୍ବ ୭୫୦ ରୁ ଖ୍ରୀଷ୍ଟ ପୂର୍ବ ୬୫୦ ମ୍ମରେ ରାଜତନ୍ତ୍ର ଦୁର୍ବଳ ହୋଇ ଶେଷରେ ଏହାର ଅନ୍ତ ଘଟିଲା । ସେଠାକାର କୁଳୀନ ଆଭିଜାତ ବର୍ଗର ପ୍ରତିପତ୍ତି ଥିବା ବ୍ୟକ୍ତି ରାଜତନ୍ତ୍ରକୁ ସମାପ୍ତ କରି କ୍ଷମତା ନିଜ ହାତକୁ ନେଲେ । ରାଜତନ୍ତ୍ରର ପତନପରେ ଆଥେନ୍ସ ନଗରୀବାସୀ ଆଭିଜାତ ବର୍ଗର ରାଜତ୍ୱ ଦେଖିଲେ । ଏହା ଆଭିଜାତ୍ୟ ଶାସନ ଥିଲା । ସରକାର ଚଳାଇବା ପାଇଁ ତତ୍କାଳୀନ କୁଳୀନ ମାନେ ସେହିଶ୍ରେଣୀରୁ ନଅଜଣ ପ୍ରମୁଖଙ୍କୁ ତତ୍କାଳୀନ ନ୍ୟାୟାଧୀଶ ପୀଠ ପରିଚାଳନା ପାଇଁ ବର୍ଷକ ନିମନ୍ତେ ଚୟନ କରୁଥିଲେ । ସେମାନଙ୍କୁ "ଆର୍କନ" ବୋଲି କୁହାଯାଉଥିଲା । ସେମାନେ ବିଚାରପତି ଏବଂ ପ୍ରଶାସକ ଭାବେ କାର୍ଯ୍ୟ କରୁଥିଲେ ଓ ସେମାନଙ୍କ ମ୍ମରୁ ଅଭିଜ୍ଞତା ଥିବା ଜଣେ ଆର୍କନ ଯୁଦ୍ଧ ସମୟରେ ସୈନ୍ୟବାହିନୀକୁ ପରିଚାଳିତ କରୁଥିଲେ । ପୁନଃ ମାନ୍ୟଗଣ୍ୟ କୁଳୀନ ଆଭିଜାତ ବର୍ଗର ପ୍ରତିପତ୍ତି ଥିବା ବ୍ୟକ୍ତିମାନଙ୍କର ଏକ ପରିଷଦ "ଆର୍କନ" ମାନଙ୍କର ଉପଦେଷ୍ଟା ଭାବେ କାର୍ଯ୍ୟ କରୁଥିଲେ । ଏହି ଆଭିଜାତ୍ୟ ଶାସନ, କେବଳ କୁଳୀନ ଆଭିଜାତ ସମ୍ପ୍ରଦାୟର ଲୋକଙ୍କ ପାଇଁ ଭଲ ଥିଲା । କିନ୍ତୁ ଦରିଦ୍ର ଜନସାଧାରଣଙ୍କ ପାଇଁ ଏହି ଶାସନ କୌଣସି ସୁଫଳ ଆଣିପାରୁନଥିଲା । କୃଷକ ଓ ଶ୍ରମିକ ସ୍ତରର ଗୋଷ୍ଠୀ ଗୁଡିକ କୁଳୀନ ଆଭିଜାତ ବର୍ଗର ଲୋକଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିଲେ । ଶାସନରେ ସେମାନଙ୍କର କୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ଅନ୍ତର୍ଭୁକ୍ତି ନଥିବାରୁ ତାଙ୍କ ଅସୁବିଧା ପ୍ରତି କେହି କର୍ଣ୍ଣପାତ କରୁ ନଥିଲେ । ସେଥିପାଇଁ କ୍ରମେ ଏକ ବିକଳ୍ପ ଉନ୍ନତ ଶାସନ ବ୍ୟବସ୍ଥା ନିମିତ୍ତ ବଞ୍ଚିତ ଜନସାଧାରଣଙ୍କ ଦାବୀ ଓ ଆଗ୍ରହ ସୃଷ୍ଟିହେଲା । ସେହି ଦାବୀ କ୍ରମେ ଚାରି ପ୍ରମୁଖ ବ୍ୟକ୍ତିଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ବାସ୍ତବରେ ରୂପାୟିତ ହୋଇଥିଲା । ସେହି ମହାନ କର୍ଣ୍ଣଧାର ମାନେ ହେଲେ ଡ୍ରାକୋ, ସୋଲୋନ, କ୍ଲେଇସ୍ଥେନିସ ଏବଂ ପେରିକ୍ଲିସ ।

ସେତେବେଳର ଅଲିଖିତ ନିୟମ ହିଁଆଭିଜାତ୍ୟ ସରକାରଙ୍କ ଶାସନର ସବୁଠୁ ବଡ ଦୋଷ ଦୁର୍ବଳତା ଥିଲା । ତତ୍କାଳୀନ ସରକାର ସ୍ଥାନୀୟ ପ୍ରଚଳିତ ପରମ୍ପରାକୁ ନିୟମରୂପେ ଅନୁସରଣ କରୁଥିଲେ । ଏହାର ସୁଯୋଗ ନେଇ ଆଭିଜାତ ସମ୍ପ୍ରଦାୟର ଲୋକେ ସେହି ପରମ୍ପାରିକ ନିୟମକୁ ସେମାନଙ୍କୁ ସୁହାଇଲା ପରି ବ୍ୟାଖ୍ୟା କରୁଥିଲେ । ପିଢୀ ପରେ ପିଢୀ ସେମାନେ ଏହି ପାରମ୍ପାରିକ ନିୟମକୁ ସ୍ମରଣ ରଖିବାକୁ ଚେଷ୍ଟା କରୁଥିଲେ, ଯାହାକି କଷ୍ଟସ୍ଧ୍ୟ ଥିଲା । ଏବଂ ଶିକ୍ଷାହୀନ ସାଧାରଣ ଲୋକମାନଙ୍କ ପାଇଁ ମ୍ମ ଏହି ଅଲିଖିତ ନିୟମକୁ ମନେରଖିବା କଷ୍ଟକର ଥିଲା । ଆଭିଜାତ୍ୟ ଶାସନକର୍ତ୍ତା ମାନେ ବହୁ ଆଳ ଦେଖାଇ ବେଆଇନ ଭାବେ ପାତରଅନ୍ତର କରି ସମାନ ନିୟମର ବିଭିନ୍ନ ଅର୍ଥ ବ୍ୟାଖ୍ୟା କରୁଥିଲେ । ନ୍ୟାୟାଧୀଶ ଓ ବିଚାରପତି ମାନେ ମ୍ମ ବହୁ ନିୟମ ସମ୍ପର୍କରେ ନିଶ୍ଚିତ ନଥିଲେ । ସ୍ଥଳବିଶେଷରେ ସେମାନଙ୍କ ନିଷ୍ପତ୍ତି ଭେଦଭାବ ଓ ପକ୍ଷପାତ ପୂର୍ଣ୍ଣ ଥିଲା । ଯେତେବେଳେ ସମସ୍ତ ନିୟମ ଅଲିଖିତ, ସେତେବେଳେ କେହି ମ୍ମ କୌଣସି ନିୟମ ସମ୍ପର୍କରେ ନିଶ୍ଚିତ ନଥିଲେ । ଅସହ୍ୟ ହେବାରୁ ଏହା ବିରୋଧରେ ଗରିବ ଜନସାଧାରଣ ଆପତ୍ତି ଉଠାଇ ସ୍ୱର ଉତ୍ତୋଳନ କରିଥିଲେ । କାରଣ ଦରିଦ୍ର ଜନତା ଜାଣୁଥିଲେ ଯେ, ଏପରି ଭାବେ ପ୍ରକୃତ ନ୍ୟାୟ ମିଳିବା କଷ୍ଟକର । ଏହି ପରିସ୍ଥିତିରେ ଡ୍ରାକୋ ନାମକଆଥେନ୍ସର ଜଣେ ରାଜନୈତିକ ସଂସ୍କାରକ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ । ସେ ନିଜେ ଜଣେ ନ୍ୟାୟାଧୀଶ ପୀଠ ବା "ଆର୍କନ" ର ସଦସ୍ୟ ଥିଲେ ।ଇତିହାସରେ ପ୍ରଥମଥର ପାଇଁ ଖ୍ରୀଷ୍ଟ ପୂର୍ବ ୬୨୧ରେ ସେ ନିୟମ ଗୁଡିକୁ ଲିପିବଦ୍ଧ କରିଥିଲେ ଓ ନିୟମାବଳି ପ୍ରସ୍ତୁତ କରିଥିଲେ । ଦୁର୍ଭାଗ୍ୟକୁ ଡ୍ରାକୋ ଉଲ୍ଲେଖ କରିଥିବା ସେହି ନିୟମ ଗୁଡିକ ଅତ୍ୟନ୍ତ ନିର୍ମମ ଓ କଷ୍ଟଦାୟକ ଥିଲା । ପ୍ରାୟ ସମସ୍ତ ପ୍ରକାରର ଅପରାଧ ପାଇଁ ନିର୍ଦ୍ଦୟ ଦଣ୍ଡବିଧାନର ପ୍ରସ୍ତାବ ଥିଲା । ବହୁ ଅପରାଧ ପାଇଁ କ୍ରୁର ମୃତ୍ୟୁଦଣ୍ଡ ଧାର୍ଯ୍ୟ କରାଯାଇଥିଲା । ଏପରିକି ବର୍ତ୍ତମାନ ଯୁଗରେ, ଯଦି କୌଣସି ନିୟମ କଠୋର ବୋଲି ଲାଗେ ତେବେ ଏହାକୁ ଡ୍ରାକୋନିଆନ ନିୟମ (ଉକ୍ୱବମକ୍ଟଭସବଭ ଖବଙ୍ଗ) ବୋଲି ସମାଲୋଚନା ମୂଳକ ଆକ୍ଷେପ କରାଯାଇଥାଏ । ଏହି ଦୋଷ ଥିବା ସତ୍ତ୍ୱେ ଡ୍ରାକୋଙ୍କ ନିୟମ ସଠିକ ଦିଗରେ ଏକ ଯୁଗାନ୍ତକାରୀ ଉଚିତ ପଦକ୍ଷେପ ଥିଲା । ଯାହାକୁ ଆମେ ଗଣତନ୍ତ୍ର ବୋଲି କହୁ ତାହାର ବିଭିନ୍ନ ବ୍ୟାଖ୍ୟା ରହିଛି । ଅନ୍ୟଏକ ମୂଲ୍ୟବୋଧ ଭିତ୍ତିକ ବ୍ୟାଖ୍ୟା ହେଉଛି ସମ ବିଧି ବ୍ୟବସ୍ଥା(ଜଙ୍କକ୍ଷର ଡଲ ଖବଙ୍ଗ) । ଏକ ଲିଖିତ ବିଧି ବ୍ୟବସ୍ଥା ହେବାରୁ ତାହା ଲୋକମାନଙ୍କୁ କ'ଣ ଭୁଲ ବା କ'ଣ ଠିକ ତାହା ଯାଣିବା ପାଇଁ ଏକ ସୁଯୋଗ ଦେଲା । ସେମାନେ ମ୍ମ ନ୍ୟାୟ ମିଳିବ ବୋଲି ଆଶାବାଦୀ ହେଲେ, କାରଣ ନିୟମ ଆଉ ଅସ୍ୱଷ୍ଟ ନଥିଲା । ସମୟକ୍ରମେ ଲୋକମାନେ ଏକ ଉନ୍ନତ ବିଧି ବ୍ୟବସ୍ଥା ଓ ରାଜନୈତିକ ସଂସ୍କାର ଲୋଡିଲେ । ପରେ ସୋଲନ ନାମକ ଜଣେ ବ୍ୟକ୍ତି ଏ ଦିଗରେ ଆଉ ଏକ ପାଦ ଆଗେଇ ନେଇଥିଲେ ।

ସେ ଆଥେନ୍ସର ସେନ୍ମକ୍ଷ ଥିଲେ । ସେ ନିୟମଗୁଡିକୁ ଟିକେ ଅଧିକ ଯୁକ୍ତିସଙ୍ଗତ ଓ ଉଦାରବାଦୀ କରିବାକୁ ଚେଷ୍ଟା କରିଥିଲେ । ସେ ସାମାଜିକ ଅନିଷ୍ଟକାରୀ ଅସମାନତାକୁ ଦୂରାଇବାକୁ ପ୍ରୟାସ କରିଥିଲେ । ସେସମୟରେ ଦରିଦ୍ର ଲୋକମାନେ ଋଣ ସୁଝି ନପାରିଲେ ସେମାନଙ୍କୁ ଋଣଦାତାଙ୍କ ପାଖରେ କ୍ରୀତଦାସ ପରି ରହିବାକୁ ପଡୁଥିଲା । ସେ ଏହି ନିୟମକୁ ଉଚ୍ଛେଦ କରି ସେମାନଙ୍କୁ ମୁକ୍ତ କରିବା ସହ ଋଣଗ୍ରସ୍ତ ହୋଇ ଦେଶ ବାହାରେ ବିକ୍ରୀ ହୋଇଥିବା ଏପରି ବହୁ କ୍ରୀତଦାସ ମାନଙ୍କୁ ଆଥେନ୍ସ ରାଜକୋଷରୁ ଅର୍ଥ ଖର୍ଚ୍ଚକରି ମୁକୁଳାଇ ଆଣିଥିଲେ । ତତ୍କାଳୀନ ଆଭିଜାତ୍ୟ କୁଳୀନ ମାନେଅପାର ଭୂସମ୍ପତ୍ତିର ମାଲିକ ଥିଲେ, ସୋଲନଙ୍କ ପ୍ରବର୍ତ୍ତିତ ନିୟମ ଫଳରେ ସେମାନଙ୍କର ଭୂସମ୍ପତ୍ତିର ନିର୍ଦ୍ଦିଷ୍ଟ ସଂକ୍ଷିପ୍ତ ସୀମା ନିର୍ଣ୍ଣୟ ଦ୍ୱାରା ସେମାନଙ୍କ ସଂପତ୍ତିକୁ ନିୟନ୍ତ୍ରିତ କରାଗଲା । ସୋଲୋନ ସାଧାରଣ ଜନତାଙ୍କୁ ରାଜନୈତିକ ବ୍ୟବସ୍ଥାରେ ମ୍ନ ଅନ୍ତର୍ଭୁକ୍ତ କରାଇଥିଲେ । ସେମାନଙ୍କ ଜନସଭା ମ୍ନମରେ "ଆର୍କନ" ମାନଙ୍କୁ ଚୟନ କରାଗଲା । ଫଳରେ ଲୋକମାନେ ନ୍ୟାୟବ୍ୟବସ୍ଥାରେ ପ୍ରତ୍ୟକ୍ଷ ସଂଶ୍ଳିଷ୍ଟ ହୋଇପାରିଥିଲେ । ଏହା ସମ ବିଧି ବ୍ୟବସ୍ଥାକୁ ସୁଦୃଢ କରିପାରିବା ସହ ସମାନତା ଆଣିପାରିଥିଲା । ସୋଲୋନଙ୍କର ସଂସ୍କାର, ନିୟମବିଧି ପ୍ରଗତିର ଦାବୀ ଓ ଚାହିଦାକୁ ତ୍ୱରାନ୍ୱିତ କରିଥିଲା । ତାଙ୍କ ପରେ କ୍ଲେଇସଥେନିସଙ୍କ ପରି ରାଜନେତା ଲୋକଙ୍କ ନିୟମ ସଂସ୍କାର ଦାବୀ ଓ ଚାହିଦାକୁ ଦୃଢ ସମର୍ଥନ କରିଥିଲେ । ସରକାରୀ କର୍ମଚାରୀ ଓ ଅମଲା ମାନଙ୍କ ଅବହେଳା ଦ୍ୱାରା ଯେପରି ଲୋକମାନେ କ୍ଷତିଗ୍ରସ୍ତ ନହୁଅନ୍ତି ସେଥିପାଇଁ ସେ ବିଚକ୍ଷଣ ଭାବେ ଜନତାଙ୍କୁ ଦେଶର ପ୍ରକୃତ ମାଲିକ କରିବା ପାଇଁ ଚେଷ୍ଟା କରିଥିବାରୁ ତାଙ୍କୁ ଗ୍ରୀକ ଗଣତନ୍ତ୍ରର ପିତା ଭାବେ ଅଭିହିତ କରାଯାଏ । କ୍ଲେଇସଥେନିସ ଅଧିକରୁ ଅଧିକ ଲୋକଙ୍କୁ ଅଥେନ୍ସର ନାଗରୀକ ଅଧିକାର ଦେବାପାଇଁ ଚେଷ୍ଟା କରିଥିଲେ । ତାଙ୍କର ପ୍ରଚେଷ୍ଟା ଲାଗି ଜନସଭା ମ୍ନମରେ ନିୟମ ପ୍ରଣୟନ କରିବା ପାଇଁ ଲୋକଙ୍କୁ ଅଧିକ କ୍ଷମତା ଦିଆଯାଇଥିଲା । କ୍ଲେଇସଥେନିସଙ୍କର ସର୍ବଶ୍ରେଷ୍ଠ ସଂସ୍କାର ହେଉଛି ବହିଷ୍କାର/ନିର୍ବାସନ ବ୍ୟବସ୍ଥା(ଙ୍ଗ୍ୱଗ୍ୱକ୍ସବମସଗ୍ୱଙ୍କ) । ଏହା ଲୋକମାନଙ୍କ ହାତରେ ସ୍ୱାର୍ଥପର ଶାସକ ମାନଙ୍କ ବିରୋଧରେ ଏକ ଉପାଦେୟ ଦଣ୍ଡଦେବା ଆୟୁଧ ପରି କାମ କଲା । ଏହି ବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ଆଥେନ୍ସର ନାଗରିକ ମାନେ ଜଣେ ଅନ୍ୟାୟ ଅତ୍ୟାଚାରୀ, ସ୍ୱାର୍ଥପର ଅବା କ୍ଷମତା ଅପବ୍ୟବହାରକାରୀ ଦୁର୍ନୀତିପରାୟଣ ଲୋକକୁ ରାଷ୍ଟ୍ରର ଶତ୍ରୁ ଭାବେ ଚିହ୍ନଟ କରୁଥିଲେ । ଏଥିପାଇଁ ସର୍ବସାଧାରଣ ସ୍ଥାନରେ ଏକ ବିରାଟ ମାଟି ହାଣ୍ଡି ରଖାଯାଉଥିଲା । ପ୍ରତ୍ୟେକ ବ୍ୟକ୍ତିକୁ ଜଣେ ଭୟଙ୍କର ବ୍ୟକ୍ତିଙ୍କ ନାମ ଛୋଟ ମାଟିପାତ୍ରରେ ଲେଖି ସେହି ମାଟି ହାଣ୍ଡି ଭିତରେ ରଖିବାର ଅଧିକାର ଦିଆଯାଉଥିଲା । ଯଦି ଛଅ ହଜାର ବା ତଦୁର୍ଦ୍ଧ୍ୱ ସାଧାରଣ ନାଗରୀକ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ସେଥିରେ ଲେଖିଥିବାର ପ୍ରମାଣ ମିଳୁଥିଲା ତେବେ ସେହି ବ୍ୟକ୍ତି ଦେଶ ପାଇଁ ଅବାଂଛିତ ଭାବେ ବିବେଚିତ ହେଉଥିଲେ ଓ ତାଙ୍କୁ ଦେଶାନ୍ତର କରାଯାଉଥିଲା । ସେତେବେଳେ ନିଜ ଦେଶରୁ ନିର୍ବାସିତହେବା ମୃତ୍ୟୁଠାରୁ ଅଧିକ ଯନ୍ତ୍ରଣାଦାୟକ ଥିଲା । ମାଟି ହାଣ୍ଡି ଭିତରେ ନାମଲେଖି ରଖାଯାଉଥିବା ସେହି ଛୋଟ ମାଟିପାତ୍ର କୁ ଅଷ୍ଟ୍ରାକନ (ଙ୍ଗ୍ୱଗ୍ୱକ୍ସବଳକ୍ଟଭ) କୁହାଯାଉଥିଲା । ଏହି ବ୍ୟବସ୍ଥାରୁ ନିର୍ବାସନ ବା ଅଷ୍ଟ୍ରାସିଜିମ ଙ୍ଗ୍ୱଗ୍ୱକ୍ସବମସଗ୍ୱଙ୍କ ଶବ୍ଦର ଉଦ୍ଭବ ହୋଇଥିଲା । ଏହା ଫଳରେ ସବୁଠୁ ଶକ୍ତିଶାଳୀ/ପ୍ରଭାବଶାଳୀ ଲୋକମାନେ ମ୍ନ ଅପକର୍ମକରି ଜନସାଧାରଣଙ୍କ ରୋଷର ପାତ୍ର ହେବାକୁ ପ୍ରାଣେଭୟକରୁଥିଲେ । ଏହି ପ୍ରଣାଳୀ ଲୋକଙ୍କୁ ଅଧିକାର ଦେବା ମ୍ନମରେ ତାର ଉଦ୍ଦେଶ୍ୟ ସାଧନ କରିପାରୁଥିଲା । ସାଧାରଣ ନାଗରୀକମାନେ ଶାସକ ମାନଙ୍କ କାମକୁ ନିୟନ୍ତ୍ରଣରେ ରଖିପାରୁଥିଲେ, ଯାହାକି ସ୍ୱଚ୍ଛଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ଏକ ପଦକ୍ଷେପ ଥିଲା ।

ଆଥେନ୍ସର ଶାସନକଳ କ୍ଲେଇସଥେନିସଙ୍କ ପରେ ମ୍ନ ପୁନର୍ବିନ୍ୟାସ ଲାଭକରିଥିଲା । ସଂସ୍କାରର ପରବର୍ତ୍ତି କର୍ଣ୍ଣଧାର ଥିଲେପେରିକ୍ଲିସ ନାମକ ଜଣେ ବିଜ୍ଞ ନେତା । ନିଜ ସମସ୍ୟା ସମାଧାନ ଦିଗରେ ନିଷ୍ପତ୍ତି ନେବାର ଅଧିକାର ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଜାତୀୟ ଜନସଭାରେ ନାଗରୀକ ମାନେ ଏକତ୍ର ସାମିଲ ହୋଇ ନିଜ ଦେଶ ପାଇଁ ନିୟମ ପ୍ରଣୟନ କରିବା ତଥା ନିଜର ମତ ସାବ୍ୟସ୍ତ କରିବାର ଅଧିକାର ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରିଥିଲେ । ପ୍ରକୃତ ଅର୍ଥରେ ସେସମୟର ଆଥେନ୍ସର ଲୋକମାନେ ନିଜେ ନିଜକୁ ଶାସନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ଯାହାକି ଗଣତନ୍ତ୍ରର ଭିତ୍ତିଭୂମି ।

ବର୍ତ୍ତମାନ ଆଧୁନିକ ଗଣତାନ୍ତ୍ରିକ ରଷ୍ଟ୍ରରେ ଯଦିଓ ଲୋକମାନେ ନିର୍ବାଚିତ ଜନପ୍ରତିନିଧିଙ୍କୁ ବିଧାନସଭା କୁ  ପଠାଇ ଲୋକମାନଙ୍କ ଲାଗି ନିୟମ ପ୍ରଣୟନ କରାଉଛନ୍ତି ତେବେ ଲୋକଙ୍କ ଅନ୍ତର୍ଭୁକ୍ତି ଅତ୍ୟନ୍ତ କମ ଭଳି ଲାଗେ । କିନ୍ତୁ ଆଶ୍ଚର୍ଯ୍ୟର କଥା ସେହି ପୁରାତନଯୁଗରେ ଆଥେନ୍ସର ନାଗରୀକମାନେ ସାହସର ସହ ମୁକ୍ତସ୍ଥାନରେ ଏକତ୍ରୀତ ହୋଇ ନିଜ ମତ ପ୍ରଦାନ ମ୍ନମରେ ନିଜ ପାଇଁ ନିୟମ ପ୍ରଣୟନ କରୁଥିଲେ । ଏହା ବାସ୍ତବରେ ପ୍ରତ୍ୟକ୍ଷ ଲୋକତନ୍ତ୍ରର ଉଦାହରଣ ।ଏହିପରି ଧାରାବାହିକ ଭାବରେ ରାଜତନ୍ତ୍ର ରୁ ଗଣତନ୍ତ୍ର ପର୍ଯ୍ୟନ୍ତ କ୍ରମବିକାଶ ହୋଇଥିଲା ।

ଓଡିଶା.ପ୍ରଶାସନିକ.ସେବା, କଟକ ।

# ଆଲୋ ସଖୀ, ଆପଣା ମହତ ଆପେ ରଖି

- ମୀରା ବେଉରା

ଫ୍ରାନ୍ସର ଲେଖକ ରଷୋ ଯୁକ୍ତି କରିଥିଲେ ସେ ଦିନ ଯେ ମଣିଷ ବଞ୍ଚିରହୁ ନିଜର ସ୍ୱର ଓ ସ୍ୱାଭିମାନକୁ ନେଇ । ଯଦି ସେତକ ସିଏ ହରେଇ ଦିଏ ତେବେ ସେ ପାଲଟିଯିବ ଏକ ଆତ୍ମପ୍ରତ୍ୟୟହୀନ ଭିକ୍ଷୁକରେ । ଏଇଠି ପ୍ରଶ୍ନ ଉଠୁଛି ଆଜିର ସଭ୍ୟ ମଣିଷର ସ୍ୱର ଓ ସ୍ୱାଭିମାନ ଅଛି ତ ?

କେବଳ ଭାରତ ବର୍ଷରେ ନୁହେଁ ସମଗ୍ର ପୃଥିବୀରେ ନାରୀ ଓ ପୁରୁଷ ସମାନ ବୋଲି ଏହି ପ୍ରତିଧ୍ୱନିରେ ସମଗ୍ର ବିଶ୍ୱ ମ୍ନ ପ୍ରକମ୍ପିତ ହେଉଛି । ପ୍ରକୃତରେ ଏହା କେତେ ସତ୍ୟ ତାହା ଇତିହାସର ପ୍ରତିଟି ପୃଷ୍ଠାରେ ପ୍ରମାଣିତ ହୋଇସାରିଛି । ପୁରାଣ ଯୁଗର ସୀତା, ସାବିତ୍ରୀଙ୍କଠାରୁ ଆରମ୍ଭ କରି ମାତା କୁନ୍ତି, ଦ୍ରୌପଦୀ ପର୍ଯ୍ୟନ୍ତ ସବୁବେଳେ ନାରୀକୁ ହିଁ ଉପେକ୍ଷା କରାଯାଇଛି । ତା'ର ସ୍ୱାଭିମାନକୁ ଏବଂ ଆତ୍ମମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରାଯାଇ ତା' ପ୍ରତି ଅବିଚାର କରାଯାଇଛି । ସେ ସବୁବେଳେ ସବୁ ଯୁଗରେ ବଞ୍ଚିବା ପାଇଁ ସାଲିସ୍ କରିଆସିଛି । ତା'ର ଦୁର୍ବଳତା ଓ ତା'ର ଅସହାୟ ପଣତାକୁ ନେଇ ସଦାସର୍ବଦା ପୁରୁଷ ସମାଜ ନିଜର ସ୍ୱକୀୟ ସୁଯୋଗ ନେଉଛି । ଆଧୁନିକ ଇତିହାସର କାଳିମାଯୁକ୍ତ ଛିନ୍ନ ପୃଷ୍ଠା ୨୦୧୩ ମସିହାରେ ଘଟିଥିବା ଦିଲ୍ଲୀର ବିଭତ୍ସ କାହାଣୀ ଏହାର ବଳିଷ୍ଠ ଉଦାହରଣ ।

କେବଳ ଦିଲ୍ଲୀ ନୁହେଁ, ଦିଲ୍ଲୀରୁ ସୁରତ ପର୍ଯ୍ୟନ୍ତ ଏବଂ ଉତ୍ତରପ୍ରଦେଶର ହାଥରସ୍‌ଠାରୁ ହରିୟାଣାର 'ରିଦାବାଦ ପର୍ଯ୍ୟନ୍ତ ଓ ଓଡ଼ିଶାର ବଲାଙ୍ଗୀର ଗୋଲାମୁଣ୍ଡାଠାରୁ କେନ୍ଦୁଝର ପର୍ଯ୍ୟନ୍ତ ସବୁଠି ନାରୀର ବର୍ବରତାର ନାରକୀୟକାଣ୍ଡର ଜୀବନଯାତ୍ରା କେତେ କଣ୍ଟକିତ, କେତେ ବିପଦପୂର୍ଣ୍ଣ ତାହା ଆମେ ନିଜ ଆଖିରେ ଦେଖୁଛୁ । ସ୍ୱାଧୀନତାର ୭୫ ବର୍ଷ ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଆମେ ମହିଳାମାନଙ୍କ ପାଇଁ ଗୋଟିଏ ଆଖିଦୃଶିଆ ଆଇନ୍ ସେମାନଙ୍କର ସୁରକ୍ଷା ପାଇଁ ଆଣିପାରିଲୁନାହିଁ । ଏହାହିଁ ସବୁଠାରୁ ସ୍ୱାଧୀନ ଭାରତବର୍ଷର ଲଜ୍ଜାକର କଥା । ଭାବିଲେ ଗୋଟିଏ କଥା ଆଶ୍ଚର୍ଯ୍ୟ ଲାଗେ, ଗୋଟିଏ ଜାତି ଜନସଂଖ୍ୟାର ଅର୍ଦ୍ଧେକ ଏହି ମହିଳାମାନଙ୍କୁ ସେମାନଙ୍କର ବଞ୍ଚିବାର ଅଧିକାର ଦେବା ପାଇଁ ଏତେ କାର୍ପଣ୍ୟତା ଓ ଉଦାସୀନ କାହିଁକି ? ନାରୀଟିଏ ଯୁଗେ ଯୁଗେ ଏତେ ଅସହାୟ ଏତେ ଅସୁରକ୍ଷିତ କାହିଁକି ? ସେ ଦୁର୍ବଳା ଆଉ ଅବଳା ହୋଇକି ତ ନାହିଁ । ସେ ଯେ ସ୍ୱୟଂ ସୃଷ୍ଟିର ପ୍ରତୀକ । ସେ ଚାହିଁଲେ ନିଜର ସୁରକ୍ଷା ବଳୟ ସୃଷ୍ଟି କରିପାରିବ । ପୁରାଣରେ ଆମେ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କୁ ରାକ୍ଷସ ମହିଷାସୁରଙ୍କୁ ମାରିବାର ଦେଖିଥିଲୁ । ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଆମେ ବୀରଙ୍ଗନା ରାଣୀ ଦୁର୍ଗାବତୀ ଓ ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କର ବୀରତ୍ୱର କାହାଣୀ ଶୁଣିଥିଲୁ ।

ନାରୀଶକ୍ତିର ପ୍ରାଦୁର୍ଭାବ ପ୍ରାଚୀନ ଭାରତରେ ହେଉ ବା ଆଧୁନିକ ଭାରତରେ ହେଉ କେଉଁଠି କମ୍ ନୁହେଁ । ଯୁଗେଯୁଗେ ମାତୃଶକ୍ତି ପୂଜା ପାଉଛି । ଆଜି ଏକବିଂଶ ଶତାବ୍ଦୀରେ ମ୍ନ ନାରୀଟିଏ ନିଜର ସ୍ତ୍ରୀ ଶକ୍ତିକୁ ଯଥାସମ୍ଭବ ପରିବାର ଏବଂ ରାଷ୍ଟ୍ର ଗଠନରେ ବିନିଯୋଗ କରି ନିଜକୁ ସ୍ୱୟଂସିଦ୍ଧା କରି ଗଢ଼ିତୋଳିବା ପାଇଁ ଓ ସମାଜରେ ନିଜକୁ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ ସଂଘର୍ଷ ଏବଂ ପ୍ରଚେଷ୍ଟା ଜାରି ରଖିଛି । କିନ୍ତୁ ଦୁଃଖର କଥା କେତେ ସାମାଜିକ ସମସ୍ୟା ନାରୀର ସ୍ଥିତିକୁ ସଂକଟାପନ୍ନ କରି ତା'ର ସାମାଜିକ ସ୍ଥିତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇ ବିପନ୍ନ କରିଦେଇଛି । ଏହି ପରିସ୍ଥିତି ପାଇଁ ଆମେ ଦାୟୀ କାହାକୁ କରିବା ? ଏହି ପ୍ରଶ୍ନ ଜଟିଳ ହେଲେ ମ୍ନ ପ୍ରତ୍ୟେକ ସଭ୍ୟସମାଜ ଏହାର ଉତ୍ତର ରଖିବା ପାଇଁ ବାଧ୍ୟ । ସମସ୍ତେ ଉତ୍ତରଦାୟୀ ରହିବେ । ସ୍ତ୍ରୀଶକ୍ତି ସମ୍ପର୍କରେ ଏକ ବଦ୍ଧମୂଳ ଭ୍ରମାତ୍ମକ ଧାରଣା ଆଜିବି ଏହି ରକ୍ଷଣଶୀଳ ସମାଜରେ ରହିଛି । ଯେଉଁଥିପାଇଁ ସର୍ବଶକ୍ତି ସମ୍ପନ୍ନା ନାରୀ ଆଜି ଏକବିଂଶ ଶତାବ୍ଦୀରେ ମ୍ନ ବାରମ୍ବାର ନିର୍ଯାତିତ ହେଉଛି । ଥରେ ରାଷ୍ଟ୍ରର ପିତା ମହାତ୍ମାଗାନ୍ଧୀ ଏହି ପରିପ୍ରେକ୍ଷୀରେ କହିଥିଲେ- ଯେଉଁ ଜାତି ତା'ର ମହିଳାଙ୍କୁ ସମାଜ ଗଠନ ତଥା ରାଷ୍ଟ୍ର ଗଠନ କାର୍ଯ୍ୟରେ ଲଗାଇବାରେ ଅସମର୍ଥ, ସେ ଜାତି ଖଞ୍ଜାଭଳି ସର୍ବଦା ଗୋଟିଏ ପାଦରେ ଚାଲୁଥାଏ । ସେ ରାଷ୍ଟ୍ର କଦାପି ବିକାଶ ଲାଭ କରିପାରେ ନାହିଁ ।

ସେଦିନ ଗାନ୍ଧୀ, ଗୋପବନ୍ଧୁ, ସ୍ୱାମୀ ବିବେକାନନ୍ଦ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ସୁଭାଷ ବୋଷ ଚିନ୍ତା କରିଥିଲେ ନାରୀମାନଙ୍କୁ ଯଦି ଗୃହକୋଣରୁ ପରଦା ଭିତରୁ ଆଣି ତାଙ୍କ ଶକ୍ତିକୁ ଚିହ୍ନି ତାଙ୍କୁ ବିକାଶ କ୍ଷେତ୍ରରେ ବିନିଯୋଗ କରାଯାଏ ତେବେ ଦେଶର ପ୍ରକୃତ ପ୍ରଗତି ସମ୍ଭବ ହେବ । କିନ୍ତୁ ଦୁର୍ଭାଗ୍ୟବଶତଃ ସାମ୍ପ୍ରତିକ ସ୍ଥିତିରେ ଦେଖାଯାଉଛି ଯେ ଦେଶ ପ୍ରଗତି କରିବା ପରିବର୍ତ୍ତେ ଆହୁରି ନାରୀର ସ୍ଥିତି ସମ୍ମାନଜନକ ନ ହୋଇ ଲଜ୍ଜାଜନକ ପରିସ୍ଥିତି ଦେଇ ଗତି କରୁଛି । ପ୍ରତିଦିନର ନାରକୀୟ କାର୍ଯ୍ୟାବଳୀ ଆମକୁ ସୂଚାଇ ଦେଉଛି ଯେ ଆଜି ମ୍ନ ରାଷ୍ଟ୍ରର କେଉଁଠି ନା କେଉଁଠି ନାରୀଟିଏ ବା ଝିଅଟିଏ ନିର୍ଯାତିତ, ଶୋଷିତ, ପୀଡ଼ିତ ହୋଇ ନ୍ୟାୟ ପାଇବାରୁ ପୂରାପୂରି ବଞ୍ଚିତ ହେଉଛି । ନିଜର ସ୍ଥିତି ପାଇଁ ସଂଗ୍ରାମ କରିନପାରି ମୃତ୍ୟୁମୁଖରେ ପଡୁଛି । ଉପଯୁକ୍ତ ଶିକ୍ଷା ସେମାନେ ପାଇପାରୁନାହାଁନ୍ତି । କେବଳ ଡିଗ୍ରୀଧାରୀ ନାରୀମାନଙ୍କର ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି କିନ୍ତୁ ଦୁଃଖର କଥା ସ୍ୱାଭିମାନ ଆଉ ମର୍ଯ୍ୟାଦା ସହ ବଞ୍ଚିବା ପାଇଁ ଯେଉଁ ନୈତିକ ମୂଲ୍ୟବୋଧ ଶିକ୍ଷାର ଆବଶ୍ୟକତା ରହିଛି ସେ ଶିକ୍ଷା ସେମାନଙ୍କ ପାଖରେ ନାହିଁ । ଆଜି ଏକବିଂଶ ଶତାବ୍ଦୀରେ ମ୍ନ ନାରୀଟି ନିଜକୁ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରିପାରୁନାହିଁ । ସାମାଜିକ ମର୍ଯ୍ୟାଦା ପାଇଁ ସେ ସଂଘର୍ଷରତ । ପରାଧୀନ ଭାରତବର୍ଷଠାରୁ ଆହୁରି ଅସୁରକ୍ଷିତ

ନାରୀର ଦେହ, ମନ ଓ ଶରୀର । ନିଜକୁ ସୁରକ୍ଷା ଦେବାକୁ ଯାଇ ସେ ଦିନକୁ ଦିନ ଦୁର୍ବଳ ହୋଇପଡୁଛି । ଆଜି ମ୍ନ ନାରୀଟିଏ ହୀନମାନ୍ୟତାର ଶୀକାର ହେଉଛି । ନିଜ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିପାରିନାହିଁ ବୋଲି ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ସହ ଲଢ଼ି ହାରିଯାଉଛି । ନେତୃତ୍ୱ ନେବା ତ ଦୂରର କଥା କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ପରିସ୍ଥିତିର ଦାସ ହୋଇ କାମନା ମୋହରେ କବଳିତ ହୋଇ ପୁରୁଷ ସମାଜର କ୍ରୀଡ଼ନକ ସାଜୁଛି । ପରିସ୍ଥିତି ଯାହା ହେଉନା କାହିଁକି ସବୁ ପ୍ରତିକୂଳ ପରିବେଶକୁ ଚ୍ୟାଲେଞ୍ଜ ଭାବି ଯଦି ପ୍ରତିଟି ଅସମୟର ମୁହୂର୍ତ୍ତକୁ ନାରୀଟିଏ ଆହ୍ୱାନ କରିବ ତେବେ ନାରୀ ହିଁ ସୃଷ୍ଟି କରିବାକୁ ସମର୍ଥ ହେବ ନିଜର ସୁରକ୍ଷାବଳୟ । ଆମ ସାମାଜିକ ଚଳଣୀ ପ୍ରଥା ପରମ୍ପରା ମ୍ନ ତ୍ୱରାନ୍ୱିତ ହୋଇ ପରିବର୍ତ୍ତନ ହେବା ଆବଶ୍ୟକ । ନାରୀ ଯଦି ଭୋଗବିଳାସ ପ୍ରତି ଆକୃଷ୍ଟ ହୋଇ ନିଜକୁ ଭୋଗ୍ୟବସ୍ତୁ କରି ପରି ସଜାଇ ପୁରୁଷକୁ ଆକର୍ଷିତ କରିବାରେ ନିଜର ସମସ୍ତ ଶକ୍ତିକୁ ବିନିଯୋଗ କରେ ତେବେ ତାର ସେହି ଦୁର୍ବଳ ମୁହୂର୍ତ୍ତରେ ସେ ପୁରୁଷର କାମନାର ଶୀକାର ହେବ । ତେଣୁ ନାରୀ ସର୍ବଦା ନିଜକୁ ସଂଯତ କରି ପୁରୁଷ ସମାଜର ସାଥି ହୋଇ ସମାଜର ପ୍ରଗତିରେ ଅଂଶୀଦାର ହେବା ଆବଶ୍ୟକ । ତା' ନହେଲେ ଏହି ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ ପୁରୁଷ ନାରୀର ଆତ୍ମମର୍ଯ୍ୟାଦା ଆଉ ସ୍ୱାଭିମାନକୁ ଖ୍ରିନ୍‌ଭିନ୍ ପରି ତାକୁ ଅକ୍ଲେଶରେ ଅକ୍ତିଆର କରିବ ।

ଏହି ସବୁ ଦିଗପ୍ରତି ଆଜିର ନାରୀ ଯେ ପର୍ଯ୍ୟନ୍ତ ସଚେତନ, ସତର୍କ ନ ହୋଇଛି, ଏ ସମସ୍ୟା ସମାଧାନ ହେବା ଅସମ୍ଭବ । କଥାରେ ଅଛି– 'ଆଲୋ ସଖି, ଆପଣା ମହତ ଆପେ ରଖି' । ଲୋକ ଦେଖାଣିଆ ରାତାରାତି ଆଇନ୍ ଗଢ଼ିଦେଲେ ପୀଡ଼ିତା ନ୍ୟାୟ ପାଇପାରିବ ନାହିଁ । ଏହି ସମସ୍ୟା ପାଇଁ ରାଜନୀତି ନକରି ଏହାର ପ୍ରକୃତ ସମାଧାନର ସୂତ୍ର ବାହାରିବା ଆବଶ୍ୟକ ।

ଆମ ସମ୍ବିଧାନର ଧାରା ୨୧ କହେ ଆତ୍ମମର୍ଯ୍ୟାଦା ସହ ବଞ୍ଚିବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ସାମ୍ବିଧାନିକ ଅଧିକାର । ଏଥିରୁ ତାକୁ କେହି ବଞ୍ଚିତ କରିପାରିବେ ନାହିଁ । ଏହା ସତ୍ୟ କିନ୍ତୁ ବାସ୍ତବରେ ହୋଇଛି କ'ଣ ? ଯେଉଁ ନାରୀକୁ "ମାତୃ ଦେବ ଭବ" କହି ପୂଜାର୍ଚ୍ଚନା କରୁଛେ ତାକୁ ପୁଣି ବିଚ୍ ବଜାରରେ, ଶିକ୍ଷାଳୟରେ, ମନ୍ଦିରରେ ଏବଂ ଚଳନ୍ତା ଟ୍ରେନ୍ ଓ ବସ୍‌ରେ ପାଶବିକ ଅତ୍ୟାଚାର କରି ସମ୍ପୂର୍ଣ୍ଣ ହତ୍ୟାକରି ପୋଡ଼ି, ଖଣ୍ଡଖଣ୍ଡ କରି କାଟି ମାଟିରେ ପୋତି ଦିଆଯାଉଛି । ଏହାଠାରୁ ଭଳି ହିଂସା, ଅପରାଧ ଆଉ କ'ଣ ଥାଇପାରେ । ଆମ ସଭ୍ୟ ସମାଜରେ ପାଶବିକ ଅତ୍ୟାଚାରର ବୈମାତୃକ ମନୋବୃତ୍ତି ଏତେ ବୃଦ୍ଧି ପାଇଛି ଯେ ପୁରାଣଯୁଗର କଂସ, ମହିଷାଶୁର, ରାବଣ, ଦୁର୍ଯ୍ୟୋଧନଠାରୁ ମ୍ନ ଆହୁରି ବର୍ବରତାର କାଣ୍ଡ ଭିଆଇ ପାରୁଛୁ । ପୁଣି ମରିଗଲା ପରେ ତା'ର ମୂଲ୍ୟ ନିର୍ଦ୍ଧାରଣ ମ୍ନ କରୁଛୁ ।

ଏ ସଭ୍ୟ ସମାଜ ଭାବିବା ଦରକାର ମୁଁ ସେହି ମାତୃଜାତିକୁ ହତ୍ୟା କରୁଛି ଯାହାଠାରୁ ସୃଷ୍ଟି ହୋଇ ବକ୍ଷରୁ ଅମୃତ କ୍ଷୀରପାନ କରି, ଯାହାର ହାତ ଧରି ଚାଲି ଶିଖିଛି ଏବଂ ମଣିଷ ହୋଇଛି । ସତରେ କେତେ ଅସହାୟ ମୋ ରାଷ୍ଟ୍ରର ପ୍ରତିଟି କନ୍ୟାରତ୍ନ । ଏଥିପାଇଁ ପୁରୁଷ ସମାଜକୁ କେବଳ ଦାୟୀ କରାଯାଇପାରିବନାହିଁ । ପୁରୁଷ ସମାଜ ଯେତିକି ଦାୟୀ, ନାରୀ ସମାଜ ମ୍ନ ଠିକ୍ ସେତିକି ଦାୟୀ । ଭାରତବର୍ଷ ଏଭଳି ଏକ ରାଷ୍ଟ୍ର ଯେଉଁଠି ମାତୃଶକ୍ତିକୁ ପୂଜାର୍ଚ୍ଚନା କରାଯାଏ । ମାତୃଶକ୍ତିକୁ ପାଶବିକ ଅତ୍ୟାଚାର କରି ତାକୁ ହତ୍ୟା କରିବା ଯାହା ନିଜ ସଂସ୍କୃତିର ଗଳାଚିପି ହତ୍ୟାକରିବା ସହ ସମାନ । ଯେଉଁଦିନ ଭାରତବର୍ଷର ପ୍ରତ୍ୟେକ ନାରୀ ସ୍ୱାଭିମାନକୁ ଆଦରି ମର୍ଯ୍ୟାଦାର ସହ ଏବଂ ନିର୍ଭିକତାର ବଞ୍ଚିବାର ଅଧିକାର ପାଇବେ, ଆମେ ସେହିଦିନ ଦାବି କରିବା ଆମେ ଏ ଦେବଭୂମି, ସାଧନାର ଭୂମି, ଅଖଣ୍ଡ ଭାରତବର୍ଷର ଉପଯୁକ୍ତ ଦାୟାଦ । ମାତୃଜାତି ମ୍ନ ନିଜକୁ ସଂଯତ କରି ନିଜର ଲକ୍ଷ୍ମଣରେଖାକୁ ବିସ୍ମରି ନଯାଉ । ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା ଆଳରେ ନିଜର ସ୍ୱାଭିମାନକୁ ହରାଇ କୌଣସି ଦୁର୍ବଳ ମୁହୂର୍ତ୍ତର ବଶବର୍ତ୍ତୀ ହୋଇ ପୁରୁଷର ଅଦମିତ କାମନାକୁ ଚରିତାର୍ଥ ନକରୁ । ନିଜର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦାକୁ ଉଲ୍ଲଘଂନ କରିବା ଅର୍ଥ ନିଜ ପ୍ରତି ବିପଦକୁ ନିମନ୍ତ୍ରଣ କରିବା । ନାରୀ ନିଜେ ହିଁ ସୃଷ୍ଟି କରୁ ନିଜର ସୁରକ୍ଷାବଳୟ । ଏଥିରେ ହିଁ ଉଭୟ ରାଷ୍ଟ୍ର ଏବଂ ସୃଷ୍ଟିର ମଙ୍ଗଳ ।

ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,

ତୁଳସୀପୁର, କଟକ

## ସ୍ମୃତି ତୁମେ କେବେ ?

- ପ୍ରଣବ ନନ୍ଦୀ

ରୂପସୀ ପ୍ରିୟାର
ଅପସରା ଛୋଟି ଗାଁ,
ସ୍ମୃତି ପୁଣି କେବେ
ପ୍ରୀତି ପ୍ରାଚୀରରେ
ରକତରେ ଲେଖା ନାଁ !
ସ୍ମୃତି ତୁମେ କେବେ
ଅତି ଆପଣାର
ନିଃସଙ୍ଗ ଜୀବନ ସାଥୀ,
ସ୍ମୃତି ପୁଣି କେବେ
ହଜିଲା ଅତୀତ
ଭାବନାର ମଧୁ ଗୀତି !
ସ୍ମୃତି ତୁମେ କେବେ
ମନ ଅଗଣାରେ ଶ୍ରାବଣର ଭିଜା ଆଖି,
ସ୍ମୃତି ପୁଣି କେବେ
ଆଶା ଉପବନେ
ଫେରନ୍ତା ବାଟର ପକ୍ଷୀ !!!
ସ୍ମୃତି ତୁମେ କେବେ ବିଗତ ପ୍ରିୟାର
ଅଭୂଲା ପ୍ରେମର ଗାଥା,
ସ୍ମୃତି ପୁଣି କେବେ
ହୃଦୟ ତଳର
ଅକୁହା ଅବୁଝା କଥା !!!
ସ୍ମୃତି ତୁମେ କେବେ
ମନ କବିତାର
ଶବ୍ଦହୀନ ଏକ ଭାଷା,
ସ୍ମୃତି ପୁଣି କେବେ
ଜୀବନ ପଥରେ
ଜଗାଏ ନୂତନ ଆଶା !!!!!
ସ୍ମୃତି ତୁମେ.... !

ଶାସ୍ତ୍ରୀନଗର, ନୟାବଜାର, କଟକ ।

## ଜନନୀ

- ଦେବାର୍ଚ୍ଚନ ମେହେର

ମାଆ ଗୋ ଜନମ ଜନନୀ ଜଗତଧାତ୍ରୀ
ତୁମରି ପାଦ ପଦ୍ମରେ କୋଟି ପ୍ରଣତି ।

ଧନ୍ୟ ଧନ୍ୟ ତୁମ ଧର୍ଯ୍ୟ ମାଆ ଗୋ ସ୍ନେହମୟୀ
ନାହିଁ ତୁମ ଅନ୍ତରେ ଅହଂକାର ମା ଗୋ କରୁଣାମୟୀ ।

ନାହିଁ ସନ୍ତାନ ପ୍ରତି ବାଛ ବିଚାର ସମସ୍ତଙ୍କୁ କରୁ ନିଜର
ଢ଼ାଳୁ ତୋ କରୁଣା ପୁଅ ଝିଅ ଭାବୁ ସଭିଙ୍କୁ ତୋର ।

କେତେ କଷ୍ଟ ସହି ଅନ୍ତ ଫାଡ଼ି ଦେଲ ଜନମ
ତୋ ତ୍ୟାଗକୁ ଆଜି ମନେ ପକାଇ ମୁଁ ଧରେ କଲମ ।

ତୋହରି ଆଶିର୍ବାଦ ମୋ ମସ୍ତକରେ ରହୁ
ତୋ ପରି ମାଆଟିଏ ପାଇବି ମୁଁ ଆଉ କାହୁଁ ।

ବାପୁଜୀନଗର, ବୌଦ୍ଧ ।

## ଫେରାର୍ ଈଶ୍ୱର

-ବିଶ୍ୱନାଥ କର

ଯେତେବେଳେ ଲୁହ ସବୁ ହୁଏ ଆପଣାର
ଜୀବନର ଶୀଳାଲିପିରେ ଲେଖାଥିବା ସମସ୍ତ ସୂଚନା
ଲିଭିଯାଏ ଝଡ଼ର ତାଣ୍ଡବେ
ମନ୍ଦିରଟା ଶୂନ୍ୟ ଦେଖାଯାଏ
ପଳାତକ ସାଜନ୍ତି ଈଶ୍ୱର ।
ସମୟଟା ଧୋକା ଦିଏ
ଧୋକା ଦିଏ ସମ୍ପର୍କର ବନ୍ଧ
କୃତିମ ହସଟେ ଝୁଲେ ଶୁଖିଲା ଓଠରେ
ବୃନ୍ତ ଚ୍ୟୁତ ହୋଇଯାଏ ଭଲପାଇବାର ଦଧି ନଉତି ବାନା
ଦୁର୍ଗ ପତନ ହୁଏ ନିସ୍ୱାର୍ଥ ପ୍ରେମର
ପାଣିଚିଆ ପାଣିଚିଆ ଲାଗେ ପ୍ରେମର ବଳୟ
ନିଜ ନାଆ ବି ନିଜକୁ ଲାଗେ ନୂଆ ନୂଆ ଅପରିଚିତ
ଅଚିହ୍ନା ଅଚିହ୍ନା ଲାଗେ ନିଜେ ମୁଁ ନିଜର ।
କାହାର ବା ବେଳ ଅଛି ରହିବାକୁ ମୋ ଦୁଃଖରେ କାନ୍ଦରେ
ନିର୍ଜିବ ହସରେ
ଲୁହ ସବୁ ବହିଯାନ୍ତି ନଈ ହୋଇ
ସାଗରଟା ଲୁଚୁଥାଏ ଦୂରେ
ସମବେଦନା ଲାଗେ ଯେମିତି ସର୍ପର ଦଂଶନ
ମିଛ ମିଛ ଲାଗେ ସବୁ କର୍ମ ସବୁ ଧରମ
ଜୀବନଟା ଯେମିତି କି ଜୀଅନ୍ତାକବର
ଲାଗେ ଏମିତି
ବୋଧହୁଏ ଫେରାର ଈଶ୍ୱର
ଜୀବନ ଆଉ ବାକି ରହିଲା ଯେ କେତେଦିନ
ଇଞ୍ଚେ ବୋଲି ଜାଗା ନାହିଁ ତୋଳିବାକୁ ଘର
ପ୍ରେମରେ ବହେ ଅଣଚାଷ ସ୍ୱାର୍ଥପରତାର
ବାଡ଼ି ଘର ସବୁ ବାଲିଚର
ମନ୍ଦିରଟା ଶୂନ୍ୟ ଶୂନ୍ୟ ବେରଙ୍ଗ ପଥର
ବୋଧହୁଏ ପଳାତକ ସାଜିଛନ୍ତି ଫେରାର୍ ଈଶ୍ୱର ।

ସାଇକଲୋନୀ, ଦେଉଳସାହି, ତୁଳସୀପୁର ।

## ଲାଂଚୁଆ ଠାକୁର

ପ୍ରଶାନ୍ତୀ ସ୍ୱାଇଁ

କାହିଁକି ମାଗିବି କଅଣ ମାଗିବି
ଦୁଃଖ ସୁଖ ତାକୁ ଜଣା
ଦେଖି ଶୁଣି ଜାଣି ବୁଝି ପାରେନାହିଁ
ଦେବନାହିଁ ବୋଲି ମାଗଣା ।
ଦୁନିଆଟା ଚାଲେ ଲାଂଚରେ ଲାଂଚରେ
ଅନ୍ୟାୟ ଅନୀତି କାରବାର
ବଡ଼ ଠାକୁର ବୋଲି ନାଁ ତା'ର ଅଛି
କେମିତି ଚାଲିବ ତା' ସଂସାର ?
କହିଥିଲି ଦିନେ ମୋର ଦୁଃଖ କଥା
ଶୁଣି ଥିଲା ମନ ଦେଇ
ସାହାଯ୍ୟ ବେଳକୁ ଭୁଲିଗଲା ମୋତେ
ପାଖରୁ ଦେଲା ଦୂରେଇ ।
ଏବେ ବି ବସିଛି ତା'ବାଟ ଅନାଇ
ପଠାଇବ କି କିଛି ଖବର
ଉଜାଗର ହୋଇ ଖୋଜୁଥାଏ ନିତି
ପାଏନା ଠିକଣା ତାହାର ।
କିଏ ଯଦି ତାକୁ ଖୋଜି ପାଇଥାଅ
ଦିଅ ତା ପ୍ରାଇଭେଟ ନମ୍ବର
ଲାଂଚ ଦେଇ ତା'ର ମନ କିଣିନେବି
କରିବି କୋଟି ନମସ୍କାର ।

ମହାନଦୀବିହାର, କଟକ ।

## ଯତନ

- ତ୍ରିଲୋଚନ ଗୁରୁ

ପ୍ରିୟା ତୁମ ମନ ଛୁଇଁବା
ପ୍ରୟାସ ଚାଲିଛି ନିତି
ସମୟ ବାପୁଡ଼ା କଥା ମାନୁନାହିଁ
ବୟସ ଯାଉଛି ବିତି ।
ଯତନରେ କେବେ କରିନାହିଁ ଢ଼ିଲା
ଶୟନେ ସପନେ ଚିନ୍ତା
ତୁମ ପ୍ରେମ ପ୍ରୀତି ଅନନ୍ୟ ତୁମେ ଗୋ
ତୁ ପାଇଁ ହୃଦେ ବ୍ୟାଥା ।
ଠାକୁରଙ୍କ ପାଦେ କେତେ ମାନସିକ
ଯାଚିଛି ଗୋ କେତେ ଲାଞ୍ଚ
କଟାକ୍ଷ ନଜର ଟିକେ ବି ପାଇନି
ଭାଗ୍ୟଟା ମୋ ପରପଞ୍ଚ ।
କେଜାଣି କେମିତି ହୋଇବ ଉଦୟ
ମୋ ଭାଗ୍ୟ ଆକାଶେ ଚାନ୍ଦ
ଜହ୍ନ ପାଇବାକୁ ମନ ଛନଛନ
ହୃଦୟେ ଚାଲିଛି ଦ୍ୱନ୍ଦ ।
ତଥାପି ବାନ୍ଧିଛି ଆଶାର ସିଢ଼ିଟେ
ଛୁଇଁବାକୁ ତୁମ ମନ
ଆପଣେଇବି ତୁମକୁ ପ୍ରିୟାଗୋ
ଭାଙ୍ଗି ତୁମ ଅଭିମାନ ।

ନୀରିକ୍ଷଣ ଅଧିକାରୀ, କଟକ ।

## ଅପେକ୍ଷା

- ସୁଶୀଲ କୁମାର ଭୋଇ

ଅପେକ୍ଷାର ଅନ୍ତ କେବେ ହେବ ତା ମୁଁ ଜାଣିନି
ହେଲେ ଅପେକ୍ଷା କରିଛି ତୁମ ସନ୍ଦେଶକୁ
ତୁମେ ଫେରିବକି ନାହିଁ ତା ମଧ ଜାଣିନି
ହେଲେ ଅପେକ୍ଷା କରିଛି ତୁମ ଫେରିବା ବାଟକୁ
ତୁମକୁ ଅପେକ୍ଷା କରିଛି ହଁ କେବଳ ତୁମକୁ
ଠିକ୍ ଚାତକ ପରି କେବଳ ତୁମ
ଫେରିବା ବାଟକୁ ଚାହିଁ ରହିଛି
କାରଣ ମୁଁ ତମକୁ ଭଲ ପାଉଛି
ତୁମେ ମନେ ରଖିଥିବ କି ଭୁଲି ଯାଇଥିବ
ତା ମୁଁ ଜାଣିନି ।
ହେଲେ କଥା ଦେଇଥିଲ ତୁମେ କେବଳ ମେର ଆଉ
ମୁଁ ସବୁ ଦିନ ପାଇଁ ତମ ହୃଦୟରେ ଥିବି
ତୁମେ ତୁମ ପ୍ରତିଶୃତି ପ୍ରତିଜ୍ଞା କଥା
ମନେ ରଖିଥିବ କି ନାହିଁ
ତା ମୁଁ ଜାଣିନି..
ହେଲେ ତୁମର ପ୍ରତ୍ୟକଟି କଥା
ମୁଁ ମୋ ହୃଦୟରେ ସାଇତିକି ରଖିଛି
କାରଣ ମୁଁ ତୁମକୁ ମୋ ଜୀବନଠୁ ଅଧିଫକ ଭଲ ପାଉଛି
ତୁମକୁ ଝୁରୁଛିତୁମ ପାଇଁ ମରୁଛି ।
ତୁମେ ମୋ ଠାରୁ ଦୂରରେ ରହି କେମିତି ଅନୁଭବ କରୁଥିବ
ତା ମଧ ମୁଁ ଜାଣିନି
ହେଲେ ତୁମକୁ ଅପେକ୍ଷା କରି କିପରି ବଂଚିଛି
ଥରେ ଆସି ଦେଖି ଯାଅ ତୁେମ ପାଇଁ
ମୁଁ କେମିତି ଶବ ପାଲଟି ଯାଇଛି
ମୋ ନିଶ୍ୱାସ ପ୍ରଶ୍ୱାସରେ
କେବଳ ତୁମକୁ ଅନୁଭବ କରୁଛି
ମୋର ଶିରା ପ୍ରଶିରା ରକ୍ତ ଧମନୀର
ପ୍ରତ୍ୟେକଟି ଉପାଦାନରେ
କେବଳ ତୁମକୁ ଅନୁଭବ କରୁଛି
ଖାସ ତୁମପାଇଁ ମୁଁ କେବଳ
ତୁମ ଅପେକ୍ଷାରେ ଅଛି
ତୁମ ଫେରିବା ବାଟକୁ ଚାହିଁ
ତୁମ ଭଲ ପାଇବା ପାଇଁ
ମୋ ଜୀବନର ସାଥି କରିବା ପାଇଁ

ଭୁବନେଶ୍ୱର ।

## ଧର୍ମତ୍ୟାଗୀ

- ମୈତ୍ରୀ ଭୂଷଣ ଖୁଣ୍ଟିଆ

ଜଗତେ ସରସ ଧନ୍ୟ ସେ ଉତ୍କଳ
ଉତ୍କୃଷ୍ଟ କଳାର ଦେଶ
ସଂସ୍କୃତ ସମ୍ପନ୍ନ ରାଜ୍ୟ ବୋଲି
ପଡ଼ଇ ସବୁଠି ଚହଳ ।
ଇତିହାସ ଯଦି କଡ଼ ଲେଉଟାଏ
ସୃଷ୍ଟି ହୋଇଯିବ ସ୍ତବ୍ଧ
ଗୁଣ ଗାଉ ଗାଉ ସମୟ ହେବନି
ସରିଯିବ ତାର ଆୟୁଷ ।
ଏହି ଉତ୍କଳେ ବିଜେ ନିଜେ ଜଗନ୍ନାଥ
ସାମ୍ୟବାତରା ନେଇ
ତାହାରି କୋଳରେ ଜନମ ଲଭି
ରହୁ ହୋଇ ଭାଇଭାଇ ।
ତାହାରି ଆଶିଷ ଲଭି ଯେ ନର
ହୋଇଛି ଜଗତଜିତା
ପ୍ରାଚୀର ତଟେ କେନ୍ଦୁଲି ଗ୍ରାମେ
ଜନମ ଲଭିଲେ ଗୀତ ଗୋବିନ୍ଦ ରଚୟିତା ।
ତାହାରି କୂଳେ ସୁନ୍ଦର ସଭ୍ୟତା
ହୋଇଥିଲା ଦିନେ ଠିଆ
ସେ ମାଟିରେ ଜନମି ଥିଲେ
କେତେ ସାଧୁସନ୍ଥ ଦାର୍ଶନିକ ପରା ।
ଆଜି ନାହିଁ ପ୍ରାଚୀ
ନାହିଁ ସେ ଫଲଗୁର ଧାର
ଖାଲି ଯେ ବାଲୁକା ରାଶି
କେତେ କାଳ ହେଲା ମରିତ ଯାଇଛି
ପଡ଼ି ରହିଛି ଖାଲି ସ୍ମୃତି ।
ମଠ ବାଡ଼ି ତାର ପତିତ ରହିଛି
ହେଉଛିଜୀର୍ଣ୍ଣ ମୁଖି
ସେଇ ଯା ସଂସ୍କୃତି
ଉଦ୍ଧାରିବା ପାଇଁ
ହୁଅରେ ଦାୟଦ ଏକାଠି ।
ଆମରି ହାତରେ ପ୍ରାଣ ଭରିଦେବାୟ
ସେହି ପୂର୍ବସୁରୀଙ୍କର
ଅମ୍ଳାନ ଯଶକୀର୍ତ୍ତୀ ।

ମହାନଦୀବିହାର କଟକ ।

## ଶେଷ ସବାରୀ

- ସୁନନ୍ଦା ମହାନ୍ତି

ସବାରୀର ବିଶ୍ଳେଷଣ
ଶେଷର ଅନ୍ୱେଷଣ
ସତରେ ଚମତ୍କାର
ସଂଯୋଜନା
ଶେଷ ସବାରୀ
ଯୋଉଥିରେ ଗଲେ କେହି
ଆସେନା ଆଉ ଫେରି
ଖଇ କଉଡ଼ି ବିଞ୍ଚିବିଞ୍ଚି
ଗଙ୍ଗାପାଣି ସିଞ୍ଚିସିଞ୍ଚି
କବାଟରେ ଲୁହାକଣ୍ଟା ପିଟି
ଶେଷ ସବାରୀରେ ଯାଇଥିବା
ପରିଜନ ନଆସୁ ପୁଣି ଫେରି
ଏହି ସତ୍ୟ ଚିରନ୍ତନ
ସଂସାରର ଡୋରି
ଫୁଲମାଳ ପଡ଼େ
ଶୋକ ସଭା ହୁଏ
ହେଲେ ଯିବା ଲୋକର
କିବା ଆସେ ଯାଏ
କିଏ କହେ ସରିଗଲା ଖେଳ
କିଏ କହେ ହେଲାଣି ଯାହା ବେଳ
ନିଜକୁ ନିଜେ ତ ସମ୍ଭାଳ
ଦେଖି ଚାହିଁ ଚଳ
ସତରେ ଯେ ଯାଏ
ଚିହ୍ନି ନଥା, କିଏ କ'ଣ
ସେ ଯିବା ପରେ ବି
ଜାଣିବ କେମିତି ଆଉ ସିଏ
ଏଇଟା ଦୁନିଆଁର କଥା
ଶେଷ ସବାରୀରେ ଯିବା
ଲୋକର ସ୍ଥାନ କାଳ ପାତ୍ର
ଅନୁଯାଇ କିଏ ବା କେତେଦିନ
ମନେ ରଖେ ସେ ଜାଣିଥାଏ
ସବାରୀ ଉଠିବା ପରେ କିନ୍ତୁ
ଗୋବର ପାଣି ପକାଯାଏ
ଏମିତି ଏ ନାଟକର
ଶେଷ ଯବନିକା ହୁଏ ।

ସାକ୍ଷୀଗୋପାଳ, ପୁରୀ ।

## ଏଇ ତ ଦୁନିଆ

- ରେଣୁକା ସାହାଣୀ

ଏଇ ତ ଦୁନିଆ ଭାଇ ଏଇ ତ ଦୁନିଆ
ଏଠି ସମୟର ମୂଲ୍ୟକୁ ଯେ ଆକଳିବା ପାଇଁ
ଭବିଷ୍ୟତ ଗବାକ୍ଷ ଯେ ହାତ ଠାରି ଡାକେ
ଆଗେଇବା ପାଇଁ ଆମ ଆଦମୀ ରାହା ଖୋଜେ
ଏଇ ତ ଦୁନିଆ  ଭାଇ ଏଇ ତ ଦୁନିଆ

ତେଲିଆ ମୁଣ୍ଡରେ ଏଠି ତେଲ ବୋଳା ହୁଏ
ଗରିବ ଯନ୍ତ୍ରଣା କଥା ଶୁଣିବ ବା କିଏ
ମୂରୁଖ ବୋଲାଏ ନିଜକୁ ଯେ ମହାଜ୍ଞାନୀ
ରାଜନେତା ଚାମଚାଙ୍କ ଚାଲିଥାଏ ଚାଲ
ଏଇ ତ ଦୁନିଆ ଭାଇ ଆମ ହାଲ ଚାଲ

ଆଭିଜାତ୍ୟ ବୁନିଆଦି ମାଟିରେ ଯେ ମିଶେ
ଗରିବ ବାପୁଡ଼ା ତଡ଼ି ପୁଅ ତାର ହସେ
ସମ୍ପର୍କ ତ ସୁତାଖିଅ କେବେ ଯାଏ ତୁଟି
କିଏ ବା କରୁଛି ହିସାବ ପାପ ପୁଣ୍ୟେ ଏଠି
ଏଇ ତ ଦୁନିଆ ଭାଇ ଏ ଆମ ସଂସ୍କୃତି

ଆପଣାର ଲୋକ ଏଠି ତଂଟି ଆମ କାଟେ
ପତି-ପତ୍ନୀ ସମ୍ପର୍କ ଯେ ଅନ୍ୟ ଏକ ବାଟେ
ଅର୍ଥ ପାଖେ ବିଜ୍ଞତା ଯେ ହାର ମାନେ ଏଠି
ନିକିତି ତଉଲେ କିଏ ପରିଶ୍ରମ ଏଠି
ଏଇ ତ ଆମର ଭାଇ ନୂଆ ମାପକାଠି

ସାକ୍ଷୀଗୋପାଳ, ପୁରୀ ।

## ବିଶ୍ୱ କଲ୍ୟାଣ

**- ରୋଜା ପଣ୍ଡା**

ବହେ ପ୍ରଖର ଉର୍ଦ୍ଧଶ୍ୱାସ ମୋର
ନଇଁ ଯାଏ ଆତ୍ମଗ୍ଲାନୀ ରେ ମୋ ଶୀର
ଆଖିରେ ପଡ଼େ ଯେବେ ପିତୃମାତୃହୀନ
ଅନାଥ, ଅବହେଳିତ ଶିଶୁଙ୍କର
ସୁଖିଲା ଆଉ ରୋଗିଣା ଶରୀର
ଆଜି କାନ୍ଦୁଛି ମୋ ଧରିତ୍ରୀ ଗୁମୁରି ଗୁମୁରି
ଦେଖି ଅନାହାର ମୃତ୍ୟୁ କୋଟି କୋଟି
କୃଷକର ପୋକମାଛି ପରି
ନିରୁପାୟ, ନିର୍ବିକାର ଚାତକ ସେ
କେଇବୁନ୍ଦା ବାରି ଜଳ ପାଇଁ
ଗଛ କାଟି କୋଠା କରୁଛି ସମାଜ,
ତେବେ ମେଘ ଆସିବ ବା କାଇଁ
ସେଇ ତମସାଛନ୍ନ ସମାଜକୁ ସଚେତନ
ଦେବା ପାଇଁ
ବଢ଼ାଇଛି ପାଦ ଦୀପ ଟିଏ ଧରି
ବିଶ୍ୱକଲ୍ୟାଣର ଶାଖାଟିଏ ହୋଇ
ସୁବର୍ଣ୍ଣ ପକ୍ଷୀର ସ୍ୱପ୍ନ ଅଛି ମନେ
ଆଶାଅଛି ମୋର ଇନ୍ଦ୍ରଧନୁର ସପ୍ତରଙ୍ଗୀ
ସେଥିପାଇଁ ବାହାରିଛି ବୁଣିବାକୁ
ସମାଜ ଛାତିରେ ବିଶ୍ୱକଲ୍ୟାଣ ମଞ୍ଜି

ଛୋଟିଆ ମୁଣ୍ଡରେ ଏତିକି ବୁଝିଚି
ସୀମିତ ସୁଖ ଦେଇଥାଏ ସିଏ ଯାହା ନିଜ
ସୁଖ ପାଇଁ କରାଯାଏ,
କରାଯାଏ ଯାହା ପରିହିତ ପାଇଁ, ତା
ନିତ୍ୟ ନୂତନ ଆନନ୍ଦ ଦିଏ
ଆଜି କରୁଛି ପ୍ରତିଜ୍ଞା କେବେ ନିର୍ଦ୍ଦେଶକ
ହୋଇ ତ ପୁଣି କେବେ ଦର୍ଶକ ହୋଇ
କରୁଥିବି କାମ ଆଜୀବନ ମୁହିଁ
ବିଶ୍ୱ କଲ୍ୟାଣ ପାଇଁ

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ
ନଗର, ମଧୁପାଟନା, କଟକ

## ଅସହାୟ

- ସୁଦର୍ଶନ ସାହୁ

ଅସହାୟ ନାରୀ ଟିଏ ଆଜି
କଇଁ କଇଁ ହୋଇ କାନ୍ଦୁଛି
ମନରେ ତାର ଅସୁମାରୀ କୋହ
ହୃଦୟେ ତାର ସୀମାହୀନ ଦୁଃଖ
ସ୍ୱାମୀ ତାର ଫେରାର ଆସାମୀ,
ପେଟ ତାର ଭୋକିଲା ପେଟ,
ସେହି ଦୁଃଖ ଭରା କଣ୍ଠର
ଶବ୍ଦ ଆଜି
ମୋ କାନରେ ପ୍ରତିଧ୍ୱନି କରୁଛି ।
ସେହି ନାରୀର ନବଜାତ ଶିଶୁଟି
ଭୋକର ଦୁଃଖକୁ ଅନୁଭବ କରି
କୁଆଁ କୁଆଁ ହୋଇ ତାର କାନ୍ଦରେ
ଭୋକକୁ ପ୍ରକାଶ କରିଛି,
ଯେତେ ଚିତ୍କାର କଲେ ବି
ଆଜି ଗରିବ ପିଲାର ଦୁଃଖ
କିଏ ଅବା ଶୁଣିବ,
ଧନୀ ପାଖେ ଏ ଶବ୍ଦ ସ୍ତୁତିକଟୁ,
ସେଥିପାଇଁ ଏ ଗରିବ ମଳି ମୁଣ୍ଡିଆଙ୍କ
ସ୍ଥାନ କେଉଁ ଷ୍ଟେସନ୍‌ରେ ତ,
ଆଉ ପୁଣି କେଉଁ ବସଷ୍ଟାଣ୍ଡର
ନାଳର ଦୁର୍ଗନ୍ଧ ପାଣି ପାଖେ ।
ତଥାପି ଏ ନବଜାତ ଶିଶୁଟିର ରାହା
କିଏ ଅବା ବନ୍ଦ କରିପରିବ !

ଓଡ଼ିଆ ବିଭାଗ ଛାତ୍ର
ଏନ୍.ସି କଲେଜ,ଯାଜପୁର

## ସ୍ମୃତି ରେ ତୁମେ

- ସଞ୍ଜୟ କୁମାର ପଣ୍ଡା

ଚକ୍ଷୁ ଦ୍ୱୟର ପରିଧିର ବହୁ ଦୂର ଯାଏ
ନିର୍ବିକାରେ ପଡ଼ିରହିଥିବା ବିସ୍ତୀର୍ଣ୍ଣ
ଅସୁମାରୀ ବାଲୁକା ରେଣୁରେ,
ଚାଲୁ ଚାଲୁ ଖୋଜିବୁଲେ କିଛି
ଅଜାଣତେ ହୋଇ ଆନମନା ।

ସାଗରର ଉତ୍ତାଳ ତରଙ୍ଗକୁ ହେଉ
ଅବା ସନ୍ଧ୍ୟା କାଳୀନ
ରକ୍ତିମ ଗଗନର ଆଭାକୁ
ବିଗତ ଦିନର ସବୁ ସ୍ମୃତି
ଚାହିଁ ଦେଲେ ଝଲସି ଉଠେ ।

ଏଇତ କାଲି ପରି ଲାଗେ ।
ଏଇଠି ତ ବସି ଜୀବନର
ସବୁ ଅନ୍ତରଙ୍ଗ ମୂହୁର୍ତ୍ତ କୁ
ଉପଭୋଗ କରିଛି,
ସିକ୍ତ କରିଛି ମଧୁର ଚୁମ୍ବନ ରେ
ପ୍ରିୟତମା ର ଗଣ୍ଡଦେଶ,
ତାର ଶିତଳ ସୂକ୍ଷ୍ମ ତନୁଟିରେ
ଭରି ଦେଇଛି ଉଷ୍ମତା ।

କିନ୍ତୁ ହାୟ !
ଆଜି ସେସବୁ ସ୍ମୃତି,
କେବଳ ସ୍ମୃତି,
କେବଳ ପୁରୁଣା ସ୍ମୃତି ।
କାଲି ତାକୁ ଦେଖି କବିତା ଲେଖୁଥିଲି
ଆଜି କବିତା ରେ ତାକୁ ଦେଖୁଛି ।।

ଶିକ୍ଷକ-ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ବେତନଟୀ, ମୟୂରଭଞ୍ଜ

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



## ଗଛ ଲଗାନ୍ତୁ * PLANT TREE

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ